**Oriya Cultural and Welfare Association** (OCWA) is a voluntary organization incepted in the year 1992, formally incorporated on 31st October 2005 under the 'Societies Registration Act, 1860", dedicated to the pursuit of excellence in the promotion and propagation of Odia Culture & Language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

### Our Misson:

To preserve, perpetuate and promote the odia culture and communities with a mission statement-

"Eka mana, Eka Prana

Eka Pranta, Eka Chinha,

Which means getting Odiyas together"

### Our Vision :

To promote, team spirit, transparency and building trust among our fellow Odias.

# ଉତ୍କଳ ଗୌରବ
# Utkal Gauraba

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃ ଭାଷା ।"
(ସ୍ୱଭାବ କବି ଗଙ୍ଗାଧର ମେହେର)

## *2019*

***Language***
***Odia & English***


**Editorial Board**

**Bijay Mohanty**
**Prakash Ch Prusty**
**Sandipta Rout**

**Cover Art by :**

**Sh. Judhistir Mohanty**



**Published by**
**ORIYA CULTURAL & WELFARE ASSOCIATION**
Registration No. : S-54118 of 2005
BD-11, Janakapuri, New Delhi-110058
**E-mail** : ocwa.regd@gmail.com, ocwa@rediffmail.com, info@ocwa.in
**website** : www.ocwa.in

## Activities Undertaken

The forum is impelling throughout the year with various kinds of activities which brings together Odias from all aspects of life. Some of the activities undertaken are:

- **Celebrating Sri Ganesh Puja on Ganesh Chaturthi** wherein large number of devotees join and enjoy. OCWA serves ethnic Odia culinary to all invitees, guests, participants and members every year. This celebration helps unite Odias residing in Delhi & NCR.

- Publishing **"Utkal Gauraba"**, an annual Odia magazine from New Delhi thereby promoting our Odia language.

- Organising **Blood Donation Camps** every year in association with Indian Red Cross Society.

- **Health Camps** are also organized time and again to spread health awareness amongst people.

- OCWA selflessly contributes towards upliftment of Odia children of lower income group in Delhi. Time and again, **we distribute study materials to needy children.**

- Our female volunteers also take active participation in **imparting Odia education to Odia children of Delhi/NCR, who are deprived of learning odia language.**

- **Picnics and get-together** on the occasion of Odia festivals to strengthen the bond amongst the associated family members.

## Our Aim

The OCWA members realize the need to awaken the spirits of Odia people and simultaneously understand the utmost necessity to keep alive the odia lingo. With this noble thought in mind and zeal at heart, the OCWA members aspire to establish a library and cultural center which will help in its own way to contribute towards the up-keep of Odia language, culture, heritage and literature.

The main purpose of setting up the library is to help the interested children to learn and grasp the culture and language of Odisha during their leisure and vacation period and to provide Odia literature, fiction, and Odia newspaper to all strata of the Odia fraternity.

# ସୂଚୀପତ୍ର CONTENTS

Activities Undertaken .................................................. 2
Messages .................................................. 4
ସଭାପତିଙ୍କ କଲମରୁ .................................................. ୮
Executive Body .................................................. 10
Life Members/ Members .................................................. 11
List of Blood Donors .................................................. 12
Sponsors/Donors for Sri Ganesha Mahotsava .................................................. 28
Protsahan .................................................. 29

**Photographs of events :**

28th Ganesh Mahotsav .................................................. 33
Blood Donation Camp .................................................. 37
Get -together .................................................. 39
14th AGM of OCWA .................................................. 40
Felicilation .................................................. 45

## ବ୍ୟଙ୍ଗ କବିତା/କବିତା

ଶ୍ରୀମତୀ .................................................. ୧୩
ବିଉଟି ପାର୍ଲରରେ ନେତା! .................................................. ୧୪
ଷ୍ଟ୍ରାଇକ୍‌ରେ ଭଗବାନ .................................................. ୧୫
କ୍ୟାକଟସ୍‌ର କଥା .................................................. ୧୬
ପୁରୀଲୋ... ତୋ ଅ ପରି ଏ ଜଗତେ ଆଉକେହି ନାହିଁଲୋ.. ୧୭
ପାଲିଙ୍କି ଗୀତ .................................................. ୧୮
ଆଉ ଯୁଦ୍ଧ ନୁହେଁ .................................................. ୧୯
ବାପା .................................................. ୨୦
ଭିନ୍ନ ଏକ ଶ୍ରାଦ୍ଧ .................................................. ୨୦
କଳ୍ପତରୁ .................................................. ୨୦
ଶ୍ରୀଜଗନ୍ନାଥ .................................................. ୨୧
ଶ୍ରୀକ୍ଷେତ୍ର .................................................. ୨୧
ଭକତ .................................................. ୨୧
ଅର୍ଗାନିକ୍ କେମେଷ୍ଟ୍ରି .................................................. ୨୧
ବିରୋଧ .................................................. ୨୨
ଦୁଇଟି କବିତା .................................................. ୨୨
ଅବକାଶ .................................................. ୨୩
ପ୍ରତୀକ୍ଷା .................................................. ୨୩
ପାଇକ କବିର ବଧୂ .................................................. ୨୪
ରଜରେ ହସୁଛି ଗାଆଁ .................................................. ୨୫
ହୁଅ ପଛେ ବାରାଙ୍ଗନା .................................................. ୨୫
ବୃକ୍ଷବାଣ୍ଟେ ସେବାମନ୍ତ୍ର ବାର୍ତ୍ତା .................................................. ୨୬
'ଚିତ୍ରଲେଖା' .................................................. ୨୬
'ଶେଷ ବସନ୍ତର ଚିଠି' .................................................. ୨୬
ତିନୋଟି ଶାବକ .................................................. ୨୭
ବର୍ଷା .................................................. ୨୮

## ରମ୍ୟରଚନା/ଗଳ୍ପ/ପ୍ରବନ୍ଧ

ଭଲ କଲେ ମନ୍ଦ .................................................. ୪୧
ଜାତିର ସ୍ୱାଭିମାନ : ଭାଷା ଓ ସାହିତ୍ୟ .................................................. ୪୩
ସଂକଟରେ ଓଡ଼ିଆ ଶିକ୍ଷା .................................................. ୪୬
ବ୍ରଜନାଥ-କାବ୍ୟ-ମାନସ:ତାତ୍ତ୍ୱିକ ବିଶ୍ଳେଷଣ .................................................. ୪୮
ମୟୂରଭଞ୍ଜର ଏକ ଅନନ୍ୟ
ପ୍ରତିଭା ସ୍ୱର୍ଗତ ଜୀବନାନନ୍ଦ ପାଣି .................................................. ୫୬
'ଲକ୍ଷ୍ମୀ ପୁରାଣ' ଓ ସମାଜ
ସଂସ୍କାରକ ବଳରାମ ଦାସ .................................................. ୫୮
ଓଡିଆ ସଂସ୍କୃତିରେ ମାଘ, ବୈଶାଖ
ଓ କାର୍ତ୍ତିକ ମାସର ମାହାତ୍ମ୍ୟ .................................................. ୬୧
ଆଦିବାସୀ ସମାଜରେ ନାରୀ .................................................. ୬୩
ଓଡିଶାରୁ ହଜି ଯାଉଥିବା କଳାଚାତୁରୀ .................................................. ୬୫
ଗୋଟିଏ ଦିନର ଭଲପାଇବା .................................................. ୬୭
ସତୀ ଆଉ କୁକୁଡା ଚିଆଁ କଥା .................................................. ୭୩
ଯଶୋଦା .................................................. ୭୪
ମହକ ଖୋଜିବା .................................................. ୮୦
ସର୍ବଂସହା .................................................. ୮୨
ସାବାସ୍ ମଦନ .................................................. ୮୯



ORISSA ESTATE

RAJ BHAVAN
BHUBANESWAR-751008

ରାଜଭବନ
ଭୁବନେଶ୍ୱର-୭୫୧୦୦୮

**Prof. Ganeshi Lal**
**Governor, Odisha**
**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

August 17, 2019

# MESSAGE

I am glad to know that New Delhi based Oriya Cultural & Welfare Association is bringing out the 13th edition of bi-lingual Souvenir "Utkal Gauraba".

Serving the community through various welfare activities and promoting Odisha's culture and tradition thus glorifying Odisha outside has been the endeavours of Oriya Cultural & Welfare Association. It is heartening that the platform it has given to Odias living in Delhi has helped in channelizing their talent, energy and enthusiasm for doing good to the society. The bi-lingual souvenir "Utkal Gauraba" is fulfilling the literary aspirations and promoting literary interest and is also appreciated for its diverse contents.

I wish the Association and publication all success.

(Ganeshi Lal)

Tel : 91-674-2536111, 91-674-2536222 Fax : 91-674-2536582 E-mail : govodisha@nic.in Website : www.rajbhavanodihsa.gov.in



ORISSA ESTATE

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡିଶା

**ରାଜ୍ୟ ସଚିବାଳୟ**
ଭୁବନେଶ୍ୱର

## ବାର୍ତ୍ତା

ନୂଆ ଦିଲ୍ଲୀର ଓଡିଆ କଲ୍‌ଚରାଲ୍ ଆଣ୍ଡ ୱେଲଫେଆର୍ ସଂଘ ପକ୍ଷରୁ 'ଉତ୍କଳ ଗୌରବ' ନାମକ ୧୩ତମ ଦ୍ୱିଭାଷୀ ସ୍ମରଣିକା ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଏହି ଅବସରରେ ୱେଲ୍‌ଫେଆର୍ ସଂଘର ସଦସ୍ୟ ମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ପ୍ରକାଶନର ସଫଳତା କାମନା କରୁଛି ।

(ନବୀନ ପଟ୍ଟନାୟକ)

ଦୂରଭାଷ : 0674-2531100 (କାର୍ଯ୍ୟାଳୟ) 0674-2591099 (ବାସଭବନ), ଫାକ୍ସ : 0674-2535100 (କାର୍ଯ୍ୟାଳୟ) 0674-2590833 ଇ-ମେଲ : cmo@nic.in, twitter id : twitter.com/CMO_Odisha
Facebook id : facebook.com/CMO.Odisha

**ANUBHAV MOHANTY**
MEMBER OF PARLIAMENT
(LOK SABHA)
KENDRAPARA
BIJU JANATA DAL

सत्यमेव जयते

101, Swarna Jayanti Sadan Deluxe
Dr. B. D. Marg, New Delhi
At: Nandi Sahi, Choudhury Bazar,
Cuttack, Odisha-753001
Ph.: 23329188, 23329189



*OM GANESHAYA NAMAH!!!*

*It gives me immense pleasure to extend my message for your souvenir " UTKAL GAURABA" that you wish to bring out on the solemn and holy occasion of Ganesh Chaturthi during September, 2019.*

*I am delighted to know that your organisation, which is almost 27 years old and had been doing wonderful task of integrating the Odias through socio-cultural activities outside Odisha in Delhi and NCR and keeping live the rich Odia art and culture through various programs and events. I am also happy to know that your organisation is getting enriched and gaining popularity year by year through cultural and welfare activities that is a clear indication of the way the mass events are being managed ensuring equal participation by everyone. The Blood Donation Camps, imparting odia language and literature, odishi dance and charitable work like distribution of school bags to the poor odia children is a gesture, I am sure will be well appreciated. I extend best wishes for the opening of the Odia Library in future.*

*I am very happy and extend my best wishes from the core of my heart to every Pravasi Odia for the grand success of the GANESH POOJA and may Lord Ganesha shower his blessings on all his devotees.*

*With ward regards*

Anubhav Mohanty

( ANUBHAV MOHANTY)

**MAHESH SAHOO**
MEMBER OF PARLIAMENT
(LOK SABHA)
DHENKANAL
BIJU JANATA DAL



ଶ୍ରୀଗଣେଶାୟ ନମଃ

ଉତ୍କଳର ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ଭାରତ ବର୍ଷର ରାଜଧାନୀ ଦିଲ୍ଲୀ ଠାରେ Oriya Cultural & Welfare Assocciation ନିଜସ୍ୱ ମୁଖପତ୍ର 'ଉତ୍କଳ ଗୌରବ'ର ୧୩ତମ ସଂସ୍କରଣ ପ୍ରକାଶ କରିବାରେ ସମର୍ଥ ହୋଇପାରିଛି ।

ଏହି ଅବସରରେ ପତ୍ରିକାର ସମ୍ପାଦନା ମଣ୍ଡଳୀ ଏବଂ ଅନୁଷ୍ଠାନର ସମସ୍ତ ଦକ୍ଷ ଓ ନିଷ୍ଠାପର କର୍ମକର୍ତ୍ତା ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛି ।

(ମହେଶ ସାହୁ)

# ସଭାପତିଙ୍କ କଲମରୁ



ପ୍ରିୟ ବନ୍ଧୁ,

ଅତ୍ୟନ୍ତ ଆନନ୍ଦର ବିଷୟ- OCWAର ତ୍ରୟୋଦଶ ବାର୍ଷିକ ସାଂସ୍କୃତିକ ମୁଖପତ୍ର "ଉତ୍କଳ ଗୌରବ" ଆତ୍ମପ୍ରକାଶ ଲଭିଛି । ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟଙ୍କ ଯତ୍ନ/ନିଷ୍ଠା ଏ ମର୍ମରେ ପ୍ରଶଂସନୀୟ । ଆମ ଜନ୍ମଭୂମି ଓଡିଶା ଧର୍ମ-ଧାରଣା, ପ୍ରଥା-ପରମ୍ପରା, କଳା-ଭାସ୍କର୍ଯ୍ୟ, ଭାଷା-ସାହିତ୍ୟର ଅନନ୍ୟ ଆଧାର । ଏଠି ପଥରରେ ପଦ୍ମ ଫୁଟେ, ନିରକ୍ଷରର କବିତା ମିଳିତ ଜାତିସଂଘର ଆଦର ପାଏ । ସେହି ମହାନ ପରମ୍ପରାର ଏହି "ଉତ୍କଳ ଗୌରବ" କ୍ଷୁଦ୍ର ସ୍ତାବକଟିଏ। ବିସ୍ତୃତ ବେଳାର ଟିକି ଶାମୁକାଟିଏ, ତଥାପି ଚାହେଁ ଆପଣଙ୍କ ସ୍ନେହ ସଦିଚ୍ଛାକୁ, ବିତରିବା ପାଇଁ ମୋତିର ଚମକ।

ସାତ ତାଳ ପଙ୍କରେ ସାଇତାଥିବା ମଣି ମୁକୁତା ଆପଣାର ମହିମାକୁ ବିକଶିତ କରିପାରେ ନାହିଁ । ଚିହ୍ନେରା ଗରାଖଙ୍କ ସାନିଧ ବିନା ଏ ସବୁ ମୂଲ୍ୟହୀନ ହୋଇପଡେ । ଅଥଚ ଚିହ୍ନି ଚିହ୍ନାଇଲେ ଆନ ଆଖିରେ ସାମାନ୍ୟ ମନେ ହେଉଥିବା ପଦାର୍ଥଟି ଅମୂଲ ମୂଲ ହୋଇଥାଏ।

କେଉଁ ପ୍ରାଚୀନ ଯୁଗରୁ ନିଜର ସାମର୍ଥ୍ୟରେ ଅନ୍ୟ ମାନଙ୍କୁ ଚମତ୍କୃତ କରିଥିବା ଓଡିଆ ଜାତି କେଉଁ ଦୁଷ୍ଟ ଗ୍ରହର କୁପ୍ରଭାବରୁ କେଜାଣି ଏକ ଛେଉଣ୍ଡ ଜାତି ପାଲଟି ଗଲା । "କଳିଙ୍ଗାଃ ସାହସିକାଃ"ପରିଚୟରେ ପରିଚିତ ହେଉଥିବା ବୀର ସନ୍ତାନ ଅନ୍ୟର ଛାର ନାଲି ଆଖିକୁ ଡରିଗଲା । ରତ୍ନଗର୍ଭା ଉତ୍କଳ ଜନନୀ ହୋଇ ମଧ ତାଙ୍କ ସନ୍ତାନ ମାନଙ୍କ ପରିଚୟ ହେଲା ଦାଦନ । ଏ ସବୁର ଚିନ୍ତାରେ ଆପଣାର ମନ କେମିତି ବିଷାଦରେ ଘାରିହୁଏ । କୋଉ ସକାଶେ ଏତେ ବଡ ଦାରୁଣ ପରିସ୍ଥିତି ଉପୁଜିଲା, କୋଉଥିପାଇଁ ଆମେ ଆମର ଗରିମାକୁ ହରାଇ ବସିଲୁ ବୋଲି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ।

ଓଡିଆ ଜାତିର ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥର ନନ୍ଦିଘୋଷ । କୁଳବୃଦ୍ଧ ଆଉ ପାଦେ ଆଗେଇ ଯାଇ କହିଲେ ଜାତି ମଧ ଆଉ ଏକ ନନ୍ଦିଘୋଷ । ଯାହାର ଘୋଷରବ ବା ଗତି ଆନନ୍ଦ ଦାୟକ ହୋଇଥାଏ ସେ ହେଉଛି ନନ୍ଦିଘୋଷ । ବାସ୍ତବରେ ଓଡିଆ ଜାତିର ଗତି ଅତ୍ୟନ୍ତ ଆନନ୍ଦଦାୟକ । ଅତୀବ ପ୍ରଶଂସନୀୟ । ଅତୀତର ପୃଷ୍ଠା ପୁଣ୍ୟମହିମା ବିମଣ୍ଡିତ । କଳା, ସ୍ଥାପତ୍ୟ, ସଂସ୍କୃତି, ବୀରତ୍ୱରେ ସୁସମୃଦ୍ଧ ଓଡିଆ ଜାତିର ଘୋଷ କେମିତି ଅବା ନାନ୍ଦନିକ ନ ହୋଇଥାଆନ୍ତା ?

ହେଲେ ଅନେକ କାରଣ ମଧରେ ମଧୁବାବୁ ସେଇ ଗୋଟିଏ କଥା ଆମକୁ ଚେତେଇ ଦେଇଛନ୍ତି-ଯେଉଁ ଦିନଠାରୁ ସ୍ୱାର୍ଥପରତା ଏ ମହାରଥର

ସାରଥୀ ହୋଇଗଲା, ସେଇ ଦିନଠାରୁ ଏହାର ଗତି କ୍ଷୀଣ ହେବାକୁ ଲାଗିଲା । ଘର୍ଘର ନାଦ ଆଉ କର୍ଣ୍ଣକୁହରକୁ ଅଭିମନ୍ଥିତ କରିପାରିଲା ନାହିଁ ।

ତ୍ୟାଗରେ ଜାତି ହୁଏ ପରିପୁଷ୍ଟ । ସ୍ୱାର୍ଥପରତା ଜାତୀୟ ଉନ୍ନତିରେ ଚିରବାଧକ । ଜାତୀୟ ସ୍ୱାର୍ଥ ସୁରକ୍ଷାରେ ବୈୟକ୍ତିକ ସ୍ୱାର୍ଥକୁ ପାଶୋରିବାକୁ ହେବ । ଯେ କୌଣସି ସ୍ଥାନରେ ଥିଲେ ମଧ୍ୟ ଆପଣା ଜାତିକୁ ବିସ୍ମରିବାକୁ ହେବନାହିଁ । ଗର୍ବର ସହିତ ପରିଚୟ ଦେବାକୁ ହେବ । କାରଣ ଏକ ସୁପରିଚିତ ଜାତିର ଦାୟାଦ ଜଣେ ହିଁ ଅନ୍ୟତ୍ର ସମ୍ମାନଭାଜନ ହୋଇଥାଏ ।

ଅତୀବ ଆନନ୍ଦର ବିଷୟ ଅନେକାନେକ ଦୁର୍ବିପାକ ସତ୍ତ୍ୱେ ଓଡିଆ ଜାତି ଆପାଣାର ଅସ୍ତିତ୍ୱକୁ ହରାଇ ନାହିଁ । ଭୁଲି ଯାଇ ନାହିଁ ନିଜର ଐତିହ୍ୟକୁ, ପ୍ରାଚୀନ ପରମ୍ପରାକୁ । ଆଜି ପୃଥିବୀର ଅଧିକାଂଶ ଦେଶରେ ଓଡିଆ ସନ୍ତାନମାନେ ଅତୀବ ସମ୍ମାନର ସହିତ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ । ସେମାନଙ୍କର ଏହି ସମ୍ମାନରେ ଓଡିଆ ଜାତି ବେଳକୁବେଳ ଅଧିକ ଗୌରବରେ ଗୌରବାନ୍ୱିତ । ସତେ ଯେମିତି ଓଡିଆ ମାନଙ୍କ ବିନା ବିଶ୍ୱଚକ୍ର ଗତି ଅଟକିଯିବ । ଏଣୁ ପୂର୍ବଜଙ୍କର ସେହି ଉଦାତ୍ତ ଉଚ୍ଚାରଣକୁ ଆମକୁ ଆନଙ୍କ ସହିତ ଦୋହରାଇବାରେ ଗର୍ବ ଆସୁଛି "ଉତ୍କଳସ୍ୟ ସମୋଦେଶଃ, ଦେଶୋନାସ୍ତି ମହୀତଳେ" ସତରେ ସାମର୍ଥ୍ୟ ବିନା କେହି କେବେ ଏପରି ଉଚ୍ଚାରଣ କରି ନପାରେ ।

ତଥାପି ଆମକୁ ଅଧିକରୁ ଅଧିକ ଆଗେଇବାକୁ ହେବ । ବୋଇତ ଯୁଗରୁ ଆରମ୍ଭ ହୋଇଥିବା ଏହି ପ୍ରବାସୀ ପରମ୍ପରାକୁ ଅଧିକ ପରିପୁଷ୍ଟ କରିବାକୁ ହେବ । ମନରେ ସ୍ଥାନିତ ସମସ୍ତ ପ୍ରକାରର ହୀନମନ୍ୟତାକୁ ପାଶୋରି ଦେଇ ଆପଣା ଜାତିର କଲ୍ୟାଣ ସାଧନରେ ବ୍ରତୀ ହେବାକୁ ହେବ । ଓଡିଶାର ଗାଁ ମୂଲକରେ ପଡି ଯାଇଥିବା ଭାଇଟିର ହାତ ଧରି ଉଠାଇବାକୁ ହେବ । ଉପାର୍ଜନର ସାମାନ୍ୟ ଅଂଶ ମାତ୍ର ହେଉ ପଛକେ, ଆପଣା ଗାଁ ଗଣ୍ଡାର ହିତରେ ବିନିଯୋଗ କରିବାକୁ ଏକ ବ୍ରତରୂପେ ଗ୍ରହଣ କରିବାକୁ ହେବ । ନାନା କାରଣରୁ ଅବହେଳିତ ସେହି ଭାଇଟିଏ ବିନା ଓଡିଆଜାତି କଦାଚନ ପୂର୍ଣ୍ଣ ହୋଇ ପାରିବ ନାହିଁ ।

ସମ୍ପ୍ରତି ସମୟ ଉପଗତ । ପ୍ରବାସୀମାନେ ଆପଣା ପ୍ରବାସରେ ଓଡିଶାର କଳାକୀର୍ତ୍ତି, ପର୍ଯ୍ୟଟନ ସ୍ଥଳ ଓ କୁଟୀର ଶିଳ୍ପର ବ୍ୟାପକ ପ୍ରଚାର ପ୍ରସାର କରିବା ସହିତ ଓଡିଆ କାବ୍ୟ କବିତା ମାନଙ୍କର ଯଥାର୍ଥ ଅନୁବାଦ କରାଇ ବିଶ୍ୱସ୍ତରରେ ଆମ କବିକୋବିଦମାନଙ୍କୁ ଉପସ୍ଥାପନା କରାଇଲେ ଆମେ ଅଧିକ ଭାବେ ସମ୍ମାନଭାଜନ ହୋଇ ପାରିବା ।

ପରିଶେଷରେ ନୂଆ ଦିଲ୍ଲୀର ଆମ ଅନୁଷ୍ଠାନ ପୃଥିବୀର କୋଣ ଅନୁକୋଣରେ ଥିବା ପ୍ରତିଟି ଓଡିଆଙ୍କୁ ତା'ର ଆନ୍ତରିକ ମଧୁର ସମ୍ବୋଧନ ଜଣାଉଛି ।କର୍ତ୍ତବ୍ୟବୋଧରେ ଆପଣଙ୍କ ସ୍ନେହ-ସହାନୁଭୂତି ଓ ଆଦେଶ ଉପଦେଶକୁ ପାଥେୟ ମଣୁଛି । ସର୍ବୋପରି ଜଗତରନାଥ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି- 'ଫନି'ଭଳି ପ୍ରକୃତି ପ୍ରକୋପରୁ ମୁକୁଳି ହସୁ ଓଡିଶାର ନିଃସର୍ଗ ପ୍ରକୃତି । ହସନ୍ତୁ ତା ସନ୍ତାନ-ସନ୍ତତି । ଶାନ୍ତି ସୌଭାଗ୍ୟ ରହୁ ଚିରନ୍ତନ ।

ବନ୍ଦେ ଉତ୍କଳ ଜନନୀ

ବିଜୟ ମହାନ୍ତି

ପ୍ରତିଷ୍ଠାତା ସଭାପତି

# Executive Body

The Govering Body is an excellent blend of intellect, maturity, youth and vigour. The Body consists of people from all walks of life from professionals to self employed.

**President:** Mr. Bijay K Mohanty, is one of the founding members of OCWA, nurtured this forum with his sincere accumenship, guidance, advises. He is from Steel City Rourkela and a Master in Business Administration.

**Vice President:** Mr. Banoj Pradhan, a Company Secretary by Profession, looking after liasioning works and hails from Anugul.

**Secretary:** Mr. Sandipta Rout, a MTA from Aligarh Muslim University and is working as a Sr. Manager with a tourism company with specialisation in Tourism trade and looking after promotional activities. He is from Rourkela.

**Jt. Secretary:** Mr. Prakash Prusty, a Company Secretary by Profession, co-ordinates & arranges the organizational activities. He is from Keonjhar.

**Treasurer:** Mr. Prasanta Das, a Graduate from Ispat College, Rourkela and takes care of cash and funds management.

**Executive Members:**

Mr. Sanjay Bal from Baleswar is in charge of developmental & promotional activities. He is an ICWA by Profession & working with a Public Sector Undertaking.

Mr. Pradeepta Bhuyan – takes care of cultural activities of the forum and is Graduate from Utkal University.

Mr. Ranjan Biswal from Dhenkanal, a self employed professional also takes care of developmental activities and is a Graduate from Utkal University.

**Convenors:**

Dr. Sananta Sahoo from Rourkela, a Laparoscopic Surgeon, is a great team builder and motivator.

Dr. Anil Goel, from Keshinga is a Pediatric Emergency Expert and an Associate Professor in a Govt Mediacal College, Sohna, Haryana.

Mr. Ajay Mohanty is an entrepreneur and a graduate from Ispat College, Rourkela. He is always present with his active participation for all programs and events of OCWA.

## Advisors

Mr. Sobhan Kar, IRS

Major (Retd.) Umesh Ch. Nayak

Mr. Bibekanand Pattanaik

## LIFE MEMBERS

Ajay Mohanty (Mitu)
Animesh Roul
Anup Samal
Ashok Das
Basant Kr. Sahoo
Bibekanand Pattanaik
Bijay Pradhan
Debashis K. Mohanty
Devasis Mohanty
Jagdish Patra
Jiten Mohanlal
Jitendra Kr. Sahoo
Jyoti Bhusan Sarangi
Rakesh Prusti
Ram Ranjan Mohapatra
Ravi Lal Thapa
Samish Mohanty
Sanjay Mohanty
Sanjit Das
Santosh Kr. Sarangi
Saroj Das
Shibashis Mohanty
Sisir Rout
Sobhan Kar
Soubhagya Bhol
Subhasish Rout
Subrat Kr. Das
Suvendu Das
Yashwanta Sharma

## MEMBERS

Ajay Mohanty
Ajay Panigrahi
Ajit Kumar Barek
Alok Kumar Das
Anam Sahoo
Anima Biswal
Arabinda Das
Arvind Sharma
Ashwani Samantray
B. K. Rath
Babuli Nayak
Badal Kumar Nayak
Banoj Pradhan
Bhaskar Chandra Behera
Bijay K. Mohanty
Bimal Prasad Samal
Bimalendu Sahoo
Biplab Bag
D. K. Sahoo
Debashish Goswami
Dinesh Sahu
Dr. Anil K. Goel
Dr. Sananta Sahoo
Girija Sankar Das
Gajendra P. Samanta
Hemant Rout
Hrudaya Ranjan Bhuyan
Kaushik Tripathy
Litton Mukherjee
Litu Chandra Swain
Madhusudan Pothal
Major Umesh C. Nayak
Mukti Kanta Nayak
P. K. Mohanty
Piyush Mohapatra
Prabhat Kishore Bhuyan
Prabin Panda
Pradeep Rout
Pradeep Sahu
Pradeepta Bhuyan
Pradip Parija
Prakash Ch. Prusty
Pranab Biswal
Pranob Kr. Das
Prasanta Das
Prashant Nayak
Priya Sahoo
Rabindra Narayan Mishra
Raj Kishore Sahu
Rajendra Mohanty
Ramnath Sahoo
Ranjan Biswal
Ranjit Mohanty
Sandipta Rout
Sanjay Bal
Sanjit Mohanty
Santanu Khuntia
Santosh Biswal
Saroj Pattnaik
Sasmita Mohanty
Shubhransu Das
Sitakanta Das
Smruti Ranjan Sahoo
Soumendra Das
Sujata Das
Surajit Pattnaik
Surender Kumar Baxi
Suresh Chandra Behera
Suresh Swain
Sushanta Kr. Das
Suvendu Kr. Sahu
Tanka Dhar Dass

THROUGH HUMANITY TO PEACE

# Indian Red Cross Society

(CONSTITUTED UNDER ACT XV OF 1920)

## Blood Donation Camp in association with Indian Red Cross Society

## LIST OF DONERS

| S. No. | Bag No. | Name | Age/Sex | Blood Group |
|---|---|---|---|---|
| 1 | 19R4305 | Nadeem | 30 Yr/M | B+ve |
| 2 | 19R4306 | Dinesh Kumar Pal | 29 Yr/M | A+ve |
| 3 | 19R4307 | Prasanta Kumar Das | 44 Yr/M | O+ve |
| 4 | 19R4308 | Naveen Sharma | 38 Yr/M | B-ve |
| 5 | 19R4309 | Harikesh Sharma | 44 Yr/M | B+ve |
| 6 | 19R4310 | Bimal Prasad Samal | 51 Yr/M | B+ve |
| 7 | 19R4311 | Jeetendra Kumar Sahoo | 46 Yr/M | O+ve |
| 8 | 19R4312 | Ajay Mohanty | 49 Yr/M | B+ve |
| 9 | 19R4313 | Sharda Kumar Jha | 29 Yr/M | B+ve |
| 10 | 19R4314 | Sanjay Kumar | 48 Yr/M | A+ve |
| 11 | 19R4315 | Soumendra Kumar Das | 39 Yr/M | B+ve |
| 12 | 19R4316 | Debashis Goswami | 40 Yr/M | O+ve |
| 13 | 19R4317 | Narender Singh Bisht | 42 Yr/M | B+ve |
| 14 | 19R4318 | Sanjeet Mohanty | 39 Yr/M | O-ve |
| 15 | 19R4319 | Ramesh Das | 25 Yr/M | B+ve |
| 16 | 19R4320 | Aditya Vikram Singh | 22 Yr/M | O+ve |
| 17 | 19R4321 | C K Behera | 42 Yr/M | B-ve |
| 18 | 19R4322 | Vinit Malik | 40 Yr/M | O+ve |
| 19 | 19R4323 | Manish Mittal | 37 Yr/M | O+ve |
| 20 | 19R4324 | Pankaj Bhalla | 24 Yr/F | O+ve |
| 21 | 19R4325 | Jagrup | 33 Yr/M | AB+ve |
| 22 | 19R4326 | Pradeepta Bhuyan | 51 Yr/M | B+ve |
| 23 | 19R4327 | Anand | 24 Yr/M | O+ve |
| 24 | 19R4328 | Amit Sikhar | 37 Yr/M | O+ve |
| 25 | 19R4329 | Shatrohan Lal | 31 Yr/M | O+ve |
| 26 | 19R4330 | Suresh Chauhan | 37 Yr/M | AB+ve |
| 27 | 19R4331 | Animesh Roul | 46 Yr/M | O+ve |
| 28 | 19R4332 | Prashant Kumar Malik | 49 Yr/M | B+ve |
| 29 | 19R4333 | Ashwanee Samantaray | 48 Yr/M | B+ve |
| 30 | 19R4334 | Basant Kumar Sahoo | 44 Yr/M | O+ve |
| 31 | 19R4335 | Pratap Kumar Sahoo | 46 Yr/M | AB+ve |
| 32 | 19R4336 | Pragati Ranjan Parija | 33 Yr/M | O+ve |
| 33 | 19R4337 | Soubhagya Bhol | 48 Yr/M | B+ve |
| 34 | 19R4338 | Pradipta Kumar Yadav | 42 Yr/M | O+ve |
| 35 | 19R4339 | Prabhat Prajapati | 27 Yr/M | O+ve |
| 36 | 19R4340 | Sandipta Rout | 48 Yr/M | O+ve |
| 37 | 19R4341 | Rahul Kumar | 23 Yr/M | A+ve |

# ଶ୍ରୀମତୀ

ଶ୍ରୀଯୁକ୍ତ ସତ୍ୟାନାଶ



ଭାଗବାନଙ୍କ ସୃଷ୍ଟିରେ
ପତିପତ୍ନୀଙ୍କର ଯୋଡ଼ି ଅତୀବ ସୁନ୍ଦର,
ଠିକ୍ ଯେମିତି ଯୋଡ଼ି
ବିରିଆନୀ ସାଙ୍ଗେ କଟମ୍ବର ।

ପତ୍ନୀଙ୍କୁ ମୁଁ କଟମ୍ବର କହୁଚି ଭାବି
ପତ୍ନୀନିଷ୍ଠ କେହି  କରନ୍ତୁ ନାହିଁ ରାଗ,
କାରଣ..ବୁଝିବାରେ  ଅସୁବିଧା ନାଇଁ
ବିରିଆନୀଟା ଈକାର ସ୍ତ୍ରୀଲିଙ୍ଗ
ଆଉ.. କଟମ୍ବର ଅକାର ପୁଲିଙ୍ଗ ।

ସବୁ ଶ୍ରୀମତୀ; ବିରିଆନୀ ପରି ;
ଖାସି ମାଂସ ବାସୁମତୀ
କିସ୍‌ମିସ୍ କେଶର ଇତ୍ୟାଦି
ମହଙ୍ଗା ମହଙ୍ଗା ଜିନିଷରେ ତିଆରି ।
ଆଉ, ଶ୍ରୀମାନ୍ ସ୍ୱାମୀମାନେ; କଟମ୍ବର ;
ଖାଲି .. କାକୁଡ଼ିକି ଦହିପାଣିରେ ଚମତ୍କାର !

ଆମ୍ଭର ଶ୍ରୀମତୀ;
କବିବର ରାଧାନାଥଙ୍କ କବିତାରୁ ପଦେ
ମନେ ରଖିଛନ୍ତି ।
ମୋ ଆଡ଼କୁ ଚାହିଁ ବେଳେ ବେଳେ
ସେ ପଦକୁ ଆବୃି କରନ୍ତି -
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ ;
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।
କବିତାର ମର୍ମ ହେଲା
ତାଙ୍କ ପରି ଚିରସୁନ୍ଦରୀ ସ୍ତ୍ରୀ ଘରେ ଥାଇ,
ଆଉ କୋଉ ସୁନ୍ଦରୀକି ଚାହିଁବାର ଦରକାର ନାହିଁ ।

ଏମିତି ବି ପତ୍ନୀ ସାମନାରେ
ସାହସ ନଥାଏ କୋଉ ମର୍ଦ୍ଦପୁଅର,
ଅନ୍ୟ କୋଉ ସୁନ୍ଦରୀକି
ଶହେ ଅଶି ଡିଗ୍ରୀରେ ଅନେଇଦେବାର ।
ଖାସ୍ ସେଥିପାଇଁ,
କଳା ଚଷମା ଉଦ୍ଭାବନ ହୋଇଛି ପୁରୁଷଙ୍କ ପାଇଁ ।

ସବୁଥର ଘରୁ ମୁଁ ବାଇକ୍ କାଢ଼ିବା ମାତ୍ରେ
ଶ୍ରୀମତୀ କହନ୍ତି - ଦେଖ
ଆଜିକାଲି ବେଳ ଭଲ ନାଇଁ,
କୋଉଝିଅ ଲିଫ୍ଟ ମାଗିଲେ
ବାଇକ୍ ପଛରେ ତାକୁ ବସେଇବ ନାଇଁ ।
ବାଟରେ ସେ ଗାଡ଼ି ଅଟକେଇବ;
ତମଠାରୁ ଗାଡି ଟଙ୍କା ପୈସା ସବୁ ଛଡେଇନବ ।
ମୋଠାରୁ ଯେମିତି
କିଏ କିଛି ନନଉ ଛଡେଇ ;
ଖାସ୍ ସେଥିପାଇଁ ...
ଅଧିକାଂଶ ସମୟ ସେ ମୋ ବାଇକ୍‌ର
ପଛ ସିଟ୍‌ରେ ବିଜେହୁଅନ୍ତି ,
ଗୋଟେ ପାଖେ ଦୁଇ ଗୋଡକୁ ଲମ୍ବେଇ
ସିଂହ ଉପରେ ମା ଦୁର୍ଗା ପରି ଦେଖାଯାଆନ୍ତି ।

ସୁନ୍ଦରୀଟେ ଯଦି କିଏ ପାସ୍ କଲା ବାଟରେ ;
ଶ୍ରୀମତୀ ଚାହାନ୍ତି ..
ମୋ ଆଡ଼କୁ ଥରେ ଆଉ ତା ଆଡକୁ ଥରେ ।
ଟିକେ ପରେ.. ମତେ ପଚାରନ୍ତି – ହେଇଟି ,
ଯୋଉ ଝିଅଟା ଗଲା .. ଦେଖିଲ ଟି .. ?
ମୁଁ ଚୁପ୍ ରହିଲେ ପୁଣି ହଲେଇଦେଇ କହନ୍ତି-
ହଇହେ, ଦେଖିଲକି ନାଇଁ କହ ।
ମୁଁ ନ ଜାଣିଲା ପରି କହେ -
ନା ନା.. ଦେଖିନି .. ଦେଖିନି, କୋଉଝିଅ ?
ହେଇଟି ମ..
ଏଇ ଯୋଉ ଝିଅଟା ଯାଉଚି ..
ଅଧା ନଙ୍ଗୁଳିଆ ହେଇ ସିଏ ଯୋଉ ଡ୍ରେସ୍‌ଟା ପିନ୍ଧିଚି
କହିଲ କହିଲ.. କଅଣ ଦିଶୁଚି !
ମୁଁ ଆଉ ନ କହିକି କିଛି ..
ଘରଣୀଙ୍କୁ ଖୁସି କରିବାକୁ ଖାଲି କହେ-
ଏକଦମ୍ ବାଜେ..  ଛି ଛି ଛି ।

କିନ୍ତୁ ମୁଁ ମନେ ମନେ କରୁଥାଏ ଚିନ୍ତା,
ଆଉ କଣ ଅଧିକ ଦିଶନ୍ତା !
ଯେତିକି ଦିଶୁଚି ସେତିକି ହିଁ ଯଥେଷ୍ଟ,
ୟାଠୁ ଅଧିକ ଆଶାକଲେ ମନକଷ୍ଟ ।

ମୋ ପତ୍ନୀଙ୍କ ପରି ପ୍ରତ୍ୟେକ ଶ୍ରୀମତୀ,
ଉପଦେଶର ଗୋଟେ ଗୋଟେ

ଅସରନ୍ତି ଭଣ୍ଡାର ଅଟନ୍ତି ।
ଉପଦେଶ ସବୁ ଅର୍ଡର ପରି
ପାଳନ କରିବା କମ୍ପଲସରି ।
ଯିଏ ଅବାଧ ହେଇ ପାଳନ ନ କରିଛି,
ତାପରେ କଣ ହୁଏ ସେ ଏକା ଜାଣିଚି ।

କେବଳ ମୋ ପତ୍ନୀ ନୁହଁ
ସବୁ ପତ୍ନୀଙ୍କର ଗୋଟେ ବିଶ୍ୱାସ ରହିଛି ,
ସେ ଅଛନ୍ତି ବୋଲି ଘରସଂସାରଟା ଅଛି ।
ସେ ନଥିଲେ ଭୁଷୁଡି ପଡନ୍ତାଣି ଘରର ଚାରିକାନ୍ଥ ,
ପିଲାଙ୍କ ମୁହଁକୁ ଚାହିଁ ସେ ଖାଲି ପଡି ରହିଛନ୍ତି
ନହେଲେ ପିତୃଗୃହରେ କେବେଠାରୁ ଖାଉଥାନ୍ତେ ଭାତ ।

ଦିନେ ଶ୍ରୀମତୀ କହିଲେ –
ମତେ ବାହା ହେଇ ନଥିଲେ ..
କଣ ଯେ ହେଇଥାନ୍ତା ଅବସ୍ଥା ତୁମର ?
ମୁଁ କହିଲି – ହଁ ..ମୁଁ ବି ଭାବୁଚି
ମୋଦି ଆଉ ନବୀନଙ୍କ ପରି
ମୁଁ ଏବେ ବୁଲୁଥାନ୍ତି ଦୁଆର ଦୁଆର ।।

ଭୁବନେଶ୍ୱର
ମୋ.ନଂ- ୯୪୩୭୧୩୧୨୦୧

# ବିଉଟି ପାର୍ଲରରେ ନେତା !

-ଡଃ.କୁଳାଙ୍ଗାର



ବିଉଟି ପାର୍ଲର ଗଳିରେ
ବୁଲୁଥିଲି ମୁଁ ଅଳସ ରାତିରେ;
ଅପ୍ରତ୍ୟାଶିତ ଭାବରେ ମୁହାଁମୁହିଁ ହୋଇଗଲି
ଜଣେ ଦଣ୍ଡୀ ନେତାଙ୍କ ସାଥୀରେ !
ଏମିତି ଜାଗାରେ ମୋତେ ଦେଖି
ନେତା ଯେବେ ହେଲେ ଇତଃସ୍ତତ;
କହିଲି- ଆଜ୍ଞା ଲାଜ କଣ, ବିବାହ ପରେ
ଘରଣୀ ସେବା ବିଧି ସମ୍ମତ !!

ନେତା କୁନ୍ଥୁକୁନ୍ଥୁ ହୋଇ କହିଲେ ନାଇଁ ମ
ଆପଣଙ୍କ ଭାବନା ଭୁଲ୍, ସିଏ ଆସିନାଇଁ;
ମୁଁ ଭାବିଲି- ତାହେଲେ ବୁଢାକାଳେ
ଆସିଛନ୍ତି କୋଉ ରୂପସୀକୁ ନେଇ !
କ୍ଷମତାର ଚୁମ୍ବକ ବଳରେ ଆଜିକାଲି ତ
ଅନେକ ଝିଅ ଟାଣି ହୋଇ ବୁଲନ୍ତି ଘିରିଘିରି;
ସେଥିପାଇଁ ବୋଧେ ମୋତେ ଦେଖି
ସେ ହେଉଛନ୍ତି ଚୋର ପରି !!

ନେତା ଏବେ ମୋ ମନର ଭ୍ରାନ୍ତି କରି ଦୂର
କହିଲେ- ବୁଝିଲ କବି ପ୍ରବର;
ଏ ବୁଢାକାଳରେ ଆଦୌ ଇଛା ନଥିଲା
ନିତି ଆସିବାକୁ ବିଉଟି ପାର୍ଲର !
ଆପଣ ତ ଜାଣନ୍ତି ନିର୍ବାଚନ ଜିଣିବା
କେତେ କଷ୍ଟ ଟିକଟ ଗଲେ ଖସି;
ତେଣୁ ଆଶାୟୀଙ୍କୁ ଟକ୍କର ଦେବାକୁ ମୁଁ
ନିଜକୁ ସଜାଡୁଛି ପ୍ରତିଦିନ ପାର୍ଲରକୁ ଆସି !!

କଥାଶୁଣି ଭାବିଲି, ହେଃ.. ହେଃ..
ବୁଢା ମୋତେ ବୋକା ଭାବିଚି;
ପାର୍ଲରକୁ ଝିଅ ଆଣି ଧରା ପଡିବାରୁ
ମୋତେ ବୋକା ବନଉଚି !
ମୁଁ କହିଲି- ଆଜ୍ଞା, ଟିକଟ ପାଇଁ ସଙ୍ଗଠନ
କରିବାକୁ ନେତା ସିନା ନିର୍ବାଚନ ମଣ୍ଡଳିକୁ ଯାଏ;
ଏ ପାରର୍ଲରରେ ଆସି ଘଷାମୋଡା ଖାଇଲେ
ଆପଣଙ୍କୁ ଟିକେଟ ଦେବ କିଏ ?

ନେତା କହିଲେ ଭାଇ- ଆଜିକାଲିର
ଯୁବ ଭୋଟର ମାନେ ସ୍ମାର୍ଟ ନେତା ଚାହୁଁଚନ୍ତି;
ଚିକ୍କଣିଆ ଚେହେରା ଦେଖିଲେ
ତାଙ୍କ ପଛେପଛେ ଧାଉଁଛନ୍ତି !
ତା ଛଡା ଆଜିକାଲି ସିନେମା ବାଲା ଯେମିତି ଧାଉଁଛନ୍ତି କରିବାକୁ ରାଜନୀତି ନାଟ;
ଚୁଟିରେ ରଙ୍ଗମାରି ମୁହଁଟାକୁ
ଫେସିଆଲ ନକଲେ ଟିକେଟ ମିଳିବା କଷ୍ଟ !!

ଦେଖିବେ କେତେ ଲାଇକ, ପାର୍ଲରରୁ ଫେରି
ଯେବେ ଫେସବୁକ୍‌ରେ ଫଟୋକୁ ଛାଡିବି;
କିଛି ନହେଲେ ସେମାନେ ମୋ ଟିକେଟ ନେଲେ
ତାଙ୍କ ଜାଗାରେ ମୁଁ ଅଭିନୟ କରିବି !
ଖାଲି ସେତିକି ନୁହେଁ ନିତି ଜିମ୍ ବି ଯାଉଛି
ପେଟ କମେଇ ଫିଟ୍ ରହିବାକୁ;
ନହେଲେ କେମିତି ଡେଇଁବି
ଆବଶ୍ୟକ ସ୍ଥଳେ ଏପଟ ଛାଡି ସେପଟ ଦଳକୁ !!

ମାର୍ଫତ- ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ,
ଡାକ-ଅଲରା, ନରସିଂହପୁର,
କଟକ କ୍ରିଂ କ୍ରିଂ- ୯୩୩୮୫୮୧୩୦୯
ଇମେଲ୍ : dr.kulangar@gmail.com

# ଷ୍ଟ୍ରାଇକ୍‌ରେ ଭଗବାନ

ସୁନୀଲ କୁମାର ମିଶ୍ର



ମାଷ୍ଟର କ୍ୟା ିନ୍‌ରେ ମର୍ଯ୍ୟାଦା ପୁରୁଷ
ଆଖିରେ ଯିବାରୁ ପଡି,
ପ୍ରଭୁ ଜଗନ୍ନାଥ ହେଲେ ଥତମତ
ଆଁ କରି ଦୁଇ ଘଡି !
ଦୀର୍ଘଶ୍ୱାସଟିଏ ଛାଡି...
କହିଲେ ହେ ସାଇଁ ଏଠି କାହିଁପାଇଁ
ଦେହ ମୁଣ୍ଡ ଭଲ ଅଛି ଅବା ନାହିଁ
ଗଲେଣି ତ ପୂରା ଝଡି !!

ଶ୍ରୀ ରଘୁ ନନ୍ଦନ ଦେଇ ସନମାନ
କହିଲେ ହେ ମହାବାହୁ;
ଛାତି ଧକଧକ ମନ ଛକପକ
ଦେହ ଭଲ ହବ କାହୁଁ!
ନିଜ ଘର ଥାଉ ଥାଉ...
ବାର ଦ୍ୱାର ହେଇ ବର୍ଷ ବର୍ଷ ବୁଲେ
ଦୁଃଖ ସରୁନାହିଁ ଆଉ !!

ମନ୍ଦିର ପାଇଁ ମୋ' ନେତାଙ୍କୁ କହିଲି
କହିଥିଲେ ନେତା ରୁହ...
ସେଇ ନେତା ଯେବେ କ୍ଷମତା ପାଇଲେ
କହିଲେ କୋର୍ଟକୁ ଯାଅ
କୋର୍ଟରେ ଓକିଲ ପୁଅ...
ତାରିଖ ପଛରେ ତାରିଖ ଗଡାଏ
ମିଳୁନାହିଁ ମତେ ନ୍ୟାୟ !!

ସେ  ରରେ ଯେଣୁ ଓଡିଆ ରାଜାର
ପାଓ୍ୱାର ହେଲାଣି ହେଭି;

ମାଷ୍ଟର କ୍ୟା ିନ୍‌ରେ ଷ୍ଟ୍ରାଇକି କରିବି

ଫାଇଦା ୟାର ନେବି; ;
ସି.ଏମ୍ କରିଲେ ଲବି...
ମନ୍ଦିର କାମଟା ବେଗି ହେଇଯିବ
ଆସିଲି ସେକଥା ଭାବି !!

ମୋ କଥା ଛାଡ ତମକଥା କୁହ
ଛାଡି ନିଜ ଶ୍ରୀମନ୍ଦିର;
ଖରାବେଳେ ଆସି କ୍ୟାପିଟାଲ ବୁଲ
(କଥା) ହଜମ ହଉନି ମୋର; ;
ସତକୁହ ମାନ୍ୟବର...
ନୋଟବନ୍ଦୀ ବେଳେ ଭୁବନେଶ୍ୱରରେ
କରିଛ କି ନୂଆ ଘର ? ?

ମୁହଁକୁ ଶୁଖେଇ ବ୍ରାହ୍ମଣ ଗୋସେଇଁ
କହିଲେ ହେ ରଘୁନାଥ;
ଗୋଟିଏ ଘରେ ତ ଖାଇପାରୁନାହିଁ
ବେଳାରେ ମୁଁ ଗଣ୍ଡେ ଭାତ; ;
ଆନଘରେ କିବା ସ୍ୱାର୍ଥ ?
ନିଜ ଇଚ୍ଛାବଳେ ଉଠାନ୍ତି ବସାନ୍ତି
ମତେ ପରା ସେବାୟତ !!

ବିଭ୍ରାଟ ରିପୋର୍ଟେ ଶୁଣିଲି ମୋ ବ୍ରହ୍ମେ
ଖେଳୁଥିଲେ ନିଜ ଭାଇ;
ଅର୍ଜିନାଲ ବ୍ରହ୍ମ ଦେହରେ ମୋ ଅଛି
କନଫିଡେନ୍ସ ଆଉ ନାହିଁ ; ;
ସିଟିସ୍କାନ କରିବା ପାଇଁ ...
ତରବରେ ତେଣୁ ଭୁବନେଶ୍ୱରକୁ
ଆସିଛି ପୁରୀରୁ ଧାଇଁ !!

ତାଙ୍କ କଥା ଶୁଣି କହିଲେ ଶ୍ରୀରାମ
ହୋଇଲ କି ତୁମେ ବାଇ !
ଭକ୍ତ ଡୁପ୍ଲିକେଟ୍ ଭାବ ଡୁପ୍ଲିକେଟ୍
ଫୁଲଠୁ ପ୍ରସାଦ ନୁହେଁ ଅର୍ଜିନାଲ କେହି !!
ସମ୍ମାନ ବ ିଲେ ଆଉ କିଛି ଲୋଡାନାହିଁ ...
ନିଜ ସମ୍ମାନକୁ ଫେରିପାଇବାକୁ
ଲୋଅର ପି.ଏମ୍.ଜି.ରେ ବେନିଜନେ ଚାଲ
ଷ୍ଟ୍ରାଇକି କରିବା ଯାଇ !!

ଜଲ୍ଲାରପୁର
ନିଆଳି, କଟକ

# କ୍ୟାକଟସ୍‌ର କଥା

କରୁଣାକର ପାଟ୍ଟଶାଣୀ



ନଂଘା ନିଦାଘର କଷାଘାତ ସହି
ସମାଧିସ୍ଥ ସିନ୍ଧୁ ସଭ୍ୟତା
ସମାପ୍ତ ସରସ୍ୱତୀ
ଅପରାଜେୟ ଆଲେକଜାଣ୍ଡରର
ଇତିକଥା ମୁଁ ଲେଖିଛି
ପରସ୍ତ ପରସ୍ତ ଅନ୍ଧାରକୁ ନେସି
ନୀଳ ପାଲଟିଛି,
କ କିତ ମୁଁ
ଯୁଗ ଯୁଗର ଯନ୍ତ୍ରଣାକୁ
ସାଇତି ସାଇତି ।
ସନ୍ନ୍ୟାସୀର ନିଃସ୍ୱତା
ମୋର ଗଣ୍ଠିଧନ
ନିଃସଂଗତାର ସଂଗୀତ
ମୋର ଅତିପ୍ରିୟ
କାଳୀୟ ନାଗ ଫଣା ଉପରେ
ନୃତ୍ୟରତ କଳାକାହ୍ନୁ ମୁଁ ।

ଧସାବାଲି, ବାଲିଝଡ ଭିତରେ
କଷ୍ଟକୁ ପାକୁଳି କରି
ମରୁ ଜାହାଜର ଆଖ୍ୟା ପାଇଥିବା
ଓଟ୍ଟର ଗୁରୁ ମୁଁ ।

ଦୁର୍ଗ ନିର୍ମାଣ ଓ ଆତ୍ମରକ୍ଷାର
କଳାକୌଶଳ ମୋ'ଠୁ ଶିଖିଛି
ରାଜପୁତ୍,
ମୋ ଛାଇରେ ବସି ରବାରି
ମୋଟା ବାଜରା, ରୁଟି, ଗୁଡ, ଲଙ୍କା
ଖାଉ ଖାଉ ଖୋଜି ପାଇଛି
ଜୀବନ ସଂଗ୍ରାମର ଶୈଳୀ
ଜୀବନକୁ ଉପଭୋଗ କରିବା ପାଇଁ
ଦାଣ୍ଡିଆ ନାଚିଛି
ଅଣନିଃଶ୍ୱାସୀ ସାବଜା ସାବଜା ଆଶାର
ପୂର୍ତ୍ତି ପାଇଁ "ମା ଆଶାପୁରା"
ପାଖରେ ମଥା ନୋଇଁଛି ।
... ମୁଁ କିନ୍ତୁ କାହା ବାହୁ-ଛାୟା ତଳର
ଜୀବ ନୁହେଁ :
ଦର୍କାର ନାହିଁ ମୋର
ଦୁଇଟଂକିଆ ଚାଉଳ
ଲ୍ୟାପଟପ ସାଇକଲ
କେଉଁ ବାବାର ଆଶିଷ...
କର୍ଣ୍ଣ ପରି ମୋତେ ବରପ୍ରାପ୍ତି ହୋଇନି
କବଚ କୁଣ୍ଡଳର :
ଶିରୀ ସୌଭାଗ୍ୟ ମୋର ନାହିଁ
ରାଜପାଟର ।

ମୋ ହାତ ପାପୁଲିର
ଜୀବନରେଖା
ମୁଁ ନିଜେ ଟାଣିଛି ।
ସହରତଳି ବସ୍ତିର ମଣିଷ ପରି
ଦୁଃଖକୁ ଯୁଦ୍ଧରେ
ହରାଇଛି ବାରମ୍ବାର ।

ଧୂସର ମରୁ ପାହାଡ ବୁକୁରେ
ଯେବେ ସନସନି ପବନ
ପ୍ରୀତିର ଚିତ୍ରଲିପି ଆଙ୍କେ
ମରୁ ପକ୍ଷୀର ମଧୁଗୀତି
ମୋ ପଥର ଛାତିରେ
ଫୁଲ ଫୁଟାଏ ।

ସବୁଜ ସପ୍ନ ପାଇଁ
ମୋ ପରି ବାଡ ହୋଇ
ଶହୀଦ ହୋଇଥିବା ସୈନିକକୁ
ହୃଦୟର ଅମଳିନ ପୁଷ୍ପଗୁଚ୍ଛ
ଶ୍ରଦ୍ଧାଞ୍ଜଳି ଦିଏ ।
***

ରାଉରକେଲା
ମୋ-୭୮୯୪୫୩୪୩୮୪

# ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି   ନାହିଁଲୋ

ବିଶ୍ୱନାଥ ଦାଶ



ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହିନାହିଁ ଲୋ
ତୋ ସେନେହ ତୋ ମମତା ତୋ କରୁଣା ତୋ ସମତା, ମା
କୋଳେ.. ଏମିତିକି ସରଗେ ବି ନାହିଁଲୋ ।
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ
ଲୋ (୧)

ଆଠ ଦିଗେ ଅଷ୍ଟ ଶମ୍ଭୁ ମଧ୍ୟେ ଦାରୁ ବ୍ରହ୍ମ  ବିଭୁ
ଆଖି ଖୋଲି ବାହୁ ମେଲି (ଭକତଙ୍କୁ) ନିଏତ କୋଳେଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି  ନାହିଁ ଲୋ (୨)

ଆଦ୍ୟା ଶକ୍ତି ଜଗଦ୍ଧାତ୍ରୀ, ବିମଳା କ୍ଷେତ୍ରାଧିଷ୍ଠାତ୍ରୀ
ତୋର ବିଶେଷ ବିଭୂତି ରୂପେ ବିଳସଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୩)

ତୋ ସକଳ କଳେବର, ପୁଣ୍ୟ ରସେ ଭରପୂର
ଧାମ ମଧ୍ୟେ ଶିରୀକ୍ଷେତ୍ର ନାମ ଅଛୁ ବହି ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୪)

ତୋ ଆଗରେ ମହୋଦଧି, ତୀର୍ଥରାଜ ରୂପେ ସିଦ୍ଧି
ବୁଡ ଯୋଗେ ପାପରାଶି ଦିଏ ଧୋଇଧାଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୫)

ତୋ ସନ୍ତାନ ଇନ୍ଦ୍ରଦ୍ୟୁମ୍ନ, ବଂଶନାଶେ ପୂର୍ଣ୍ଣ କାମ
ନିରହଙ୍କାରର ଶିକ୍ଷା ଥିଲୁ ତୁ ବତାଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୬)

ତୋ ନରେନ୍ଦ୍ର ସରୋବର, ଶ୍ୱେତ ଗଙ୍ଗା ମାର୍କଣ୍ଡେୟ
ଇନ୍ଦ୍ରଦ୍ୟୁମ୍ନ ପ ୍ଚ ତୀର୍ଥ ମହିମାକୁ ଧ୍ୟାୟିଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୭)

କେତେ କେତେ ମହା ଯତି, ଟେକି ଆପଣାର ଛତି
ଶେଷେ ଛନ୍ତି ହାତପାତି ତୋଠି ଆଶ୍ରା ପାଇଁଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୮)

କାହିଁ ଏମନ୍ତ ଭକତ, ଗୁଣୀଗଣ ସାଧୁସନ୍ଥ
ଲୋଡିନି ଯେ ତୋ ପଣତ ଶାନ୍ତ ସ୍ନିଗ୍ଧ ଛାଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୯)

ଜଗଦ୍‌ଗୁରୁ ଶ୍ରୀ ଶଙ୍କର, ସାକ୍ଷାତ ଜ୍ଞାନ ଅବତାର
ଗୋବର୍ଦ୍ଧନ ପୀଠ 'ତ ୍ଚ ମସି'କୁ ଘୋଷଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୦)

ଶ୍ରୀ ଚୈତନ୍ୟ ମହାଜନ, ଗମ୍ଭୀରାରେ ପ୍ରେମଧନ
ବିତରୁ ବିତରୁ ଲୀନ ହେଲେ ତୋ ଗୋସାଇଁ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୧)

ସନ୍ଥଙ୍କ ବା କିବା ଜାତି, ତାଙ୍କୁ ତନ୍ତି କେ ବୋଲନ୍ତି
କବୀର ଆଶାକୁ ପୋତି ସିନ୍ଧୁ ଅଟକାଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହୁି ନାହିଁ ଲୋ (୧୨)

ସନ୍ଥ ଶ୍ରୀଗୁରୁ ନାନକ, ତୋହ ଯୋଗୁଁ ତାଙ୍କ ଟେକ
ଗ୍ରନ୍ଥ ସାହେବକୁ ବାଉଳି ମଠେ ଦିନେ ଥୋଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୩)

ବଳରାମ ଜଗନ୍ନାଥ, ଯଶୋବନ୍ତ ଶ୍ରୀ ଅଚ୍ୟୁତ
ଅନନ୍ତ ଏ ପ  ସଖା ତୋ ପରଶ ପାଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୪)

ଶୀ ରାମାନୁଜ ନିମ୍ବାର୍କ ଶ୍ରୀ ବଲ୍ଲଭ ମାଧ୍ୱାଚାର୍ଯ୍ୟ
ହରିଦାସ ଆଜି ଯେତେ ତୋ ପାଇଁ କି ବାଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୫)

ତୋ ମଧୁ ମାଧୁରୀ ମୋଦେ ଶ୍ରୀ ଗୀତ ଗୋବିନ୍ଦ ପଦେ
କବି ଜୟଦେବ ରସରାଜଙ୍କୁ ତୋଷଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୬)

ଦେବଦାସୀ ନୃତ୍ୟ ଗୀତ, କୋଉଠି କାହିଁ ନାହିଁ ତ
ଧନ୍ୟ ତୁ ତୋ ପ୍ରଭୁ ଧନ୍ୟ ରସିକ ଭିଆଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୭)

ତୋ ଶ୍ରୀକ୍ଷେତ୍ର ଶିରୀ ଫଳ, ଗାଥା ଆଶ୍ଚର୍ଯ୍ୟ ବିରଳ
ଦାସିଆ ନଡିଆ ନେଲେ ଶ୍ରୀ ହସ୍ତ ବଢାଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୮)

ତୋର ଦାଣ୍ଡ ବଡ ଦାଣ୍ଡ, ପ୍ରଭୁ ତୋ ଜଗତନାଥ
ତୋ ମହାପ୍ରସାଦ ଦିଏ ଜାତିପ୍ରଥା ଧୋଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୧୯)

ବଡ ବିଚିତ୍ର ତୋ କ୍ଷେତ୍ର, ଯେବେ ଆସେ ରଥ ଯାତ
ରାଜା ସାଜେ ଝାଡୁ ଦାର ଭେଦକୁ ଦୂରାଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୨୦)

ମାଆକୁ ସମ୍ମାନ ଦେଇ, ଗୁଣ୍ଡିଚା ବିଜେ ଗୋସାଇଁ
କୃଷ୍ଣ ଜନ୍ମ ଅପରାଧ ପ୍ରାୟଶ୍ଚିତ ପାଇଁ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୨୧)

ତୋ ଦିଅଁ ମାନବବାଦୀ, ନରତୁଲ୍ୟ ନୀତି କାନ୍ତି
ଜରେ ଶୁଏ ଅଣସରେ ଅଧିକ ଗାଧୋଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୨୨)

କେତେ ମତ କେତେ ପଥ, ଗୁହା ଗୁପ୍ତ ଧର୍ମତ ୍ୱ
ତୋ ମଠ ମନ୍ଦିରେ ନିତ୍ୟେତ ୍ୱ ପ୍ରକାଶଇ ଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୨୩)

ତୋ କୀରତି, ତୋ ପୀରତି, ତୋ ସଂସ୍କୃତି ଶାନ୍ତି ମୈତ୍ରୀ
କେ ପାରିବ ବର୍ଣ୍ଣିବାର ଶକତି ଜୁଟାଇଲୋ
ପୁରୀ ଲୋ... ତୋ ଅ ପରି ଏ ଜଗତେ ଆଉ କେହି ନାହିଁ ଲୋ (୨୪)

ମୋ-୭୭୩୫୯୮୬୮୮୬

# ପାଲିଙ୍କି ଗୀତ

ଇଂ.ସତ୍ୟବ୍ରତ ରଥ



(ଅତୀତରେ ପଥଶ୍ରମ ଲାଘବ ହେବା ପାଇଁ ପାଲିଙ୍କି ବାହକମାନେ ସ୍ୱତନ୍ତ୍ର ଛନ୍ଦରେ ଯେଉଁ ଗୀତ ଓଡିଆରେ ବୋଲୁଥିଲେ ତାହାକୁ ପାଲିଙ୍କି ଗୀତ କହନ୍ତି । ଏହି ଗୀତରେ ଅନେକ ଲୋକନୀତି ଏବଂ ଉପଦେଶ ରହିଛି । ଆଜିକାଲି ସବାରୀ ପାଲିଙ୍କି ନାହିଁ । ତେବେ ସେହି ଗୀତରେ ଆମ ଭାଷାର ମାଧୁର୍ଯ୍ୟ ପରିଲକ୍ଷିତ । ସଂଗୃହୀତ କେତେ ପଦ ପାଲିଙ୍କି ଗୀତ ଉପସ୍ଥାପନ କରାଗଲା ।)

ଜୟ ମହାପ୍ରଭୁ ବୈକୁଣ୍ଠ ବିହାରୀ
ତୁମ ନାମ ଧରି ଦିନଯାଉ ସରି ।
ତୁମେ ରାମ, କୃଷ୍ଣ ତୁମେ ଜଗନ୍ନାଥ
ତୁମପାଦ ତଳେ କୋଟି ଦଣ୍ଡବତ ।

ହାଗୁନ୍ ଦା'ବୋଲ ମାଗୁନ୍ ଦା' ବୋଲ
ନଡିଆ କଳସ ଅରୁଆ ଚାଉଳ ।
ଝରି ପାଟଫୁଲି ଝକମକିଆ ରେ
ପାଲିଙ୍କି ବଇଠି କୁନ୍ଦ ଆଖିଆ ରେ ।
କାନ୍ଧରେ ଗାମୁଛା ମୁହଁ ସଳଖ ରେ
ପଛକୁ ନଦେଖି ଆଗକୁ ଦେଖ ରେ ।
କଇଁଚି କାକୁଡି ଲଟଲଟିଆ ରେ
ପଧାନ ଗହୀର ବାରବାଟିଆ ରେ ।
ବୋହୂ ଆଣିଯିବ ଆମଗାଁ ପୁଅରେ
ପାଲିଙ୍କି ସମ୍ଭାଳି ସଳଖ ହୁଅରେ ।

ହୁଁ ମେରେ ଭାଇରେ
ହୁଁ ମେରେ ଭାଇରେ
ଅଳପ ଖରାକୁ କଅଁଳ ଛାଇରେ ।
ଧୂଳିଆ ଧୂଳିଆ ନାଲି ସଡକ ରେ
ବାଟେ ଚାଲିଛନ୍ତି ପା ଗାଁଲୋକ ରେ ।
ଗାଆଁ ଭିନେଭିନେ ମଣିଷ ଏକା ରେ
ଚନ୍ଦା ମୁଣ୍ଡିଆର ବହୁତ ଟଙ୍କା ରେ ।
ବଚନ ମଧୁର ତିଳକ ସରୁ ରେ
ଜାଣିଥିବ ସିଏ ଠକଙ୍କ ଗୁରୁ ରେ ।

ହାଗୁନ୍ ଦା'ବୋଲ ମାଗୁନ୍ ଦା' ବୋଲ
ଦି' ଭାଇଙ୍କର ଗୋଟେ ଶାଳଘର ।
ସଜ କରି ମୁଣ୍ଡା ମୁଗୁର ବାରେସି
ପାଲିଙ୍କି ଗଢିଲେ ଶାଳଘରେ ବସି
କାରିଗର ବୋଲି ବଡ ଆଦର ରେ
ମୁଣ୍ଡରେ ପଗଡି ଏଣ୍ଡି ଚଦର ରେ ।
ଯେମିତି ରାଜାଙ୍କୁ ସେମିତି ପ୍ରଜା ରେ
ରାଜା ବିଜେ କଲେ ବାଜଇ ବାଜା ରେ ।
ରାଇଜ ପାଳନ୍ତି କାଳିଆ ସାଆନ୍ତ
ତାଙ୍କ ପାଦ ତଳେ କୋଟି ଦଣ୍ଡବତ ।

ହୁଁ ମେରେ ଭାଇରେ
ହୁଁ ମେରେ ଭାଇରେ ।
ସତ ପାଳିଥିଲା ବଉଳା ଗାଈରେ ।
ସତକୁ ସଂସାରେ ଧରମ ବଳରେ
ଧର୍ମଦାଣ୍ଡେ ଖାଲି ନୋହିବ ଥାଳ ରେ ।
ଗଢିଛନ୍ତି ପ୍ରଭୁ ସାରା ସଂସାରରେ

ତାଙ୍କ ନାମ ନିତି ତୁଣ୍ଡରେ ଧର ରେ ।
ହାଗୁନ୍ ଦା'ବୋଲ ମାଗୁନ୍ ଦା' ବୋଲ
ବାବାରେ ଆଲୁଅ କେତେ ଝଲମଲ ।
ଠେକା ବାନ୍ଧି ବର ବେଦୀକୁ ଯିବ ରେ
ଗୋରୀ କନିଆର ହାତ ଧରିବ ରେ ।
ଘରକୁ ସୁନ୍ଦର ଘରଣୀ ଥିଲେ ରେ
ମଣିଷ ଲୋକକୁ ଚୁଲି ଛାଉଲେ ରେ ।
ଦୂର ପରବତ ଦିଶେ ସୁନ୍ଦର ରେ
ଦୂର ବନ୍ଧୁ ପାଏ ବଡ ଆଦର ରେ ।
ଆମେ ତ ଗାଉଁଲି ଗଡଜାତିଆ ରେ
ଫଟେଇ କୁରୁତା ବୋତାମ ଦିଆ ରେ ।
ଭୋଜି ଖାଇ ମନ ହେବ ଆନନ୍ଦ ରେ
ବୋଲ ରାମ ହରିବୋଲ ଗୋବିନ୍ଦରେ ।

କଲେଜ ରୋଡ୍, ବାଙ୍କୀ
ପୋ:ଅ: ବାଙ୍କୀ, ଜି:କଟକ
ପିନ୍-୭୫୪୦୦୮
ମୋ:୯୯୩୭୩୨୭୬୪୭

# ଆଉ ଯୁଦ୍ଧ ନୁହେଁ

ତାରିଣୀ ଚରଣ ସାହୁ



ପିତୃ ଅପମାନ ପ୍ରତିଶୋଧ
ଆର୍ଯ୍ୟାବ ର୍ତ୍ତ ସୁରକ୍ଷା, ସୁଶାସନ ପ୍ରତିଷ୍ଠା-
ଜନପଦେ ପ୍ରଜାକୁଳ ସୁଖ, ଶାନ୍ତି, ସଂସ୍ଥାପନ ଅର୍ଥେ
ଅନ୍ୟାୟୀ, ଦୁଷ୍ଟ, ଦୁରାଚାରୀ, ଦୁର୍ମତି-
ଧା ର୍ତ୍ତରାଷ୍ଟ୍ରଙ୍କ ବିଲୋପ ଉଦ୍ଦେଶ୍ୟେ-
ପାଣ୍ଡବଙ୍କ ଅଧିକାର ପ୍ରାପ୍ତି ପାଇଁ
ଯାଜ୍ଞସେନୀ ମୁଁ ଏକ ଅନନ୍ୟା, ସୁରମ୍ୟା କୁମାରୀ
ଯଜ୍ଞପୀଠେ ପ୍ରକଟିତା ହେଲି ବିଧାତା ଇଚ୍ଛାରେ
ଅଗ୍ନି-ବୁକୁ ଚିରି ।

ଦୁର୍ଦ୍ଦିନ-ଦୁଃସହ, ଅସ୍ଥିର ଯନ୍ତ୍ରଣା-
ବିକଳେ, କ୍ରୋଧରେ ବ୍ୟଥାରେ
ପ୍ରତିରୋଧ, ପ୍ରତିବାଦ କଲି ଏକାକିନୀ
କୁରୁ, କୁଳବଧୂ ପା ାଳ ନନ୍ଦିନୀ
ପ ସିଂହ ମେଳେ ମୁଁ ଏକ ସିଂହିନୀ ।
ଆହା କେତେ ବିଡମ୍ବିତ ମୋ ଜୀବନଚର୍ଯ୍ୟା ।

ପଶାପାଳି କ୍ୟାକ୍‌ଟସ କ ାରେ କ୍ଷତାକ୍ତ ମୁଁ
ହସ୍ତପଦ ବନ୍ଧିତ ମୋ ଯୁଧିଷ୍ଠିର ଶପଥ ଶୃଙ୍ଖଳେ
ନିଷ୍ଫଳ ଗର୍ଜନେ
ଆଭୂମି ଆକାଶ ନିର୍ବେଦ ନିଥର ।
ବସ୍ତ୍ର, କେଶ ଆକର୍ଷିଲା ଝିଙ୍କାସିଲା ସେ ଦୁର୍ମତି ଦୁଃଶା
କେତେ ଯେ ପରୁଷ ବାକ୍ୟ ସହିଲି ମୁଁ
ମୁକ୍ତଜାନୁ ଦୁର୍ଯ୍ୟୋଧନ ଅଟ୍ଟହାସ୍ୟ କାଳେ ।
ବୈଦେହୀ ଆଶ୍ରିତା ହେଲେ
ହେ ଧରିତ୍ରୀ ମାତା ! ବକ୍ଷ ମେଲି ମତେ କିଆଁ ନେଲନାହିଁ ତୋଳି !
ଏମନ୍ତ ଆତଙ୍କେ
ପ ସ୍ୱାମୀ, ପ କେଶଭିଏ ଚାହୁଁଥିଲେ ଅସହାୟ ମେଷ ଶିଶୁ ପରି ।

କାଲିପରି ଶୁଭିଯାଏ ମତେ
କହୁଥିଲେ ଯୁଧିଷ୍ଠିର "କାଳେ କାଳେ ସତ୍ୟ ତ ଅଲଂଘ୍ୟ" ।
ବାନ୍ଧିଲି ମୋ ମୁକୁଳା କବରୀ
ଦୁଃଶାର ଶୋଣିତେ
ଦୁର୍ଯ୍ୟୋଧନ ଜାନୁଭଗ୍ନ ହେଲା
ସହସ୍ର ଗଜବାଜି, ନିରୀହ ସୈନ୍ୟ-ଶୋଣିତେ ଆର୍ଦ୍ର ହେଲା ମାଟି
ପୁତ୍ରହରା ମାତା, ବିଧବା ପତ୍ନୀଙ୍କ ଆ ଫଟା କ୍ରନ୍ଦନରେ
ଭୂମି ଭୂମା ନିସ୍ପନ୍ଦ ହୋଇଲେ ।

ସବୁ ତ ଜଳିଲା; ଧୂମମୟ ପୋଡାଭୂଇଁ ପରେ
ଏବେ ଆର୍ଯ୍ୟାବ ର୍ତ୍ତ ।
କେ କ'ଣ ପାଇଲା !
ସହସ୍ର ବରଷ ପରେ ଏ ମାଟିର ଧୂଳି ପଟଳରୁ
ଏବେ ବି ରକ୍ତର ରଙ୍ଗ ଛାଡିନାହିଁ ।

ଏବେ ବି ତ ଅଛି
ନାକପାଇଁ ପୋଡା ମଡା ଗନ୍ଧ ଆଉ
ଆଖି ପାଇଁ ଖାଲି ରକ୍ତ ବୋଳା ପୋଡାମାଟି ।
ତଥାପି ମଣିଷ ଏବେ
ଯୁଦ୍ଧଂଦେହି ଯୁଦ୍ଧଂଦେହି
ଆହ୍ୱାନରେ ଅନ୍ତରୀକ୍ଷ ଫଟାଇ ଗର୍ଜୁଛି ।
ନୁହେଁ ଯୁଦ୍ଧ ନୁହେଁ ଆଉ-
ଆଉ ଯୁଦ୍ଧ ନୁହେଁ ।

ସଭାପତି
ଉତ୍କଳ ଗୀତିକବି ସମାଜ, ରାଉରକେଲା
ମୋ-୯୮୬୧୩୧୧୨୧୩
ଘର ନଂ-ଜେ.ଇ-୧୬୧, ଜଗଦା
ରାଉରକେଲା

# ବାପା

କୁଞ୍ଜବିହାରୀ ରାଉତ



ବିଶ୍ୱାସର ଛାତଟିଏ
ଧୈର୍ଯ୍ୟର ବନ୍ଧଟିଏ
ନୀଳ ଦିଗ୍‌ବଳୟର ଆଶାର କିରଣଟିଏ
ଘରର ମଝି ଖୁ ଟିଏ
ଦିକ୍ ଦିକ୍ ଜଳି ଆଲୁଅ ଦେଉଥିବା ଦୀପଟିଏ
ସାହସର ପ୍ରତୀକଟିଏ ........
ବାପା, ଆଶାର ଆଲୋକଟିଏ
ନିର୍ଭୟର ସାଥୀ ଟିଏ
ଅଭାବ ଅସୁବିଧାର ବନ୍ଧୁଟିଏ
ଜୀବନ ଜୀଇଁବାର କଳାଟିଏ
ଅମଡା ବାଟରୁ ଫେରାଇ ଆଣୁଥିବା
ବନ୍ଧୁଟିଏ ............

ବାପା, ସବୁ ଚରିତ୍ରର ନିଖୁଣ ଚରିତ୍ରଟିଏ
ଜୀବନକୁ ଆଙ୍କିପାରୁଥିବା ଚିତ୍ରକରଟିଏ
ମନରେ ରେଖାପାତ କରୁଥିବା ମୂ ର୍ଟିଏ
ଅଭିଜ୍ଞତାର ଚଳନ୍ତି ମହାଦ୍ରୁମଟିଏ
ଜୀବନ ସଂଘର୍ଷରୁ ଉତୁରିଥିବା ବ୍ୟକ୍ତିଟିଏ
ଅଛିଣ୍ଡା ଗଣିତର ସରଳ ସୂତ୍ରଟିଏ
ବାପା, ଆତ୍ମବିଶ୍ୱାସର ପ୍ରତିଛବିଟିଏ
ଭବିଷ୍ୟତକୁ ଦିଗଦର୍ଶନ ଦେଉଥିବା ବ୍ୟକ୍ତିଟିଏ
ସଫଳ ଓ କ ର୍ବ୍ୟବୋଧର ପ୍ରତୀକଟିଏ
ସମୟକୁ ପରଖୁଥିବା ମଣିଷଟିଏ
ଆଶା ଓ ଆକାଂକ୍ଷାର ମୂ ର୍ଟିଏ
ସେ ମୋ ବାପା, ତାଙ୍କ ପରି ପୁଣି ଆଉକିଏ ??

ରାଉରକେଲା
ମୋ-୯୦୯୦୦୯୦୨୨୫

# ଭିନ୍ନ ଏକ ଶ୍ରାଦ୍ଧ

ସୌଭାଗ୍ୟ ସାହୁ



ଚିରା ଫଟା ଲୁଗା ଦେହ ଥରୁଥିଲା
କାନ୍ଦୁଥିଲେ ଜଣେ ବୃଦ୍ଧ...
ବାଇଶି ପାହାଚେ ନିଜ ପାଇଁ ନିଜେ
କରୁଥିଲେ ସିଏ ଶ୍ରାଦ୍ଧ...
ଚିରା ଗଣ୍ଠିଲିରୁ କିଛି ଟଙ୍କା ନେଇ
ବ୍ରାହ୍ମଣଙ୍କୁ ଦେଲେ ଦାନ...
ଆର ପାରେଥିବା ପତ୍ନୀକୁ କହିଲେ
ଦେଖମୋର ଏହିଦିନ...
ନିଜ ସମ୍ପ ିକୁ ଚାରିପୁଅଙ୍କୁ ମୁଁ
ସମାନରେ ଦେଲି ବା ି...
ଚାରି କାନ୍ଧ ମୋତେ ଦେବା ଦୂରକଥା
ଏବେଠୁ କାଟନ୍ତି ତ ି...
ବ ଥାଇ ଯିଏ ଆହାର ନଦିଏ
ଶ୍ରାଦ୍ଧତ ସାତ ସପନ...
ନିଜେ ଶ୍ରାଦ୍ଧ ଦେଇ ତୁମ ପାଖେଯାଏ
ରଖିଥିବ ଟିକେ ସ୍ଥାନ...

ମୋ-୮୨୪୯୮୦୧୦୦୮

# କଳ୍ପତରୁ

ବେବିନା ଜେନା



କାହିଁ କେତେ କାଳରୁ ମୁଣ୍ଡ ଟେକି ଠିଆ ହୋଇଛି
ନା ଝଡବରଷା, ନା ଖରା ତାତି, ନା ଶୀତର କୋହଲା ହାଉଆ
ସବୁକୁ ବୁକୁ ଭିତରେ ଚାପିରଖି,
ନିରାଡମ୍ବର, ନିରାକାର, ନିଃସ୍ୱ,
ସଖାଲୁ ଉଠି ପତ୍ରରେ କିଛି ପଡିଲେ ଖାଏ, ନହେଲେ
ସେମିତି ଚାଲିଯାଏ
କର୍ମରେ ଅବିରତ ନିମଗ୍ନ
ଲକ୍ଷ୍ୟ ତାର "ଗିରିଶିଖେ ଲୟ ରଖି ଚାଲିବି ମୁକର" ର ଅନୁପଥଗାମୀ,
ଯିଏ ଯାହା ଯେଉଁ ସମୟରେ ପସରା ଦେଖାଏ
ଅଜାଡି ଦିଏ ସର୍ବସ୍ୱ,

ଦୁଃଖ, ଅଶାନ୍ତି ଓ କୁଣ୍ଠାବୋଧର କରପତ୍ର ଯୋଡିଥାଏ,
ବରଂ ଦାନରେ ପୁଣ୍ୟ ଅର୍ଜନ କରେ,
"ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ"ର ବଶବ ୀରେ
ଉଜ୍ଜଳତାର ଚମକ ଖେଳିଯାଏ ଜନନୀ ମୁଖରେ,
ଏ ମାନବିକତାକୁ ଶକ୍ତିଦିଅ ପ୍ରଭୁ,
ଦୀର୍ଘାୟୁକର ତାର ଚଲାପଥ,
ଚିରଶାଶ୍ୱତ କର ତାର କଳ୍ପନା,
ସାର୍ଥକ ହେଉ ତାର ଜାବୁଡି ଧରିଥିବା ମାଟିମାଆ,
ଧନ୍ୟ ପ୍ରକୃତିଦ  ସୂର୍ଯ୍ୟ, ଚନ୍ଦ୍ର ଆତଯାତ,
ମୁଁ ନିଃସ୍ୱ ନିମି  ମାତ୍ର, ତୁମେ ତାର ସର୍ବସ୍ୱ
ଆଜି, କାଲି ଓ ଭବିଷ୍ୟତ ପାଇଁ, "ଜୟ ଜଗନ୍ନାଥ" ।।।

ଏ-୨୯
ଭାରତ ଆପର୍ଟମେ , ରାମପୁରୀ
ଗାଜିଆବାଦ (ଉ.ପ୍ର)-୭୦୧୦୧୦

## ଶ୍ରୀ ଜଗନ୍ନାଥ

ପ୍ରଶାନ୍ତ ଭୂୟାଁ



ତୁ ଜ୍ଞାନ ତୁ ଜ୍ଞେୟ
ତୁ ଗମ୍ୟ ତୁ ଗ୍ରାହ୍ୟ
ତୁ ଦ୍ରଷ୍ଟା ତୁ ଦୃଶ୍ୟ
ତୁ ପ୍ରିୟ ତୁ ପ୍ରାପ୍ୟ
ତୁ ବୁଦ୍ଧ ତୁ ବୋଧ
ତୁ ସିଦ୍ଧି ତୁ ସାଧ
ତୁ ଲୟ ତୁ ଲକ୍ଷ୍ୟ
ତୁ ସଖା ତୁ ସାକ୍ଷ୍ୟ
ତୁ ନାଥ
ଶ୍ରୀଜଗନ୍ନାଥ
***

## ଶ୍ରୀକ୍ଷେତ୍ର

ଏଠି ଭକତ କହଇ ମୁଁ ଜଗାର
ଏଠି ଦଇତା କହଇ ମୁଁ;
ଏଠି ତୁଳସୀ କହଇ ମୁଁ ଜଗାର
ଏଠି ନୈବେଦ୍ୟ କହଇ ମୁଁ;
ଏଠି ମନ୍ଦିର କହଇ ମୁଁ ଜଗାର
ଏଠି ନରେନ୍ଦ୍ର କହଇ ମୁଁ;
ଏଠି ଦାସିଆ କହଇ ମୁଁ ଜଗାର
ଏଠି ମାଲ୍ୟାଣୀ କହଇ ମୁଁ;
ଏଠି ଜୀବନ କହଇ ମୁଁ ଜଗାର
ଏଠି ଜଗତ କହଇ ମୁଁ;
***

## ଭକତ

ଦାରୁଟିଏ ମୋତେ କରିଦେ କାଳିଆ
ରହିଥିବି ତୋର ଦେହରେ ଲାଖି
ମୟୂର ଚୁଳିଆ କଦମ୍ବ ମୂଳିଆ
ଦେଖୁଥିବି ତୋତେ ନିତି ନିରେଖି ।
ଭକତର ଝାଞ୍ଜ ଖୋଳ କରତାଳ
ଦୁଲୁକି ଉଠିବ ବଡଦାଣ୍ଡରେ
ହଜି ଯାଉଥିବି ମଜି ଯାଉଥିବି
ଦେଖି ଶୁଣି ଗାଇ ତୋର ନାମରେ ।
ନବ କଳେବର ହୋଇ ଆସେ ଜଗା
ନେତ ଫରଫର ତୋ ଉଡୁଥାଉ,
ଷାଠିଏ ପଉଟି ଖାଇ ବସିଥା ତୁ
ତୋ ଚରଣ ରେଣୁ ମୁଠାଏ ଥାଉ ।
ନୂଆ ବେଶ ହୋଇ କାଳିଆ ରସିକ
ମଉଛବ କରେ ଭକତ ମେଳେ,
ତୋର ନାମ ଧାୟିଁ ତୋର ଗୀତ ଗାଇ
ମିଶିଯିବି ତୋର ସ୍ୱର୍ଗ ଦୁଆରେ ।
****

ଟରେ ।, କନାଡା

## ଅର୍ଗାନିକ୍ କେମେଷ୍ଟ୍ରି

ମୋନାଲିସା ଚୌଧୁରୀ



ଖୋଜିବସିଲେ ବେଳେ ବେଳେ
ତୁମର ମୋର ସମ୍ପର୍କ
ଅର୍ଗାନିକ୍ କେମେଷ୍ଟ୍ରିର
କାର୍ବନ ଆଟମ୍ ସହ ହାଇଡ୍ରୋଜେନ ଆଟମ୍‌ର

ସମ୍ପର୍କ ଭଳି ଲାଗେତ,
ପୁଣି କେତେବେଳେ ଫିଜିକ୍ସ ପ୍ରୋବ୍ଲେମ୍
ଭଳି ଲାଗେ
ଯାହାର ଉ  ର ବାହାର
କରିପାରେନି ମୁଁ ବେଳେବେଳେ
ଜାଣେନି ମୁଁ
ତୁମର ସେଇ ସମ୍ପର୍କ
ଲୁହାର ଶିକୁଳି ପରି
କି ସୂତାର ଖିଅ ପରି
ବେଳେ ବେଳେ ସମ୍ପର୍କର ଅସ୍ତିତ୍ୱ ଖୋଜୁଖୋଜୁ
ସମ୍ପର୍କର ଅତୁଆ ଜାଲ ଭିତରେ
ଛନ୍ଦି ହୋଇଯାଏ ମୁଁ
ମୁକୁଳିବାକୁ ଚାହିଁଲେ ବି
ମୁକୁଳି ପାରେନା ।

## ବିରୋଧ

ମୁଁ ତ ଯାଉଥିଲି ଠିକ ରାସ୍ତାରେ
ଦେଖାହୋଇଗଲ ରାସ୍ତା ମଝିରେ
ସ୍ମିତ ହାସ୍ୟ ଦେଇ ଚାଲିଯାଉଥିଲି
କାହିଁକି କେଜାଣି ପଛକୁ ଚାହିଁଲି
ଭାରି ଆପଣାର ଲାଗିଲା ମୁହଁଟି ତୁମର
ପଛକୁ ଗୋଟିଏ ପାଦ ଫେରାଇ ଆଣିଲି
ଆଉ ତୁମେ ବି ଆଗକୁ ଗୋଟିଏ ପାଦ ବଢାଇଦେଲ
ହାତରେ ହାତ ଆସିବା ପୂର୍ବରୁ
ଚାହୁଁ ଚାହୁଁ ମାଡିଆସିଲା ବିରୋଧ ର ସ୍ୱରସବୁ
ଆଗକୁ ନା ଯାଇପାରୁଛି
ପଛକୁ ନା ଫେରିପାରୁଛି
ଆଗରେ ତୁମେ
ପଛରେ ନିଜର ଆତ୍ମୀୟ ସ୍ୱଜନ
କରିବି ଯଦି,
କାହାକୁ କରିବି ନିଜର ?

ୟୁନିଓ୍ୱାର୍ଲଡ ଗାର୍ଡେନ ୨
ଡି-୧/୧୯୦୧, ସେକ୍ଟର-୪୭
ଗୁଡଗାଁ, ହରିୟାଣା
ମୋ:୯୯୧୦୦୭୩୨୮୮

# ଦୁଇଟି କବିତା

ବୀଣାପାଣି ଦେବତା



୧

## ଆଉ ଏକ ଖନନ

ଠିକ୍ ସକାଳ ବେଳକୁ ଆମେ
ଏଇ ପାହାଡ ତଳରେ
ହାତରେ କୋଡି, ଶାବଳ ଓ
ଗୋଟେ ଗୋଟେ ଆୟୁଷ୍କାଳ ।
ଆମେ ଖୋଳିବା ଏ ପାହାଡ
ହଜିଯାଇଥିବା ଝରଟି ପାଇଁ ।
ଜାଣିଛୁ ଆମେ
ସୁନା, ରୂପା, ହୀରା, ନୀଳାର ଭଣ୍ଡାର
ଅଛି ଏଇଠି
ଆବିଷ୍କୃତ ହେଇପାରେ ଅସ୍ଥି ଓ କଙ୍କାଳ ।
ଆମେ ସେଇଠି ଅଟକି ଯିବାନି
ଜାରି ରଖିବା ଖନନ
ଗୋଟେ ସ୍ୱର ଅପେକ୍ଷାରେ
ଝର ଫିଟିଲା, ଝର ଫିଟିଲା କହିବ ସେ ସ୍ୱର
ପଥର, ମାଟି, ଅନ୍ଧାର ଫଟାଇ
ଦିନେ ତ ଝର ଫିଟିବ ।

୨

## ମଣିଷ

ତମେ ହାତ ବଢେଇଲ
ସେପଟେ ଶୂନ୍ୟତା
ଆଖି ଖୋଲିଲ
ଖାଲି ଅନ୍ଧାର
ଗନ୍ତବ୍ୟ ଖୋଜିଲ
ଠିକଣାହୀନ ଗୋଟେ ରାସ୍ତା
ତଥାପି ପାଦ ଉଠେଇଲ
ଏଇଥି ପାଇଁ ଯେ
ତୁମେ ମଣିଷ ।

୧, ସତ୍ୟ ଡକ୍ଟର ରୋଡ୍, କୋଲକାତା, ୭୦୦୦୨୩

# ଅବକାଶ

ସନ୍ନ୍ୟାସୀ ନାୟକ



କହିବି କହିବି ବୋଲି
କହି ଦେଲି....
ମୋ ହୃଦୟର
ଦରଦି କବିତା,
ତୁମେ ଶୁଣିବ ଶୁଣିବ ବୋଲି
ଶୁଣିଲ ନାହିଁ,
ଯେତେକ ମୋ
ଗୋପନ ବାରତା । (୧)

ଏଠି ବସନ୍ତ ଯାଉଛି ସରି
କୃଷ୍ଣଚୂଡ଼ା ପଡୁଅଛି ଝଡି,
ଆକାଶଟା କାନ୍ଦିବାରେ ଲାଗିଛି,
ତୁମ ଲାଗି ଗୋଡରେ ମୋ
ପଡିଅଛି ବେଡି । (୨)

ଆଜିକାଲି ଅବେଳାରେ
ଦେଖା ହୋଇଯାଏ,
ମୋ କଥାରେ
ଖିଅ ଛିଡି ଯାଏ,
ଛାତିଟା ଧଡଧଡ
ତୁମ ଲାଜୁଆ ଆଖିରେ
ମୋ ସ୍ଥିତି ଭୁଲିଯାଏ । (୩)

ଜହ୍ନ ସହ
ମନ ଯୋଡି ଯାଏ,
ଚେତନା ମୋ
ହଜି ହଜି ଯାଏ,
ମୁଁ ଜାଣିନି
ତୁମେ ଜଳୁଛ କି ନାହିଁ ?
ମୋ ଜ୍ୱଳନ ଅସହ୍ୟ ହେଉଛି । (୪)

ପାରୁଛ ଯଦି
ହଁ ଭରିଦିଅ,
ଭରା କଳସ ଉଛୁଳି ଉଠିବ,
ବେଦନାର ଉପଶମ ହେବ
ଭଲପାଇବାର ଅବକାଶ ମିଳିଯିବ । (୫)

****

ଚକ୍ଷୁଚିକିତ୍ସା ସହକାରୀ
ମନମୁଣ୍ଡା ଡାକ୍ତରଖାନା
ଜି.- ବୌଦ୍ଧ- ୭୬୨୦୧୬
ଦୂରଭାଷ- ୯୪୩୭୩୫୨୫୬୦
E-mail : nayaksannyasi@gmail.com

# ପ୍ରତୀକ୍ଷା

ପୁଷ୍ପିତା ଜେନା



ରାତ୍ରି ପ୍ରତୀକ୍ଷାରେ ରହେ ସକାଳର
ଅଳସର ରହେ ଚାହିଁ ଆଲୋକର ସମାବେଶ
ପଦ୍ମିନୀ ଚାହିଁ ରହେ ସୂର୍ଯ୍ୟଦେବଙ୍କର ହସହସ ଆଗମନ
କଇଁରାଣୀର ଲାଜୁଆ ଆଖି ଝୁରିହୁଏ ଚନ୍ଦ୍ରମାର ମଧୁଝରା
କିରଣ (୧)

ଗ୍ରୀଷ୍ମର କର୍କଶ ଚାହାଣିରେ ବିମର୍ଷ   ଚାତକିନୀ
ପ୍ରତୀକ୍ଷାରେ ରହେ ଧରା ଶ୍ରାବଣର
ଧରିତ୍ରୀ ରାଣୀ ପୁଲ୍ଲକିତ ହୁଏ ପାଇ ମଧୁର ଶୀତଳ ଜଳର ସ୍ପନ୍ଦନ
ବସନ୍ତର ହରାଭରା  କୁହୁକୁହୁ ଭରା ମନ ମତାଣିଆ ଶିହରଣ
ଶେଷରେ ଚାହିଁ ଚାହିଁ ବିଦାୟ ଦେଇଥାଏ ଲୋମକମ୍ପିତ
ମଲମଲଗା ଶୀତର ପ୍ରକୋପ (୨)

ଦିନ ଚାହିଁ ରହେ ଦିନକୁ ସାତ ଦିନରେ ହୁଏ ସପ୍ତାହ
ଚାରି ସପ୍ତାହର ପ୍ରତୀକ୍ଷାରେ ପୂରଣ ହୋଇଥାଏ ମାସ
ମାସ ଚାହିଁ ରହେ ଋତୁକୁ
ଷଡଋତୁ ସମାପ୍ତିରେ ପୂର୍ଣ୍ଣହୋଇଥାଏ
ଏକ ବର୍ଷ  (୩)

ଠିକ୍ ସେହିପରି ବାଲ୍ୟ ଜୀବନ କୈଶୋରର ପ୍ରତୀକ୍ଷାରେ
ରହେ ଚାହିଁ
ଯୌବନ ପରେ ବୃଦ୍ଧାବସ୍ଥା ଜୀବନରେ ପଦାର୍ପଣ କରେ

ବୃକ୍ଷଟିଏ କଳିକାର ପ୍ରତୀକ୍ଷାରେ ରହେ ଚାହିଁ
ସେହି କଳିକାଟି ଏକ ପ୍ରସ୍ଫୁଟିତ ଫୁଲ ଓ ଫଳରେ
ଏ ସଂସାରକୁ ହରାଭରା ସଜାଇ ବୃକ୍ଷଜଗତର
ବଂଶ ବିସ୍ତାରରେ ଲାଗେ (୪)

ଏଇ ଅଟେ ସଂସାରର ନୀତି ଓ ନିୟମ
ଜୀବନଟା ଖାଲି ଅଟେ ଖାଲି ପ୍ରତୀକ୍ଷା ଓ ପ୍ରତୀକ୍ଷାର ସମାହାର
ପ୍ରତିକ୍ଷା ଅତ୍ୟନ୍ତ ଯନ୍ତ୍ରଣାଦାୟୀ ହେଲେ ବି
ବିଳମ୍ବିତ ପ୍ରତୀକ୍ଷାରୁ ମିଳେ ମିଠାମିଠା ଫଳ (୫)

ଦୁଃଖ ପରେ ସୁଖ ଆସେ ଦିବା ପରେ ନିଶି
ହସ ପରେ କାନ୍ଦ ଆସେ ଜନ୍ମ ମାତ୍ରେ ମୃତ୍ୟୁ
ଜୁଆର ପ୍ରତୀକ୍ଷାରେ ରହେ ଭଙ୍ଗାର
ଅନ୍ଧକାରାଚ୍ଛନ୍ନ ଆମାବାସ୍ୟା ଚାହିଁରହେ
ଆଲୋକିତ ପୂର୍ଣ୍ଣମିର ଚାନ୍ଦ (୬)

ଏ ସଂସାରର ଲୀଳା ହିଁ ବିଚିତ୍ର
କିପରି ବର୍ଣ୍ଣିବି ମୁହିଁ ଏ ଜଗତକୁ ଯାହାର
ସୃଷ୍ଟି ହିଁ ଅନନ୍ତ
କି ସୁନ୍ଦର ! କି ଆନନ୍ଦ ! ଏଇ ଆମ ସୃଷ୍ଟି
ଭାବି ଭାବି ଥଳକୂଳ ନ ପାଏ ଏ ଦୃଷ୍ଟି
  ମାତୃ ଚରଣରେ ଜଣାଏ ବିନମ୍ର ପ୍ରଣତି
  ଏ ଜୀବନର ପ୍ରତୀକ୍ଷାର ନ ହେଉ ସମାପ୍ତି (୭)

******

୪୨୧ ସାଉଥ୍ ଦିଲ୍ଲୀ ଆପାର୍ଟମେ
ପ୍ଲଟ୍ ନଂ – ୮, ସେକ୍ଟର – ୪
ଦ୍ୱାରକା, ନୂଆ ଦିଲ୍ଲୀ - ୧୧୦୦୭୮
ମୋବାଇଲ ନଂ- ୯୮୧୦୦୫୫୪୭୬

# ପାଇକ କବିର ବନ୍ଧୁ

ନିଶିକାନ୍ତ କହଲସିଂହ



ଦୁର୍ବଳ ଯେବେ ଜୀବନେ ହୋଇଛି କଂପିତ ପାଦ ପଛକୁ
ଆସିଛି ଫେରି
ତୁମି କପୋଳ ତୁମି କପାଳ ଜଗାଇ ଦେବାକୁ ଜମା କରିନାହଁ
ଡେରି
  ଉଠିଛି ଦୃପ୍ତ ନୟନକୁ ଫେଇ
  ଶତ ସିଂହର ପରାକ୍ରମ ନେଇ
ତୁମରି ଲୋହିତ ଚୁମ୍ବନ ଏକ ବଜାଇ ଦେଇଛି ବିଦ୍ରୋହୀମାନେ ଭେରୀ ॥

ବାରବାର ତୁମେ ଚେତାଇ ଦେଇଛ କୁରୁ ସଭାତଳେ ପା ାଳୀ ବିବସନ
କାନେକାନେ ମୋର ଶୁଣାଇ କହିଛ ମୁକ୍ତାଦେଈର ନିମବନେ ବିବାସନ
  ଅହଲ୍ୟା ପାଷାଣି ହୃଦ ସ୍ପନ୍ଦନ
  ଅଶୋକ ବନରେ ସୀତା କ୍ରନ୍ଦନ
ଶୁଣିଶୁଣି ମୁଁ ତ ବାଧ୍ୟ କରିଛି କ୍ରାନ୍ତିର ଆଶେ ମାନସକୁ ନିବେଶନ ।

ତୁମେ ଦେଖାଇଛ ମୁଠେ ପାଉଁଶରେ ସ୍ୱର୍ଣ୍ଣ ଲଙ୍କା ବିକୃତ ପ୍ରତିକୃତି
ତୁମେ ଲେଖାଇଛ ସତୀର ଲୁହରେ ଭାସି ଯାଇଥିବା କୌରବ ପ୍ରତିପ
  ପାପ ପଦବୀକୁ କରି ପରାହତ
  ପ୍ରବ ାଇଛ ପ୍ରତିଟି ମୁହୂ
ଲୋହିତ ଲହୁରେ ବେଣୀ ବାନ୍ଧିବାକୁ ଚିରିବାକୁ ହେବ ଦୁଃଶାସନର ଛାତି ॥

ନିନ୍ଦକ ନିଦର ଦମ୍ଭ ନାଶିଛି ତୁମ ଝମଝମ ପଦମଞ୍ଜୀର ତାନ
ସେଦିନୁ ମୋ' ପାନପାତ୍ର ନ ଥାଇ ତଥାପି ହୋଇଛି ମତୁଆଲା ଏଇ ମନ
  ମଞ୍ଜିକାର ଗଭା ମଞ୍ଜରୀମାଳ
  ପରି ଅବଶଟା ଲୋଟିଅଛି ତଳ
ସୁପ୍ତ ଏ ମନ ରଙ୍ଗଶାଳାରେ ଗୁଞ୍ଜରି ଅଛି ସମ୍ଭାବନାର ସ୍ୱନ ॥

ତୁମରି ବାକ୍ୟ ପ୍ରୀତିର ଗୀତି କି ପଦ୍ମତୋଳା ଏ ଜାଣିଲି ନ ଥିଲା ଜଣା
ପାଦ ଖସିଗଲେ ଧକ୍କା ଗୋ ତୁମ ମନ ପାଇଁ ମୋର ମଧୁ ମକରନ୍ଦ ପଣା
  ତୁମ ନିଃଶ୍ୱାସ ନାଗେଶ୍ୱରୀ ସ୍ୱନ
  ଶୁଣି ଚେଇଁଉଠେ ଅବୋଧ ଏ ମନ
ସୁପ୍ତ ମୁଁ ହୁଏ ଜାଗ୍ରତ ଯଥା ବିଷଜ୍ୱାଳା ଢାଳେ ଦୁଣ୍ଡୁଭ ଟେକି ଫଣା ॥

ଇତିହାସ ଖୋଲି ମନେ ପକାଇଛ ସକ୍ରେଟିସ୍‌ର ହଳାହଳ ବିଷପାନ
ଗାଇ ଶୁଣାଇଛ ଯୀଶୁଖ୍ରୀଷ୍ଟର କ୍ରୁଷବିଦ୍ଧର ଦରଦୀ କରୁଣ ଗାନ
ତୁମ ପରଶରେ ହୋଇଛି ନଷ୍ଟ
କାପୁରୁଷତାର ଗଳିତ କୁଷ୍ଠ
କ  କମୟ ଦୁରବଗମ୍ୟ ପଥକୁ କରିଛି ତୃପ୍ତିର ତପୋବନ ॥

ଗାନ୍ଧୀବୁଢାର ମହାପ୍ରୟାଣରେ କଟିଯାଇଥିବା ଶାନ୍ତି କପୋତ ଡେଣା
ଯୋଡିବାକୁ ଯେବେ ଅ  । ଭିଡିଛି ମରିଛି ମୋ'ମନୁ ଆହତ ଚନ୍ଦ୍ରସେଣା
ଶାନ୍ତିଘାତୀର କାଟିବାକୁ ପର
ତୁମକୁ ପ୍ରେରଣା ପାଇ ବାରବାର
ଏ ହାତେ ଅସ୍ତ୍ର ସେହାତେ ଧରିଛି ବା  ିବାହୀ ଏ ଲେଖନୀ ମସୀର ଗିନା ॥

ଘନ ଉଆଁସର ଅନ୍ଧାର ବୁକେ ତୁମେ ସାଜିଅଛ ରାକା ରଜନୀରବିଧୁ
ପୂତିକ ଗନ୍ଧଭରା ଏ ଧରାରେ ତୁମେ ପରଶିଛ ପୂତପଦ୍ମର ମଧୁ
ତୁମେ ଜଳଜଳ ଶକ୍ତିର ଉତ୍ସ
ତୁମେ ଛଳଛଳ କବିତା ଗୁଚ୍ଛ
ସେ ପାଇଁ ଆଜି ବନ୍ଦେ ତୁମକୁ ଛନ୍ଦରେ ଆଗୋ ପାଇକ କବିର ବଧୁ ॥

*****

ଲୋକିପୁର, ଗଡମାଣତୀର, ଖୋର୍ଦ୍ଧା- ୭୫୨୦୬୨
ମୋ- ୯୭୭୬୧୭୯୦୭

# ରଜରେ ହସୁଛି ଗାଆଁ

ଯମେଶ୍ୱର କହଲସିଂହ



ଓଡିଆ ଘରର ଚଳଚ  ଳ ଚଳଣି ସାଥିରେ ଧରି
ବରଷକ ପରେ ହସିହସି ରଜ ଗାଆଁକୁ ଆସିଛି ଫେରି
ରଜ ଚାରିଦିନ କୁଆଁରୀଙ୍କ ମନ-ଆକାଶ ବିଚିତ୍ର ବର୍ଣ୍ଣା
ସଜବାଜ ହୋଇ ମଉଜ କରନ୍ତି ରୂପସୀ ମୀନ ନୟନା ॥

ପହିଲି ରଜରେ ନୀଳପରୀ ପରି ମନରେ ଲାଗିଛି ଡେଣା
ରଜ ସଂକରାନ୍ତି, ଭୂମି ଦହନରେ ଝଲସେ ମନ ଅଗଣା
ରଜ ଶେଷଦିନ ବସୁମତୀ ସ୍ନାନ ପ୍ରକୃତିର ନୂଆବେଶ
ବୟସ ବସନ୍ତେ ରଜ ଭେଟିଦିଏ ମୁରୁକି ମୁରୁକି ହସ ॥

ମନ ଖୋଜୁଥାଏ ରଜ ପୋଡପିଠା ମିଠାମିଠା ଖିଲିପାନ
ଆଖି ଠାର ମାରେ ମନ-ଆକାଶରେ ଲାଜେଇ କୁଆଁରୀ ଜହ୍ନ
ବର୍ଷା ଭିଜା ମାଟି ମହକ ଭିତରେ ଗାଆଁମୁଣ୍ଡ ପଡିଆରେ
ଖେଳ, ନୃତ୍ୟ, ଗୀତ ମନ କରେ ତୃପ୍ତ ସାଂଗ ସାଥୀ ଗହଣରେ ॥

ଫିବର୍ଷପରି ପସରାମେଲାଇ ରଜରେ ହସୁଛି ଗାଆଁ
ମନେ ପଡିଯାଏ ପହିଲି ରଜରେ ତୁମରି ପହିଲି ଛୁଆଁ ॥

ଲୋକିପୁର
ଗଡମାଣତୀର
ଖୋର୍ଦ୍ଧା- ୭୫୨୦୬୨
ମୋ- ୯୯୩୭୪୭୨୧୧୮

# ହୁଅପଛେ ବାରାଙ୍ଗନା

ତ୍ରିଲୋଚନ ଦାସ



ପାନ୍ଥଶାଳାରେ ପାଦ ଦେଉ ଦେଉ
ହୋଇଗଲା ପ୍ରୀତିମଗ୍ନା
ଦେହ ଦେହଳୀରେ ଚମକ ଖେଳିଲା
ବଢିବଢି ଗଲା ତୃଷ୍ଣା ॥ ୦ ॥

ମଧୁପ ଗୁଞ୍ଜନେ ମଧୁଶାଳା ଖୋଲି
ବିତରିଲ କେତେ ମଧୁ
ନୂଆ ପୁରୁଣାରେ କେତେ ମୁହଁ ଭେଟି
ତିଆରିଲ କେତେ ବଂଧୁ
ପ୍ରୀତି ପାର୍ବଣରେ ହଜିଗଲ ନିଜେ
ଛୁଟେ ପାରିଜାତ ବାସ୍ନା........... ॥ ୧ ॥
ପାନ୍ଥଶାଳାରେ

ପାନ୍ଥଶାଳାର ପଥର ଦେହରେ
ଅନୁପମ ଚିତ୍ରରାଜି
ସେ ଚିତ୍ର ଭଙ୍ଗୀରେ କାମନା ଜୁଇରେ
ଅଭିସାରେ ଗଲ ହଜି
ତଥାପି ଖୋଜେ ମୁଁ ତୁମରି ସାନ୍ନିଧ
ହୁଅପଛେ ବାରାଙ୍ଗନା............ ॥ ୨ ॥
ପାନ୍ଥଶାଳାରେ

ଶ୍ରୀବିହାର, ଖୋର୍ଦ୍ଧା
ପିନ୍- ୭୫୨୦୫୫
ମୋ- ୯୮୫୩୫୩୫୦୯୫

## ବୃକ୍ଷବାଟେ ସେବାମନ୍ତ୍ର ବା ର୍ତ୍ତା

ପଦ୍ମଚରଣ ମଲ୍ଲିକ



ସୃଷ୍ଟିସେବା ସଂକଳରେ
ବୃକ୍ଷ ଯେଉଁ ବା ର୍ତ୍ତା ବାଟେ
ପଶୁପକ୍ଷୀ ମଣିଷଙ୍କୁ
ନୀରବରେଅଶ୍ରୁତସ୍ୱରରେ ।

ପ୍ରୀତି ପ୍ରତ୍ୟୟ ଉତୁରା
ଚି ଛୁଆଁ ବ୍ରହ୍ମବେ ।
ସେ ଅଶ୍ରୁତ ଶ୍ରୁତିସ୍ୱର
ଉ ଳିତ ହୁଏ ନିଃଶବ୍ଦରେ ॥

ସ୍ଥିର ଅବିଚଳ ରହି
ଯେ କାନ ଡେରି ପାରିବ
ସେ ଶୁଣି ପାରିବ ସେହି
ଆସ୍ୱାଦିତ ମୁକ୍ତି ମନ୍ତ୍ରଟିକୁ ।

ସେବା ସହଯୋଗ ସୁଧା
ସୌଜନ୍ୟ ପରଶା ସୁଖ
ବିତରଣେ ହଜିଯିବ
ପରାନନ୍ଦେ ପୂରିଯିବ ବୁକୁ ॥

ଦରଦୀ ଉଦାର ହୋଇ
ଦେଖିବେ ସେ ବୃକ୍ଷ ଶୋଭା
ଶୁଣିବ ତା ମନ୍ତ୍ରବା ର୍ତ୍ତା
ଆହ୍ଲାଦୀ ଉଛୁଳା ନିବେଦନ ।

ଜଂଜାଳ ଯଜ୍ଞେ ଆହୁତି
ଦେଇ ସେ ମନ୍ତ୍ର ସ୍ମରଣେ
ଲଭିବ ପରମ ତୃପ୍ତି
ସୃଷ୍ଟି ସୁଧା ଦୁର୍ଲଭ ଜୀବନ ॥

କୈବଲ୍ୟ ମାଗୁଣୀ ତୀର୍ଥ, ଦୈତାରୀପୁର,
ପୋ-ପଦନୀପାଳ, ଜି-କେନ୍ଦ୍ରାପଡା- ୭୫୪୨୩୯
ମୋ-୯୪୩୭୪୬୨୧୧୭

## 'ଚିତ୍ର ଲେଖା'

ରତ୍ନପ୍ରଭା ବାଇ



-ଜୀବନ ଯେବେଠୁ ବଇରାଗୀ ହେଲା ସବୁ ତ ହୋଇଛି ମନା
ଚିତ୍ରଲେଖା' ନାମେ ଚିଠି ଲେଖି ମତେ କର କାହିଁ
ଆନମନା ।
ଅନୁରାଗ ରଙ୍ଗେ ରଚାଇ ଏମିତି ଲେଖିଚ ହୃଦୟ ଖୋଲି
ତମେ ତ ମୋ' ପାଇଁ ଫଗୁଣର ଫୁଲ ଚଇତର ଚନ୍ଦ୍ରମଲ୍ଲୀ ।

ବୟସର ବାସ ରୂପର ରୋଷଣୀ ନ ଥିଲେ ତ ନାହିଁ ଦୁଃଖ
ତମେ ତ ମୋ' ପାଇଁ ଭଗ୍ନ କୋଣାର୍କ ର କମନୀୟ ଶିଳାଲେଖ ।
ପ୍ରାଣସ୍ପର୍ଶୀ ତୁମ ପ୍ରତିଟି ଶବ୍ଦରେ ପ୍ରୀତିର ପ୍ରଲେପ ବୋଳି
ପ୍ରୟାସ କରିଛ ମନରେ ପରାସ ସବୁ ପୋଛି ଦେବ ବୋଲି ।

ତମେ ତ ଜାଣିଛ ଦେଖିଛ ବି କେତେ ଅସହାୟ ମୋ' ଅତୀତ
ସମୟ ସାଥିରେ ବଦଳି ଯାଇଛି ଜୀବନର ମାନଚିତ୍ର ।
ସ୍ୱପ୍ନର ସହର ସାରା ତ, ଅନ୍ଧାର ବାସ୍ତବତା ବହୁଦୂର
ସମୟ ସନ୍ଧିରୁ ଶୁଣି ପାରିଥିବ ଜୀବନର ଅନ୍ତଃସ୍ୱର ।

ସୁଖର ସଜ୍ଜାର ସରିଛି ହୃଦୟେ ବାନ୍ଧିଛି ଦୁଃଖର ଦାନା
ବୁଝିପାରି ତମେ ବୁହାଇ ଦେଇଛ ଶୀତଳ ପ୍ରେମର ବନ୍ୟା ॥

## 'ଶେଷ ବସନ୍ତର ଚିଠି'

କୁହୁ କୁହୁ ଡାକି କୋଇଲି ଦେଇଛି ଶେଷ ବସନ୍ତର ଚିଠି
ସେଇ ଚିଠି ପଢି ତମ କଥା ମନେ ପଡେ ଗୋଟି ଗୋଟି ।
ସେ ଦିନ ସଞ୍ଜରେ ତାରାଫୁଲ ମେଳେ ହସୁଥିଲା ରୂପା ଜହ୍ନ
ପହଲି ଦେଖାରେ କଥାରେ କଥାରେ କିଶି ନେଇଗଲ ମନା

ଚିଠିରେ ଚିତ୍ରିତ କେତେ ଅସହଣି ବିରହର ବର୍ଷା ମାଳା
ଶବ୍ଦର କୋମଳ ପରଶେ ବିଭୋର ମିଳନର ମଧୁଶାଳା ।
ଭଲ ପାଇବାର ଭାଷାରେ ସୁନ୍ଦର ଶବ୍ଦରପରିପାଟୀ
ଅଭୁଲା ପ୍ରେମର ପ୍ରତିଟି ପୃଷ୍ଠାରେ ମଗ୍ନ ମନର ମାଟି ।

ଜାଣେନା କାହିଁକି ଆନମନା ହୋଇ ଏମିତି ଯାଇଛି ହଜି
ତୁମରି ଭାବନା ଭିତରେ ନିଜକୁ ପାଇଛି ମୁଁ, ଖୋଜି ଖୋଜି।
ତମେ କି ହଜିଛ ଓପନ ସହରେ ନିଜକୁ ଭୁଲିଛ କେବେ
ମନ କଥା ଯେତେ ମୋ' ହୃଦୟ କାନ୍ଥେ ଲେଖି ଦେଇଛ ନିରବେ ।

ସ୍ନେହର ସଂଳାପ ଜୀବନ ବୀଣାର ତାରେ ସାତ ସୁରେ ଛନ୍ଦି
ସବୁଦିନ ପାଇଁ ଶବ୍ଦ ଶିକୁଳିରେ ସହଜେ ପାରିଛ ବାନ୍ଧି ॥

ବଉଳ ଛକ, ତାଳଚେର ଟାଉନ୍, ଅନଗୁଳ
- ୭୦୭୭୯୭୬୯୯୬
- ୯୩୩୭୯୭୨୭୪୯.

# ତିନୋଟି ଶାବକ

ଅଭିରାମ ରାଉତରାୟ



ଶାବକ ତିନିଙ୍କୁ ଅଧାର ଖୁଆଇ
ମାତା ପିତା କଲେ ବଡ
କୋମଳ ଅଙ୍ଗରେ ଡେଣା ସଂଚରିଲା
ଡେଇଁ ଡାଇଁ ଥରହର।

ଶାନ୍ତ ପରିବେଶ ନିରାପଦ ବସା
ମାଆ ଚ ୁର ଆହାର
ଖାଇ ଖାଇ ପୁଷ୍ଟ ହୋଇଲେ ଶାବକ
ସର୍ବଦା ତୀକ୍ଷ୍ଣ ନଜର ।

ଗୋଟିଏ ବସାରେ କୋଳାହଳ କରି
ମଉଜେ କାଟିଲେ ଦିନ
ବୃକ୍ଷରୁ ବୃକ୍ଷକୁ ଉଡୟନ କାଳେ
ଉଲ୍ଲସିତ ଶିଶୁମନ ।

ଉଚ୍ଚତରୁ ଡାଳେ ବସିଣ ଶାବକ
ଦେଖିଲେ ଦୂର ବଳୟ
ନିଜର ଆହାର ନିଜେ ଅରଜିଲେ
ତୁଟିଗଲା ମନୁ ଭୟ ।

ମମତାର ଡୋରି ଛିଣ୍ଡାଇଣ ଦିନେ
ନିର୍ଭୟେ ଗଲେ ଉଡ଼ି
ସୂରୁଯ ବୁଡ଼ିଲେ ଅନ୍ଧାର ହୋଇଲା
ନଆସିଲେ ଶାବକ ଫେରି ।

ବିଦେଶ ମୁଲକ ଅଜଣା ବନାନୀ
କ କିତ ତରୁମାଳ
ଭାବି ପିତାମାତା ରୋଦନ କରିଲେ
ଶୁଖିଗଲା ଅଶ୍ରୁଜଳ ।

ଦୂର ବନେ ଯାଇ ନୂଆ ନୀଡ ରଚି
ସାଥୀ ଜଣେ ଜଣେ ଧରି
ପଡ଼ି ମାୟା ଜାଲେ ବନ୍ଧନ ମଧ୍ୟରୁ
ପାରିଲେନି ଅପସରି ।

ନବୀନ ବନ୍ଧନ ନୂତନ ସଂସାର
ଉଚ୍ଚମନ ଉଚ୍ଚଚିନ୍ତା
ସମୟ ସ୍ରୋତରେ ଭାସିଗଲେ ସର୍ବେ
ମନେଦେଇ ଦୁଃଖବ୍ୟଥା ।

ଏବେ ବାହୁନନ୍ତି ଜନକ ଜନନୀ
ଦୂର ଦିଗନ୍ତକୁ ଚାହିଁ
ମନ ବୁଝେ ନାହିଁ ଦିନ ସରେ ନାହିଁ
ଫେରନ୍ତା ପଥକୁ ଚାହିଁ।

ସି-୨୩୬, କୋଏଲ ନଗର
ରାଉରକେଲା -୧୪,
ଦୂରଭାଷ- (ମୋ) ୯୪୩୭୩୯୭୬୬୭

# ବର୍ଷା

ସୁଚରିତା ମହାନ୍ତି



ଘର ମଥାନରୁ
ଝରଣା ପରି ଝରି ଯାଇ
ଭୁଷ୍  କରି ଲିଭେଇ ଦେଇଗଲା
ଦୁକୁ ଦୁକୁ ଜଳୁଥିବା ମାଟି ଚୁଲିଟାକୁ
ଓଦା ସରସର ଘଷି
କିଛି ନଡା ସାଉଁଟା ଖଣ୍ଡି କାଠ

କାହିଁ  କିଛିତ ବୁଝିଲା ନାହିଁ
ଭୋକିଲାର ପେଟ ଚାଖଣ୍ଡକ କଥା..

ଚାଳିଆ ଖଣ୍ଡକୁ ବି
ମଦ୍ଦପରି ଘୋଷାଡି ନେଇଗଲା
ନିମିଷକେ
ସବୁତକ ଯନ୍ତ୍ରଣାକୁ
ଲଦି ଦେଇ ଗଲା
ଏଇ ଦରମଲା
ଛାତି କୋରଡରେ....

ବର୍ଷା ସେ କାହାପାଇଁ
ଭରା ଯଉବନ...
ଆଉ କାହାପାଇଁ
ଉଜୁଡା ସପନ .....।।

ସଂପାଦକ, "ଭଞ୍ଜଦୀପ"
ମାହାଙ୍ଗା, କଟକ
ମୋ-୯୪୩୯୦୯୩୮୩୭

## Our sincere thanks to our Sponsors

Ajay Panigrahi
Animesh Roul
Arabinda Pattnaik
Ashwani Samantray
Babuli Nayak
Bimal Prasad Samal
D. Mohapatra
Dinesh Goel
Dinesh Sahoo
Dr. Sananta Sahoo
Jitendra Sahoo
Litu Ch. Swain
Pradeep Rout
Pradeep Sahu
Pradeepta Bhuyan
Prakash Prusty
Prasanta Das
R. K. Associates & Hoteliers Pvt Ltd
Rajinder Mohanty
Santosh Biswal
Surajit Pattnaik
Surinder Kumar

# PROTSAHAN



Name : Mst. SHUBHAM DAS

School : S. M. ARYA PUBLIC SCHOOL
Secured CBSE 96% Marks in 10th Board Examination (CBSE) (School Topper & Secured 100% in Maths)

Parents Name : Mr. Prasanta Kr. Das (Father)
Mrs. Lipti Bala Das (Mother)


Mst. Saksham Mohanty, son of Mrs. Sasmita and Mr. Ajay Mohanty, a student of class IX won a GOLD medal at the "Sapta Shakti" Horse show, which was held at Jaipur in July 2019. With the win, Saksham also qualified in the REL for the Junior National Equestrian Championship (JNEC) to be held in December 2019.

Saksham has won several trophies and medals in DHS (a prestigious Equestrian Championship for Indian and overseas participants) hosted by the Indian Army, AGL Horse Show, JNEC and Chinkara Horse Show. He is trained by Capt Sunil Singh in the AEC, Delhi Cantt.

A passionate rider (Equestrian) and an avid drummer (3rd grade from Trinity School of London), Saksham, is a student of the Indraprastha International School.






भारत के समृद्ध भविष्य के लिए
हरित ऊर्जान्वयन
पीएफसी – नवीकरणीय ऊर्जा के सशक्त विकास को प्रतिबद्ध
जलवायु परिवर्तन पर इसकी राष्ट्रीय कार्य योजना के अनुरूप, भारत सरकार ने नवीकरणीय ऊर्जा विकास को प्राथमिक रूप से प्रोत्साहित किया है। पीएफसी नवीकरणीय ऊर्जा परियोजनाओं के विकास हेतु अगले पाँच वर्षों के लिए विशेष ब्याज दर पर ₹15,000 करोड़ की वित्तीय सहायता उपलब्ध कराने के लिए वचनबद्ध है। क्योंकि हर हाल में एक स्वच्छ और हरित भविष्य की रचना ही पीएफसी का ध्येय है।
पावर फाइनेंस कॉर्पोरेशन लिमिटेड
(एक नवरत्न पीएसयू)
पंजीकृत कार्यालय: "ऊर्जानिधि", 1, बाराखम्बा लेन, कनॉट प्लेस, नई दिल्ली–110001
फोन: 011-2345 6000; फैक्स: 2341 2545; वेबसाइट: www.pfcindia.com
पीएफसी–54 ईसी कैपिटल गेन टैक्स छूट बांड जारी करने के लिए एक पात्र कंपनी
/pfcindia पर हमें फॉलो करें
rsaa

*With Best Compliments from :*

SASTI TICKET

PEARL

**Pearl International Tours and Travels Limited**

901-904 Rohit House, 03 Tolstoy Marg, New Delhi-110001
Ph. : 011-234402100 Tol Free : 180030 006170 Fax : 011-23344109

IATA · Ministry of Tourism Govt. of India · PATA Pacific Asia Travel Association · ASTA · ADTOI Association of Domestic Tour Operators of India · TAAI · IATO Indian Association of Tour Operators

*With*
*Best*
*Compliments*
*From:*

# NFL

**Farmers' Friend... Nation's Pride**



At National Fertilizers Limited, we seek the rewards of our leadership in the smiles of our prospering farmers. Something we accomplish by constantly serving them with quality fertilizers. Our rising turnover and expanding product line is inspired by our vision to see that every farmer is prospering. After all, progress of farmers is the key to Nation's prosperity.

The largest Urea manufacturer amongst Public Sector enterprises.
Brand 'Kisan' a household name in farming community.
5 Gas based fertilizer plants at Nangal, Panipat, Bathinda and Vijaipur.
Agri-based business including trading of seeds, pesticides, Bentonite Sulphur etc.
Committed to serve the society through its dedicated CSR efforts for rural and underprivileged sections.



**NATIONAL FERTILIZERS LIMITED**
(A Govt. of India Undertaking)
**Corporate Office:** A- 11, Sector -24, Noida -201301 (UP)
**Website:** www.nationalfertilizers.com

***With best compliments from:***

# LOTUS HOLIDAYS®

**Lotus Trans Travels Pvt. Ltd.**

RECOGNISED BY GOVERNMENT OF INDIA
TOUR OPERATORS
SINCE 1983
IATA

**011-25718125, 25735073**
**holidays@lotustranstravels.com**
**8130879793, 9560404645**
**www.lotustranstravels.com**

# ଭଲ କଲେ ମନ୍ଦ

ଭିକାରୀ ରଥ



ସନ୍ତୁଆ ଓରଫ୍ ସନ୍ତୋଷ ତିନିଥରର ଅନଥନ କୁନ୍ଥାଣ ପରେ ଯୁକ୍ତ ତିନି ପରୀକ୍ଷା ପାସ୍ କରାଗଲା । ଚାକିରୀ ପାଇଁ ଚାରିବର୍ଷ ଚପଲ ଘୋରିବା ପରେ ବେକାର ଜୀବନକୁ ଜଳାଞ୍ଜଳି ଦେବା ପାଇଁ ପା ଥର ବିଜୁଳି ଖୁ ରେ ଚଢ଼ିଲା ଓ ତାରକୁ ଛୁଇଁବା ପୂର୍ବରୁ, ଗଛଚଢ଼ା ଜାଣି ନ ଥିବାରୁ ତଳେ ଗଳିପଡି ଆହତ ହେଲା । ଅବଶେଷରେ ଷଷ୍ଠ ଶ୍ରେଣୀରୁ ପଢ଼ାଛାଡି ଗଞ୍ଜେଇ ବେପାର କରୁଥିବା ତାର ଏକଦା ସହପାଠୀ ତାକୁ ସଫଳ ବେପାର କରି ବଡ ଲୋକ ହେବାର ମନ୍ତ୍ର ତା' କାନରେ କହିଦେଲା ।

ତା'ର ପରିଚୟ ହେଲା, ସାତଥର ବାହାହୋଇ ପତି ଛାଡିଥିବା ଗୁମୁରୀ ସହିତ । ସବୁଥର ଗୁମୁରୀ ବାହାହୁଏ ଏବଂ କିଛି ମାଲ୍‌ପାଣି ହାତ ଚଢ଼ିଗଲା ପରେ ପତିକୁ ଛାଡି ପଳାଇ ଆସେ ।

ଦୁହିଁଙ୍କର ମନ ଓ ଯୋଜନା ମିଳିଗଲା ପରେ ଖୋଲାଗଲା ପରିବାର ସଂସ୍ଥାନ କେନ୍ଦ୍ର । ସହର ବଜାରରେ ଘର ଭଡା ଦିଅନ୍ତି । ମାତ୍ର, ଅନେକ ଯାଗାରେ ଗୋଟିଏ ସ ୍-ଅବିବାହିତ ଯୁବକମାନଙ୍କୁ ଭଡା ଦିଆଯାଏ ନାହିଁ । ସେମାନେ ପୁଣି କୋଉଠି ରହିବେ ? କୁଆଡେ ଯିବେ ? ଭଡାଘର ପାଇଁ ତୁରନ୍ତ ବାହା ହୋଇ ପଡିବା ସମ୍ଭାବନା ଅତି କମ୍ ।

ସନ୍ତୁଆ ଏ ଭଳି ପରିସ୍ଥିତିରେ କାମରେ ଆସେ । ଗୁମୁରୀକୁ ପତ୍ନୀ ସଜାଇ ଆଶାୟୀ ଭଡାଟିଆ ସହିତ ପଠାଏ । ଦୁହେଁ ସ୍ୱାମୀ-ସ୍ତ୍ରୀ ସାଜି ଘରଭଡା ନିଅନ୍ତି । ଏକ ଦୁଇ ସପ୍ତାହ ରହିବା ପରେ ଗୁମୁରୀ ବାପଘର ଯିବା ବାହାନାରେ ଭଡା ଘରୁ ବାହାରି ଆସେ । ଅନେକ ଦିନ ଅନୁପସ୍ଥିତ ରହିବା ପରେ ଘରବାଲା ଯଦି ଯୁବକକୁ ତାହାର ପତ୍ନୀ ବିଷୟରେ ପଚାରେ, ଉ ର ମିଳେ-ପିଲାଛୁଆ ହେବାର ଅଛି । ଡେଲିଭରି ପରେ ଆସିବ ।

ଆହୁରି ଅଧିକ ହେଲେ କୈଫୟତ୍, ଛୋଟ ପିଲା ଟିକେ ବଡ ହୋଇଗଲେ, ଆସିବ । ଚକେ ଗଲେ ବାର ହାତ ।

କିନ୍ତୁ, ଦିନେ ଗୋଟିଏ ଘଟଣାରେ ଷଣ୍ଢ ପଶିଗଲା । ହଠାତ୍ ଟୋକାର ବାପା-ମାଆ ପୁଅ ପାଖକୁ ବୁଲି ଆସିଲେ । ଘର ମାଲିକ ଦ୍ୱାର ମୁହଁରେ ଦେଖା ହେଲେ । ପରିଚୟ ଆଦାନ ପ୍ରଦାନ ପରେ ଘର ମାଲିକ ପଚାରିଲେ "ଆପଣଙ୍କର ବୋହୂର ପିଲାପିଲି ହେବାର ଥିଲା । ଆପଣ ଏକା ଆସିଲେ, ବୋହୂର ଦେଖାଚାହାଁ କିଏ କରୁଛି ?"

ସନ୍ତୁଆ ବାପା ଆକାଶରୁ ଗଳି ପଡିଲେ । କହିଲେ, "ପୁଅର ତ ମୋଟେ ବାହାଘର ହୋଇନି, ପିଲା କୁଆଡୁ ହେବ ?"

ଘର ମାଲିକ୍- ଏଇଠିତ ଆପଣଙ୍କ ପୁଅବୋହୂ ଏକାଠି ରହୁଥିଲେ...... ! ?

ଏଥର ନାଟ ଦେଖ । ଯୁବକଙ୍କୁ ଡବଲ ଶୋଧା ପ୍ରାପ୍ତି ହେଲା । ପରିବାର ସଂସ୍ଥାନ କେନ୍ଦ୍ରର ସ ୍ଅନୁସାରେ ଅସ୍ଥାୟୀ ପତ୍ନୀଙ୍କୁ ସରାଗର ସହିତ ରଖିବାକୁ ହେବ । ପ୍ରତିମାସ ରଖିବା ପାଇଁ ସଂସ୍ଥାକୁ ପା ହଜାର ଦେବାକୁ ପଡିବ । ଅସ୍ଥାୟୀ ପତ୍ନୀ ଅନ୍ତଃସ ୍। ହେଲେ ବା ତା'ପ୍ରତି ଅତ୍ୟାଚାର କଲେ ଦଶହଜାର ଜୋରିମାନା ଦେବାକୁ ହେବ ।

ଏ ସବୁ ସ ୍ ଗୋଟିଏ ଭଡାଟିଆର "ପତ୍ନୀ" କୁଆଡେ ଅନ୍ତଃସ ୍। ହୋଇଗଲା । ପରୀଶ୍ରା ପରୀକ୍ଷା ପାଇଁ ସେ କୌଶଳ କରି ନିଜର ବିବାହିତା ବଡଭଉଣୀର ପରିଶ୍ରା ବୋତଲରେ ପୂରାଇ ଧରାଇଦେଲା । ପ୍ରମାଣ ନ ଦେଖି କୋଉ ଲୋକ ଜୋରିମାନା ଦେବ ? ଅଗତ୍ୟା ଯୁବକ ଜଣଙ୍କ ଅତ୍ୟଧିକ ଶ୍ରଦ୍ଧା କରିବାର ପରିଣାମ ସ୍ୱରୂପ ଦଶ ହଜାର ତଣ୍ଡ ଦେଲା । ଝିଅଟା ସୁନ୍ଦରୀ ଥିଲା । ଟୋକାଟା ଭାବିଥିଲା, ସମ୍ପର୍କକୁ ଶେଷ ଆଡକୁ ଟାଣିନେଲେ ଅସ୍ଥାୟୀ ପତ୍ନୀକୁ ସ୍ଥାୟୀ କରିଦେବ ଓ ସଂସ୍ଥାକୁ ପଇସା ଗଣିବାକୁ ପଡିବ ନାହିଁ । କିନ୍ତୁ, ଫଳ ହେଲା ଓଲଟା ।

ଆଉ ଗୋଟାଏ ଟୋକାର "ସ୍ତ୍ରୀ" ସନ୍ତାନ ପାଇଁ ଗାଆଁକୁ ଯାଇଥିଲା । ଘର ମାଲିକ ଦିନେ ଦେଖିଲେ, ସେ "ସ୍ତ୍ରୀ" ଆଉଜଣେ ଟୋକା ସାଙ୍ଗରେ ଲୁଗା ଦୋକାନରେ ପଶି ଶାଢୀ କିଣୁଛି ଓ ଉଦର ବୃଦ୍ଧିର ଏତେଟିକେ ଲକ୍ଷଣ ନାହିଁ । ଆଉଥରେ ପ୍ରେକ୍ଷାଳୟରେ ମଧ୍ୟ ସେ ଦୁହିଁଙ୍କୁ ଏକାଠି ବସି ସିନେମା ଦେଖୁଥିବାର ଦେଖି ଦେଲେ । ତା' ପରକଥା ନ କହିଲେ ଭଲ ।

ଆଉ ଗୋଟାଏ ମାମଲାରେ ବ୍ଲାକ୍‌ମେଲ ପଇସା ପଇଠ କରି ନ ପାରିବାରୁ ଧର୍ଷଣ ଅପରାଧରେ ପୋଲିସ ଜଣେ ଭଡାଟିଆ ଯୁବକକୁ ସର୍ବ ସମ୍ମୁଖରେ ଗିରଫ କରି ନେଲା । ପରିବାର ସଂସ୍ଥାପନ କେନ୍ଦ୍ରର ରହସ୍ୟ ଖବର କାଗଜରେ ବାହାରି ପଡିଲା ଓ ଅସ୍ଥାୟୀ ପତ୍ନୀ ଗ୍ରହଣ ପାଇଁ ଆଉ କେହି ଆସିଲେ ନାହିଁ ।

ବୋଲେ ସୁଗ୍ରୀବ ରାମେ କ୍ଲେଶ ଭାଷା, ବେନିଜନେ ପଡିଛି ଏକ ଦଶା । ସନ୍ତୁଆ ଓ ଗୁମୁରୀ ଜାମିନ୍‌ରେ ଫେରିବା ପରେ ବିପଦମୁକ୍ତ ହେବା ପାଇଁ ଅଗତ୍ୟା ପରସ୍ପର ସହ ହାତ ମିଳାଇଲେ ଓ ବାହାବେଦୀ, ହସ୍ତଗଣ୍ଠି ମାଧ୍ୟମରେ ତାହାକୁ ସ୍ୱୀକୃତି ଦେଲେ ।

କିନ୍ତୁ, ସବୁ ମୂଳରେ ପଇସା । ଏକାଠି ରହିବା ପାଇଁ ଏବଂ ମୋକଦ୍ଦମା ଲଢ଼ିବା ପାଇଁ ପଇସା ଦରକାର । ମନକୁ ସ୍ଥିର କରିବା ପାଇଁ ଦିନେ ଦୁହେଁ ପ୍ରବଚନ ଶୁଣିବା ପାଇଁ ଗାଆଁମୁଣ୍ଡ ମହାଦେବ ମନ୍ଦିର ପ୍ରାଙ୍ଗଣକୁ ଗଲେ ।

ପଣ୍ଡିତ କହୁଥିଲେ- ଶିବ ଦର୍ଶନ କରିବାକୁ ଗଲେ ବିବାହିତ ପୁରୁଷଙ୍କ ସହିତ ତାଙ୍କର ସହ ଧର୍ମଣୀ ରହିବା ନିହାତି ଆବଶ୍ୟକ । କଥା ଛଳରେ ବୁଝାଇଲେ, ରାମଚନ୍ଦ୍ର କିପରି ବନବାସ କାଳରେ ଏକାକୀ ଶିବ ଦର୍ଶନ କରିବାକୁ ମନ୍ଦିର ପ୍ରବେଶ ଅବସରରେ ବାହାରେ ବୁଲୁଥିବା ପାର୍ବତୀ ରାମଚନ୍ଦ୍ରଙ୍କୁ ଧର୍ମସଙ୍କଟରୁ ଉଦ୍ଧାର କରିବା ପାଇଁ ସୀତାଙ୍କ ବେଶରେ ତାଙ୍କର ପଛରେ ଯାଇଥିଲେ । ଶିବ ପଛରେ ଆସୁଥିବା ଛଦ୍ମବେଶୀ ସୀତାଙ୍କୁ ଚିହ୍ନିପାରି ତାଙ୍କୁ ମନ୍ଦିର ପ୍ରବେଶ ନିଷିଦ୍ଧ କରିଥିଲେ । ସେହିଦିନଠାରୁ ପାର୍ବତୀ ମନ୍ଦିର ବାହାରେ ରହି ପୂଜା ପାଇଁ ଆସୁଛନ୍ତି ।

ସନ୍ତୁଆକୁ ବଢ଼ିଆ ଆଇଡ଼ିଆ ମିଳିଗଲା । ଶିବ ମନ୍ଦିର ଅଦୂରରେ ଖୋଲିଦେଲା, "ଧର୍ମରକ୍ଷଣ ଅନୁଷ୍ଠାନ" । ତଳେ ଲେଖା ରହିଲା- ଏକାକୀ ଶିବ ଦର୍ଶନ ଶାସ୍ତ୍ର ସମ୍ମତ ନୁହେଁ । ବିପତ୍ନୀକ ବା ଘରେ ପତ୍ନୀ ଛାଡି ଆସିଥିବା ପୁରୁଷମାନଙ୍କ ପାଇଁ ଏଠାରେ ଅସ୍ଥାୟୀ ଭାବେ ପତ୍ନୀ ଯୋଗାଇ ଦିଆଯାଏ ।

ଏକପ୍ରକାର ଭଲ ବେପାର ଚାଲିଲା । ମାତ୍ର, ଦୁଇଶହ ବ୍ୟୟରେ ଧର୍ମରକ୍ଷା ହୋଇପାରୁଥିବାରୁ ଲୋକେ ଖୁସୀ ହେଲେ । "ପତ୍ନୀ" ମୁଣ୍ଡରେ ଖାଲି ସିନ୍ଦୂର ମାରିଦେଲେ ହେଲା । ଏକାଧିକ ପତ୍ନୀ ରଖିବା ଆମ ଆଇନ୍‌ରେ ସିନା ମନା, କୋଉ ଶାସ୍ତ୍ରରେ ମନା ନାହିଁ । ଖୋଦ କୃଷ୍ଣଙ୍କର ତ ପୁଣି ଆଠଟି ସ୍ତ୍ରୀ ଥିଲେ । ଏଭଳି ତାଲିକା ଅନେକ ଲମ୍ବା । ତା'ଛଡା ଘ ।ଏ ଦୁଇଘ ।ରେ କୋଉ ଆଇନ୍ ମନ୍ଦିର ଭିତରେ ପଶି ମାଡି ବସୁଛି ।

ପତିମାନେ ସିନା ପତ୍ନୀଙ୍କୁ ସାଙ୍ଗରେ ନେଇ ଶିବ ଦର୍ଶନ କରିବାକୁ ବାଧ । ପତ୍ନୀମାନେ ପତିଙ୍କୁ ସାଙ୍ଗରେ ନେବା ଅନିବାର୍ଯ୍ୟ ନୁହେଁ । ଜଣେ ମହିଳା ସୋମବାର ମନ୍ଦିରକୁ ଯାଇ ଦେଖିଲେ, ତାଙ୍କ ସ୍ୱାମୀ ଆଉ ଜଣେ ରମଣୀ ସହ ଶିବ ଆରାଧନା

କରୁଛନ୍ତି । ତା'ପରେ ସ୍ୱାମୀଙ୍କ ସପ୍ତପୁରୁଷ ଉଝୁଳା ମନ୍ତ୍ର ପାଠ ପୂର୍ବକୁ ପତ୍ନୀ ମହୋଦୟା ସେଠାରେ ଏଭଳି ତାଣ୍ଡବ ସୃଷ୍ଟି କଲେ ଯେ, ସ୍ୱୟଂ ମହାଦେବ ସେଭଳି ତାଣ୍ଡବ କରିନଥିବେ ।

ଜଣେ ଜଣେ ଠିକା ପତ୍ନୀଙ୍କୁ କିଛି ଅଧିକ ଉତ୍କୋଚ ଦେଇ ମନ୍ଦିର ପରିକ୍ରମା ବାହାନାରେ ପଛପଟ ଜଙ୍ଗଲ ପରିକ୍ରମା କରାଇଲେ । ଏହି ଅବସରରେ କେବେ କେବେ ବେଲପତ୍ର ତୋଳିବାକୁ ଯାଇଥିବା ଭକ୍ତଙ୍କ ହାବୁଡରେ ପଡି ବରପ୍ରାପ୍ତି ବଦଳରେ ପ୍ରହାରପ୍ରାପ୍ତି ହେଲା । ନିଜେ ଗୁମୁରୀ ମଧ ଅନେକ ବାର କାହାର ନା କାହାର "ପତ୍ନୀ" ସାଜି ମନ୍ଦିର ଭିତରକୁ ଯାଇଛି । ମଜାକଥା, ଏଭଳି ଭକ୍ତଙ୍କ ମଧରେ ଅନେକ ଅବିବାହିତ ଥିଲେ, ଯିଏକି ଭବିଷ୍ୟତର ଶିବଦର୍ଶନ ଅଭ୍ୟାସ କରୁଥିଲେ ।

ଶେଷକୁ ଦିନେ ଗୁମୁରୀ ମଧ ଜଣେ ପଇସାବାଲା "ଯୁବସ୍ୱାମୀ" ସହିତ ମନ୍ଦିର ପରିକ୍ରମା କରୁ କରୁ ହଜିଗଲା । ଠିକାପତ୍ନୀର ଅସଲ ଆୟୋଜିକା ଚାଲିଯିବା ପରେ ସନ୍ତୁଆ ବେପାର ମାନ୍ଦା । ଓଲେଇ ଗାଈ ଖୁ ରେ ବନ୍ଧା ହୋଇ ରହିବାକୁ ଭଲପାଏନା । ଗୁମୁରୀର ଏଇଟା ପୁରୁଣା ପଢା ପାଠ ।

ସବୁଠାରେ ଦାଦାଚାନ୍ଦା ଓ ଦାଦାଗିରୀ । ମନ୍ଦିର ପୂଜକମାନେ ଗୋଟିଏ ଗୋଟିଏ ମହିଳାଙ୍କୁ ଏକାଧିକ ପୁରୁଷଙ୍କ ସହ ଦେଖି, ଆଶୀର୍ବାଦ ଦେଇ ରହସ୍ୟ ଜାଣି ସାରିଥିଲେ । ଦାଦାମାର୍କା ଟୋକାମାନେ ପିକ୍‌ନିକ୍‌ରେ ସାଙ୍ଗରେ ନେବାପାଇଁ ମାଗଣାରେ ଠିକାପତ୍ନୀ ବରାଦ କଲେ । ପୂଜାରୀମାନେ ଭାଗ ମାଗିଲେ । ଆଉ କେତେଦିନ ବେପାର ଚଳିଥାନ୍ତା ?

ଏବେ ସନ୍ତୁଆ ଗୁମୁରୀ ସୁମରି ବାହୁନୁଛି ଓ ଗୁମୁରୀ କୋଉ ଗୋଟାଏ ନାଆଁରେ ବାହାହୋଇ କୋଉଠି ଅଛି ।

ସନ୍ତୁଆ ଖାଲି କହି ବୁଲୁଛି-ଆଜିକାଲି ଲୋକଙ୍କର ଭଲ କଲେ ମନ୍ଦ ।

ତା ୧୦.୧୨.୨୦୧୭
ଧାରୁହେଡା, ହରିୟାଣା
ମୋ-୯୬୦୨୪୨୫୬୦୭

Since 1992
Call : 9718650949, 9873430039
GST NO. 07AFFEC0598H1ZJ
DELUXE PACKERS & MOVERS PVT. LTD.
LOCAL, ALL OVER INDIA, NEPAL & BHUTAN HOUSEHOLD GOODS SHIFTING
An ISO 2008-2009 Certified company
Deals in : Household Good Packing, Office Good Packing, Shifting, Labour Loading, Unloading, Unpacking Insurance, Car Transport by Maruti Carrier etc.
Warehouse Facility Available
Our Clients : INDIAN RAILWAY, GENPACT, BHEL, NTPC, ONGC, INDIAN OIL, SAIL, GAIL, TCS, HCL, ARMY, NAVY, AIR FROCE, LG/ SAMSUNG, AIR INDIA, WIPRO, BIRLA SOFT ETC.
Head Office : 155, Devika Tower, Nehru Place, ND-19
NCR Office : Noida / G.Noida / Ghaziabad / Gurgaon / Faridabad
E-mail : deluxepacker@gmail.com Website : www.deluxepackersandmovers.com

# ଜାତିର ସ୍ୱାଭିମାନ :ଭାଷା ଓ ସାହିତ୍ୟ

ସୁସ୍ମିତା ମହାପାତ୍ର



ଅନ୍ତରର ଭାବକୁ ପରିପ୍ରକାଶ କରିବାର ମାଧ୍ୟମକୁ ଭାଷା କହନ୍ତି । ମଣିଷ ମଣିଷ ମଧ୍ୟରେ ସମ୍ପର୍କର ସେତୁ ଯୋଡିବାରେ ଭାଷା, ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ଭାଷା ରହିତ ଜୀବନ, ବର୍ବର ପଶୁତୁଲ୍ୟ । ଯେଉଁ ଜାତି ବା ଦେଶର ଭାଷା ଯେତେ ଉନ୍ନତ, ସେ ଜାତି ସେତେ ସମୃଦ୍ଧ ଏବଂ ତା'ର ସାହିତ୍ୟ ମଧ୍ୟ ସେତେ ଉଚ୍ଚକୋଟିର କାରଣ, ଭାଷାରୁ ହିଁ ସାହିତ୍ୟର ସୃଷ୍ଟି । ଭାବ, ଭଙ୍ଗୀ, ଲୟ, ଲକ୍ଷ୍ୟ, ଇଙ୍ଗିତ, ଈଶାରା, ପ୍ରତୀକ ସବୁକିଛି ଭାଷା ମଧ୍ୟରେ ସମାହିତ ଏବଂ କଳା, ସଂସ୍କୃତି, ପରମ୍ପରା ଆଦିକୁ ଜାଣିବାକୁ ହେଲେ, ତା'ର ସାହିତ୍ୟ ଭିତରକୁ ପ୍ରବେଶ କରିବାକୁ ପଡେ । ସାହିତ୍ୟ, ଏକ ଦର୍ପଣ ସଦୃଶ । ରୂପ, ରଙ୍ଗ, ଔଜ୍ଜ୍ୱଲ୍ୟ, ଲାବଣ୍ୟ ଆଦି ଯେମିତି ପ୍ରତିବିମ୍ବିତ ହୋଇଥାଏ ଦର୍ପଣର ସ୍ୱଚ୍ଛ ଚିକ୍କଣ ପୃଷ୍ଠରେ, ସାହିତ୍ୟରେ ମଧ୍ୟ ସେମିତି ଏକଜାତିର ରୁଚି, ସଂସ୍କାର, ଆଭିଜାତ୍ୟ, ଅନ୍ତର୍ନିହିତ ସନ୍ଦେଶ, ସମାଜ ପ୍ରତି ଯୁଗ ଉପଯୋଗୀ ବାର୍ତ୍ତା ତଥା ଜାତିର ଏକ ସାମଗ୍ରିକ ରୂପକଳ୍ପ ପ୍ରତିଫଳନ ହୋଇଥାଏ । ସାହିତ୍ୟ ହିଁ ସେ ଜାତିର ନିଗୂଢ଼ କଳାତ୍ମକ ରହସ୍ୟ ଉନ୍ମୋଚନ କରିବା ପାଇଁ ସକ୍ଷମ ହୋଇଥାଏ । ସଂସ୍କୃତିକୁ ଶୁଦ୍ଧ ଓ ସମୃଦ୍ଧ କରିଥାଏ । ସେ ଯେ କେହି ବି ହେଉ ନା କାହିଁକି, କୌଣସି ରାଷ୍ଟ୍ରର ସାହିତ୍ୟ ପଢି, ସେହି ରାଷ୍ଟ୍ର ବିଷୟରେ ଅନେକ ତଥ୍ୟ ହାସଲ କରି ପାରିଥାଏ । କୌଣସି ଦେଶ ବା ରାଷ୍ଟ୍ରର ସାହିତ୍ୟ ହିଁ ତା' ଦେଶ ବା ରାଷ୍ଟ୍ରକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ପାଥେୟ ହୋଇଥାଏ । ଯେଉଁ ସାହିତ୍ୟ ଅଧିକ ଭାଷାରେ ଅନୂଦିତ ହୋଇଥାଏ, ସେହି ସାହିତ୍ୟ ଅଧିକ ଲୋକପ୍ରିୟ ହେବା ସହିତ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ, ଯେଉଁଥିପାଇଁ ଆଜି ବିଶ୍ୱକବି ଶ୍ରୀ ରବୀନ୍ଦ୍ରନାଥ ଟାଗୋର 'ଗୀତାଞ୍ଜଳି' କାବ୍ୟ ରଚନା କରି ଦେଶ ବିଦେଶରେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରି ପାରିଛନ୍ତି । ତାଙ୍କର କାବ୍ୟ ଏକାଧିକ ଭାଷାରେ ଅନୂଦିତ ହୋଇ ଉଚ୍ଚ ପ୍ରଶଂସିତ ହୋଇପାରିଛି ।

ସାହିତ୍ୟ, ସର୍ବଦା ଶୁଦ୍ଧ, ଶ୍ଲୀଳ, ସରଳ, ମାର୍ଜିତ, ରୁଚିକର, ଭାବୋଦ୍ଦୀପକ ଏବଂ ବୋଧଗମ୍ୟ ହେବା ଉଚିତ୍ ଯଦ୍ଦ୍ୱାରା ଯୁଗେ ଯୁଗେ ଅଧିକ ପାଠକ ସୃଷ୍ଟି କରିବା ସହିତ ସବୁରି ପ୍ରିୟଭାଜନ ଓ କାଳଜୟୀ ହୋଇପାରିବ । ପୃଥିବୀର ଯେ କୌଣସି ସ୍ଥାନକୁ ଗଲେ ମଧ୍ୟ କୌଣସି ବ୍ୟକ୍ତି ନିଜର ଜାତି, ଭାଷା ଏବଂ ସାହିତ୍ୟକୁ ନେଇ ଗର୍ବ ଅନୁଭବ କରିଥାଏ । ଆଧୁନିକତାର ତାଳେତାଳେ କ୍ରମେ ଲୋପ ପାଇ ଯାଉଥିବା ସଂସ୍କୃତି ଓ ପରମ୍ପରାକୁ ସାହିତ୍ୟହିଁ ପୁନରୁଜ୍ଜୀବିତ କରି ଲୋକାଭିମୁଖୀ କରିପାରେ, କଳା, ସ୍ଥାପତ୍ୟର ପୁନରୁଦ୍ଧାର ଏବଂ ସଂରକ୍ଷଣ କରିବାରେ ସହାୟକ ହୋଇଥାଏ । ଗୋଟିଏ ଜାତି, ସର୍ବଦା ଏବଂ ସର୍ବଥା ପରିଚିତ ହୁଏ ତା'ର ଭାଷା ଯୋଗୁଁ ଏବଂ ସମୃଦ୍ଧ ହୁଏ ତା'ର ସାହିତ୍ୟ ଯୋଗୁଁ । ୧୯୬୧ ମସିହା ଜନଗଣନା ଅନୁଯାୟୀ ଭାରତ ବର୍ଷରେ ୧୬୫୨ଟି ମାତୃଭାଷା ତଥା ୧୫୦ଟି ବିଶେଷ ପ୍ରଚଳିତ ଭାଷା ଥିବା ସତ୍ତ୍ୱେ ମାତ୍ର ୨ଟି ଭାଷାକୁ ରାଷ୍ଟ୍ରୀୟ ମାନ୍ୟତା ଏବଂ ୨୨ଟି ଭାଷାକୁ ସରକାରୀ ଭାଷା ରୂପେ ମାନ୍ୟତା ମିଳିଛି । ତନ୍ମଧ୍ୟରୁ ଓଡିଆ ଭାଷା ସମେତ ଏଯାବତ୍ ମାତ୍ର ୬ଟି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିପାରିଛି । କାରଣ, ଏହି ଭାଷାର ଉତ୍ପତ୍ତି, ସ୍ଥିତି, ଗତି ଓ ପ୍ରକୃତି, ଗଠନ, ଲାଳିତ୍ୟ ଏବଂ ବୈଶିଷ୍ଟ୍ୟ, ଅନ୍ୟ ଭାଷା ତୁଳନାରେ ଅନନ୍ୟ ଓ ଅସାଧାରଣ । ସର୍ବୋପରି ଏମାନଙ୍କର ପ୍ରାଚୀନତା ସର୍ବଜନଜ୍ଞାତ । ଏଣୁ ଯେଉଁ ସବୁ ପୋଥି, ପୁରାଣ, ତଥ୍ୟ, ଦସ୍ତାବିଜ, ପ୍ରତ୍ନତତ୍ତ୍ୱ ଆଦିକୁ ଭିତ୍ତି କରି ଓଡିଆ ଭାଷାକୁ ମାନ୍ୟତା ମିଳିଛି ସେହି ସବୁର ସଯତ୍ନ ରକ୍ଷଣା ବେକ୍ଷଣ କରିବା ଆମର ଦାୟିତ୍ୱ, କର୍ତ୍ତବ୍ୟ ଏବଂ ଆହ୍ୱାନ ହେବା ଉଚିତ୍ । କିନ୍ତୁ ତା' ପରିବର୍ତ୍ତେ ଆମେ ସେ ସବୁକୁ ଅଯଥା, ଅଦରକାରୀ ତଥା ବୋଝମଣି, ତାହାର ବଳାତ୍କାର କରୁଛୁ । ଯୁକ୍ତାକ୍ଷରରୁ ଅଙ୍ଗ, ପ୍ରତ୍ୟଙ୍ଗ ହାଣି ତାକୁ ପଙ୍ଗୁ କରି ଦେଉଛୁ । ଅନେକ ଶବ୍ଦର ବନାନକୁ ଭୁଲ କହି ବଦଳାଇ ଦେଉଛୁ । ଅନେକ ଶବ୍ଦର ସୃଷ୍ଟି ସମ୍ବନ୍ଧରେ ଭୁଲ୍ ତଥ୍ୟ ପ୍ରତିପାଦନ କରୁଛୁ । ଏହାର ମୁଖ୍ୟ କାରଣ ହେଉଛି ଅଜ୍ଞତା, ଅଯଥା ଆଡ୍ୟ, ଗର୍ବ ଓ ଅହଂକାର, ସଠିକ୍ ଉପଦେଶ ଏବଂ ପରାମର୍ଶର ଉପେକ୍ଷା ତଥା ଅଯୌକ୍ତିକ ଅସହିଷ୍ଣୁତା । ଯେଉଁ ଅସହିଷ୍ଣୁତା ଆଜି ଅଙ୍ଗେ ଅଙ୍ଗେ ବାରି ହେଇପଡୁଛି ଆମ ଭଳି ଅନେକ ଜନସାଧାରଣଙ୍କ ଠାରେ । ଅବଶ୍ୟ ସାଧାରଣ ଜନତା କହିଲେ ଯୁକ୍ତିଯୁକ୍ତ ହେବନାହିଁ ବରଂ ଅସାଧାରଣ ବ୍ୟକ୍ତି ବିଶେଷ ହିଁ ଏହି ଅସହିଷ୍ଣୁତା ବ୍ୟକ୍ତ କରିଥାନ୍ତି, ବିଭିନ୍ନ ଆକ୍ରମଣାତ୍ମକ ପରିଭାଷାରେ । ଯାହାର ଆଜି ଶିକାର ହେଉଛନ୍ତି ଅନେକ ଲେଖକ, ଲେଖିକା ତଥା ସାମ୍ବାଦିକ, ସାମ୍ବାଦିକା । ଯେଉଁମାନଙ୍କୁ ଆମେ, ଆମ ସୁସଂଗଠିତ ସମାଜ ଗଠନର ମୂଳଦୁଆ ବା ସମାଜର ମେରୁଦଣ୍ଡ ବୋଲି କହୁ, ସେହି ମହାନ ସାହିତ୍ୟିକ ଓ ସାମ୍ବାଦିକ ମାନଙ୍କ ଭାଗ୍ୟ ଓ ଭବିଷ୍ୟ ଆଜି ସଂକଟାପନ୍ନ ଓ ଭାଷା ବିବାଦବିଜଡିତ । ସମାଜର ହିତ ସାଧନ କରୁଥିବା ସାହିତ୍ୟ, ଯାହାକୁ ନେଇ ଆମେ ଗର୍ବିତ, ତାହା ଆଜି ବିଳାପ କରୁଛି ନିର୍ବାସନରେ । ନିଜସ୍ୱାର୍ଥ ଏବଂ ଅର୍ଥଲୋଭରେ ବାସ୍ତବତାକୁ ଆମେ ପରିବର୍ତ୍ତିତ କରିଛୁ, ପଣ୍ୟ ସାମଗ୍ରୀରେ । ଆମ ସୁନ୍ଦର ପ୍ରକୃତି ତଥା ପରିବେଶର ଚିତ୍ର ସମଗ୍ର ବିଶ୍ୱରେ ପ୍ରଦର୍ଶିତ କରି, ଦେଶର ମର୍ଯ୍ୟାଦା ବଢାଇବା ପରିବର୍ତ୍ତେ ଆମେ ସେ ଫଟୋଚିତ୍ରକୁ ବିଶ୍ୱ ବଜାରରେ ବିକ୍ରୀକରି ଆୟ କରୁଛୁ ଅସୁମାରି ଧନ । ରାସ୍ତାକଡେ, ବାବୁ ମାନଙ୍କ ବିଦେଶୀ ଗାଡି ଅଟକାଇ ନେହୁରା ହୋଇ ଚାର, ଜାମୁ, ବଉଳ କୋଳି ବିକୁଥିବା ସିଙ୍ଘାଣି ନାକିଆ ପିଲାମାନଙ୍କ ଫଟୋ ଉତ୍ତୋଳନ ପରେ, ବିଶ୍ୱ ଫଟୋ ଗ୍ୟାଲେରୀରେ ପ୍ରଦର୍ଶିତ କରି ଇନାମ୍ ସହିତ ନେଉଛୁ ବାହା ବାହା । ପେଟ ପିଠି ଏକାକାର ହୋଇ ଯାଇଥିବା ବିକଳାଙ୍ଗ ମା' କୋଳରେ ଆଶ୍ରିତ କଅଁଳା ଶିଶୁର ଶରୀରରୁ ବାରି ହେଇ ପଡୁଥିବା ଭୋକର ଭୂଗୋଳ ତଥା ମୁହଁର ମାନଚିତ୍ରକୁ ଆଧାର କରି ଆମେ ଶୋଷୁଛୁ ବିଦେଶରୁ ପୁଳା ପୁଳା ଟଙ୍କା । ସେଇ ଟଙ୍କାର ମୋହରେ

ପୁଣି ଆମ ଘରର ଇଜତ୍ ତଥା ଲକ୍ଷ୍ମୀ ମାନଙ୍କୁ ଆମେ ଚାଲାଣ କରୁଛୁ ବାହାର ବଜାରକୁ । ଅନାଥାଶ୍ରମ, ବୃଦ୍ଧାଶ୍ରମ, ସେବାସଂସ୍ଥା ଆଦି ନାମରେ ଅନ୍ୟ ଆଗରେ ହାତପାତି ନିଜକୁ ପ୍ରତିପତ୍ତି କରିବାର ଏହା ଏକ ସହଜ, ସରଳ ତଥା ସୁଗମ ମାଧମ ସାଜିଛି ଆମପାଇଁ । ପ୍ରକୃତ ସତ୍ୟ ଯାହାବି ହେଉନା କାହିଁକି, ସମାଜକୁ ଦେଖାଇ ଦିଆ ଯାଉଥିବା ତଥ୍ୟ ବିଶେଷଭାବେ ଗ୍ରହଣୀୟ । "ବିଷ କୁମ୍ଭ ପୟୋ ମୁଖମ୍" ପରି ଆମେ ନିଜେ ଅନୁସନ୍ଧାନ ପୂର୍ବକ ପ୍ରକୃତ ରହସ୍ୟ ବା ସତ୍ୟ ଉନ୍ମୋଚନ କରିବାକୁ ଆଦୌ ଚାହୁଁନା ବରଂ ଆମକୁ ମିଥ୍ୟା ଉପରେ ସତ୍ୟର ଆବରଣ (Sugar coated quinine) ଦେଇ ଯାହା ଦେଖାଇ ଦିଆଯାଏ, ତାହାକୁ ଆମେ ଅଧିକ ଗ୍ରହଣ କରିଥାଉ । ଆମ ଅନ୍ତର୍ମନରେ ଲୁକ୍କାୟିତ ଗଭୀର ଆତ୍ମଶକ୍ତିର ପରିପ୍ରକାଶ ନକରି ଆମେ କେବଳ ଉପର ଠାଉରିଆଭାବେ, ଯେନତେନ ପ୍ରକାରେ କର୍ମ ସମ୍ପାଦନ କରିଥାଉ, ପରିସ୍ଥିତିର ଚାପରେ । ସହଜରେ ତଥା ସୁବିଧାରେ କରିପାରୁଥିବା କାମକୁ ନିଜର ଗୁରୁତ୍ୱ ତଥା ମହତ୍ତ୍ୱ ପ୍ରତିପାଦନ କରିବା ପାଇଁ ଅଯଥା ଜଟିଳ କରି, ନିଜେ ଅଡୁଆରେ ପଡିବା ସହିତ ଅନ୍ୟ ମାନଙ୍କୁ ମଧ ଫାଶଭିତରକୁ ଟାଣିଥାଉ, ତୁଚ୍ଛାରେ । ଏହିପରି ମିଥ୍ୟା ଛଳନା, ପ୍ରବଞ୍ଚନା ଏବଂ ପ୍ରତାରଣା କରି ଆମେ ଆଜି ନାନା ଅସୁବିଧାର ସମ୍ମୁଖୀନ ହେଉଛୁ । ସମାଜ ପ୍ରତିଥିବା ଆମର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନ କରିବା ପରିବର୍ତ୍ତେ ସାମାଜିକ ପ୍ରାଣୀ ହିସାବରେ ଅଧିକାର ସାବ୍ୟସ୍ତକରି ଲୋକହସା ହେଉଛୁ । ସମୃଦ୍ଧ ଜାତି ଗଠନ ନିମନ୍ତେ ହନୁମାନ ନହେଲା ନାହିଁ, ଗୁଣ୍ଡୁଚିମୂଷା ସଦୃଶ ଅଂଶଗ୍ରହଣ ନକରି, ଆତ୍ମସମୃଦ୍ଧି ଓ ପ୍ରଶଂସା ନିମନ୍ତେ ଅହର୍ନିଶ ଲାଳାୟିତ ହେଉଛୁ । ସତ୍ୟ, ଶିବ ଏବଂ ସୁନ୍ଦର ଯେ ପ୍ରବଳ ଭାବରେ ଆକ୍ରାନ୍ତ, ବିଳମ୍ବିତ ଏବଂ ବିଡମ୍ବିତ ହୋଇଛି ଏହା ଉପଯୁକ୍ତ ଉଦାହରଣ ମାନଙ୍କରୁ ସ୍ପଷ୍ଟ ହୁଏ । ହାତଗଣତି ଯେଉଁ କେତେଜଣଙ୍କ ଆପ୍ରାଣ ଉଦ୍ୟମ ତଥା ବଳିଦାନ ଫଳରେ ଏ ଜାତିର ସ୍ୱାଭିମାନ ଆଜି ଅକ୍ଷୁଣ୍ଣ ରହିଛି, ଏହାର ଶ୍ରେୟ ସେମାନଙ୍କୁ ନ ଦେଇ, ଆସ୍ପର୍ଦ୍ଧା ଦେଖାଇ ଅଯଥାର୍ଥ ଭାବରେ, ସେମାନେ ଆମ ଜାତିର ବୋଲି କହି, ନିଜକୁ ନିଜେ ଆମେ ଗୌରବାନ୍ୱିତ ମନେ କରୁଛୁ । ଯେଉଁ କଲମ ରୂପକ କଲମ ସାହାଯ୍ୟରେ ବିନା ଆନ୍ଦୋଳନ ଓ ରକ୍ତପାତରେ ଓଡିଶା, ପ୍ରଥମ ଭାଷାଗତ ରାଜ୍ୟ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ରୂପେ ମାନ୍ୟତା ପାଇଥିଲା, ଆଜି ସେଇ କଲମ ଚାଳକ ମାନଙ୍କୁ ଅଣଦେଖା କରି, ନିଜେ ନିଜର ଭାଟ ସାଜି ସ୍ତବକ ଗାନ କରୁଛୁ ।

ସେ ଯାହାବି ହେଉ, ଆମେ ଆଜି ଗର୍ବିତ, ଆମ ସ୍ୱର୍ଣ୍ଣପ୍ରସୂ ଭାରତ, ଆମ ସ୍ୱତନ୍ତ୍ର ଓଡିଶା ରାଜ୍ୟ ଏବଂ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡିଆ ଭାଷାକୁ ନେଇ । ଯେଉଁମାନେ ଆମ ଭାଷାକୁ ଗୋଟିଏ ସ୍ୱତନ୍ତ୍ରଭାଷା ନୁହେଁ କହି ଆମକୁ ପରିହାସ କରୁଥିଲେ, ଆଜି ତାଙ୍କ ଭାଷା ଶାସ୍ତ୍ରୀୟ ମାନ୍ୟତାରୁ ବଞ୍ଚିତ ହୋଇଥିବାରୁ, ସେମାନଙ୍କ ମୁହଁରେ ତାଲା ପଡିଯାଇଛି ସତ, ଆମେ କିନ୍ତୁ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷାର ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହୋଇ ଆତ୍ମ ଗର୍ବରେ ଫାଟି ପଡୁଛୁ । ନିଜ ଅଜ୍ଞ ପଣରେ ଜାତି ସ୍ୱାଭିମାନକୁ ବନ୍ଧା ପକାଇ ଦେଉଛୁ କେତେକ ଧୂର୍ତ୍ତ ରାଷ୍ଟ୍ରଙ୍କ ନିକଟରେ । ନିଜ ଭାଷା ଛାଡି ଆମେ ପର ଭାଷାରେ ଡିଗ୍ରୀ ହାସଲ କରୁଛୁ । ନିଜ ଦେଶ, ରାଜ୍ୟ, ଜାତି ତଥା ମାଟିକୁ ଭୁଲି ବିଦେଶୀ ଓ ମାଟିକୁ ଆପଣେଇ ନେଉଛୁ । ଆପଣାର କଳା, ସଂସ୍କୃତି ପରିବର୍ତ୍ତେ ବିଦେଶୀ କଳା ଓ ସଂସ୍କୃତିକୁ ଭଲ ପାଉଛୁ । ବିଦେଶୀ ସାହିତ୍ୟରେ ନିଜର ପାରଦର୍ଶିତା ପ୍ରତିପାଦନ କରୁଛୁ । ବିଦେଶୀ ଢାଞ୍ଚାରେ ଉଠୁଛୁ, ବସୁଛୁ, କଥା କହୁଛୁ, ମନ୍ଦିର ପୂଜାମଣ୍ଡପ ପରିବର୍ତ୍ତେ ଡିସ୍କୋ, ନାଇଟ୍ କ୍ଲବ ଯାଉଛୁ । କୌଣସି ଉତ୍ସବ ପାଳନ ନିମନ୍ତେ ବନ୍ଧୁ ସ୍ୱଜନଙ୍କ ଘରକୁ ନଯାଇ ସାଙ୍ଗ ସାଥୀଙ୍କ ସହିତ ନାମଜାଦା ହୋଟେଲ୍ ବା ରେସ୍ତୋରାଁ ଯାଉଛୁ, କିଟ୍ଟୀ ପାର୍ଟି ପାଳନ ନିମନ୍ତେ । ଅତ୍ୟାଧୁନିକତାର ଦ୍ୱାହି ଦେଇ, ତାସ୍, ପଶା, ହାଉଜି, ବିଜ୍‌ନେସ୍ ଆଦି ଖେଳ ମାଧମରେ ଜୁଆ ଖେଳୁଛୁ । ଅଲ୍ଟ୍ରା ମଡର୍ଣ୍ଣ ନାମରେ ମୃଦୁ ପାନୀୟ ବା ସଫ୍ଟ ଡ୍ରିଙ୍କ ଛାଡି ହାର୍ଡଡ୍ରିଙ୍କ୍ ନେଉଛୁ । ପରିଧାନରେ ଆଞ୍ଚଳିକ ଛାପ ବା ପ୍ରତୀକ ଥିବା ପୋଷାକ ବଦଳରେ ନିର୍ଲଜ୍ଜଭାବେ ମର୍ଯ୍ୟାଦା ହାନି କରୁଥିବା ଅଙ୍ଗପ୍ରଦର୍ଶନକାରୀ, ସ୍ୱଚ୍ଛ କପଡା ନିର୍ମିତ ଇମ୍ପୋର୍ଟେଡ୍ ବସ୍ତ୍ର ପିନ୍ଧୁଛୁ । ବୈଠକ ଘରେ ବା ଶୟନ କକ୍ଷରେ ନିଜ ଜାତିର ସ୍ୱାକ୍ଷର ବହନ କରୁଥିବା କଳାକୃତି ନ ସଜାଇ ମଡର୍ଣ୍ଣ ଆର୍ଟ ବା ପେଣ୍ଟିଙ୍ଗ୍ ସଜାଉଛୁ । ଅନ୍ୟ ଆଗରେ କାଳେ ଆମ ସମ୍ମାନରେ ଆଞ୍ଚ ଆସିବ, ତେଣୁ ଆମେ ଆମ ଭାଷା ନକହି ବରଂ କଷ୍ଟେ ମଷ୍ଟେ ଥ'ଥ' ମ'ମ' ହେଇ ତାଙ୍କ ଭାଷାରେ କଥା ହେଉଛୁ । ଏପରିକି ନିଜକୁ ଓଡିଆ ବୋଲି ପରିଚୟ ଦେବାକୁ ମଧ ଆମର ଅପମାନ ବୋଧ ହେଉଛି । ମା', ବାପା, ଜେଜେ ଜେଜେ ମା', ଅଜା, ଆଈ ମାନେ, ପୁରୁଷ ପୁରୁଷ ଜାବୁଡି ଧରି ପାଳି ଆସୁଥିବା ସଂସ୍କାରପୂର୍ଣ୍ଣ ପରମ୍ପରାକୁ ଗାଉଁଲି ଅନ୍ଧବିଶ୍ୱାସ କହି ଆମେ ପ୍ରତ୍ୟାଖ୍ୟାନ କରୁଛୁ । ଯାହାଫଳରେ ଆମ କଳା, ସଂସ୍କୃତି, ପରମ୍ପରା ଆଜି ବଳାତ୍କୃତ ହୋଇ ଅର୍ଦ୍ଧନଗ୍ନ ଭାବେ ଅନ୍ଧ ଗଳିରେ ରୋଦନ କରୁଛି । ଜାତି ସ୍ୱାଭିମାନ ଆଜି ବନ୍ଧକ ପଡିଛି କେତକ ସ୍ୱାର୍ଥାନ୍ୱେଷୀ ପ୍ରବାସୀ ଓ ପଳାତକ କୁବେରଙ୍କ ହାତରେ । ଲୋତକ ଜର୍ଜରିତ ନିର୍ନିମେଷ ନୟନରେ ପ୍ରତୀକ୍ଷା କରିଛି ଆମ ଭାଷା, ତା'ର ଉତ୍ଥାନ ନିମନ୍ତେ । ହାତଗୋଡ ବିହୀନ ପଙ୍ଗୁକୁ ଯେତେ ସୁନ୍ଦର ଓ ଦାମୀ ବସ୍ତ୍ର, ଅଳଙ୍କାରରେ ଭୂଷିତ କଲେ ମଧ, ସେ ଅଙ୍ଗ ବିହୀନ ବୋଲି ଯେଭଳି ବାରି ହୋଇପଡେ, ଆମ ଯୁକ୍ତାକ୍ଷରରୁ ଅକ୍ଷର ମାନଙ୍କୁ, ସରଳ ଏବଂ ସୁବୋଧ ହେବା ଆଳରେ ଅଲଗା କରିବା ତଥା ଶବ୍ଦ ମାନଙ୍କର ମୂଳ ବନାନକୁ ବିକୃତ କରି ବ୍ୟବହାର କରିବା ଦ୍ୱାରା ତା'ର ପ୍ରକୃତ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ତଥା ଗାମ୍ଭୀର୍ଯ୍ୟ ମଧ ଅନୁରୂପ ଭାବେ ନଷ୍ଟ ହୋଇଥିବା ସହଜରେ ଅନୁମିତ ହୁଏ । ଭାଷାର ପତନ ଘଟେ । ପରିଣାମ ସ୍ୱରୂପ ସାହିତ୍ୟର ମୂଳଦୁଆ ଦୋହଲେ । ଦୋଦୁଲ୍ୟମାନ ସାହିତ୍ୟ ପୁଣିଥରେ ଦୃଢଭାବେ ଛିଡାହେବାକୁ ଅନ୍ୟର ଆଶ୍ରା ଖୋଜେ ଓ ପଡୋଶୀ ରାଜ୍ୟ ବା ରାଷ୍ଟ୍ରର ଲୋଲୁପ ଦୃଷ୍ଟିର ଶିକାର ହୁଏ । ପତିତ ଭାଷା ସାହିତ୍ୟର ପୁନରୁତ୍ଥାନ ପାଇଁ ଲେଖକ, ସାହିତ୍ୟିକ, ଗବେଷକ ତଥା ଭାଷାବିତ୍ ମାନଙ୍କୁ ଅକ୍ଳାନ୍ତ ଅଧବସାୟ କରିବାକୁ ପଡେ ଓ ଲକ୍ଷ୍ୟ ହାସଲ ନିମନ୍ତେ ପୁଣି ଦୀର୍ଘ ସମୟ ଲାଗିଯାଏ ।


ପ୍ରତ୍ୟେକ ଜାତି ସର୍ବଦା ନିଜ ଭାଷାର ଉନ୍ନତି ପାଇଁ ସତର୍କ ଓ ସଚେତନ

ଥିବା ବେଳେ ଆମେ, ଆମ ଜାଣତ ତଥା ଅଜାଣତରେ ଆପଣା ଭାଷାର ଉନ୍ନତି ଓ ପ୍ରଗତି ପରିବର୍ତ୍ତେ ଅଧୋଗତିର କାରଣ ସାଜୁଛୁ, ନିଜ ଗୋଡରେ ନିଜେ କୁରାଢି ମାରିବା' ପରି । ବୈଦ୍ୟୁତିକ ମୁଦ୍ରଣ ପଦ୍ଧତି ବା ଟାଇପ୍ ଯନ୍ତ୍ର ମାନଙ୍କରେ ଓଡିଆ ଭାଷାର ଉପଯୁକ୍ତ ବର୍ଣ୍ଣ ବା ଲିପି (Font) ନଥିବାରୁ ଆମେ ଅନ୍ୟ ଭାଷାର ନକଲ ପୂର୍ବକ, ଆମ ଭାଷା ଏବଂ ବର୍ଣ୍ଣକୁ ବୀଭତ୍ସ କରିଦେଉଛୁ ସିନା, କିନ୍ତୁ ଉପଯୁକ୍ତ ବର୍ଣ୍ଣ ବା ଲିପି କିପରି ଓଡିଆରେ ସୃଷ୍ଟି କରାଯାଇପାରିବ, ସେଥିପାଇଁ ମାନସିକ କସ୍ରତ କରୁନାହୁଁ। ଏହି ପରିପ୍ରେକ୍ଷୀରେ ଆମର ଅଗ୍ରଗତି ହେଇଛି କି ଅଧୋଗତି ହେଇଛି ତାହା ବିଚାର ସାପେକ୍ଷ।

କୌଣସି ଜାତିର ସ୍ୱାଭିମାନ ତା'ର ଉନ୍ନତ, ବିକଶିତ ଓ ପରିମାର୍ଜିତ ଭାଷା ଯୋଗୁଁ ବୃଦ୍ଧି ହୋଇଥାଏ । ଉକ୍ତ ଭାଷାକୁ ନେଇ ଉଚ୍ଚକୋଟିର ତଥା ଲୋକାଭିମୁଖୀ ସାହିତ୍ୟ ସୃଷ୍ଟି ହୁଏ ଏବଂ ସେହି ଜନପ୍ରିୟ ସାହିତ୍ୟ ମାଧ୍ୟମରେ ସେ ଜାତିର କଳା, ସଂସ୍କୃତି ଓ ସମୃଦ୍ଧି ପ୍ରତିଫଳିତ ହୋଇଥାଏ। ଏଣୁ ଆମେ ସମସ୍ତେ ଏକତ୍ରିତ ଭାବେ ନିଜ ଭାଷାର ସୁରକ୍ଷା ତଥା ବିକାଶ ଦିଗରେ ଯତ୍ନବାନ୍ ହେଲେ, ଏକ ସମୃଦ୍ଧ ଓ ବିକଶିତ ଜାତିର ଅଂଶ ସ୍ୱରୂପ ଗର୍ବ, ଗୌରବ ତଥା ସ୍ୱାଭିମାନର ସହିତ ଶୃଙ୍ଖଳିତ ଜୀବନ ଅତିବାହିତ କରିପାରିବା ଏବଂ ସମଗ୍ର ବିଶ୍ୱରେ ଆମ ଜାତିକୁ ଏକ ଅଦ୍ୱିତୀୟ ଜାତିରୂପେ ପରିଗଣିତ କରି, ବିଶ୍ୱଜନ ମାନସରେ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିପାରିବା।

ଅତଏବ ଆସନ୍ତୁ, ଆମେ ସମସ୍ତେ ଏ ଦିଗରେ ମନୋନିବେଶ କରିବା।

ଏ/୩୧୭, କୋଏଲ ନଗର,
ରାଉରକେଲା-୧୪
ସୁନ୍ଦରଗଡ
ମୋ:-୯୪୩୭୫୦୩୧୩୮



ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ମହିମା
ପଡିବକି କେବେ ମନେ ?

ଉତ୍କଳ ଗୌରବ ମଧୁସୂଦନ ଦାସ

# ସଂକଟରେ ଓଡ଼ିଆ ଶିକ୍ଷା

ଡକ୍ଟର ପ୍ରମୋଦକୁମାର ନାୟକ



ଓଙ୍ଗିଶାରେ ଓଡ଼ିଆ ଭାଷାର ସ୍ଥିତି ଆଉ ଶିକ୍ଷା ପ୍ରସଙ୍ଗକୁ ଆଧାର କରି ଏବେ ଚାରିଆଡ଼େ ଯେପରି ଆଲୋଚନା ହେଉଛି, ତାହା ଅତ୍ୟନ୍ତ ସମୟୋପଯୋଗୀ । ଯାହାଦ୍ୱାରା ଓଡ଼ିଆ ଭାଷା ପ୍ରତି ଆମ ସମସ୍ତଙ୍କ ମନରେ ଏକ ସମବେଦନାପୂର୍ଣ୍ଣ ଭାବନା ଜାତ ହୋଇଛି। ଯାହାକୁ ପୁଞ୍ଜିକରି ଓଡ଼ିଆ ଭାଷା ପୁନଶ୍ଚ ତା'ର ଗାରିମାକୁ ଫେରିପାଇବ ବୋଲି ଆଶା କରିବା ସ୍ୱାଭାବିକ ମନେହୁଏ । ଏହି ଅବସରରେ ଆମ ବିଦ୍ୟାଳୟମାନଙ୍କରେ ହେଉଥିବା ଓଡ଼ିଆ ଶିକ୍ଷା ପ୍ରସଙ୍ଗରେ ଆଲୋଚନା କରିପାରିବା।

ଓଡ଼ିଶାରେ ପ୍ରଚଳିତ ଶିକ୍ଷଣ ବିଷୟମାନଙ୍କରେ ବୋଧହୁଏ ଓଡ଼ିଆ ଭାଷା ଏକାନ୍ତ ଅବହେଳିତ ବିଷୟ । ଛାତ୍ରଛାତ୍ରୀମାନେ ଅନ୍ୟ ଭାଷାମାନଙ୍କର ଅଧ୍ୟୟନ ନିମି ଯେତିକି ବ୍ୟଗ୍ରତା ପ୍ରକାଶ କରିଥାନ୍ତି, ତାହାର ଅଧେ ଭାଗ ବ୍ୟଗ୍ରତା କେବେହେଲେ ଓଡ଼ିଆ ଶିଖିବା ପାଇଁ ପ୍ରକାଶ କରିନଥାନ୍ତି । ସେହିପରି ଇଂରାଜୀ, ସଂସ୍କୃତ ପ୍ରଭୃତିରେ ଦୁର୍ବଳ ଥିବା ଛାତ୍ରମାନଙ୍କର ଅଭିଭାବକଗଣ ସେମାନଙ୍କ ପିଲାମାନଙ୍କର ସେହି ସେହି ଭାଷାରେ ଜ୍ଞାନ ଲାଭ ନିମି ଯେପରି ଆପ୍ରାଣ ଉଦ୍ୟମ କରିଥାଆନ୍ତି, ସେପରି ଉଦ୍ୟମ କେବେହେଲେ ଓଡ଼ିଆ ଶିକ୍ଷା ପାଇଁ କରିବାର ଦେଖାଯାଏନାହିଁ । ବରଂ କେତେକ ଛାତ୍ରଛାତ୍ରୀ ଯଦି କୌତୂହଳବଶତଃ ଅବା ଜ୍ଞାନ ଲାଭ ପାଇଁ ଓଡ଼ିଆ ଶିକ୍ଷଣରେ ଅଧିକ ସମୟ ଦେଇଥାଆନ୍ତି, ତେବେ ସେମାନେ ଅଭିଭାବକଙ୍କର କୋପର ଶିକାର ହେବା ନଜିରର ଅଭାବ ନାହିଁ । ଆମେ ପଢ଼ିବାବେଳେ ଆମର ଅଧିକାଂଶ ବନ୍ଧୁ ପରୀକ୍ଷା ପୂର୍ବଦିନ ଓଡ଼ିଆ ସାହିତ୍ୟ ବହି ପଢ଼ିବାର ବିଷୟ ବୋଲି କହିଥିବା ବେଳେ ଅନେକ ମଧ୍ୟ ସେପରି କରିଥାଆନ୍ତି।

ଇଏତ ଗଲା ଛାତ୍ରଛାତ୍ରୀମାନଙ୍କ ଅବସ୍ଥା । ବିଦ୍ୟାଳୟମାନଙ୍କରେ ଶିକ୍ଷାଦାତା ଶିକ୍ଷକମାନଙ୍କର ଅବସ୍ଥା ମଧ୍ୟ କୌଣସି ଗୁଣରେ ଊଣା ନୁହେଁ । ଇଂରାଜୀ ବିଷୟରେ ଶିକ୍ଷାଦାନ କରିବାକୁ ଆମ ଓଡ଼ିଶାର ଅଧିକାଂଶ ଶିକ୍ଷକ ନିଜ ଆତ୍ମସମ୍ମାନର ପ୍ରଶ୍ନ ବୋଲି ବିବେଚନା କରିଥାଆନ୍ତି । ଯଦିବା ଏମାନଙ୍କ ମଧ୍ୟରୁ କେହି କୌଣସି କାରଣବଶତଃ ଓଡ଼ିଆ ପଢ଼ାଇବାକୁ ବାଧ୍ୟ ହୁଅନ୍ତି, ତେବେ ସେହି ଶିକ୍ଷା ବର୍ଷଟିକୁ ସେମାନେ ଅଭିଶପ୍ତ ବର୍ଷ ବୋଲି ମନେ କରି ଅତି ବାଧ୍ୟବାଧକତାରେ ନିଜର ଦାୟିତ୍ୱ ତୁଲାଇ ଥାଆନ୍ତି । ସତେଯେପରି ଏହାଦ୍ୱାରା ସେମାନଙ୍କର ପଦମର୍ଯ୍ୟାଦାର ହାନି ଘଟିଥାଏ । ସେମାନେ ଅନ୍ୟମାନଙ୍କ ନିକଟରେ କିପରି ସେହି ବର୍ଷଟି ପାଇଁ ସାନ ହୋଇଯାଇଥାଆନ୍ତି । ଅନେକ ତ ଖୋଲାଖୋଲି ଭାବରେ ଏହାର ଅସନ୍ତୋଷକୁ ସାଧାରଣରେ ପ୍ରକାଶ କରିବାକୁ କେବେହେଲେ କୁଣ୍ଠିତ ହୋଇନଥାଆନ୍ତି । ଯେହେତୁ ଆମକୁ ଯଦି ଇଂରାଜୀ ଭାଷା ଭଲ ଭାବରେ ମାଲୁମ୍ ନଥାଏ, ଆମେ ଯତ୍ପରୋନାସ୍ତି ଚେଷ୍ଟା କରି ସେହି ଇଂରାଜୀ ବିଷୟରେ ଆଲୋଚନା ଚାଲିଥିବା ସ୍ଥାନରୁ ମୁକୁଳିବା ପର୍ଯ୍ୟନ୍ତ ନିଜକୁ ଖାପ ଖୁଆଇ ଚଳିଯିବାକୁ ଉଚିତ୍ ମନେ କରୁ । କେବେହେଲେ ବି ଭୁଲ୍‌ରେ ଇଂରାଜୀ ଭାଷାରେ ଆମେ ଦକ୍ଷ ନୋହୁଁ ବୋଲି ପ୍ରକାଶ କରୁନାହିଁ । ମାତ୍ର ଓଡ଼ିଆ ଭାଷା ବିଷୟରେ ଠିକ୍ ଏହାର ଓଲଟା । ଆମେ ଭଲ ଭାବରେ ଓଡ଼ିଆ ଭାଷା ଜାଣିନାହୁଁ, ଭାଷଣ ଦେଇପାରିବୁ ନାହିଁ ଅଥବା ଓଡ଼ିଆ ପ୍ରତି ଆମର କେବେହେଲେ ଆଗ୍ରହ ନାହିଁ, ଏକଥା କହିବା ବେଳେ ଆମେ କେବେହେଲେ କୁଣ୍ଠିତ ହେଉନାହୁଁ । ଅଧିକନ୍ତୁ ଏହା ଆମର ଗର୍ବ, ଆମର ଆଭିଜାତ୍ୟର ଆକାଶଛୁଆଁ ଚିହ୍ନ ବୋଲି ଆମେ ମନେକରୁ । ତେଣୁ ଆମ ଶିକ୍ଷା ସଂସ୍ଥାମାନଙ୍କରେ ଛାତ୍ର ତଥା ଶିକ୍ଷକମାନେ ଏପରି ମନେ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଆମ ବିଦ୍ୟାଳୟମାନଙ୍କରେ ହିନ୍ଦୀ, ସଂସ୍କୃତ, ଉର୍ଦ୍ଦୁ ପ୍ରଭୃତି ଭାଷା ଶିକ୍ଷା ଦେବା ନିମି ସ୍ୱତନ୍ତ୍ର ତାଲିମଧାରୀ ଶିକ୍ଷକମାନଙ୍କର ବ୍ୟବସ୍ଥା କରାଯାଇଥିବା ବେଳେ ଓଡ଼ିଆ ଭାଷା ଶିକ୍ଷା ଦେବା ନିମି ସେପରି କୌଣସି ବ୍ୟବସ୍ଥା ନାହିଁ । ଯଦ୍ୱାରା ନିଜ ଅଧ୍ୟୟନ ବେଳେ ଓଡ଼ିଆ ଭାଷାରେ ବ୍ୟୁତ୍ପି ଲାଭ କରିନଥିବା ଶିକ୍ଷକମାନଙ୍କୁ ଯେତେବେଳେ ଓଡ଼ିଆ ଶିକ୍ଷାଦାନ ନିମି ବାଧ୍ୟ କରାଯାଉଛି, ସେତେବେଳେ ସେମାନେ ପ୍ରତିକ୍ରିୟାଶୀଳ ହେବା କିଛି ଗୋଟିଏ ବିଚିତ୍ର କଥା ନୁହେଁ ।

ଓଡ଼ିଶାରେ ସଂସ୍କୃତ ଶିକ୍ଷାର ପ୍ରଚାର ପ୍ରସାର ତଥା ଗବେଷଣା ନିମି ଦୁଇଟି ସ୍ୱତନ୍ତ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟ ରହିଛି । ଉର୍ଦ୍ଦୁ ଶିକ୍ଷା ପାଇଁ ଉର୍ଦ୍ଦୁ ଏକାଡେମୀର ସ୍ଥାପନା କରାଯାଇଛି । ଏହି ସଂସ୍ଥାମାନଙ୍କରୁ ଉପଯୁକ୍ତ ତାଲିମ ଲାଭ କରି ଛାତ୍ରଛାତ୍ରୀମାନେ ସଂସ୍କୃତ ଶିକ୍ଷକ ତଥା ଉର୍ଦ୍ଦୁ ଶିକ୍ଷକ ଭାବରେ ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ କରୁଛନ୍ତି । ମାତ୍ର ଓଡ଼ିଆ ଭାଷା ବିଷୟରେ ସ୍ୱତନ୍ତ୍ର ଭାବରେ ଶିକ୍ଷା ଲାଭ କରିଥିବା କେହି ଛାତ୍ରଛାତ୍ରୀ କେଉଁଠାରେ ନିଯୁକ୍ତି ହୋଇନଥାନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଯେଉଁ ଓଡ଼ିଆ ଶିକ୍ଷା ଦିଆଯାଉଅଛି, ତାହା କେବଳ ମହାବିଦ୍ୟାଳୟମାନଙ୍କୁ ଦୃଷ୍ଟିରେ ରଖି କରାଯାଉଛି । ଏବେ ନୂତନ ଓଡ଼ିଆ ଅଧ୍ୟାପକ ପଦବୀରେ ନିଯୁକ୍ତିର ମାର୍ଗ ଏକ ପ୍ରକାର ଅବରୁଦ୍ଧ ହୋଇଯିବାରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ସେଥିପାଇଁ ଛାତ୍ରଛାତ୍ରୀମାନଙ୍କର ସଂଖ୍ୟା ଓଡ଼ିଆ ସମ୍ମାନ ଶ୍ରେଣୀରେ ଆଶାତୀତ ଭାବରେ ହ୍ରାସ ପାଉଛି । ଯେପରି ସଂସ୍କୃତ, ହିନ୍ଦୀ, ଉର୍ଦ୍ଦୁ ପ୍ରଭୃତି ବିଷୟରେ ସ୍ୱତନ୍ତ୍ର ଉପାଧି ଲାଭ କରିଥିବା ଛାତ୍ରଛାତ୍ରୀଗଣ ବିଦ୍ୟାଳୟମାନଙ୍କରେ ସେହି ସେହି ଭାଷା ଶିକ୍ଷକ ରୂପେ ନିଯୁକ୍ତି ପାଉଛନ୍ତି, ସେହିପରି ମଧ୍ୟ ଓଡ଼ିଆ ସମ୍ମାନର ସହିତ

ଉ ୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଶିକ୍ଷକ ଭାବରେ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରାଯାଇପାରନ୍ତା, ତେବେ ଏହି ବିଷୟ ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ନିମି ଯେପରି ଆଗ୍ରହ ପ୍ରକାଶ ପାଆନ୍ତା, ଠିକ୍ ସେହିପରି ମଧ୍ୟ ବିଦ୍ୟାଳୟରେ ଓଡ଼ିଆ ଭାଷା ଏପରି ଅବହେଳିତ ହୋଇ ରୁହନ୍ତା ନାହିଁ । ଅନ୍ୟ ଭାଷା ଶିକ୍ଷକମାନଙ୍କ ପରି ଏହି ଓଡ଼ିଆ ଶିକ୍ଷକମାନେ ଏହି ଭାଷା ଶିକ୍ଷା ପ୍ରତି ନିଶ୍ଚିତ ଭାବରେ ଉ ରଦାୟୀ ରହିବାକୁ ନିଜର ନୈତିକ କ ବ୍ୟ ବୋଲି ମନେ କରନ୍ତେ । ପ୍ରାଥମିକ ଶ୍ରେଣୀରୁ ଆରମ୍ଭ କରି ଉଚ୍ଚବିଦ୍ୟାଳୟମାନଙ୍କରେ ନିଯୁକ୍ତ ଏହି ଶିକ୍ଷକମାନଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ପଢ଼ିଥିବା ଆମର ଛାତ୍ରଛାତ୍ରୀଗଣ ପରବ ୀ ସମୟରେ ଓଡ଼ିଆ ପ୍ରତି କେବେହେଲେ ନିଜର ଅଶ୍ରଦ୍ଧା ମନୋଭାବ ପ୍ରଦର୍ଶନ କରନ୍ତେ ନାହିଁ । ପ୍ରଚଳିତ କଠିନ ଭାଷା ପ୍ରତି ସେମାନେ ନିଜର ଆଗ୍ରହ ପ୍ରକାଶ କରିବା ସହିତ ସେଥିରେ ବ୍ୟୁତ୍ପନ୍ନ ହୋଇପାରୁଥିବା ବେଳେ ନିଜର ମାତୃଭାଷା ପ୍ରତି ଯେପରି ବୀତସ୍ପୃହତାକୁ ପ୍ରଦର୍ଶନ କରୁଛନ୍ତି । ସେଥିପାଇଁ ସେମାନେ ଯେତିକି ଦାୟୀ ନୁହଁନ୍ତି, ତଦପେକ୍ଷା ଅଧିକ ଦାୟୀ ଆମେ ଓ ଆମର ଶିକ୍ଷା ପଦ୍ଧତି ।

ସେହିପରି ପାଠ୍ୟକ୍ରମ ପ୍ରସ୍ତୁତି କରିବାରେ ଉପଯୁକ୍ତ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ହତାଦର କଲେ ଚଳିବ ନାହିଁ । ଜୀବନରେ କେବେହେଲେ ଗୋଟିଏ ଶିଶୁ କବିତା ଅବା ଗଳ୍ପ ଲେଖିନଥିବା ମଣିଷଟିଏ ଯେତେବେଳେ ପ୍ରାଥମିକ ଶ୍ରେଣୀର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକର ଲେଖକ ସାଜୁଛନ୍ତି, ସେତେବେଳେ ଅଭିଜ୍ଞତାର ଅଭାବରୁ ସେହି ପୁସ୍ତକଟି ଯେପରି ଶିଶୁମାନଙ୍କ ମଧ୍ୟରେ ଆଦୃତି ଲାଭ କରିପାରୁନାହିଁ । ସେହିପରି ମଧ୍ୟ ଯଦି ପ୍ରିୟା ପ୍ରୀତି ତୋଷଣ କିମ୍ବା ପଦପଦବୀର ମୋହରେ ଯେତେବେଳେ ପାଠ୍ୟ ବିଷୟମାନଙ୍କର ଚୟନ କରାଯିବ, ସେତେବେଳେ ତାହା ମଧ୍ୟ ଅନାଦୃତ ହେବ । ସେଥିପାଇଁ ଏହି ବିଷୟରେ ଯତ୍ନଶୀଳ ହେବା ବିଧେୟ ।

ସର୍ବୋପରି ଓଡ଼ିଆ ଭାଷାକୁ ଏକ ଜୀବନ୍ତ ଭାଷା ରୂପରେ ରଖିବା ଦାୟିତ୍ୱ ଆମର, ଆମର ଅଭିଭାବକ ଆଉ ଶିକ୍ଷକମାନଙ୍କର । ସରକାରଙ୍କର ଆଇନ୍ ସହିତ ଆମ ଦାୟିତ୍ୱର ସଂଯୋଗ ହେଲେ ତାହା ଏକ ଗୌରବୋଜ୍ଜ୍ୱଳ ଭାଷା ଭାବରେ ଆବିର୍ଭୂତ ହେବ । ଏଥିପାଇଁ ପରିବାରଠାରୁ ଆରମ୍ଭ କରି ଗାଆଁ ଗଣ୍ଡା, ସହରବଜାର ପର୍ଯ୍ୟନ୍ତ ସବୁଠାରେ ଏଥିପ୍ରତି ରହିଥିବା ଆଦରଟିକକୁ ପ୍ରକାଶ କରିବାକୁ ହେବ । ଆମ ପରିବାରର ପିଲାମାନେ କିପରି ଏହି ଭାଷା ଶିକ୍ଷଣ ପ୍ରତି ଆଗ୍ରହୀ ହେବେ, ସାଧାରଣ କଥାବା ୀ ହେଲେ ସେମାନଙ୍କର ବକ୍ତବ୍ୟରେ ଶତ ପ୍ରତିଶତ ଓଡ଼ିଆ ଶବ୍ଦ କିପରି ପ୍ରୟୋଗ କରିବେ, ସେଥିପ୍ରତି ଯତ୍ନଶୀଳ ହେବାକୁ ହିଁ ହେବ । କାରଣ ଏହି ନିଷ୍ଠା, ଏହି ପ୍ରଚେଷ୍ଟା ଆମ ଭାଷାକୁ ହିଁ ବ ାଇ ରଖିପାରିବ ।

ଦାମୋଦର ସଂସ୍କୃତ ମହାବିଦ୍ୟାଳୟ,
ପୁରୁଣାବଜାର, ଭଦ୍ରକ

With Best Compliments from :

***PRADEEP KUMAR SAHOO***

**OM NAMAH SHIVAY SERVICE**

B-8A, MODI TOWER 98, NEW DELHI – 110019
M: 9810323481, 9958644478, PH: 011-41808689, 46516196

# ବ୍ରଜନାଥ-କାବ୍ୟ-ମାନସ:ତା ି୍ୱକ ବିଶ୍ଳେଷଣ

ଡକ୍ଟର ଭଗବାନ ପଟେଲ



ଓଡିଆ କାବ୍ୟ ସାହିତ୍ୟ ଜଗତରେ ସାରସ୍ୱତ ସାହିତ୍ୟ ସ୍ରଷ୍ଟା ଭାବରେ ବ୍ରଜନାଥ ରଥଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ହୋଇ ରହିଛି । ନିର୍ମଳ କବିତ୍ୱ ପ୍ରଦର୍ଶନ ଦିଗରେ ତାଙ୍କର ସାଧୁ ଉଦ୍ୟମର ପଟାନ୍ତର ଭାରତୀୟ ସାହିତ୍ୟ ଜଗତରେ ବିରଳ ପ୍ରାୟ । ଜୀବନ ଏବଂ ଜଗତର ସୁବିପୁଳ ତଥା ସୁମଧୁର ଚିତ୍ର ଓ ଚରିତ୍ର ପ୍ରଦର୍ଶନ କ୍ଷେତ୍ରରେ ଚରମ ନିଦର୍ଶନ ସୃଷ୍ଟି କରି ଯାଇଛନ୍ତି ଅନାୟାସରେ । ଜଣେ ଦରଦୀ, ଉଦାର ତଥା ସଂବେଦନଶୀଳ କାବ୍ୟଶିଳ୍ପୀର ମାନ୍ୟତା ଲାଭ କରିବାରେ ତାଙ୍କର ଯୋଗ୍ୟତା ରହିଥିବାର ହୃଦବୋଧ ହୋଇଥାଏ । ପ୍ରେମ ଓ ବିଦ୍ରୋହର କବିଭାବରେ ସେ ଅନନ୍ୟ ଏବଂ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି । ଯାହା ତାଙ୍କୁ ଜଣେ ଯୁଗଚେତନାର ବା ିବହ ଏବଂ ସାରସ୍ୱତ ତଥା ଶାଶ୍ୱତ କାବ୍ୟ ଶିଳ୍ପୀର ଆସନରେ ସମାସୀନ କରାଇ ପାରିଛି । ଯୁଗପତ୍ ଦେହ ଓ ଦାହର ତିକ୍ତ ମଧୁର ଅନୁଭବମାନଙ୍କୁ ଏପରି ରସସିକ୍ତ ଭାବାବେଗ ମଧରେ ସ୍ୱତଃସ୍ଫୂ ର୍ଭ ରୁପରେ ଉପସ୍ଥାପନ କରିବାର ଅଭିନବ କଳା ଓ କୌଶଳ ମାନଙ୍କୁ ହିଁ ଯଥେଷ୍ଟ ପରିମାଣରେ ଆୟ   କରି ଯାଇଛନ୍ତି, ଯାହା କ୍ୱଚିତ୍ ସତ୍‌କବିଙ୍କ ପାଖରେ ପରିଦୃଷ୍ଟ ହୋଇଥାଏ । କବି ହୋଇ ନିର୍ମଳ କବିତ୍ୱ ପ୍ରଦର୍ଶନ କରି ନପାରିଲେ କାଳ ବକ୍ଷରେ ଅକ୍ଷତ ପଦଚିହ୍ନ ସୃଷ୍ଟି କରିବା ଆଦୌ ସଂଭବପର ହୋଇପାରେନା । ଜୀବନ ଓ ଯୌବନରେ ପୂର୍ଣ୍ଣମାତ୍ରାରେ ବିଭୋର କବି ଚିରକାଳ ଗାଇଚାଲେ ଅଶ୍ରୁତପୂର୍ବ ସଂଗୀତ ମାନଙ୍କୁ । ଏଣୁ ସିନା ଯାଥାର୍ଥରେ କୁହାଯାଇଛି "Heard melodies are sweet, but those unheard melodies are sweeter" ମୋଟାମୋଟି ଭାବରେ ଏକ ଉ   ରିତ କାବ୍ୟ ଚେତନା ଭିତରେ ଜୀବନ ତଥା ଜଗତର ମହିମ୍ନ ରୂପଚର୍ଯ୍ୟାକୁ ବେଶ୍ ସରସତା ପୂର୍ଣ୍ଣ ଅପୂର୍ବ ଭାବାବେଗ ମଧରେ ହିଁ ଅନୁଭବ କରାଯାଇପାରେ । ଭୂମିଠାରୁ ଭୂମା ପର୍ଯ୍ୟନ୍ତ ସର୍ବତ୍ର ସେହି ଆଧାତ୍ମିକ ଅନ୍ୱେଷାର ସ୍ୱର ଓ ସାକ୍ଷର ଗୁଂଜରିତ ହୋଇଥାଏ । ଏକ ଅବ୍ୟକ୍ତ ବେଦନାବୋଧର ତୀବ୍ର ଜ୍ୱଳନରେ ଆକ୍ରାନ୍ତ ହୋଇଥାଏ ସତ୍ କବି ମାତ୍ରକେ । ସତ୍-ଚିତ୍-ଆନନ୍ଦର ସମାହାରରେ କବିତା ହୋଇଯାଏ ନୈସର୍ଗିକ ଭାବ ସଂପଦରେ ପରିପୂର୍ଣ୍ଣ । ଜୀବନବାଦୀ ସ୍ରଷ୍ଟା ମାତ୍ରକେ ହୋଇଯାଏ ଏକ ଅନିର୍ବଚନୀୟ ଆନନ୍ଦରେ ମହିମାନ୍ୱିତ ଓ ମାଧୁର୍ଯ୍ୟ ବିମଣ୍ଡିତ । ପ୍ରେମପୂର୍ଣ୍ଣ ହୃଦୟରେ ସୌନ୍ଦର୍ଯ୍ୟ ବିଗଳିତ ହୋଇଥାଏ ତା'ର ତନୁମନ । ସବୁଠାରେ ସେ ପୂର୍ଣ୍ଣ ପ୍ରାଣରେ ପ୍ରକାଶକରେ ମାନବ ସଂପ୍ରୀତିର ସ୍ୱର ଓ ସାକ୍ଷର । ଆଶାରୂପକ ପାରିଜାତ ପ୍ରସ୍ଫୁଟିତ ହୋଇଯାଏ ତାର ହୃଦୟ ରୂପକ ନନ୍ଦନ ବନରେ । ସବୁଠାରେ ସେ ପରମ ଆତ୍ମୀୟତାର ପଦଧ୍ୱନିକୁ ଶୁଣିପାରିଥାଏ ନିର୍ବିକାର ଚି   ରେ । ହୃଦୟ ବ୍ୟଥିତ ଏବଂ ମଥିତ ହେଲେ ମଧ ବିଶ୍ୱକୁ ମଧୁମୟ, ସୁଧାମୟ ତଥା ଅମୃତମୟ ବୋଲି ଅକୁଣ୍ଠିତ ଚି   ରେ ସ୍ୱୀକାର କରେ । ପ୍ରେମପୂର୍ଣ୍ଣ ହୃଦୟରେ ସେ ଅବଗାହନ କରେ ଶାନ୍ତି, ମୈତ୍ରୀ ତଥା ପ୍ରୀତିର ପାରାବାରରେ । ସାହିତ୍ୟର ପାରାବାର ମଧରେ ସେ ଲମ୍ଫ ପ୍ରଦାନ କରେ ଆଶା ଓ ବିଶ୍ୱାସର ସହାଚର୍ଯ୍ୟ ମଧରେ । କାବ୍ୟଶିଳ୍ପୀ ବ୍ରଜନାଥ ହେଉଛନ୍ତି ଜଣେ ସୁଧାର ସାରସ୍ୱତ ସ୍ରଷ୍ଟା-ପୁରୁଷ । ସେ ସାମାଜିକ ଅଂଗୀକାରବଦ୍ଧ (Social Commitment) ର ମୁଖ୍ୟ କର୍ଣ୍ଣଧାର । ଯେଉଁଠାରେ ସାମାଜିକ ଜୀବନର ନିଚ୍ଛକ ପ୍ରତିଛବି ଅଂକନ କରିବାର ଶାଶ୍ୱତ ସ୍ରଷ୍ଟା ମାନସ ସକ୍ଷମ ହୋଇଥାଏ, ସେଠାରେ ସହୃଦୟ ପାଠକ ପ୍ରାଣରେ ଅପୂର୍ବ ରସ-ସଂଚାର କରାଯାଇ ପାରିଥାଏ । ଏଣୁ ସିନା କବିକୁ ପ୍ରଜାପତିର ଆସନରେ ସମାସୀନ କରାଯାଇଅଛି କେଉଁ ଏକ ଆବହମାନ କାଳରୁ । ସ୍ଥାନ-କାଳ-ପାତ୍ର ନିର୍ବିଶେଷରେ କବି ତାର ଧର୍ମ ରକ୍ଷା କରିଥାଏ । କବି କର୍ମଭିତରେ ଥାଏ ବିଶ୍ୱ-ମାନବ-ପ୍ରେମର ଏକ ଅନାହତ ରୂପଚର୍ଯ୍ୟା । ଯାହା ପ୍ରତିଟି ଯୁଗରେ ମାନବବାଦୀ ଚେତନାର ଉଦ୍‌ଘୋଷଣା କରିଥାଏ । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ନିର୍ବିଶେଷରେ ସବୁ ମଣିଷ ସମାନ ବୋଲି କବି ବ୍ରଜନାଥ ହିଁ ବଜ୍ର ନିର୍ଘୋଷ କଣ୍ଠରେ ଘୋଷଣା କରି ଯାଇଛନ୍ତି । ଯେଉଁ ମାନେ ଦରିଦ୍ର, ନିପୀଡିତ, ନିରନ୍ନ, ଅବହେଳିତ, ପଦଦଳିତ, ନିଷ୍ପେଷିତ ସେହି ମାନଙ୍କର ସୁଖ-ଦୁଃଖରେ ସମଭାଗୀ ହେବା ପାଇଁ ଆତ୍ମୀୟତା ପ୍ରକାଶ କରି ଯାଇଛନ୍ତି । ଆ ିମାନବାତ୍ମାର କାବ୍ୟଶିଳ୍ପୀ ଭାବରେ "ବସୁଧୈବ କୁଟୁମ୍ବକମ୍" ନୀତି ଓ ଆଦର୍ଶ ଦ୍ୱାରା ମଧ ବିଶେଷ ପରିମାଣରେ ପ୍ରଭାବିତ ହୋଇ ଯାଇଛନ୍ତି ପୂର୍ଣ୍ଣ ମାତ୍ରାରେ । ପ୍ରଗତିଶୀଳ ଚେତନାର ମୂ ର୍ିମନ୍ତ ବିଗ୍ରହ ଭାବରେ ସାମାଜିକ ନ୍ୟାୟ ପ୍ରଦାନର ହୋଇଛନ୍ତି ମୁହ୍ୟମାନ ଓ ତଲ୍ଲୀନ ।

ସାଧିନତା ପରବ ୀ ସମୟରେ ଜଣେ ପ୍ରଭାବଶାଳୀ କାବ୍ୟଶିଳ୍ପୀ ରୂପରେ ବ୍ରଜନାଥ ରଥଙ୍କର ଆବିର୍ଭାବ ହୋଇଛି । ତତ୍କାଳୀନ ସମୟରେ ତାଙ୍କର କାବ୍ୟଯାତ୍ରା ଜଣେ ପ୍ରଗତିଶୀଳ କାବ୍ୟଧାରାରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ ପୂର୍ବକ ଆରମ୍ଭ କରିଯାଇଛନ୍ତି । ମାନବିକ ମୂଲ୍ୟବୋଧ ପ୍ରତି ପ୍ରାଣର ଗଭୀର ସମର୍ଥନ ପ୍ରଦାନ ପୂର୍ବକ ସାର୍ବଜନୀନ ତଥା ସର୍ବକାଳୀନ ସାହିତ୍ୟ ରଚନା କ୍ଷେତ୍ରରେ ମନୋନିବେଶ କରିଯାଇଛନ୍ତି । "Blood, Imagination and Intellect running together" -ଅର୍ଥାତ ରକ୍ତ, ସଂବେଗ ଓ ବିଦ୍ଧିଦୀପ୍ତ ପ୍ରତିଭା ଏକତ୍ର ପରିଚାଳିତ ହୋଇଥାନ୍ତି । କବିର କବିତା ହେଉଛି ତାର ଜୀବନର ଇସ୍ତାହାର । ସେ ଯେଉଁ କବିତା ରଚନା କରନ୍ତି ସେଥିରେ ତାଙ୍କର ଜୀବନର ସମସ୍ତ ଭାବାବେଗ ପୂର୍ଣ୍ଣମାତ୍ରାରେ ବିଜଡିତ ହୋଇ ରହିଥାଏ । ଏଣୁ କବିର କଲମ ମୁନରେ ଯାହା ଝରିଆସେ ତାହାହିଁ କବି ରକ୍ତର ପରିପ୍ରକାଶ ବ୍ୟତୀତ ଆଉକଣ ହୋଇପାରେ? "Blood turning into ink" କବିର ରକ୍ତ ଝରିଆସେ ନିରବଛିନ୍ନ ଭାବରେ କଲମ ମୁନରେ, ଯାହା ଏକ ବୈପ୍ଳବିକ ପରିବ ର୍ନ ଆନୟନରେ ହୁଏ ସହାୟକ । ସୁତରାଂ, କବିତା ଭିତରେ ଥାଏ କବିର ଜୀବନୀଲେଖ୍ୟ । ତେଣୁ କବିତା ହେଉଛି ଏକ ସମୟର ଅକ୍ଷତ ପଦଚିହ୍ନ ।

ସମୟର ଆହ୍ୱାନକୁ କବି ଯଥାଯଥ ଭାବରେ ରୂପାୟିତ କରିପାରିଲେ, ତାହା ହୁଏ କାଳଜୟୀ । ସାମଗ୍ରିକ ଭାବରେ କବିର ଜୀବନ ଦର୍ଶନ କବିତାକୁ କରେ ମର୍ମସ୍ପର୍ଶୀ ଓ ହୃଦୟଗ୍ରାହୀ । "Every poet is a born philosopher" କବିମାତ୍ରକେ ଆଜନ୍ମ ଦାର୍ଶନିକ । ଦାର୍ଶନିକ ପ୍ରବଣ ମାନସିକତାର ଉଦ୍ରେକ ବିନା ଏକ ଉ ମ ପରିପାଟୀ ତଥା କଳାତ୍ମକ ପରିପାଟୀର କବିତା ରଚନା କରାଯାଇପାରେ ନାହିଁ । କବି ବ୍ରଜନାଥଙ୍କ କବିତା ମାନଙ୍କରେ ସାଧାରଣ ବର୍ଗର ଜନତାର ଏକ ସୁଖ-ଦୁଃଖର ପରିପ୍ରକାଶ ଏତେ ସରସ, ସୁନ୍ଦର ତଥା ସାବଲୀଳ ଭାବରେ ଆତ୍ମ ପ୍ରକାଶ କରିଥାଏ ଯେ, ତାହା ଗଭୀର ଆଶା ଓ ବିଶ୍ୱାସର ସ୍ୱରକୁ ହିଁ ପ୍ରତିଷ୍ଠିତ କରାଇପାରିଥାଏ । ମାନବ ଜୀବନ କେବଳ ବର୍ଷ, ମାସ ବା ଦିନ ମଧ୍ୟରେ ସୀମିତ ହୋଇନଥାଏ । କର୍ମ ହିଁ ତାର ଜୀବନର ଏକମାତ୍ର ମାନଦଣ୍ଡ ରୂପରେ ବିବେଚିତ ହୋଇଥାଏ । ଏଣୁ ଶ୍ରୀରଥ ଆଜୀବନ କର୍ମବାଦ ଉପରେ ପ୍ରଗାଢ ଅନୁରକ୍ତିର ପରିପ୍ରକାଶ କରିଆସିଛନ୍ତି । ସେ ଆଜୀବନ କର୍ମଯୋଗ ପ୍ରତି ଗଭୀର ଆତ୍ମ-ବିଶ୍ୱାସ ସୃଷ୍ଟି କରିବା ସଂଗେ ସଂଗେ ସମଗ୍ର ଜୀବନକୁ ଏକ ଶିବରାତ୍ରୀରେ ପରିଣତ କରାଇ ପାରିଛନ୍ତି । ସୁତରାଂ, କବି ବ୍ରଜନାଥ ଓଡିଆ ପ୍ରଗତିଶୀଳ ସାହିତ୍ୟର ବରିଷ୍ଠ କବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଭେଟିଛନ୍ତି ୧୯୫୭ମସିହା ଡିସେମ୍ବର ଶେଷ ସପ୍ତାହରେ କଲିକତାଠାରେ । ତାଙ୍କର ସହିତ ସାକ୍ଷାତ ଥିଲା ତାଙ୍କ ପାଇଁ ଏକ ସୁଖଦ ଅନୁଭୂତି । ଏଣୁ ଶ୍ରୀରଥ ଯାଥାର୍ଥରେ ଲେଖିଛନ୍ତି, "ଶେଷ ଦିନ ସଚ୍ଚିବାବୁ ତାଙ୍କ ଘରେ ଗୋଟିଏ ବନ୍ଧୁ ମିଳନର ଆୟୋଜନ କରି ଓଡିଆ ଲେଖକମାନଙ୍କୁ ଆମନ୍ତ୍ରଣ କରିଥିଲେ । ସେଥିରେ ଯୋଗ ଦେବାର ସୌଭାଗ୍ୟ ମୋର ହୋଇଥିଲା । ସେହି ବନ୍ଧୁ ମିଳନରେ ଥିଲେ ଓଡିଶା ସାହିତ୍ୟ ଏକାଡେମିର ତତ୍‌କାଳୀନ ସଂପାଦକ ତଥା ଯଶସ୍ୱୀ କଥାକାର ଅଧ୍ୟାପକ ରାଜ କିଶୋର ରାୟ, କବି ଗୋଦାବରୀଶ ମହାପାତ୍ର, କବି ଅନନ୍ତ ପଟ୍ଟନାୟକ, "ଡଗର" ସଂପାଦକ ନିତ୍ୟାନନ୍ଦ ମହାପାତ୍ର, ଶିଶୁ ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର, ସାମ୍ବାଦିକ ଗୋରାଚାନ୍ଦ ମିଶ୍ର, ସୁସାହିତ୍ୟିକା ସରଳା ଦେବୀ, ନନ୍ଦିନୀ ଶତପଥୀ, ଯୁବ ସାହିତ୍ୟିକ

ମନୋଜ ଦାସ, କବି ଓ କଥାକାର ଯଦୁନାଥ ଦାଶ ମହାପାତ୍ର ଇତ୍ୟାଦିଙ୍କର ସହ କଲିକତା ନିବାସୀ କିଛି ଓଡିଆ ସାହିତ୍ୟିକ । ପ୍ରବାସରେ ସଚ୍ଚିବାବୁଙ୍କ ଦ୍ୱାରା ଆୟୋଜିତ ସେହି ସାରସ୍ୱତ ବନ୍ଧୁମିଳନ ଥିଲା ଖୁବ ହୃଦ୍ୟ ଓ ଅନ୍ତରଂଗ" (କବି ସଚ୍ଚି ରାଉତରାୟ- ମହାକବିର ମହାଯାତ୍ରା-ସ୍ମୃତିର ଚିତ୍ରପଟ) । "ମହା ମାନବର ସାଗରତୀରେ" – ଯେତେବେଳେ କବିଟିଏ ଅବଗାହନ କରିଥାଏ, ସେତେବେଳେ ହିଁ ସେ ହୋଇଥାଏ ବିଶ୍ୱ ବିଜୟୀ । ମହାକବିଙ୍କ ସହିତ ମହାମିଳନ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା କବି ବ୍ରଜନାଥଙ୍କର ସୁଦୂର କଲିକତାରେ । ଯାହା ତାଙ୍କ ଜୀବନର ଗତି ବଦଳାଇ ଦେଇଥିଲା ଅନାୟାସରେ । କବିଙ୍କର ଦୃଷ୍ଟି ଓ ଦର୍ଶନରେ ଆସିଥିଲା ଅନେକ ଅନେକ ପରିବ ନ । ଭାବବାଦୀ ସ୍ରଷ୍ଟାଗଣ ଯୁଗେ ଯୁଗେ ଏହିପରି ମହା ମାନବ ମାନଙ୍କର ସାନିଧ୍ୟଲାଭ ପୂର୍ବକ ନୂତନ ମାର୍ଗ ଲାଭ କରିବାର ଅପୂର୍ବ ସୁଯୋଗ ପାଇଥାନ୍ତି । ସୁତରାଂ, ଶ୍ରୀ ରାଉତରାୟଙ୍କର ସହିତ ମିଳନ ହିଁ ପ୍ରକୃତରେ ମଣି-କାଂଚନର ସୁଯୋଗ ସୃଷ୍ଟି କରିପାରିଥିଲା ବ୍ରଜନାଥଙ୍କ ପାଇଁ ।

ସାମ୍ୟବାଦର ମହାମନ୍ତ୍ରରେ ଅଭିଷିକ୍ତ କବି ବ୍ରଜନାଥ ଆଜୀବନ ମଣିଷର ଶ୍ରେଷ୍ଠତ୍ୱ ପ୍ରତିପାଦନରେ ହୋଇଯାଇଛନ୍ତି ମୁଖର । ପ୍ରଖର ଭାବରେ ସେ ଭଲ ପାଇଛନ୍ତି ସମଗ୍ର ମାନବ ସମାଜକୁ । ମଣିଷର ଶ୍ରେଷ୍ଠତ୍ୱ ପ୍ରତିପାଦନ ନିମନ୍ତେ କବିତା ହୋଇଛି ତାଙ୍କ ପାଇଁ ସର୍ବଶ୍ରେଷ୍ଠ ଆୟୁଧ । "Pen is mightier than the showrd" ଅସୀ ଠାରୁ ମସୀର ଶକ୍ତି ସର୍ବଦା ଅଧିକ ବୋଲି ପ୍ରମାଣିତ ହୋଇ ଆସିଅଛି କେଉଁ ଏକ ଆବହମାନ କାଳରୁ । କଳା, ସାହିତ୍ୟ, ସଂସ୍କୃତି, ପରଂପରା, ଐତିହ୍ୟ ଆଦି ଦ୍ୱାରା ମାନବ ସଭ୍ୟତାର ବିକାଶ ଦ୍ରୁତ ଗତିରେ ସଂଭବ ହୋଇପାରିଛି । ଅବକ୍ଷୟମାଣ ପୃଥିବୀରେ ସାରସ୍ୱତ ସ୍ରଷ୍ଟା ମଣିଷଟି ଯେଉଁ ନୂତନ ଦିଗଦର୍ଶନ ପ୍ରଦାନ କରେ ତାହା ହେଉଛି ତାର ପୁରୋଦୃଷ୍ଟି । ପରଂପରା ମଧ୍ୟରେ ଥାଇ ପୁରୋଦୃଷ୍ଟି ନିକ୍ଷେପ କରିବା ହେଉଛି ତାର ମୂଳ ଧର୍ମ । ଧାରୟତି ଇତି ଧର୍ମ - ଅର୍ଥାତ୍ ଯାହା ଧାରଣ କରେ, ତାହାହିଁ ଧର୍ମ ନାମରେ ଅବିହିତ ହୋଇଥାଏ । ଏଣୁ ମାନବ ଧର୍ମ ଭିତରେ ରହିଛି ଜୀବ ପ୍ରତି ଦୟା, କ୍ଷମା, ମମତା, ଆଦି ସ୍ୱର୍ଗୀୟ ଗୁଣାବଳୀର ଉ ମ ପରିପ୍ରକାଶ । ଏକଦା ମାୟାଧର ମାନସିଂହ ଗାଇଛନ୍ତି, "ପ୍ରଦୀପ ଜଳୁଛି କିଆଁ / ଲିଭାଅ ତାହାରେ / ତବ ରୂପ-ଶିଖା ଜଳୁ ଘନ ଅନ୍ଧକାରେ ।/ ହୁଅ ଦିଗମ୍ବରୀ / ମେଘ ମୁକ୍ତ ଉଷା ସମ" । ଏପରି ସ୍ୱାଗତୋକ୍ତି ଭିତରେ ଜୀବନର ମହିମ୍ନ ରୂପଚର୍ଯ୍ୟାକୁ ଆବିଷ୍କାର କରାଯାଇପାରେ । ମାନସିଂହଙ୍କର ଏହି ଦିବ୍ୟବାଣୀ ଭିତରେ ସତେ ଯେପରି ଭରି ରହିଛି, ଜୀବନର ସମସ୍ତ ଦିଗର ଆତ୍ମ-ପ୍ରକାଶର ଉଦ୍ୟମ । କବି ବ୍ରଜନାଥ ଆଜୀବନ ଆପେ ଜଳିଛନ୍ତି ଓ ଅନ୍ୟ ମାନଙ୍କୁ ହିଁ ଆଲୋକ ପ୍ରଦାନ କରି ଯାଇଛନ୍ତି । ଭାରତୀୟ କାବ୍ୟ ପରଂପରାରେ ପ୍ରତ୍ୟେକ ସତ୍‌କବି ସାମଗ୍ରିକ ଭାବରେ ମାନବ ସମାଜକୁ ଯେଉଁ ସତ୍ୟ, ଧର୍ମ, ନ୍ୟାୟର ଆଲୋକ ବ କା ପ୍ରଦର୍ଶନ କରି ଯାଇଛନ୍ତି, ତାହା ବ୍ରଜନାଥଙ୍କର କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହୋଇ ପାରିଛି । ଜୀବନର ସକଳ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ପରିହାର ପୂର୍ବକ ସାମଗାନରେ ପ୍ରମ ହୋଇଯାଇଛନ୍ତି ବ୍ରଜନାଥ ରଥ । ଏଣୁ ସିନା ଯଥାର୍ଥରେ କୁହାଯାଇଛି "xxxxxx each man is responsible for the action of the entire human race and the entire human race is responsible for the action of each man"-ଏହି ମହାଭାବ କବି ବ୍ରଜନାଥଙ୍କ କାବ୍ୟ-ମାନସକୁ କରିଛି ବହୁଭାବରେ ପ୍ରଭାବିତ ତଥା ଆନ୍ଦୋଳିତ । ଯେଉଁଠାରେ କବିପ୍ରାଣର ନିର୍ମଳ ସ୍ନେହ ଓ ସହାନୁଭୂତି, ଆତ୍ମ-ଦର୍ଶନ ଓ ଜୀବନ-ଜିଜ୍ଞାସାର ସ୍ୱର ଓ ସାକ୍ଷର ଉଚ୍ଚାର୍ଣ୍ଣ, ସେଠାରେ ମାନବାତ୍ମା ତଥା ଦେବାତ୍ମାର ମହାମିଳନ ସଂଭବପର ହୋଇଥାଏ, ସତ୍‌ଃସ୍ଫୁ ରୀତି ତଥା ନୀତିରେ । କବିର ମହାନୁଭବ ଭିତରେ ମଣିଷର ସର୍ବଶ୍ରେଷ୍ଠ ପରିଚୟଟିଏ ସୃଷ୍ଟି ହୋଇଥାଏ ଗଭୀର ଆତ୍ମୀୟତାର ସହିତ । ଅଜ୍ଞାନର ମସୀକୁ ଦୂରୀଭୂତ କରିବା ଦିଗରେ କବିର ପ୍ରଚେଷ୍ଟା ଗଭୀର ଆଶା ଓ ବିଶ୍ୱାସର ସ୍ୱର ଓ ସାକ୍ଷରକୁ ମୂ ମନ୍ତ କରାଇଥାଏ ନିର୍ବିକାର ଭାବରେ । ଏଣୁ ଅଜ୍ଞାନ ରୂପକ ଅମା ଅନ୍ଧକାରକୁ ଦୂରୀଭୂତ କରିବା ଦିଗରେ ସାହିତ୍ୟିକର ମୁଖ୍ୟ ଭୂମିକା ରହିଥାଏ । କବି ବ୍ରଜନାଥ ରଥ ନିଜର ଅଗ୍ରଜ କବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଯେପରି ସ୍ନେହ, ଶ୍ରଦ୍ଧା ଓ ମମତା ତଥା ଭକ୍ତି ପ୍ରଦର୍ଶନ

କରିଯାଇଛନ୍ତି, ଠିକ ସେହିପରି ଗୁରୁ ପ୍ରସାଦମହାନ୍ତିଙ୍କୁ ମଧ ତଦନୁରୂପଭାବରେ ଆପଣାର ମନେ କରିଛନ୍ତି । ଗୁରୁ ପ୍ରସାଦଙ୍କୁ ଜଣେ ଅଗ୍ରଗଣ୍ୟ କାବ୍ୟ ଶିଳ୍ପିର ମାନ୍ୟତା ପ୍ରଦାନ କରିବାକୁ ଯାଇ ଶ୍ରୀ ରଥ ଯଥାର୍ଥରେ ଲେଖିଛନ୍ତି, "ମାତ୍ର ଷାଠିଏ ସତୁରିଟି କବିତା ଲେଖି ଓଡିଆ କାବ୍ୟ-ଜଗତର ଯଦି କେହି ଅସପତ୍ନ କବି ଯଶ ଲାଭ କରିବାର ବିରଳ ଗୌରବର ଅଧିକାରୀ ହୋଇଯାନ୍ତି, ତା ହେଲେ ସେ ହେଉଛନ୍ତି କବି ଗୁରୁ ପ୍ରସାଦମହାନ୍ତି । ସେ ରଚନା କରିଛନ୍ତି "ନୂତନ କବିତା" ର ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ । ଷଷ୍ଠ ଦଶକରେ ପ୍ରବହମାନ ଓଡିଆ କାବ୍ୟଧାରାକୁ ଏକ ନୂଆମୋଡ଼ ଦେବାରେ ସଫଳ ହୋଇଛି ତାଙ୍କର ଲେଖନୀ । ଜଣେ ଶକ୍ତିଶାଳୀ କବି, ଯିଏ ନୂଆ ନୂଆ ରୂପକଳ୍ପ, ପ୍ରତୀକ ବ୍ୟବହାର କରି ଆଧୁନିକ ଓଡିଆ କବିତାକୁ କେବଳ ଆଂଶିକ ଦୃଷ୍ଟିରୁ ନୁହେଁ ଆତ୍ମୀକ ଦୃଷ୍ଟିରୁ ମଧ ଶ୍ରୀମନ୍ତ କରିଛନ୍ତି । ଛନ୍ଦ ପ୍ରୟୋଗରେ ମଧ ତାଙ୍କର ସ୍ୱକୀୟତା ଲକ୍ଷଣୀୟ । ସବୁଠୁ ବଡ କଥା ତାଙ୍କ କବିତାରେ ଏକ ସ୍ୱଚ୍ଛନ୍ଦ ପ୍ରବହମାନତା ଏବଂ କାବ୍ୟିକ ମାନସିକ ଦ୍ୱନ୍ଦ୍ୱ, ହତାଶା, ଅସଂପୂର୍ଣ୍ଣତା ଆଦି ଅନେକ କିଛି ଅତି ଅଦ୍ଭୁତ ଭାବରେ, ଏକ ଅନନ୍ୟ ଶୈଳୀରେ ଜୀବନନ୍ୟାସ ପାଇଛି ଗୁରୁବାବୁଙ୍କ କବିତାରେ । ରୋମା ିକ ଚେତନାରୁ ଆ ି ରୋମା ିକ ଭାବନା ଓ ଅନୁଭୂତି ଆଡକୁ ପ୍ରସରି ଯାଇଛି ତାଙ୍କର କବିତା । ମଧ୍ୟବି  ନାଗରିକଟିର ଦୁଃଖ ଅନେକତ୍ର ଚିତ୍ରମୟ ଭାଷାରେ ସେ ପ୍ରକାଶକରିଛନ୍ତି ସୁନ୍ଦର ଭାବରେ" (ମୋ ସ୍ମୃତିର ବଳୟରେ କବି ଓ ଲେଖକ ତ୍ରୟୀ-ସ୍ମୃତିର ଚିତ୍ରପଟ) ଏପରି ଭାବରେ ମହାକବି ସଚ୍ଚି ରାଉତରାୟ,  କଥାଶିଳ୍ପୀ ଶ୍ରୀ କିଶୋରୀ ଚରଣ ଦାସ ତଥା କବି ଗୁରୁ ପ୍ରସାଦମହାନ୍ତିଙ୍କ ସହିତ ଯେଉଁ ମହାର୍ଘ ସମୟ ଅତିବାହିତ କରିଯାଇଛନ୍ତି, ତାହା ତାଙ୍କର ସୃଷ୍ଟି-ସଂଭାରକୁ ଗଭୀର ରେଖାପାତ କରିଦେଇଛି ।

ସାମାଜିକ ବାସ୍ତବବାଦ (Social Realism) ହେଉଛି କବିତାର ମୂଳ ପିଣ୍ଡ । ସମାଜକୁ ନେଇ ସାହିତ୍ୟ ରଚନା କରାଯାଏ ଏଣୁ ସାହିତ୍ୟ ସାଧକର ଏକ ଗୁରୁଦାୟୀତ୍ୱ ରହିଛି ସାମାଜିକ ଜୀବନ ଧାରାକୁ ସୁନିୟୋଜିତ ଭାବରେ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଦିଗରେ । ସାମାଜିକ ନ୍ୟାୟ  (Social Justice) ପ୍ରଦାନ କ୍ଷେତ୍ରରେ ସାହିତ୍ୟର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବିଷୟରୂପେ ବିବେଚିତ ହୋଇଥାଏ । ଏଣୁ ଏକ ଉ  ମ କବିତାର ଲକ୍ଷଣ ହେଉଛି (Morality)  ନୀତିଶିକ୍ଷାକୁ ପ୍ରାଧାନ୍ୟ ପ୍ରଦାନ କରିବା । ମୋଟାମୋଟି ଭାବରେ ଜୀବନକୁ ଏକ ପରିମାର୍ଜିତ ଏବଂ ସୁନିୟନ୍ତ୍ରିତ କରାଯାଇପାରିଲେ, ସମାଜର କଲ୍ୟାଣ ସାଧିତ ହୋଇଥାଏ । ଅପର ପକ୍ଷରେ, ବିରାଟ ଭାବଭୂମି ଉପରେ କବିର ଦୃଷ୍ଟି ଓ ଦର୍ଶନ ନିବଦ୍ଧ ହୋଇରହିଥାଏ । ସୁତରାଂ, ଏକ ଉ  ମ କବିତା ଭିତରେ କବିର ଚିନ୍ତା ଓ ଚେତନାର ଏକ ଅନାହତ ଦିବ୍ୟ ଦୃଷ୍ଟିର ଉ  ରଣ ସାଧିତ ହୋଇଥାଏ । ଯଦିଓ ଗୋଟିଏ ଭଲ କବିତା ବେଳେ ବେଳେ ଦୁଃବୋଧ ହେଲେ ବି ତାହା କସ୍ମିନକାଳେ ଅବୋଧ ହୋଇନପାରେ । ପାଠକୀୟ ସ୍ୱୀକୃତି ପାଇବାପାଇଁ କବିତାଟି ଯୋଗ୍ୟ ବିବେଚିତ ହୁଏ । କାରଣ ଏହା ବୁଝିବା ପୂର୍ବରୁ ପାଠକ ସହିତ ଏକ ଯୋଗସୁତ୍ର ସାଧିତ ହୋଇଥାଏ । T.S. Eliot ଙ୍କ ଭାଷାରେ, "Great poetry may not be understood, but it must communicate" ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, କବି ବ୍ରଜନାଥ ରଥଙ୍କର କବିତା ଗୁଡିକ ଅଧିକ ଯୋଗସୁତ୍ର ରକ୍ଷା କରିବାରେ ସକ୍ଷମ ହୋଇଥାଏ ପୂର୍ଣ୍ଣ ମାତ୍ରାରେ । କବି ଶ୍ରୀ ରଥ ଏକ ସର୍ବଜନବୋଧ କବିଭାବରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି ଅନାୟସରେ । ତାଙ୍କର ଜୀବନ ଶୈଳୀଟି ଯେପରି ସହଜ, ସରଳ ତଥା ସୁଗମ, ତାଙ୍କର କବିତା ଗୁଡିକ ମଧ ପାଠକୀୟ ସ୍ୱୀକୃତି ଲାଭ କରିବାରେ ଅଧିକ ସକ୍ଷମ ହୋଇଥିବାର ହିଁ ଜଣାଯାଏ ମୁକ୍ତ ତଥା ଅବାଧ ଭାବରେ । କବି ରୋବର୍ଟ ଫୋଷ୍ଟଙ୍କ ଭାଷାରେ ପ୍ରତିଟି ଶ୍ରେଷ୍ଠ ଓ କାଳଜୟୀ କବିତା ସଦା ସର୍ବଦା ପାଠକ ମନରେ ଯେଉଁ ଅନାହତ ତଥା ଚିରସ୍ଥାୟୀ କ୍ଷତ (Permanent wounds) ସୃଷ୍ଟି କରିଥାଏ, ତାହା କେବେହେଲେ ଆରୋଗ୍ୟ ପ୍ରାପ୍ତ ହୋଇନଥାଏ । ସୁତରାଂ, ଏକ ସୁନ୍ଦର କବିତା ଭିତରେ ଏପରି ଏକ ସଂମୋହନ ଶକ୍ତି ନିହିତ ଥାଏ, ଯାହା ଜୀବନସାରା ପାଠକକୁ ଏକତା ସୂତ୍ରରେ ଆବଦ୍ଧ କରି ରଖିଥାଏ । କବି ବ୍ରଜନାଥ ରଥଙ୍କ କବିତା ଭିତରେ ଏପରି ଜୀବନୀ ଶକ୍ତି (Life Force) ରହିଛି, ଯାହା ପାଠକ ସହିତ ଏକ ନିବିଡ ତଥା ଘନିଷ୍ଟ ସଂପର୍କ ସ୍ଥାପନରେ ପୂର୍ଣ୍ଣ ମାତ୍ରାରେ ସହାୟକ ହୋଇଥାଏ । ଏଣୁ କବିତା ହେଉଛି କବି ଚେତନାର   ଅନ୍ତରିଣ ପରିପ୍ରକାଶର ସର୍ବଶ୍ରେଷ୍ଠ ମାଧମ ବ୍ୟତୀତ ଆଉ କଣ ହୋଇପାରେ କବିତାର ରସ ସ୍ୱାଦନ କରିବାକୁ ହେଲେ ହୃଦୟାବେଗର ଆବଶ୍ୟକତା ରହିଛି । ବୁଦ୍ଧିବାଦର ପ୍ରଭାବ ଏଠାରେ ସ୍ୱଳ୍ପ ପରି ପ୍ରତ୍ୟୟମାନ ହୋଇଥାଏ । କବିତା ଏକ ସୁକ୍ଷ୍ମ କଳା । ଏହା ସର୍ବଦା ଅତିମାତ୍ରାରେ ପରିବ ିନକୁ ସହ୍ୟ କରି ପାରେନା । ମୋଟାମୋଟି ଭାବରେ କବିତାର ସରଳତା, ସାବଲୀଳତା, ସ୍ୱଚ୍ଛନ୍ଦତା, ସ୍ୱତଃସ୍ଫୁ ିତା, କୋମଳତା, ରସମୟତା, ଆବେଗଧର୍ମିତା, ଜୀବନଧର୍ମିତା ଉପରେ ନିର୍ଭରଶୀଳ ହୋଇଥାଏ । ଏଣୁ ଏଠାରେ କବିର ସ୍ୱାଭାବିକ ଜୀବନ ଧାରାର ଅପ୍ରତିହତ ପ୍ରବାହକୁ ଲକ୍ଷ୍ୟ କରିହୁଏ ମାର୍ମିକ ଅବବୋଧ ମଧରେ । କବି ଦୁର୍ଗାମାଧବ ମିଶ୍ରଙ୍କ ଭାଷାରେ "କବିତା ସବୁକାଳେ ହୃଦୟକୁ ସ୍ପର୍ଶ କରୁଥିଲା । ହୃଦୟକୁ ସ୍ପର୍ଶ କରିବା ନିମନ୍ତେ ବିଦ୍ୟା ବୁଦ୍ଧିର ପ୍ରୟୋଜନ ନାହିଁ । ମନକୁ ମନ ତାହା ଆନନ୍ଦ ଦିଏ ଓ ସମାଜର ନାନାଦି ବିଭାବ ଓ ସମସ୍ୟା ପ୍ରତି ମଧ ପାଠକ ଅଭିହିତ ହୁଏ । ଦୁର୍ବୋଧତା ନାମରେ କବିତାରେ ଯେଉଁ ପ୍ରକାର ଆତସବାଜି ଚାଲିଛି, ତାହା ଚିରକାଳ କବିତାକୁ ପଂଗୁ କରିଦେବ, ଏଥିରେ ସନ୍ଦେହ ନାହିଁ । କେବଳ ମସ୍ତିଷ୍କର ବଢେଇ କରି କମ୍ପୁଟର ମଧ କବିତା ଲେଖିପାରେ । ତାହାର ଯେପରି କୌଣସି ଅର୍ଥ ନାହିଁ, ହୃଦୟ ବିହୀନ କବିତାର ମଧ କୌଣସି ଅର୍ଥନାହିଁ । ଆହୁରି ମଧ ଅନେକ ମନ୍ଦ କବି ଯଶଃ-ପ୍ରାର୍ଥୀ ଏହି ମୌକାର ସୁଯୋଗ ନେଇ କବି ପାଲଟିବାର ଲୋଭ ଛାଡି ପାରୁନାହାନ୍ତି । ଯାହା ତାହା ଦୁଇ ଧାଡି ଲେଖି ଦେଇ କବିତା ଫିଙ୍ଗି ଦେଲେ ଚଳିବ ନାହିଁ । ଯଦି କବିତାର ଦୁର୍ବୋଧତା କବିତାର ମାନଦଣ୍ଡ ହେଲା, କବିତା ଲେଖିବା ବୋଧହୁଏ ସବୁଠାରୁ ସହଜ ବ୍ୟାପାର ହେବ । ଅବଶ୍ୟ ଜୀବନର ଜଟିଳତା ସହିତ ସମତାଳ ରଖି, କବିତା ଯେ ଅନେକଟା ଅସ୍ପଷ୍ଟ ହେବ ଏଥିରେ ସନ୍ଦେହ ନାହିଁ, କିନ୍ତୁ କବିତାର ତାହା କେବଳ ଏକମାତ୍ର ଲକ୍ଷଣ ନୁହେଁ । ଜୀବନର ଜଟିଳତା ବଢିଚାଲିଛି । ତଥା କଥିତ ନିରାଶା, ଜାତୀୟ ଚରିତ୍ରରେ ଘୁଣ ସୃଜୁଛି । ମନର ଦମ୍ଭ ଚାଲିଯାଉଛି, କିନ୍ତୁ ଏସବୁର ସମ୍ୟକ ଚିତ୍ର ପରିବେ  କବିତାକୁ ଆହୁରି ଜଟିଳ କରିବାର ଉଦ୍ଦେଶ୍ୟ କଣ ସେହି ସମସ୍ତ ଭାବରାଜି କଅଣ ସାବଲୀଳ

ଭାବରେ ପ୍ରକାଶ କରାଯାଇ ପାରେନା (ସାଂପ୍ରତିକ ଓଡିଆ କବିତାର ଗତି ଓ ପ୍ରକୃତି- ମୋ ଦୃଷ୍ଟିରେ ସାଂପ୍ରତିକ ଓଡିଆ ସାହିତ୍ୟ) ମୋଟାମୋଟି ଭାବରେ, ସରଳ ପଦଧ୍ୱନିରେ ତଥା ସ୍ୱତଃସ୍ଫୂର୍ତ୍ତ ରୀତିରେ ଓଡିଆ କାବ୍ୟ ପରଂପରା ପ୍ରତି ଗଭୀର ସମର୍ଥନ ଜ୍ଞାପନ ପୂର୍ବକ ପୁରୋଦୃଷ୍ଟି ସଂପନ୍ନ ହୋଇ କବିତା ରଚନା କରିବାର ନୂତନ ଧାରାଟି କବି ବ୍ରଜନାଥଙ୍କ ଦ୍ୱାରା ଆରମ୍ଭ କରାଯାଇଥିବାର ଦୃଷ୍ଟାନ୍ତ ଆଦୌ ବିରଳ ନୁହେଁ।

ସମୟର ଉଜାଣି ସ୍ରୋତରେ ସାହିତ୍ୟ ହିଁ ସମାଜକୁ ପଥ ପ୍ରଦର୍ଶନ କରାଇଥାଏ। ଅଭାବରେ ଭାବ ଓ ମାପରେ ଅମାପ ସୃଷ୍ଟି କରାଇବାରେ ସାରସ୍ୱତ ସ୍ରଷ୍ଟା ପୁରୁଷଟିଏହିଁ ପୂର୍ଣ୍ଣମାତ୍ରାରେ ସମର୍ଥ ହୋଇଥାଏ। ବ୍ରଜନାଥ ଆଜୀବନ ଏକ ଶୋଷଣ ମୁକ୍ତ ସମାଜ ଗଠନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଓ ଅଂଗୀକାରବଦ୍ଧ ହୋଇ ଉଠିଛନ୍ତି। ଏଣୁ ଏକ ସାମ୍ୟବାଦୀ ରାଷ୍ଟ୍ର ଗଠନର ପରିକଳ୍ପନା କବିର ଚିନ୍ତା ଚେତନାକୁ କରିଦିଏ ଗଭୀର ଆନ୍ତରିକପୂର୍ଣ୍ଣ ମାନସିକତାରେ ସମୃଦ୍ଧ ଏବଂ ଐଶ୍ୱର୍ଯ୍ୟ ବିମଣ୍ଡିତ। କବିତା ଭିତରେ ତମାମ ଜୀବନର ଉତ୍‌ଥାନ ଓ ପତନର ମାର୍ମିକ ଅବବୋଧକୁ ସୃଷ୍ଟି କରାଯାଇପାରେ ନିରହଂକାର ଚି  ରେ। ଏଣୁ ଅନେକ ନୂତନ ସୀମା ଓ ସଂଭାବନାର ଦିଗ ଉନ୍ମୋଚିତ ହୋଇଯାଏ ପ୍ରଚୁର ଆତ୍ମ-ପ୍ରତ୍ୟୟ ବଳରେ। କବିତା ହୁଏ ଗଭୀର ପ୍ରେମାନୁଭବର ମାଧ୍ୟମ। ସୌନ୍ଦର୍ଯ୍ୟାନୁଭୁତିର ଏକ ବଳିଷ୍ଠ ଦିଗ। ସୁତରାଂ, କବିତା ଭିତରେ କବିର ପରିବର୍ତ୍ତିତ ଦୃଷ୍ଟିକୋଣ ତଥା ଶୈଳୀ ମାଧ୍ୟମରେ ଏକ ନୂତନ ଭାବସଂପଦର ଆବିର୍ଭାବ ଘଟିଚାଲେ। ଏଣୁ କବି ସମାଲୋଚକ ସୌରୀନ୍ଦ୍ର ବାରିକ ଯଥାର୍ଥରେ ଲେଖିଛନ୍ତି, "ବାସ୍ତବତାର ବାହ୍ୟରୂପ ବଦଳେ। ଏ ବାହ୍ୟ ରୂପର ବର୍ଣ୍ଣନାରେ କବିତାର ବେଶି ପରିବର୍ତ୍ତନ ହୁଏନା। କବିତାର ପରିବର୍ତ୍ତନ ହୁଏ, ବାହ୍ୟ ପରିବର୍ତ୍ତନ ସହ ଯଦି ମଣିଷର ଦୃଷ୍ଟିକୋଣର ପରିବର୍ତ୍ତନ ହୁଏ। ନୂତନତାକୁ କବି କେଉଁ ରୂପ ଦେଇଛି, ସାର୍ବଜନୀନତାକୁ ବ୍ୟକ୍ତିତ୍ୱର କି ପୁଟ ଦେଇଛି, କଳ୍ପନାର ରଂଗ ଦେଇଛି ଏବଂ ତାରି ସାହାଯ୍ୟରେ ଚିରନ୍ତନକୁ କେମିତି ସ୍ପର୍ଶ କରୁଛି, ତାରି ଉପରେ କବିତାର ଆଧୁନିକତା ଆସେ। ଏହିଠାରେ ହିଁ କବିତା ଗତାନୁଗତିକତାରୁ ମୁକ୍ତ ହୁଏ। ତେଣୁ ସବୁ ସୃଷ୍ଟି ବାସ୍ତବତାର ବ୍ୟକ୍ତିଗତ ରୂପାନ୍ତର। ଏହି ରୂପାନ୍ତର ଆସେ କଳ୍ପନା ଦ୍ୱାରା, ପରିବର୍ତ୍ତିତ ଦୃଷ୍ଟିକୋଣ ଦ୍ୱାରା, ଶୈଳୀ ଦ୍ୱାରା।" (ସାଂପ୍ରତିକ କବିତା-ଏକ ଦିଗନ୍ତ- ମୋ ଦୃଷ୍ଟିରେ ସାଂପ୍ରତିକ ଓଡିଆ ସାହିତ୍ୟ) ଏଣୁ ସମୟାନୁସାରେ କବିତାର ଆଂଗିକ ଏବଂ ଆତ୍ମିକ ଜଗତର ବ୍ୟାପକ ପରିବର୍ତ୍ତନମାନ ସଂଗଠିତ ହୋଇଥାଏ। ସ୍ଥାନ-କାଳ-ପାତ୍ର ନିର୍ବିଶେଷରେ କବି ହୃଦୟରେ ଯେଉଁ ପ୍ରାଣ-ସ୍ପନ୍ଦନ ଅନୁଭୂତ ହୁଏ, ତାହାର ସାମାଜିକୀକରଣ ଅଧିକ ଯୁଗୋପଯୋଗୀ ପରି ପ୍ରତ୍ୟୟମାନ ହୋଇଥାଏ। ଜଣେ ଅସାଧାରଣ ପ୍ରତିଭା ସଂପନ୍ନ କାବ୍ୟଶିଳ୍ପୀ ଭାବରେ ବ୍ରଜନାଥ ରସଘନ ଅମୂର୍ତ୍ତ ମୁହୂର୍ତ୍ତର ପ୍ରାଣ-ସ୍ପନ୍ଦନକୁ କବିତାରେ ରୂପାୟିତ କରିବାର ଅମିତ କ୍ଷମତା ଓ ଅକ୍ଷତ ଦକ୍ଷତା ରହିଥିବାର ଦୃଷ୍ଟିପଥାରୁଢ଼ ହୋଇଥାଏ। ଏଣୁ ସେ ଗତାନୁଗତିକ ଧାରା ଓ ଧରାକୁ ପରିହାର ପୂର୍ବକ ନୂତନ ଭାବଧାରାର ପ୍ରଚଳନ ଦିଗରେ ନବନବ ଆଭିମୁଖ୍ୟ ପ୍ରଦର୍ଶନ କରିଯାଇଥିବାର ଜଣାଯାଏ। ସମୟ ବଡ ବଳବାନ। ସମୟାନୁସାରେ ପ୍ରତ୍ୟେକ ସାରସ୍ୱତ ସ୍ରଷ୍ଟାର ଦୃଷ୍ଟି ଓ ଦର୍ଶନ ଦ୍ରୁତଗତିରେ ପରିବର୍ତ୍ତିତ ହୋଇଥାଏ। ସୁତରାଂ, କବି ବ୍ରଜନାଥ ରଥଙ୍କୁ ସମାଲୋଚକ ମାନେ ଫୁଲ ଓ ବନ୍ଧୁକର କବି ଭାବରେ ଗ୍ରହଣ କରିଛନ୍ତି। ସୁତରାଂ, କବି ଶ୍ରୀ ରଥ ଆପଣାର ଦୃଷ୍ଟିକୋଣଟିକୁ ଅଧିକ ସ୍ୱଷ୍ଟ କରିବାକୁ ଯାଇ ଲେଖିଛନ୍ତି, ମୋ କବିତାରେ ଭାବ, ଅନ୍ୟଟି ବିଦ୍ରୋହର ଭାବ। ହଁ ମୁଁ ବି ସ୍ୱୀକାର କରେ ମୋ ଭିତରେ ଏ ଦୁଇଟି ଚେତନା ଏକା ସାଥିରେ ହାତ ଧରାଧରି ହୋଇ ଚାଲିଛନ୍ତି। କେଉଁଟା ବଡ, କେଉଁଟା ଛୋଟ, କେଉଁଟା ଦୁର୍ବଳ, କେଉଁଟା ସବଳ କହି ପାରିବି ନାହିଁ, କିନ୍ତୁ ମୁଁ ଏ ଉଭୟଙ୍କୁ ସମଦୃଷ୍ଟିରେ ଦେଖେ, ଉଭୟଙ୍କ ଅସ୍ତିତ୍ୱକୁ ସମଭାବରେ ସ୍ୱୀକାର କରେ। ସୃଷ୍ଟିର ପ୍ରଥମ ଶ୍ଳୋକ ଯାହା ଆଦି କବି ବାଲ୍ମୀକିଙ୍କ କଣ୍ଠରୁ ନିଃସୃତ ହୋଇଥିଲା ବୋଲି କୁହାଯାଏ ତାହା ଏହି ଉଭୟ କାରୁଣ୍ୟଓ କ୍ରୋଧ (ବିଦ୍ରୋହ)ରୁ ହିଁ ଗୁରୁତ୍ୱ ଯଥେଷ୍ଟ। ଖାଲି କରୁଣା ବା ଖାଲି କ୍ରୋଧ (ବିଦ୍ରୋହ) ସୃଷ୍ଟିକୁ ବା ସ୍ରଷ୍ଟାକୁ ମହୀୟାନ୍ କରି ପାରିବ ନାହିଁ ବୋଲି ମୋର ବିଶ୍ୱାସ (ମୁଁ କାହିଁକି ଲେଖେଁ) ପ୍ରେମ ଓ ବିଦ୍ରୋହ ସତେ ଯେପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏଣୁ ଗୋଟିଏ ବିନା ଅନ୍ୟର ଅସ୍ତିତ୍ୱ ସଂପୂର୍ଣ୍ଣ ନିରର୍ଥକ। କବିତା ଭିତରେ କବିର କୋମଳ ପ୍ରାଣର ସରଳତମ ଭାବାବେଗ ପୁଣି ଆଉ କେତେବେଳେ ବିଦ୍ରୋହ ଜନିତ ଉଗ୍ରଭାବ ଚେତନାର ଦୀପ୍ତ ପ୍ରକାଶ, ଆତ୍ମସ୍ଥ ହୋଇଥାଏ। ଏଣୁ କବି କେତେବେଳେ କ୍ରାନ୍ତିଦର୍ଶୀ ହୁଏ ପୁଣି ଆଉ କେଉଁ ସମୟରେ "କାନ୍ତା ସମ୍ମିତ" ଉପଦେଶ ପ୍ରଦାନରେ ପରମ ପ୍ରଶାନ୍ତି ଲାଭ କରିଥାଏ। ତେଣୁ ସିନା ବ୍ରଜନାଥ ଯଥାର୍ଥରେ ଗାଇଛନ୍ତି, "ମାଟିର କୋଳରେ ସ୍ତନ୍ୟ ପିଇ ମୁଁ / ଶୂନ୍ୟ ଦୋଳରେ ଝୁଲେ/ ଊର୍ଦ୍ଧ୍ୱ ଗଗନେ ଦୃଷ୍ଟି ମୋହର / ଚରଣ ଧରଣୀ ତଳେ।" (ଅଭଙ୍ଗା କଣ୍ଢେଇ) ତେଣୁ କବି ଜୀବନବାଦୀ କାବ୍ୟଶିଳ୍ପୀ ଶ୍ରୀ ରଥ ଆଜୀବନ ମାଟି ଓ ମଣିଷ ପ୍ରତି ଯେତେ ସହାନୁଭୂତି ଓ ସଂବେଦନଶୀଳ ହୋଇ ଉଠିଛନ୍ତି, ତାର ଇୟ  । ନାହିଁ। ପ୍ରେମ ଓ ସହାନୁଭୂତି ଓ ବିଦ୍ରୋହ ଭିତରେ ଅପୂର୍ବ ସମନ୍ୱୟ ସ୍ଥାପନ ପୂର୍ବକ ଗାଇଛନ୍ତି ମାନବତାର ସଂଗୀତକୁ ମନ୍ମୟ ଚି  ରେ।

ଆଧୁନିକ ଓଡିଆ କାବ୍ୟଧାରାରେ ଫକୀର ମୋହନ, ମଧୁସୂଦନ, ଗଙ୍ଗାଧର, ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ପ୍ରମୁଖ ସ୍ରଷ୍ଟାଗଣ ଯୋଉଁ ନୂତନ ଚିନ୍ତା ଓ ଚେତନାର ପ୍ରୟୋଗ କରି ଯାଇଛନ୍ତି ସଫଳତାର ସହିତ, ତାହାର ଉ  ର ଦାୟାଦଭାବରେ ବ୍ରଜନାଥ ଉ  ର-ଷାଠିଏ କାବ୍ୟଧାରାରେ ପରଂପରା ଓ ପୁରୋଦୃଷ୍ଟିର ନିଚ୍ଛକ ପରିଚୟ ପ୍ରଦାନ କରିଯାଇଛନ୍ତି। ସର୍ବଦା ମାନବକୁ ସର୍ବଶ୍ରେଷ୍ଠ ଆସନରେ ସେ କରାଇପାରିଛନ୍ତି ସମାସୀନ। ଧର୍ମର ଅଫିମ ମଣିଷକୁ ସର୍ବଦା "କିଂକର୍ତ୍ତବ୍ୟ ବିମୂଢ଼" ଅବସ୍ଥାରେ ରଖିଆସିଛି। ଜୀବନ ଯେଉଁଠାରେ ବିପନ୍ନ, ସେଠାରେ ମଣିଷର ଭାଗ୍ୟ ଓ ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହୋଇଯାଏ। କବିର ଦିବ୍ୟ ଚେତନାରେ ଚିରନ୍ତନ ଜୀବନ-ସତ୍ୟର ଉତ୍‌ଥାନ ସଂଗଠିତ ହୁଏ। ତାହାହିଁ ସତ୍ୟ-ଧର୍ମ-ନ୍ୟାୟ-ଆଦର୍ଶ ଆଦିର ଦ୍ୟୋତକ। P.B. Shelley ଯଥାର୍ଥରେ ତାଙ୍କର "Define of Poetry" ଗ୍ରନ୍ଥରେ କହିଛନ୍ତି "A poem is the very image oflife

expressed in its eternal truth (Oxford University Press-1962 P-231)" ସୁତରାଂ, ଜୀବନ-ଜିଜ୍ଞାସାର ସ୍ୱର ଓ ସାକ୍ଷର ଅନୁରଣିତ ହୁଏ ସମଗ୍ର କାବ୍ୟ ସ । ମଧ୍ୟରେ । କବିତା ଭିତରେ କବି ଚେତନାର ଦିବ୍ୟ ସ୍ଫୁରଣ ଯେଉଁଭଳି ସାରସ୍ୱତ ଭାବ ଚେତନାର ପରିପ୍ରକାଶ ଘଟେ, ତାହା ଅନିର୍ବଚନୀୟ ଅଟେ । ଏଣୁ କବି ଓ କବିତାର ସଂପର୍କ ଯେତେ ନିତ୍ୟ-ନୂତନ, ସେହିପରି ତାହା ଅତି-ପୁରାତନ ମଧ୍ୟ । ସମାଲୋଚକ ଡଃ କାହ୍ନୁ ଚରଣ ପାଢୀଙ୍କ ମତାନୁସାରେ, "କବିତା ସ୍ୱରୂପ କବିଙ୍କ ମନ, ଅନୁଭବ ଓ ଚରିତ୍ର ସହ ସମ୍ବନ୍ଧାନ୍ୱିତ । ତାଙ୍କ ବ୍ୟକ୍ତିତ୍ୱ ଓ ସ୍ୱଭାବ ଏଥିରେ ଅବଶ୍ୟ ଏକ ବୃହତ୍ ଆସନର ଅଧିକାରୀ । କାବ୍ୟ ମାଧ୍ୟମରେ ଆତ୍ମ ପ୍ରକାଶକାମୀ କବିଙ୍କ ପ୍ରକୃତିର ସହଜ ସମ୍ବନ୍ଧ କାବ୍ୟର ଆତ୍ମିକ ତ ୍ସହ ନିଶ୍ଚିତ ନିହିତ । ସୃଷ୍ଟିଗତ ସୌନ୍ଦର୍ଯ୍ୟ ସହ କଳାତ୍ମକ ରୂପ ନେଇ କବିକର୍ମରେ କବି ସ୍ୱଭାବ ଆତ୍ମ ପ୍ରକାଶକରୁଥିବା ସାହିତ୍ୟ ଶାସ୍ତ୍ରରେ ଏକ ବିଶିଷ୍ଟ ଚିନ୍ତନ । ଉଭୟ ପ୍ରାଚୀନ ଭାରତୀୟ ଓ ପାଶ୍ଚାତ୍ୟ ସାହିତ୍ୟ ଶାସ୍ତ୍ରରେ ସୁସଂଗତ ଓ ଉନ୍ନତ ସାହିତ୍ୟ ସୃଷ୍ଟି ପାଇଁ କବିଙ୍କ ବଳିଷ୍ଠ ଚରିତ୍ର ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।"(କବି-କବିତାର ସଂପର୍କ ପ୍ରାଚ୍ୟ-ପାଶ୍ଚାତ୍ୟ ଚିନ୍ତନ ଓ ମଧ୍ୟକାଳୀନ ଓଡିଆ କାବ୍ୟ-ସପ୍ତର୍ଷି ତୃତୀୟ ସଂଖ୍ୟା-୨୦୧୭) ଯେଉଁଠାରେ ଆଶା ଓ ବିଶ୍ୱାସ ବଳବ ର ହୋଇ ରହିଛି, ସେଠାରେ କବି ଚେତନାରେ ସ୍ୱପ୍ନ ଓ ସଂଗ୍ରାମ ବିଦ୍ୟମାନ ରହିଥାଏ ଚିରକାଳ । କାବ୍ୟିକ ଛଟା ଓ କଳ୍ପନା ବିଳାସର ଆବେଗରେ କବିତା ହୋଇଯାଏ ମନମତାଣିଆ ଓ ହୃଦୟଗ୍ରାହୀ । ଦର୍ଶନ ଓ ଆଦର୍ଶ ଭିତରେ ଶବ୍ଦ ହୋଇଯାଏ ଛନ୍ଦାୟିତ ଓ ଦୋଳାୟିତ । କବିତାର ପ୍ରତି ଛତ୍ରେ ଛତ୍ରେ ଫୁଟି ଉଠେ ସ୍ୱାଭାବିକ ସ୍ୱାଚ୍ଛନ୍ଦ୍ୟ । ସତଃସ୍ଫୁ ଭାବରେ ଆତ୍ମ-ପ୍ରକାଶ କରେ ପ୍ରେମ ଓ ସୌନ୍ଦର୍ଯ୍ୟାନୁଭବ । ସେଥିପାଇଁ, କବି ଗାଇପାରନ୍ତି, ଦୀଘାର ସମୁଦ୍ର/ଟିକିଏ ଫୁଲେଇ ହେଲେବି/ଖୁବ୍ ସଂଭ୍ରାନ୍ତ ଓ ଭଦ୍ର ।" କଳ୍ପନା ଓ ବାସ୍ତବିକତା ମଧ୍ୟରେ ଏକ ସୁମଧୁର ସମନ୍ୱୟ ସ୍ଥାପନର ପରିକଳ୍ପନା କବିଙ୍କୁ କରେ ଭାବରେ ବିହ୍ୱଳ । ମନେମନେ ସେ ଅନେକ ପ୍ରଶ୍ନର ସମ୍ମୁଖୀନ ହୋଇଯାନ୍ତି । ଏଣୁ ଏକଦା ଇଂରାଜୀ କବି କିଟ୍ସ ମଧ୍ୟ ନାଇଟିଙ୍ଗେଲ ପକ୍ଷୀର ସ୍ୱରରେ ବିମୋହିତ ହୋଇ ଗାଇଥିଲେ । "was it a voice or awakening dream" କବି ଚେତନାରେ ଯୁଗପତ୍ କଳ୍ପନା ଓ ବାସ୍ତବତାର ଏକ ସଂଘର୍ଷର ସୂତ୍ରପାତ ହୋଇଚାଲିଥାଏ । ପ୍ରକୃତି ପ୍ରେମୀ କବି ଶ୍ରୀ ରଥଙ୍କ ଦିବ୍ୟ ଭାବ ଚେତନାକୁ ଆଦ୍ର, ସାନ୍ଦ୍ର ଓ ମନ୍ଦ୍ର କରିଦିଏ ପ୍ରକୃତିର ଅପରୂପ ଭାବ ସଂପଦ । ଏଣୁ ସିନା କବି କଳ୍ପନା-ଚକ୍ଷୁରେ ସଂଦର୍ଶନ କରି ଗାଇପାରନ୍ତି, ଆମ ଆଖି ଦୃଶ୍ୟପଟେ ଆମରି ମନରେ / ଭୁଲି ବି ପାରୁନି ଭୁଲି ତା ଆଖିର ଚପଳତା/ତା ଉର୍ମିଳ ଚାଲି/ ଏତେ ଦିନ ପରେ ପୁଣି/ତାକୁ ଛାଡି ଫେରିବାର ପରେ"ଏଭଳି ଅପାର୍ଥିବ ଭାବଚେତନା ଦ୍ୱାରା କବି ହୁଏ ଚିରକାଳ ଆପ୍ଲୁତ । ରହସ୍ୟ ବିଜଡିତ ହୋଇଯାଏ ତାର ତନୁମନ । କବି ମଧ୍ୟ ହୋଇଯାଏ ଆତ୍ମ-ବିଭୋର । ଏକଦା Willium Wordsworth ମଧ୍ୟ ପ୍ରକୃତିର ରହସ୍ୟମୟତାକୁ ଭେଦକରି ନପାରି ଏକ କୃଷକ କନ୍ୟାର ସଂଗୀତର ମୂର୍ଚ୍ଛନାରେ ମୁହ୍ୟମାନ ହୋଇ ଯାଇଥିଲେ । ସେଭଳି ସଂଗୀତ ତାଙ୍କ ପ୍ରାଣକୁ କରି ଦେଇଥିଲା ଆମୋଦିତ ଓ ବିହ୍ୱଳିତ ସୁତରାଂ, ଏକ ଗଭୀର ଅନୁରାଗରେ କବି ଗାଇଛନ୍ତି "The music in heart I bore / Long another it was heard no more" କବି ବ୍ରଜନାଥ ମଧ୍ୟ Keats ଏବଂ Wordsworth ଙ୍କ ପରି ହୋଇ ଯାଇଛନ୍ତି ଆତ୍ମ ବିଭୋର ଏବଂ ତଲ୍ଲୀନ ।

ରାଧାନାଥଙ୍କ ଠାରୁ ବ୍ରଜନାଥଙ୍କ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ କବିଙ୍କର କବିତାରେ ପ୍ରେମାନୁଚିନ୍ତା ବିଶେଷଭାବରେ ପ୍ରାଧାନ୍ୟ ଲାଭ କରିଥିବାର ଜଣାଯାଏ । ଓଡିଆ ସାହିତ୍ୟରେ ରୋମା ିକ୍ ଅନୁଭବର ସ୍ୱର ବେଶ ତୀବ୍ର ଉଗ୍ର ଏବଂ ଆଦ୍ର ରୂପରେ ଅନୁଭୂତହୋଇଥାଏ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏ ଦିଗରେ ଅନନ୍ୟ ଓ ଅସାଧାରଣ ପ୍ରତିଭାର ପରିଚୟ ପ୍ରଦାନ କରି ଯାଇଛନ୍ତି । ଏଣୁ ଓଡିଆ କାବ୍ୟ ଜଗତରେ ପ୍ରେମ ଓ ସୌନ୍ଦର୍ଯ୍ୟର ମହାନ ଅନୁଭବ ବିଶେଷ ଭାବରେ ହୁଏ ପରିଲକ୍ଷିତ । "Hunger and love rule the world" ଏଣୁ ସମଗ୍ର ବିଶ୍ୱରେ ଦୁଇଟି ଚରମ ସତ୍ୟ ବିଦ୍ୟମାନ । ତାହା ହେଉଛି କ୍ଷୁଧା ଓ ପ୍ରେମ । ଏଣୁ ପ୍ରେମବିନା ମଣିଷ ଜୀବନର ଗତି କିମ୍ବା ମୁକ୍ତି ନାହିଁ । ଏଣୁ ସିନା ଶ୍ରୀ ଅରବିନ୍ଦ ଗାଇଛନ୍ତି, My will is greater than thy/how, o death/ my love is stronger than the/bonds of Fate (SABITRI). ଏଣୁ ସିନା ପ୍ରେମର ମହତ୍ୱ ଓ ଗୁରୁତ୍ୱକୁ ପ୍ରତିପାଦନ କରିବାକୁ ଯାଇ ରାଧାନାଥ ମଧ୍ୟ ଗାଇଛନ୍ତି, "ମହାବଳୀ ପ୍ରେମ ଅଟଇ ମହୀର/ ପ୍ରେମ ସିନା କରେ ଅବଳାକୁ ବୀର/ ପ୍ରେମ ଦିଏ ବୁଦ୍ଧି, ଉଦ୍ୟୋଗ, ସାହସ/ ପ୍ରେମ କରିପାରେ ଅବଶକୁ ବଶ ।" (ନନ୍ଦି କେଶରୀ) ଏଣୁ ଏପରି ଭାବରେ ଗୋପବନ୍ଧୁ, ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂହ, ବୈକୁଣ୍ଠନାଥ ପଟ୍ଟନାୟକ ପ୍ରମୁଖ କବିମାନେ ପ୍ରେମର ମହତ୍ୱ ପ୍ରସ୍ଥାପନରେ ହୋଇଯାଇଛନ୍ତି ବିମୁଗ୍ଧ । ଯୁଗେ ଯୁଗେ ପ୍ରେମାନୁଭବର ସ୍ୱର ଭିତରେ ଥାଏ ଏକ ଦିବ୍ୟାନୁଭବର ଅଫୁରନ୍ତ ଉତ୍ସ । ଯାହା ମାନବ ଜୀବନକୁ ମହାର୍ଘ ଅନୁଭବରେ କରିଦିଏ ଅନୁରଣିତ ଓ ଅଭିଷିକ୍ତ । ପ୍ରେମର ଶାଶ୍ୱତ ମହିମାଗାନରେ ପ୍ରମ ହୋଇ କବି ବ୍ରଜନାଥ ସ୍ୱୀକାରୋକ୍ତି ପ୍ରଦାନ କରିବାକୁ ଯାଇ କହିଛନ୍ତି, ସୃଷ୍ଟିର ଆଦିମ ସ୍ୱପ୍ନ ଆଖିତଳେ ନଇଁ ଆସୁ ଆସୁ/ ବାହୁର ବଳୟେ ଭିଡ, ଛାତିପରେ ଥାପି ନିଜ ଛାତି,/ ପ୍ରଣୟର ଯେ କବିତା, ସୃଜନର ଯେ ଆଦି ସଂଗୀତ/ପ୍ରେମିକର କାନେ ପ୍ରତି ପ୍ରେମିକ ତ ପଢୁଥାଏ ନିତି ।" (ଆଦିମ ସଂଗୀତ-ନିଜସ୍ୱ ସଂଳାପ) ଏହାହିଁ କବିର ଆତ୍ମଲିପି । କବିତାହିଁ ତ ଜୀବନ ପାତ୍ରକୁ ପରିପୂର୍ଣ୍ଣ କରାଏ । କବିର ଜୀବନ ହୋଇଥାଏ ମହାଜୀବନ । ତା'ର ଆତ୍ମା ହିଁ ବିଶ୍ୱ ଆତ୍ମାର ପ୍ରାଣ ପ୍ରତିଷ୍ଠାତା । ଏଣୁ ସିନା କବିଟିଏ ହେବାର ତୀବ୍ର ଅନୁଭବ ମଣିଷକୁ ବ୍ୟସ୍ତ ଓ ବିବ୍ରତ କରିପକାଏ । ସେ ହୋଇଯାଏ ବିଶ୍ୱ ମାନବର ପ୍ରାଣକେନ୍ଦ୍ର । ସେଥିପାଇଁ ସମାଲୋଚକ ଡକ୍ଟର ନିତ୍ୟାନନ୍ଦ ଶତପଥୀ ଯଥାର୍ଥରେ ପ୍ରେମର ମହାର୍ଘ ଅନୁଭବକୁ ଅଧିକ ମହ ୍ପ୍ରଦାନ ପୂର୍ବକ ମୁକ୍ତ କଣ୍ଠରେ ଘୋଷଣା କରିବାକୁ ଯାଇ ଲେଖିଛନ୍ତି, "ରାଧାନାଥଙ୍କ ଠାରୁ ମାନସିଂହ, ଓଡିଆ ପ୍ରେମ କବିତାରେ ଉଚ୍ଛ୍ୱାସ ଓ ଆକୁଳତାର ଗୋଟିଏ ଯୁଗ । ଏଯୁଗର କବି ତାର ଚେତନାର ସଂଚାର ପଥରେ ଜୀବନ ଜଂଜାଳ, ଯୁଦ୍ଧ ଜନିତ ଅଶାନ୍ତି ଓ ହତାଶା, ଆର୍ଥନୀତିକ ସଂକଟ, ରାଜନୀତି ଜନିତ ପ୍ରତାରଣା ଆଦିର ଧ୍ୱନି ଶୁଣି ମଧ୍ୟ ଶୁଣିନାହିଁ । ତେଣୁ ତାଙ୍କ ସାହିତ୍ୟ ସାଧନାର ଯୁକ୍ତି ଓ ବାସ୍ତବତା ଅପେକ୍ଷା ରୂପତୃଷ୍ଣା ଓ ରୋମା ିକ ବେଗ ଅଧିକ ପ୍ରକାଶ

ପାଇଛି । କିନ୍ତୁ ଫ୍ରଏଡ୍ ଓ ମାର୍କସଙ୍କ ପ୍ରଭାବରେ କବିତା କ୍ରମେ ତାର ଏଇ ରୂପଗତ, ଉଚ୍ଚାସଧର୍ମିତାକୁ ପରିହାର ନକରି ବ୍ୟକ୍ତି ଓ ସମାଜର ସର୍ବନିମ୍ନ ସ୍ଥୁଳ ଆବଶ୍ୟକତା ପ୍ରତି ଦୃକପାତ କରିଛି । ପ୍ରେମ ଓ ପ୍ରଣୟର ବା ା କ୍ରମେ ହୋଇଛି ଧୂସର ଓ ମଳିନ" । (ଆଧୁନିକ ପ୍ରେମ କବିତା-ଏକ ସମୀକ୍ଷା) ଯଥାର୍ଥରେ ପ୍ରତ୍ୟକ ମଣିଷର ଜୀବନରେ ପ୍ରେମର ଅନୁଭବ ଅଧିକ ତୀବ୍ରତର ଭାବରେ ଅନୁଭୂତ ହୋଇଥାଏ, ଏହା ନିଃସନ୍ଦେହ । ପ୍ରେମର ଅନୁଭବ ଏତେ ମାର୍ମିକ ଅବବୋଧ ସୃଷ୍ଟି କରେ ଯେ, ତାହା କବି ଚେତନାରେ ସୌନ୍ଦର୍ଯ୍ୟାତ୍ମକ ରୂପ ପରିଗ୍ରହଣ କରିବା ପାଇଁ ଅଫୁରନ୍ତ ଉତ୍ସ ସୃଷ୍ଟି କରାଇବାରେ ସକ୍ଷମ ହୋଇଥାଏ । ପ୍ରେମ-ମୋହିତ କାମଭିତରେ ଥାଏ ବିଶ୍ୱର ଶ୍ରେଷ୍ଠ ଗୌରବ ଓ ଚରମ ଆତ୍ମ-ଶାନ୍ତି । ତେଣୁ ଶ୍ରୀରଥ ଚିରନ୍ତନ ସତ୍ୟକୁ ଉପଲବ୍ଧି କରି ଆନନ୍ଦରେ ଉତ୍ଫୁଲିତ ହୋଇ ଦୃପ୍ତ କଣ୍ଠରେ ଘୋଷଣା କରିଛନ୍ତି, "ଆଉ ମୁ ପୁଣି/ସେହି ପକ୍ଷୀଟିଏ ହୋଇ/ତୁମର ସେ ପରିବ୍ୟାପ୍ତ ଦେହ ଆକାଶରେ/ଡେଣା ଝାଡିଝାଡି/ଉଡିଯିବି ସମୟର ଦିଗନ୍ତ କାଳରେ/ ତୁମର ସେ ସୁଗଭୀର/ହୃଦୟର ସମୁଦ୍ର ଜଳରେ/ ମୀନଟିଏ ହୋଇ/ ବୁଡିଯିବି/ନୂଆ ଏକ ଜୀବନର ଅମୃତ ସନ୍ଧାନେ" । (ଅମୃତ ସନ୍ଧାନେ-ନିଜସ୍ୱ ସଂଳାପ) ଏଣୁ ପ୍ରତିଟି ଯୁଗରେ ମାନବ ପ୍ରେମର ମହାର୍ଘ ସ୍ୱର୍ଶ ପାଇଁ ବାରବାର କରିଥାଏ ଧରାବତରଣ । ଜନ୍ମ ଓ ମୃତ୍ୟୁର ବନ୍ଧନକୁ ଅତିକ୍ରମ କରିବା ହୁଏତ ତା ପକ୍ଷରେ ସଂଭବପର ହୋଇନଥାଏ । ମାତ୍ର ଧରଣୀର ସ୍ୱର୍ଗୀୟ ସୁଷମା ତା ଦିବ୍ୟ ଚେତନା ରେ ଯେଉଁ ଆଶା ଓ ବିଶ୍ୱାସର ସ୍ୱର ସଂଚାର କରାଇଥାଏ, ତାହା ଅଧିକ ଉପଭୋଗ୍ୟ ହୋଇଥାଏ । ସୁତରାଂ, ପ୍ରେମ ପାଇଁ ତାର ଜନ୍ମ ଓ ପୁନର୍ଜନ୍ମ ହୁଏ ଏବଂ ପ୍ରେମପାଇଁ ତାର ମୃତ୍ୟୁ ଅନିବାର୍ଯ୍ୟ ହୋଇ ପଡେ । ଏକଦା ମହାକବି ହୋମର ମଧ ଗାଇଛନ୍ତି "Like Leaves on trees, the race of man is found/Now green in youth, now with ring on the ground/ Another race the following spring supplies/the full successive and successive rise" (Homer- Illaiad, VI pope translation) ପ୍ରକୃତିର ରୂପ, ରସ, ଗନ୍ଧରେ ସେ ସୌନ୍ଦର୍ଯ୍ୟକୁ ଯେପରି ଅନୁଭବ କରିପାରୁଥିଲେ, ତାହା ଶ୍ରୀ ରଥଙ୍କ କବିତା ମାନଙ୍କରେ ବିଶେଷ ଭାବରେ ଅନୁଧାନ କରାଯାଇପାରେ । ମାଧୁର୍ଯ୍ୟ ବିମଣ୍ଡିତ ହୋଇ ସେ ନାରୀ ପ୍ରତି ମଧ ଅଧିକ ସଂବେଦନଶୀଳ ହୋଇ ଉଠିଥିବାର ଦେଖାଯାଏ । ତାଙ୍କର ପ୍ରଣୟ-ସଂବେଗ ଅଧିକ ଉତ୍କଟ ଓ ବିଶାଳ ଆକାର ଧାରଣ କରିଛି । ତାଙ୍କରି ଭାଷାରେ, "ତୁମକୁ ଛୁଇଁଲେ/ଆକାଶକୁ ଛୁଇଁ ହୁଏ/ତୁମକୁ ଚୁମ୍ବନ କଲେ/ସୂର୍ଯ୍ୟକୁ ଚୁମ୍ବନ କରିହୁଏ/ତୁମକୁ ଆଲିଂଗନ କଲେ/ସାଗରକୁ କରିହୁଏ ଆଲିଙ୍ଗନ/ ଅଥଚ / ତୁମେ ଆକାଶ ନୁହଁ/ ତୁମେ ସୂର୍ଯ ନୁହଁ/ତୁମେ ସାଗର ନୁହଁ / ତୁମେ ମଧୁମିତା / ସୁନ୍ଦରୀ ମଧୁମିତା / (ମଧୁମିତା-ମନର ମାନଚିତ୍ର) ଏକଦା ଇଂରାଜୀ କବି John Done ମଧ ଏପରି ପ୍ରେମର ସଂଗୀତ ଗାନ କରିବାକୁ ଯାଇ ଲେଖି ଥିଲେ "Loves mysteries in soul do grow / Bud yet the body is his book" (The Ecatacy) ବ୍ରଜନାଥ ମଧ ଅନୁରୂପ ଭାବରେ ଅଭିବ୍ୟକ୍ତି ପ୍ରକାଶ କରିବାକୁ ଯାଇ ଗାଇଉଠିଛନ୍ତି "ମୁଁ ପାଏ ତୁମରି/କୁମାରୀତ୍ୱର/ସଂଧାନ ପ୍ରତି ରାତେ / ତୁମେ ପାଅ ସ୍ୱାଦ/ ପ୍ରତିଟି ନିଶୀଥେ / ଏ ମୋର ପୌରୁଷର ।" (କାମନା-ମନରେ ମାନଚିତ୍ର) ଆପଣାର ପ୍ରେମାନୁଭବକୁ ଅଧିକ ପୁଷ୍କଳ ଓ ପ୍ରାଂଜଳ କରିବାକୁ ବ୍ରଜନାଥ ସାରସ୍ୱତ ଉଦ୍ୟମ କରି ଯାଇଛନ୍ତି । ରାଧାମୋହନ ଗଡନାୟକ, ସଚ୍ଚିଦାନନ୍ଦ ରାଉତରାୟ, ବିନୋଦଚନ୍ଦ୍ର ନାୟକ, ଗୋପାଳ ଚନ୍ଦ୍ର ମିଶ୍ର, ବ୍ରହ୍ମୋତ୍ରୀ ମହାନ୍ତି, ମନୋରମା ମହାପାତ୍ର ପ୍ରମୁଖ କବିମାନେ ପ୍ରେମର ସ୍ୱର୍ଗୀୟ ଅନୁଭବ ମାନଙ୍କୁ ଯେପରି ସୁନ୍ଦର ତଥା ମନୋରମ ଦୃଷ୍ଟିରେ ଦେଖିଛନ୍ତି, ତାହା ବେଶ୍ ତାତ୍ପର୍ଯ୍ୟବିଷୟ । କବି ବିନୋଦନାୟକ ଏ ଦିଗରେ ହେଉଛନ୍ତି ଜଣେ ଅଗ୍ରଗଣ୍ୟ କାବ୍ୟଶିଳ୍ପୀ ସେଥିପାଇଁ, ଜଣେ ପ୍ରେମିକ କବି ଭାବରେ ଗାଇଛନ୍ତି, "ଚାଲିଲା ପଥରେ ମିଳେ ତେଣୁ ଯଦି ଫୁଲ / ବାସି ନ ହେଉଣୁ ଆଘ୍ରାଣ କରିନିଅ / ବିଶ୍ରାମ ପାଇଁ ପାତିଲେ ପଣତ କେହି / ପ୍ରଣାମ କରରେ ସେହି ତୋର ବରଣୀୟ ।" ନିଶିର ଡାକ ନନ୍ଦାଦେବୀ) ଏହିପରି ଭାବରେ କବିର ଦିବ୍ୟ ଚେତନାରେ ପ୍ରେମର ମାର୍ମିକ ଅବବୋଧ ଓ ଉ ରଣ ସ୍ୱତଃସ୍ଫୂ ଭାବରେ ପରିଲକ୍ଷିତ ହୋଇଥାଏ ।

ବିଂଶ ଶତାବ୍ଦୀର ଓଡିଆ କବିତାରେ ରାଧାମୋହନ ଗଡନାୟକଙ୍କ ପରେ ବ୍ରଜନାଥ ହେଉଛନ୍ତି ପ୍ରକୃତରେ ଜଣେ ଛାନ୍ଦସିକ କବି । କବିତାରେ ଛନ୍ଦର ପ୍ରାଧାନ୍ୟ ସ୍ୱୀକାର କରିଯାଇଛନ୍ତି ଅଗ୍ରଜ କବି ରବି ସିଂହ ମଧ । ଏଣୁ ରବି ସିଂହ ଓ ବ୍ରଜନାଥଙ୍କ କବିତା ମାନଙ୍କରେ ଉଗ୍ର ବାସ୍ତବବାଦର ଯେଉଁ ତୀବ୍ର ଅନୁଭବ ରହିଛି, ତାହା କ୍ୱଚିତ୍ କ୍ରାନ୍ତିଦର୍ଶୀ କବି ମାନଙ୍କର କବିତା ଭିତରେ ପରିଲକ୍ଷିତ ହୋଇଥିବାର ଦୃଷ୍ଟି ଗୋଚର ହୁଏ । ସେଥିପାଇଁ, ବ୍ରଜନାଥ ଆପଣାର ଗୁଢ ତ କୁ ପରିଷ୍କାର ଭାବରେ ପରିପ୍ରକାଶ କରିବାକୁ ଯାଇ କହିଛନ୍ତି, "ମୋ ମନର ପ୍ରତିକ୍ରିୟାର ଜଳତରଂଗ ମୋ କବିତା ଭିତରେ ହିଁ ବାଜି ଉଠିଛି । ସେ ତରଂଗର ପ୍ରବାହ ସ୍ୱଚ୍ଛନ୍ଦ କି ବିଚ୍ଛନ୍ଦ, ତାର ଧ୍ୱନି ଶ୍ରୁତି ମଧୁର କି ଶ୍ରୁତିକଟୁ, ତାର ଆବେଦନ ସ୍ଥାୟୀ କି ସଂଚାରି ତାର ବିଚାର ଆଜିର ତଥା ଆଗାମୀକାଲିର ପାଠକ ପାଠିକାଙ୍କ ଉପରେ ନ୍ୟସ୍ତ ରଖୁଛି । (ମୋ କଥା-କବିତାର କଥା – ମନର ମାନଚିତ୍ର) ଏଣୁ କବି ଆପଣାର କାବ୍ୟିକ ଅଭିବ୍ୟକ୍ତି ସଂପର୍କରେ ନୀରବ ରହି, ତାହା ପାଠକ ପାଠିକା ମାନଙ୍କୁ ଅର୍ପଣ କରିଯାଇଛନ୍ତି । ସାଂପ୍ରତିକ କାଳରେ (Reader's response Theory) ପାଠକୀୟ ମତାମତ ଉପରେ ଅଧିକ ଆସ୍ଥା ସ୍ଥାପନ କରାଯାଇଛି । ବିଜ୍ଞ ପାଠକ ହେଉଛି ତାର ଶ୍ରେଷ୍ଠ ବିଚାରକ । ସେମାନଙ୍କର ମତାମତକୁ ହିଁ ପ୍ରାଧାନ୍ୟ ଦେଇଛନ୍ତି କବି ବ୍ରଜନାଥ । ସୁତରାଂ, ସେହି କ୍ରାନ୍ତି-ପରୁଷ ବ୍ରଜନାଥ ବଜ୍ର ନିର୍ଘୋଷ କଣ୍ଠରେ ଘୋଷଣାକରି କହିଛନ୍ତି "ରହି ରହି ଘ । ଧ୍ୱନି ହେଲା / ସେ ଧ୍ୱନିର ତରଂଗରେ/ଚହଲିଲା ରକ୍ତର ସମୁଦ୍ର/ଉଠିଲା ବିକ୍ଷୁବ୍ଧ ଝଡ/ଉଦ୍‌ବେଳିତ ଲକ୍ଷ ଭୁଜଂଗର/ଶେଷହେଲା ଯୋଗନିଦ୍ରା/ପ୍ରଭୁଙ୍କର ଭାଜିଲା ପହଡ । (ବାଂଛିତ ପ୍ରଭୁଙ୍କ ଉଦ୍ଦେଶ୍ୟରେ) ପ୍ରକୃତରେ ସାମାଜିକ ବିଧି ବ୍ୟବସ୍ଥା ଭିତରେ ବେଳବେଳେ କାବ୍ୟ-ପୁରୁଷଟି ମଧ ଅଣନିଶ୍ୱାସୀ ହୋଇଯାଏ । ହତବାକ ପାଲଟିଯାଏ । ପ୍ରାଣର ବ୍ୟଥା ଓ ବେଦନାକୁ ପରିପ୍ରକାଶ କରିବାକୁ ଭାଷା ପାଏ ନାହିଁ । ଆକୁଳନ ହୋଇଯାଏ ଶବ୍ଦ ସମ୍ଭାର । କବି ହୋଇଯାଏ ନିର୍ବାକ, ନିଃସ୍ପନ୍ଦ, ନିଃପ୍ରାଣ ଓ ନୀରବ । ଏଣୁ ଯୁଗେ ଯୁଗେ କବିଟିଏ ରହସ୍ୟମୟ ଜଗତରେ ଛନ୍ଦି ହୋଇପଡେ । ସେଥିପାଇଁ ତ ଛନ୍ଦ ପ୍ରୟୋଗର ପ୍ରମୁଖ କବି ବ୍ରଜନାଥଙ୍କ ସଂପର୍କରେ ଡଃ. ଆଶୁତୋଷ ପରିଡା

ନିର୍ବିକାର ଚି  ରେ ଉଚ୍ଚ ମନ୍ତବ୍ୟ ପ୍ରଦାନ କରିଛନ୍ତି । କବିର ମନ ତଥା ତାର ସମ୍ରାଜ୍ୟ ସଂପର୍କରେ ଅବଗତ କରାଇବାକୁ ଯାଇ ଘୋଷଣା କରିଛନ୍ତି, "ବାସ୍ତବତାର ବିଭିନ୍ନ ରଂଗରେ ଉଦ୍‌ଭାସିତ ହୁଏ କବି ମନର ମାନଚିତ୍ର । କେତେବେଳେ ସ୍ୱଚ୍ଛ ଦିଶିଯାଏ, ଗିରି, ନଦୀ, ପର୍ବତ ଓ ଅରଣ୍ୟର ପ୍ରାକୃତିକ ସମ୍ଭାର । କେତେବେଳେ ନୀଳ ଆକାଶ ଭଳି ସମୟର ବିସ୍ତାର, ପୁଣି କେତେବେଳେ ଜୀବନର ସୁଖ, ଦୁଃଖ, ପ୍ରେମ, ପ୍ରତ୍ୟାଶାର ଛବି । କବିକୁ ନିଜ ମନ ରହସ୍ୟମୟ ମନେହୁଏ । ମନର ଚିତ୍ରଟିଏ ଆଙ୍କୁ ଆଙ୍କୁ ସେ ମନର ଅଭ୍ୟନ୍ତରରୁ ଆହୁରି ଅଭ୍ୟନ୍ତରକୁ ଚାଲିଯାଏ । ବାହାରକୁ ଜଟିଳ ଦିଶୁଥାଏ ମନଟି ହଠାତ୍ ସରଳ ଶିଶୁଟିଏ ପରି ଆଗରେ ଠିଆ ହୋଇଯାଏ ଏବଂ ଅକୃତ୍ରିମ ଭାଷାରେ ସେ କହିଦିଏ ଦୁର୍ବୋଧ ଅନୁଭୂତି ମାନଙ୍କର ଅର୍ଥକୁ । କବିର ମନ, କବିର ସାମ୍ରାଜ୍ୟ ।" (ବ୍ରଜନାଥ ରଥଙ୍କ "ମନର ମାନଚିତ୍ର") ମଣିଷରେ ମନକୁ ଚିହ୍ନିବାରେ ବ୍ରଜନାଥ ହୋଇଛନ୍ତି ଅଧିକ ସମର୍ଥ । ତାଙ୍କର ତୀବ୍ର ଅନୁଭବ ଭିତରେ ସେ ମନର ସାମ୍ରାଜ୍ୟରେ ଏକାଂଗବ ସମ୍ରାଟ ହେବାର ବିରଳ ଗୌରବପ୍ରାପ୍ତ ହୋଇ ପାରିଛନ୍ତି । ତେଣୁ ସେ ଏକ ସୀମାହୀନ ସାମ୍ରାଜ୍ୟର ଅଧିକାରୀ ଭାବରେ କବିତାର ଇଲାକାକୁ ମଧ ସୀମାହୀନ ବ୍ୟାପ୍ତି ପ୍ରଦାନକରି ପାରିଛନ୍ତି । ମୁକ୍ତ କଣ୍ଠରେ ଆପଣାର ସମ୍ରାଜ୍ୟ ସଂପର୍କରେ କହନ୍ତି "ମୁଁ ମେଲି ଦେଇଛି ମୋର ସାମ୍ରାଜ୍ୟ/ଆକାଶରୁ ପୃଥିବୀ/ଦିଗନ୍ତରୁ ଦିଗନ୍ତ/ମୋର ସାମ୍ରାଜ୍ୟର ସୀମା ନାହିଁ/ ନାହିଁ ଶେଷ, ନାହିଁ ଅନ୍ତ / ରାଜ୍ୟ ମୋର ବିଶାଳ-ଅନନ୍ତ । (ମୋର ସାମ୍ରାଜ୍ୟ-ମନର ମାନଚିତ୍ର) ଭାବବାଦୀ ସ୍ରଷ୍ଟାମାନଙ୍କ ମଧରେ ସେ ଜଣେ ଅଗ୍ରଗଣ୍ୟ ସମ୍ରାଟ । ତାଙ୍କର ପାଖରେ ରହିଛି ସତ୍ ଚିନ୍ତା, ସତ୍ ଭାବନା ଓ ସତ୍‌ସଂଗ । ସେ ଅନାବିଳ ପୃଥିବୀର ଅଭିଯାତ୍ରୀ । ଯାତ୍ରା ପଥ ଯେତେ ବେଶୀ ଦୁର୍ବିସହ ହେଲେ ମଧ ଥକି ପଡି ନାହାନ୍ତି । ଗାନ୍ଧି, ଗୋପବନ୍ଧୁ ପରି ସେ ବନ୍ଧୁର ପଥରେ ଚିରକାଳ ଗତିଶୀଳ ହୋଇଛନ୍ତି । ସେ କେବେବି ଜୀବନର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୁଅନ୍ତି ନାହିଁ । ସେଥିପାଇଁ, ବ୍ୟକ୍ତି ପୁରୁଷ ଭାବରେ ଆପଣାର ପରିଚୟ ପ୍ରଦାନ କରିବାକୁ ଯାଇ ଗାଇଛନ୍ତି, "ରାତି ଗଲେ ଆସେ ପୁଣି ଦିନ / ଟଳି ଯିବ ଯେଉଁ ମଣିମାଙ୍କ ସ୍ୱର୍ଣ୍ଣ ସିଂହାସନ / ସେଦିନ କେଉଁଠି ଯାଇ / ଆପଣ ବା ପଶିବେ ଶରଣ ?/ ବିବେକର ଦାରୁଣ ଓ ନିର୍ମମ ଦଂଶନ / ଘାଏଲ କରିବ ନିଷ୍ଠେ ଠିକ୍ ସେତେବେଳେ,/ ଏବଂ ଯେତେ ଅତୀତର ଦୁଷ୍କର୍ମର ଫଳ / ଅଦୃଶ୍ୟ ଫାଶିର ଏକ ରଜ୍ଜୁ ହୋଇ / ଅହରହ ଝୁଲିବ ଗଳାରେ । (ବୁଦ୍ଧିଜୀବୀ-୭-ସମୟର ଶବ୍ଦଲିପି) ସମୟ କାହାକୁ ଅପେକ୍ଷା କରେ ନାହିଁ । ଏହାର ଗତି ଅପ୍ରତିହତ । ସମସ୍ତେ ହେଉଛନ୍ତି କାଳର ଅଧିନ । ଏଣୁ ଏକ ଶୋଷଣ ମୁକ୍ତ ସମ୍ରାଜ୍ୟ ଗଠନ ଦିଗରେ ବ୍ରଜନାଥଙ୍କର ନିଷ୍ପାପର ସାଧୁ ଉଦ୍ୟମର ଭୁରି ଭୁରି ପ୍ରଶଂସା କରାଯିବା ବିଧେୟ । ସମୟର ଶବ୍ଦଲିପିରେ ତାଙ୍କର ଶାଣିତ ତଥା ବ୍ୟଂଗାତ୍ମକ ସ୍ୱର ବେଶ ହୃଦୟ ଗ୍ରାହୀ ହୋଇ ପାରିଛି ।

ସମକାଳୀନ ଓଡିଆ କବିତାରେ ଯେପରି ପ୍ରଜ୍ଞା ଓ ବୁଦ୍ଧିବାଦୀ ଚିନ୍ତାଧାରାର ପ୍ରୟୋଗ କରାଯାଇଛି, ତାହା ବ୍ରଜନାଥଙ୍କ ସୃଷ୍ଟି-ସଂମ୍ଭାର ମଧରେ ବିରଳ ପ୍ରାୟ । ସେ ହୃଦୟର ସରଳତା ଓ ଉଚ୍ଚ ମାନସିକତାର ପ୍ରଭାବରେ କବିତାରେ ଅକୃତ୍ରିମତାର ଛାପ ସୃଷ୍ଟି କରିଯାଇଛନ୍ତି ନିଶ୍ଚୟ । ଶ୍ରୀନିବାସ ଉଦ୍‌ଗାତା, ଶରତ ଚନ୍ଦ୍ର ପ୍ରଧାନ, ରମାକାନ୍ତ ରଥ, ସୀତାକାନ୍ତ ମାହାପାତ୍ର, ମନୋରମା ମହାପାତ୍ର, ଦୀପକ ମିଶ୍ର, ହରି ଶଂକର ବଡପଣ୍ଡା, ପ୍ରସନ୍ନ ପାଟଶାଣୀ, ପ୍ରସନ୍ନ ମିଶ୍ର, ରବି ସିଂ, ହରିହର ମିଶ୍ର, ପ୍ରମୁଖ ସାରସତ ସ୍ରଷ୍ଟାଗଣଙ୍କ ସହିତ ସମତାଳରେ କବିତା ରଚନା କରିବାରେ ଶ୍ରୀ ବ୍ରଜନାଥ ରଥ ପ୍ରମୁଖ ଭୂମି ଓ ଭୂମିକା ନିର୍ବାହ କରି ଯାଇଛନ୍ତି । ଏସମୟର କବିମାନଙ୍କ ପାଖରେ ବ୍ୟକ୍ତି ଚେତନାର ରହସ୍ୟବାଦୀ ଆତ୍ମ ପ୍ରତ୍ୟୟ ପୁରାପୁରି ଭାବରେ ହୁଏ ଦୃଶ୍ୟମାନ । କବିତା ମାନଙ୍କରେ ରୋମା  କ କଳ୍ପନା ବିଳାସିତା, ଜାତୀୟତାବୋଧ, ଆଧାତ୍ମିକ ପ୍ରତ୍ୟୟ, ସୌନ୍ଦର୍ଯ୍ୟାନୁଭୂତି, ଗୀତିକାବ୍ୟଧର୍ମୀ ବ୍ୟକ୍ତିନିଷ୍ଠତା, କାବ୍ୟମାନସର ସନାତନଧର୍ମୀତା, ରହସ୍ୟବାଦୀ ଚିନ୍ତାଧାରା, ସାମାଜିକ ବାସ୍ତବବାଦୀ ଭାବଚେତନା, ଆଦର୍ଶବାଦୀ ସାମାଜିକ ଚେତନା ଆଦି ବିଷୟ ଗୁଡିକ ପ୍ରାଧାନ୍ୟ ଲାଭ କରିପାରିଛି । ସର୍ବୋପରି, ମାନବବାଦୀ ଚିନ୍ତା ଧାରାର ବ୍ୟାପକ ତଥା ସଫଳ ପ୍ରୟୋଗ ଦ୍ୱାରା କବିତା ଅଧିକ ରସଘନ ଓ ମୂ  ମନ୍ତ ହୋଇ ଯାଇଛି । ଅପର ପକ୍ଷରେ, କବିତା ଜଣର ନହୋଇ ଗଣର ହୋଇଛି । ଏଥିରେ ପ୍ରତିଟି ମଣିଷର ସୁଖ-ଦୁଃଖର ଚିତ୍ର ଓ ଚରିତ୍ର ପ୍ରତିଫଳିତ ହୋଇଥିବାର ପରିଦୃଶ୍ୟମାନ ହୁଏ । ସୁତରାଂ, ଭୀମ ଭୋଇଙ୍କ ଠାରୁ ବ୍ରଜନାଥ ରଥଙ୍କ କବିତା ପର୍ଯ୍ୟନ୍ତ ଯେଉଁ ଭାବଧାରା ଅନୁଶ୍ରୁତ ହୋଇଛି, ସେଠାରେ ମଣିଷକୁ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରାଯାଇଛି । ସମାଲୋଚକ ଡଃ. ମଧୁସୂଦନ ପତି ଭୀମ ଭୋଇଙ୍କ ସଂପର୍କରେ ଯଥାର୍ଥରେ ଲେଖିଛନ୍ତି, "ଭୀମ ଭୋଇଙ୍କ ରଚନାର ଏକ ମୁଖ୍ୟ ଆକର୍ଷଣ ହେଉଛି ସେଥିରେ ଥିବା ସାଧାରଣ ମାନବର ଭାବନା ଓ ପ୍ରତିକ୍ରିୟା ପ୍ରତି ସମ୍ମାନବୋଧ । ଯାହାକିଛି ବାସ୍ତବ ଓ ସତ୍ୟ, ତାହାର ପରିପ୍ରକାଶ ପାଇଁ ସାଧୁ ଭୀମଭୋଇ ସର୍ବଦା ଉତ୍କଣ୍ଠ । ବାସ୍ତବତା ପ୍ରତି ତାଙ୍କର ଏହି ଯେଉଁ ଆନ୍ତରିକତା, ଅନୁଭୂତ ସତ୍ୟର ଉଦ୍‌ଗାତା ହେବାରେ ତାଙ୍କର ଯେଉଁ ଅସାଧାରଣ ଦୃଢତା ତାହାହିଁ ଭୀମଭୋଇଙ୍କର କବିତାର ନିର୍ଦ୍ଦିଷ୍ଟ ଗୌରବ । (ଭୀମଭୋଇଙ୍କ କବିତାରେ କ୍ରୋଧ ଓ ଯନ୍ତ୍ରଣାର ସ୍ୱର-ପରିଶୀଳନ) ଭୀମ ଭୋଇ ହୁଅନ୍ତୁ ବା ବ୍ରଜନାଥ ହୁଅନ୍ତୁ, ସବୁଠାରେ ସେହି ଆ  ମାନବାତ୍ମାର କଥାକୁ ଗଭୀର ମମତ୍ୱବୋଧ ଭିତରେ ହିଁ କୁହାଯାଇଛି । ଜାତି, ଧର୍ମ, ବର୍ଣ୍ଣ, ଲିଂଗ ଆଦି ନିର୍ବିଶେଷରେ ସମସ୍ତ ମଣିଷର ସମାନ ଅଧିକାର ଓ ସ୍ୱାଧୀନତା ବିଦ୍ୟମାନ ରହିଛି । ଏହା ସବୁ ଯୁଗରେ ତଥା ସବୁ ଧର୍ମରେ ଘୋଷଣା କରାଯାଇଛି, କେଉଁ ଏକ ଆବହମାନ କାଳରୁ ଧର୍ମ ଉପରେ ମଣିଷର ଆସ୍ଥା ଓ ବିଶ୍ୱାସ ରହିଛି,ତାହା ନିଶ୍ଚୟ ଏକ ମହତ୍ ଭାବଧାରା ଉପରେ ପର୍ଯ୍ୟବେସିତ ହୋଇରହିଛି । ଫକୀର ମୋହନଙ୍କ ଠାରୁ ମନମୋହନ ମିଶ୍ରଙ୍କ ପର୍ଯ୍ୟନ୍ତ ସମଧର୍ମା ସାହିତ୍ୟ ସାଧକଗଣ ହେଉଛନ୍ତି କବି ବ୍ରଜନାଥଙ୍କର ଅତିପ୍ରିୟ ମଣିଷ । ସେଥିପାଇଁ ଆପଣାର ସତୀର୍ଥ ଭାବରେ ସେ ଭଗବତୀ ଚରଣ ପାଣିଗ୍ରାହୀ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ମନ ମୋହନ ମିଶ୍ର ଆଦି କ୍ରାନ୍ତିଦର୍ଶୀ ମହାମାନବ ମାନଙ୍କୁ ଆଜୀବନ ସ୍ନେହ ଓ ଶ୍ରଦ୍ଧା ତଥା ଭକ୍ତି ଓ ସମ୍ମାନ ଜଣାଇ ଆସିଛନ୍ତି । ତା. ୫/୦୧/୧୯୮୭ ମସିହାରେ କଟକ କୋ-ଅପରେଟିଭ୍ କଲୋନୀରୁ ଏକ ପତ୍ର ମନୋମୋହନ ମିଶ୍ର ଲେଖିଛନ୍ତି କବି ବ୍ରଜନାଥ ରଥଙ୍କ ପାଖକୁ । ସେଥିରେ ସେ କହୁଛନ୍ତି, "xxxxxx ନୂଆବର୍ଷ ଆସିଲା । ଏଥିପାଇଁ

କାହାକୁ ଶୁଭେଚ୍ଛା ଜଣାଇବି ? ଆପଣଙ୍କୁ, ମୋତେ ନା ଅଭିଯାତ୍ରୀକୁ। ଏ ପତ୍ର ଲେଖିବାର ସୁଯୋଗ ଏଥିପାଇଁ ମିଳିଲା ଯେ ମୁଁ ଆପଣଙ୍କପାଖକୁ ଭଗବତୀ ବାବୁ (ପାଣୀଗ୍ରାହୀ) ଙ୍କର ଇଂରାଜୀ ଗଳ୍ପଟି ଅନୁବାଦ(ଓଡିଆ) ପଠାଇଥିଲି। ତାହା ଛପା ସରିଥିଲେ ତାର ସେହି ଫର୍ମାରୁ ଖଣ୍ଡିଏ, ନଚେତ ମୋର ଲେଖା ପାଣ୍ଡୁଲିପିଟି ଶ୍ରଦ୍ଧେୟ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କୁ ପଠାଇବେ। ଆଉ ଯଦି ସମୟ କରିପାରନ୍ତି ମଧ୍ୟେ ମଧ୍ୟେ ଆପଣଙ୍କ ମନରେ ଯାହା ଆସୁଛି, ତାହା ଭାବି ଗୋଟିଏ ଗୋଟିଏ ବଡ ଚିଠି ଆୟାସ କରି ଲେଖି ପଠାଇବେ କି ? ଏଠାରେ ଖାଲି ପଢି ପଢି ଓ ନିଜକୁ ନିଜେ consultକରି ବଡ କ୍ଳାନ୍ତ ଲାଗୁଛି। xxxxx ସ୍ନେହାଧୀନ ମନମୋହନ ମିଶ୍ର।" (ଏକ ବେଗବାନ ଜାତିର ପ୍ରତିନିଧି – ମନମୋହନ ମିଶ୍ର-ସ୍ମୃତିର ଚିତ୍ରପଟ) କବି ମନମୋହନ ମିଶ୍ରଙ୍କ ସହିତ ତାଙ୍କର ମଧୁର ସଂପର୍କ ରହିଥିଲା। ସେମାନେ ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ମମତା ଓ ଆନ୍ତରିକତାର ନିବିଡ ବନ୍ଧନ ଭିତରେ ବାନ୍ଧି ହୋଇଯାଇଥିଲେ। ମନ ମୋହନଙ୍କୁ ସେ ପ୍ରାଣଭରି ଭଲ ପାଇଛନ୍ତି। ନୂତନ ଦିଗନ୍ତର ସନ୍ଧାନରେ ଅଗ୍ରସର ହୋଇଛନ୍ତି ଅପର ପକ୍ଷରେ, କବି ସଚ୍ଚିଦାନନ୍ଦଙ୍କୁ ମଧ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଆସିଛନ୍ତି। ଏକ ମନୋମୁଗ୍ଧ ପରିବେଶ ମଧ୍ୟରେ ସୃଜନ ସଂସାର ଗଢିବାର ପ୍ରଚେଷ୍ଟାରୁ ବ୍ରଜନାଥ ବିରତ ହୋଇନାହାନ୍ତି। ଯେଉଁଠାରେ ଏକ ଶୋଷଣମୁକ୍ତ ସମାଜ ଗଠନର ପରିକଳ୍ପନାରେ ଅଭିନବ ଯୋଜନାମାନ ପ୍ରସ୍ତୁତ କରିଛନ୍ତି ସେହି ସତୀର୍ଥମାନଙ୍କ ସହିତ। ସମୟର ଶବ୍ଦଲିପି ନିର୍ମାଣରେ ଆପଣାର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନା ଦ୍ୱିଧାରେ ବିନିଯୋଗ କରି ଯାଇଛନ୍ତି।

ସମକାଳୀନ ଓଡିଆ କବ୍ୟଧାରାରେ ଯେତେ ପରୀକ୍ଷା ନିରୀକ୍ଷା ମାନ କରାଯାଇଛି, ତାହା ହୁଏତ ବ୍ରଜନାଥଙ୍କର କବିତାରେ ପରିଦୃଷ୍ଟ ହୁଏନାହିଁ। ମାତ୍ର ବ୍ରଜନାଥ ଯେ ସମୟ ସଚେତନ ନଥିଲେ ବୋଲି ମଧ କୁହାଯାଇପାରିବନାହିଁ। ଯାହା ସମୟ ଉପଯୋଗୀ ବୋଲି ହୃଦବୋଧ କରିଛନ୍ତି, ତାକୁ ସେ ସର୍ବାଗ୍ରେ ଗ୍ରହଣ କରିଯାଇଛନ୍ତି। ବୀର କିଶୋର ଦାସ, ବାଂଛାନିଧି ମହାନ୍ତି, ମନମୋହନ ମିଶ୍ର, ତଥା ପ୍ରସିଦ୍ଧ ବଙ୍ଗଭାଷୀ ବିଦ୍ରୋହୀ କବି ନଜରୁଲ ଇସଲାମ୍‌ଙ୍କ ପରି ସେ ଆଜୀବନ ଜୀବନ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି। ସେ କେତେବେଳେ ମରୁରେ ଗୋଲାପ ଫୁଟାଇଛନ୍ତି ତ ପୁଣି ଆଉ କେତେବେଳେ ବାଲିଆପାଳରେ କ୍ଷେପଣାସ୍ତ୍ର ଘାଟୀର ବିରୋଧ କରିବାରେ କାର୍ପଣ୍ୟ ପ୍ରକାଶ କରିନାହାନ୍ତି। ଏକଦା ସେ ଥିଲେ କାରୁଣ୍ୟ ଓ ବିଦ୍ରୋହର କବି। ସେ ସର୍ବଦା ମସୀ ଉପରେ ନିର୍ଭରଶୀଳ ହୋଇଉଠିଛନ୍ତି। ମୁକ୍ତି ତଥା ପ୍ରଗତିର ବା ୍କୁ ସେ ଆଜୀବନ ପ୍ରେରଣ କରିଛନ୍ତି, "ଆଜି ଏତେବେଳେ ବନ୍ଧୁ ହେ ମୋର / ଯିଏବା ଯେଉଁଠି / ଖୋଜି ଦେଖ ଥରେ କ୍ରାନ୍ତି ପଥରେ / ମୁକ୍ତି ହଜିଲା କେଉଁଠି / ସବୁ ଥାଇ ଆମେ ନିଃସ୍ୱ କାହିଁକି / ଉ  ର ତା'ର ଖୋଜିବା ନାହିଁକି ? / ଆପଣାକୁ ଆପେ ପଚାରି ପଚାରି / "ମୁକ୍ତି" କୁ ଚାଲ ଖୋଜିବା / ଜନ ଚେତନାର ରୁଦ୍ରାଭିଷେକ / ନବ କ୍ରାନ୍ତିକୁ ପୂଜିବା" / କବି ବ୍ରଜନାଥ ରଥଙ୍କ କବିତା ହେଉଛି ମୁକ୍ତି ପିପାସୀ ମଣିଷ ମନର କବିତା। ସେ ଅନ୍ୟାୟ, ଅନୀତି ଓ ଅସାମାଜିକ କାର୍ଯ୍ୟ ବିରୁଦ୍ଧରେ ସଂଗ୍ରାମ କରିଆସିଛନ୍ତି ଆଜୀବନ। ବ୍ରଜନାଥଙ୍କ ପରି ଜଣେ ସରଳ, ନୀରିହ, ମାନବବାଦୀ, ସତ୍ୟଶୀଳ ଓ ସମାଜବାଦୀ ତଥା ପ୍ରଗତିଶୀଳ ସ୍ରଷ୍ଟା ପୁରୁଷଙ୍କ ଆବିର୍ଭାବ ବିରଳ ପ୍ରାୟ ପରି ମନେହୁଏ। ସେ ମାତୃଭୂମି ଓ ମାତୃଭାଷା ପ୍ରତି ଗଭୀର ଅନୁରକ୍ତି ପରିପ୍ରକାଶ କରିଯାଇଛନ୍ତି। ସେ ଆପଣାର ଏକ ସତନ୍ତ୍ର ସ୍ଥାନ ସୃଷ୍ଟି କରିଯାଇଛନ୍ତି। ଚିନ୍ତା ଓ ଚେତନାର ଉ ମ ପରିପ୍ରକାଶ ଦିଗରେ ଅନନ୍ୟ ଓ ଅସାଧାରଣ ଭାବ ସଂପଦର ଅଧିକାରୀ ହୋଇପାରିଛନ୍ତି। ସେ ପରମ ଦେଶଭକ୍ତ ଭାବରେ ଜାତୀୟ ଚେତନାର ଉଦ୍ରେକ କ୍ଷେତ୍ରରେ ମଧ ପ୍ରମୁଖ ଭୂମି ଓ ଭୂମିକା ନିର୍ବାହ କରିଯାଇଛନ୍ତି। କାଳ ବକ୍ଷରେ ଅକ୍ଷତ ପଦଚିହ୍ନ ସୃଷ୍ଟି କରିଯାଇଛନ୍ତି। ତାଙ୍କର ଆବ ୍ମାନରେ ଏ ଦେଶ ଓ ଜାତି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଭକ୍ତି, ସ୍ନେହ, ଶ୍ରଦ୍ଧା ମମତା ଗଭୀର ଅନୁରାଗରେ ଅର୍ପଣ କରୁଛି। ସର୍ବୋପରି, କବି ବ୍ରଜନାଥ ରଥଙ୍କ କାବ୍ୟ-ମାନସର ତା ୍ିକ ବିଶ୍ଳେଷଣ କରିବା ଦ୍ୱାରା କବିଙ୍କର ଚିନ୍ତା ଓ ଚେତନାର ଏକ ସ୍ୱଷ୍ଟ ଚିତ୍ର ଉଦ୍‌ଭାସିତ ହୋଇଯାଏ। ତାଙ୍କର କୃତି ଓ କୃତି ୍ ସମଗ୍ର ଓଡିଆ କାବ୍ୟ ଜଗତରେ ଏକ ଅମ୍ଳାନ ଓ ଅସାମାନ୍ୟ ସ୍ଥାନ ଅଧିକାର କରି ପାରିଛି। ସେଥିପାଇଁ, ସେ ବ ୍ବେ କୋଟି-ଅନନ୍ତ-କାଳ ପର୍ଯ୍ୟନ୍ତ ଅନାୟସରେ। ଏଣୁ ତାଙ୍କର ସୃଷ୍ଟି-ସମ୍ଭାର ଉ  ର ଦାୟାଦମାନଙ୍କ ପାଇଁ ପ୍ରେରଣାର ଅଫୁରନ୍ତ ଉତ୍ସ ହୋଇ ରହିବ। ସୁତରାଂ, ସେ ଜଣେ ସାରସ୍ୱତ କାଳଜୟୀ ସ୍ରଷ୍ଟା ଅଟନ୍ତି।

ଠିକଣା-ଗ୍ରାମ/ପୋ- ଦଲଦଲି,
ଭାୟା- କୁଣ୍ଡୁକେଲା, ଜି.- ସୁନ୍ଦରଗଡ,
ମୋ.୯୮୬୧୩୬୪୩୯୫

*With Best Compliments from :*

# Pitampura Express

**(Domestic & International Courier & Cargo Services)**

G-8, Aggarwal Tower (H-6) Netaji Subhash Place
Behind PP Jewellery Showroom, Pitam Pura, Delhi-110034
E-mail : Pitampuraexpress@gmail.com Ph. : 27351178, 47841213, 27354288, 42470488

# ମୟୂରଭଞ୍ଜର ଏକ ଅନନ୍ୟ ପ୍ରତିଭା ସ୍ୱର୍ଗତ ଜୀବନାନନ୍ଦ ପାଣି

କୈବଲ୍ୟ ପ୍ରସାଦ ମହାପାତ୍ର



ଜୀବନାନନ୍ଦ ପାଣି ଓଡିଶାରେ ଜୀବନ ପାଣି ନାମରେ ପରିଚିତ ଥିଲେ । ସେ ଓଡିଆଙ୍କ ପାଇଁ ଥିଲେ ଜଣେ କବି ଓ ଗୀତିକାର । ମାତ୍ର ସାରା ଦେଶ ତାଙ୍କୁ ଜାଣିଥିଲା ଜଣେ ପ୍ରତିଷ୍ଠିତ ନୃତ୍ୟ, ସଙ୍ଗୀତ କଳା ନିର୍ଦ୍ଦେଶକ, ମାର୍ଗ ଦର୍ଶକ, କଳା ସମାଲୋଚକ, ଗବେଷକ, ଲେଖକ, ବକ୍ତା, ସଙ୍ଗଠକ, ପ୍ରାମାଣିକ ଚଳଚିତ୍ର ନିର୍ମାତା, ସଂସ୍କୃତିର ଦୂତ ଓ ଦିଲ୍ଲୀ କଥକ କେନ୍ଦ୍ରର ନିର୍ଦ୍ଦେଶକ ଭାବରେ। ତେଣୁ ସେ ଥିଲେ ବାସ୍ତବିକ ଅନନ୍ୟ।

ମୟୂରଭଞ୍ଜର ବଡସାହି ବ୍ଲକ୍‌ସ୍ଥ ପ୍ରତାପପୁର ଗ୍ରାମରେ ୧୯୩୩ ମସିହା ମାର୍ଚ୍ଚମାସ ୧୩ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ । ପ୍ରତାପପୁର ମୟୂରଭଞ୍ଜର ଏକ ବିଖ୍ୟାତ ଗାଁ । ପୂର୍ବରୁ ସେ ଗାଁ ର ନାମ ଶ୍ରୀ ରାମଚନ୍ଦ୍ରପୁର ଥିଲା । ପୁରୀ ଗଜପତି ପ୍ରତାପରୁଦ୍ରଦେବଙ୍କର ମହାପ୍ରୟାଣ ସେଠାରେ ହୋଇଥିବାରୁ ଗାଁର ନାମ ରଖାଯାଇଥିଲା ପ୍ରତାପପୁର । ପିତା ନକୁଳ ଚରଣ ଏବଂ ମାତା ଚିତ୍ରମଣୀ ଦେବୀ ଙ୍କର ଛ'ଟିଅ ପରେ ସେ ଥିଲେ ସପ୍ତମ ସନ୍ତାନ । ବାପା ଜଣେ ଶିକ୍ଷାଧିକାରୀ ଥିବାରୁ ପୁଅର ପାଠପଢା ପ୍ରତି ଦୃଷ୍ଟି ଦେଇଥିଲେ । ନିଜ ଗ୍ରାମରୁ ପାଠପଢା ଶେଷକରି ବାରିପଦା ହାଇସ୍କୁଲ ବା ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲରୁ ମାତ୍ର ୧୩ବୟସରେ ମେଟ୍ରିକ୍ ପାଶ୍ କରିଥିଲେ । ପିତାଙ୍କର ବଡ ପରିବାର ପାଇଁ ତାଙ୍କର ଉଚ୍ଚଶିକ୍ଷା ପାଇବା କଷ୍ଟକର ହୋଇଥିଲା । କାରଣ ସେ ସମୟରେ ବାରିପଦାରେ କୌଣସି କଲେଜ ନଥିଲା । ୧୯୪୮ମସିହାରେ ବାରିପଦାରେ କଲେଜ ଖୋଲିବାରୁ ସେ ତାଙ୍କର ମାମୁଁ ଘରେ ରହି ଆଇ.ଏସ୍.ସି ପାଶ୍ କରିଥିଲେ । ଜଣେ ମେଧାବୀ ଓ ବୁଦ୍ଧି ସଂପନ୍ନ ଛାତ୍ରହେତୁ ସେ ରେଭେନ୍ସା କଲେଜରୁ ପଦାର୍ଥ ବିଜ୍ଞାନରେ ଅନର୍ସ ସହ ବି.ଏସ୍‌ସି ପାଶ୍ କରିଥିଲେ ।

ଛାତ୍ରାବସ୍ଥାରେ ତାଙ୍କ କବି ପ୍ରତିଭାର ବିକାଶ ଘଟିଥିଲା । ତାଙ୍କର କବିତା ଗୁଡିକ 'ଡଗର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେ କେବଳ ସାହିତ୍ୟାନୁରାଗୀ ନଥିଲେ, ଅଭିନୟ ଓ ସଙ୍ଗୀତ ସମ୍ବନ୍ଧରେ ବହୁତ ଆଗ୍ରହୀ ଥିଲେ । ସୁନ୍ଦର ଚେହେରା ପାଇଁ ସେ ମ ରେ ଅଧିକାଂଶ ସମୟରେ ନାରୀ ଚରିତ୍ରରେ ଅଭିନୟ କରୁଥିଲେ ହେଁ ପୁରୁଷ ଚରିତ୍ରରେ ମଧ୍ୟପାରଦର୍ଶିତା ଦେଖାଇଥିଲେ ।

ଜୀବନାନନ୍ଦ କର୍ମମୟ ଜୀବନ ବିଭିନ୍ନ କ୍ଷେତ୍ରରେ ପରିବ୍ୟାପ୍ତ ହୋଇଥିଲା । ସେ ୧୯୫୪ ମସିହାରେ ଓଡିଶା ସରକାରଙ୍କ ଗ୍ରାମଗୋଷ୍ଠୀ ବିଭାଗ ଅଧିନରେ ଜଣେ ସାମାଜିକଶିକ୍ଷା ସଂଗଠକ ଭାବେ ଚାକିରୀ ଆରମ୍ଭ କରିଥିଲେ । ଏହା ପରେ ସେ ଲୋକ ସେବା ଆୟୋଗ ଦ୍ୱାରା ବଛାଯାଇ ଜିଲ୍ଲା ସାମାଜିକ ସଂଗଠକ ହିସାବରେ ପଦୋନ୍ନ ି ପାଇଥିଲେ । ମାତ୍ର ୧୯୭୦ ମସିହାରେ ଭାରତ ସରକାର ଏହି ପଦବୀ ଉଚ୍ଛେଦକରିଦେଇଥିଲେ । ତେଣୁ ସେମାନଙ୍କୁ ଶିକ୍ଷା ବିଭାଗ ଅଧୀନରେ ଜିଲ୍ଲାଶିକ୍ଷା ନିରୀକ୍ଷକ ଭାବେ ଅବସ୍ଥାପିତ କରାଯାଇଥିଲା । ସେଥିପାଇଁ ତାଙ୍କୁ ବି.ଏଡ୍. ପାଶ୍ କରିବାକୁ ପଡିଥିଲା । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ତଦାରଖ କାମ ତାଙ୍କୁ ଆଦୌ ଭଲ ଲାଗିଲାନାହିଁ । ସେହି ବର୍ଷରେ ଏକ ସୁଯୋଗ ପାଇ ଡେପୁଟେସନ୍‌ରେ କେନ୍ଦ୍ରସରକାରଙ୍କ ଅଧିନକୁ ଯାଇ ସଙ୍ଗୀତ ନାଟକ ଏକାଡେମୀର ଜଣେ ପ୍ଲାନିଂ ଅଫିସର ଭାବେ ଯୋଗଦେଇ ଦିଲ୍ଲୀ ଚାଲି ଯାଇଥିଲେ । ଚାରିବର୍ଷ ପରେ ସେଠାରେ ସ୍ଥାୟୀ ନିଯୁକ୍ତି ପାଇବା ଅବସରରେ ସେ ଏକାଡେମୀର ଉପସଚିବ ପାହ୍ୟାକୁ ପଦୋନ୍ନତି ପାଇଥିଲେ । ସେଠାରେ ନିଜର ଅଧ୍ୟୟନ ଓ ଅଧ୍ୟବସାୟ ଦ୍ୱାରା ଭାରତବର୍ଷର ସଙ୍ଗୀତ ନାଟ୍ୟକଳା ଓ ନୃତ୍ୟ ସମ୍ବନ୍ଧରେ ଅନେକଜ୍ଞାନ ଆହରଣ କରିଥିଲେ । ସେଠାରେ ନିଯୁକ୍ତି ପାଇଥିବା ବେଳେ ତାଙ୍କର କଳାପ୍ରାଣମନ ଅନୁକୂଳ ବାତାବରଣ ପାଇ ବିକସିତ ହୋଇଥିଲା । ସେ ଏକାଡେମୀ ଆନୁକୁଲ୍ୟରେ ସମଗ୍ର ଭାରତବର୍ଷ ଭ୍ରମଣକରି ବିଭିନ୍ନ ରାଜ୍ୟର ସଙ୍ଗୀତ, ନାଟକ ଓ ନୃତ୍ୟ ପରମ୍ପରା ଉପରେ ଗବେଷଣା କରି ଇଂରାଜୀରେ ବହୁ ଉପାଦେୟ ସନ୍ଦର୍ଭମାନ ରଚନା କରିଥିଲେ । ତେଣୁ ସେ ଅଳ୍ପଦିନରେ ନୃତ୍ୟ, ସଂଗୀତ ଓ ନାଟ୍ୟକଳାର ଜଣେ ମାର୍ଗ ନିର୍ଦ୍ଦେଶକ ଭାବେ ଖ୍ୟାତି ଅର୍ଜନ କରିପାରିଥିଲେ । ସେଠାରେ ବିଭିନ୍ନ ଦାୟିତ୍ୱ ତୁଲାଇବାପରେ ସେ ୧୯୮୩ ମସିହାରେ ଦିଲ୍ଲୀର କଥକ କେନ୍ଦ୍ରର ନିର୍ଦ୍ଦେଶକ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ । ତାଙ୍କର ନିଷ୍ପାପର ଉଦ୍ୟମ ଯୋଗୁଁ କଥକ ବିଶ୍ୱଦରବାରେ ଖ୍ୟାତି ଲାଭ କରିଥିଲା । ତେଣୁ କଥକ କେନ୍ଦ୍ରରେ ପ୍ରଶାସନିକ ଅଧିକାରୀ ଭାବେ ନୁହେଁ ଜଣେ ନୃତ୍ୟ ବିଶେଷଜ୍ଞ ଗୁରୁ ଭାବେ ସମ୍ମାନ ପାଉଥିଲେ ଓ ୧୯୯୪ ମସିହାରେ ଜଣେ ନିର୍ଦ୍ଦେଶକ ହିସାବରେ ସେବା ନିବୃ  ହୋଇଥିଲେ । ତାଙ୍କର ଚାକିରୀ କାଳରେ ସେ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାରେ ବହୁଥର ନିମନ୍ତ୍ରିତ ହୋଇ ନାଟକର ତା ିକ ଦିଗ ଉପରେ ବକ୍ତୃତା ଦେଇଥିଲେ । ଦୀର୍ଘ ୨୦ବର୍ଷ ଧରି ସେଠାକାର CCRT ସଂସ୍ଥାରେ ତାଲିମ ପାଉଥିବା ଶିକ୍ଷକ ଓ ଭାରତୀୟ ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ଭାରତୀୟ ସଭ୍ୟତା ଓ ସଂସ୍କୃତି ଉପରେ ବକ୍ତୃତା ପ୍ରଦାନ କରୁଥିଲେ ।

କବି ଜୀବନାନନ୍ଦ ଓଡିଶାରେ କାର୍ଯ୍ୟରତ ଥିବାବେଳେ ସୁନ୍ଦରଗଡ ଜିଲ୍ଲା ବଣେଇର ଲୋକସଂସ୍କୃତି, ବାରିପଦାର ଛଉ, ପୁରୀର ମାହାରୀ ଓ ଗୋଟିପୁଅ ନୃତ୍ୟ, ଓଡିଶୀ ସଂଗୀତର ପରଂପରା ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ବହୁ ତଥ୍ୟ ସଂଗ୍ରହ କରିଥିଲେ । ସେ ସଂଗୀତ ଶିଳ୍ପୀ ଓ ଗୁରୁଗବେଷକ ମାନଙ୍କ ସହିତ ଆଲୋଚନା କରି ସେ ସମ୍ବନ୍ଧରେ କେତେକ ପ୍ରବନ୍ଧ ରଚନା କରିଥିଲେ । ପରବ ୀ କାଳରେ ଦିଲ୍ଲୀରେ ଅବସ୍ଥାନ ବେଳେ ସେ ଭାରତନାଟ୍ୟମ, କଥକ, ମଣୀପୁରୀ, କଥାକଳୀ, କୁଚିପୁଡି, ମୋହିନୀ ଆ ମ୍ ଓ ଓଡିଶୀ ପରି ଶାସ୍ତ୍ରୀୟ ନୃତ୍ୟ ତଥା ବିଭିନ୍ନ ପ୍ରାନ୍ତର ଲୋକନୃତ୍ୟ ଓ

ସଂସ୍କୃତି ଉପରେ ଗଭୀର ଅଧ୍ୟୟନ ଓ ଗବେଷଣା କରି ବହୁ ଉଚ୍ଚକୋଟିର ପ୍ରବନ୍ଧ ପ୍ରକାଶ କରିଥିଲେ । ତାଙ୍କଦ୍ୱାରା ଲିଖିତ ଶତାଧିକ ଇଂରାଜୀ ପ୍ରବନ୍ଧ ମଧ୍ୟରୁ କେତେକ ଚାରିଗୋଟି ପୁସ୍ତକ ଆକାରରେ ପ୍ରକାଶିତ । ସେ ଗୁଡ଼ିକ ହେଲା:

1. The World of other Faces
2. The Living Dolls
3. Collaboration of Life-Folk Dances of India.
4. A Monography of Ravanchhaya.

ସେ ଲେଖିଥିବା ଅନେକ ପୁସ୍ତକ ପାଣ୍ଡୁଲିପି ଅଦ୍ୟାବଧି ଅପ୍ରକାଶିତ ।


ସେ ଜଣେ ଉଚ୍ଚକୋଟିର ବକ୍ତା ଥିଲେ । ସେ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା ଇତ୍ୟାଦି ବହୁ ଭାଷାରେ ଅନର୍ଗଳ ସାରଗର୍ଭକ ବକ୍ତୃତା ପ୍ରଦାନ କରିପାରୁଥିଲେ । ଜଗନ୍ନାଥ ସଂସ୍କୃତି ଓ ଭାରତୀୟ ସଂସ୍କୃତି ତଥା ଭାରତୀୟ ନୃତ୍ୟକଳାର ବୈଶିଷ୍ଟ୍ୟ ସମ୍ବନ୍ଧରେ ବହୁବାର ବିଦେଶ ଭ୍ରମଣରେ ଯାଇ ବକ୍ତୃତା ପ୍ରଦାନ କରିଥିଲେ । ୧୯୭୨ ବକ୍ତୃତା ପ୍ରଦାନ ପାଇଁ ସେ ଫ୍ରାଙ୍କଫୋର୍ଟ ବିଶ୍ୱବିଦ୍ୟାଳୟକୁ ନିମନ୍ତ୍ରିତ ହୋଇ ଯାଇଥିଲେ । ୧୯୮୦ମସିହାରେ ସେ କାନାଡାରେ ହେଉଥିବା କଣ୍ଢେଇନାଚ ସେମିନାରରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ୧୯୮୫ମସିହାରେ ସେ ଆମେରିକାର ୨୦ଟି ମହାନଗର ଓ ବିଶ୍ୱବିଦ୍ୟାଳୟରେ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଉପରେ ବକ୍ତବ୍ୟ ଦେଇଥିଲେ । ସେଥିଲେ ବାସ୍ତବିକ୍ ଭାରତର ସାଂସ୍କୃତିକ ରାଷ୍ଟ୍ରଦୂତ ।

ଜୀବନାନନ୍ଦ ବୃ ିରେ ଯାହାକିଛି ଥାନ୍ତୁନା କାହିଁକି ପ୍ରବୃ ିରେ ଥିଲେ ଜଣେ କବି । ତାଙ୍କର ୬୫ବର୍ଷ ଜୀବନକାଳ ଭିତରେ ସେ ୬୩ଟି ମୁକ୍ତଛନ୍ଦର ଆଧୁନିକ କବିତା, ୧୫୬ଟି ଗୀତିକବିତା ରଚନା କରିବା ସହିତ ସ୍ୱେନୀୟକବି "ଲୋରକୀ"ଙ୍କ କେତକ କବିତାକୁ ଓଡିଆରେ ଅନୁବାଦକରିବା ସଂଗେ ସଂଗେ "ମୁହଁସଞ୍ଜ" ନାମରେ ଗୋଟିଏ ତାମିଲ ଉପନ୍ୟାସର ଓଡିଆ ଅନୁବାଦକରିଥିଲେ । ଏ ସବୁ ସହିତ ପଲ୍ଲୀଗୀତ ଓ ପଲ୍ଲୀନୃତ୍ୟ ପ୍ରତି ମଧ ସେ ଆଗ୍ରହୀ ଥିଲେ । ସେ ଥିଲେ କଟକ ଆକାଶବାଣୀରେ ମୟୂରଭଞ୍ଜର ପ୍ରଥମ ସ୍ୱୀକୃତିପ୍ରାପ୍ତ ଗୀତିକାର ।

ବାରିପଦାର ମହାନ ସଙ୍ଗୀତକାର ସ୍ୱର୍ଗତ ରାଧାକୃଷ୍ଣ ଭଞ୍ଜଙ୍କ ପାଇଁ ସେ ବନି ଯାଇଥିଲେ ଜଣେ ଗୀତିକବି । ୧୯୫୧ ମସିହାରେ ରାଧାକୃଷ୍ଣଭଞ୍ଜ କଟକ ଆକାଶବାଣୀରୁ ତାଙ୍କର ଗୀତିକବିତା "ସମୟ ସାଗରତୀରେ ତୋଳିଛି ମୁଁ ଯେତେ ବାଲୁକାର ଘର, ଭାବିଛି ତା ବାରେ, ବାରେ" କୁ ପରିବେଷଣ କରିଥିଲେ । ସେଥିରେ ଉତ୍ସାହିତ ହୋଇ ସେ ଲେଖି ଚାଲିଥିଲେ ଅସଂଖ୍ୟ ଗୀତିକବିତା । ତାଙ୍କର କାଳଜୟୀ ଗୀତିକବିତା "ଆଜି ମୁଁ ଶ୍ରାବଣୀ ଲୁହର ହରିଣୀ" ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କର୍‌ଙ୍କ ଦ୍ୱାରା ଓ "ମୟୂରୀ ଗୋ ତୁମ ଆକାଶେ" ସଂଗୀତ ସମ୍ରାଟ ମହମ୍ମଦରଫିକ୍ ଦ୍ୱାରା ଗାନ କରାଯାଇ ଓଡିଶାର ଘରେ ଘରେ ପରିଚିତ ହୋଇପାରିଥିଲା । ତାପରେ ପରେ ତାଙ୍କର ଗୀତିକବିତା ଅନେକ ବିଖ୍ୟାତ ଗାୟକଙ୍କ କଣ୍ଠରେ ପରିବେଷିତ ହୋଇଥିଲା । ୧୯୯୭ରେ ତାଙ୍କର ପ୍ରଥମ ଗୀତିକବିତା ସଂକଳନ "ସେ ଗାଁର କିଆଫୁଲ" ପ୍ରକାଶିତ ହୋଇଥିଲା ।

ଶେଷ ଜୀବନରେ ତାଙ୍କର ପେନ୍‌ସନ୍ ଜନିତ ଅସୁବିଧା ପାଇଁ ସେ ଚିନ୍ତାଗ୍ରସ୍ତ ହୋଇ ହୃଦ୍ ରୋଗରେ ଆକ୍ରାନ୍ତ ହୋଇଥିଲେ । ଅଭିମାନରେ ସେ ନିଜ ରୋଗର ଉପଯୁକ୍ତ ଚିକିତ୍ସା କରାଇ ନଥିଲେ । ଶେଷରେ ୧୯୯୮ ମସିହା ସେପ୍ଟେମ୍ବର ୨ ତାରିଖ ପ୍ରଭାତରେ ନିଦ୍ରିତ ଅବସ୍ଥାରେ ଏ ପୃଥିବୀର ସବୁମାୟା ତୁଟାଇ ଚାଲିଯାଇଥିଲେ । ତାଙ୍କ ତିରୋଧାନ ସହିତ ଭାରତର ସାଂସ୍କୃତିକ ଆକାଶରୁ ଗୋଟିଏ ଜ୍ୟୋତିଷ୍କ ଚିରଦିନ ପାଇଁ ଲିଭି ଯାଇଥିଲା ।

ହନୁମାନ ବିହାର,
ବାଘଡା ରୋଡ
ବାରିପଦା
ମୋ: ୮୨୪୯୬୯୧୮୩୦



# "ଲକ୍ଷ୍ମୀ ପୁରାଣ" ଓ ସମାଜ ସଂସ୍କାରକ ବଳରାମ ଦାସ

-ଅଧ୍ୟାପକ ଡ. ଚି ରଂଜନ ମିଶ୍ର



"ଆଗମ ଭାବ ଜାଣେ ଯଶୋବନ୍ତ
ଗାରକଟା ଯନ୍ତ୍ର ଜାଣେ ଅନନ୍ତ
ଆଗତ ଭବିଶ୍ୟ ଅଚ୍ୟୁତ ଭଣେ
ବଳରାମ ଦାସ ତ ବଖାଣେ
ଭକ୍ତିର ଭାବ ଜାଣେ ଜଗନ୍ନାଥ
ପ ସଖା ଏ ଓଡ଼ିଶା ମହନ୍ତ।"

ସମକାଳୀନ ଓଡିଆ କବ୍ୟଧାରାରେ ଯେତେ ପରୀକ୍ଷା ନିରୀକ୍ଷା ମାନ କରାଯାଇଛି, ତାହା ହୁଏତ ବ୍ରଜନାଥଙ୍କର କବିତାରେ ପରିଦୃଷ୍ଟ ହୁଏନାହିଁ। ମାତ୍ର ବ୍ରଜନାଥ ଯେ ସମୟ ସଚେତନ ନଥିଲେ ବୋଲି ମଧ କୁହାଯାଇପାରିବନାହିଁ। ଯାହା ସମୟ ଉପଯୋଗୀ ବୋଲି ହୃଦବୋଧ କରିଛନ୍ତି, ତାକୁ ସେ ସର୍ବାଗ୍ରେ ଗ୍ରହଣ କରିଯାଇଛନ୍ତି। ବୀର କିଶୋର ଦାସ, ବାଂଛାନିଧି ମହାନ୍ତି, ମନମୋହନ ମିଶ୍ର, ତଥା

ଓଡ଼ିଆ ସାହିତ୍ୟର ପ ସଖା ଯୁଗୀୟ ପ୍ରତିଥଯଶା ପା ଜଣ କବି ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ପା ଟି ପ୍ରମୁଖ ଗୁଣ ଓ ଜ୍ଞାନର ଅଧିକାରୀ ଥିଲେ। ଏମାନଙ୍କ ସୃଷ୍ଟି ସମ୍ଭାର ଉତ୍କଳୀୟ ବାଣୀ ଭଣ୍ଡାରକୁ ରୁଦ୍ଧିମନ୍ତ କରିବା ସହିତ ଉତ୍କଳୀୟ ବୈଷ୍ଣବ ଧର୍ମ (ଜଗନ୍ନାଥ ଧର୍ମ)ର ଭି କୁ ସୁଦୃଢ଼ କରିପାରିଥିଲା। ଏହି ସମୟରେ ମୂଳତଃ ଦୁଇପ୍ରକାର ସାହିତ୍ୟ ସୃଷ୍ଟି ହେଇଥିଲା। ପ୍ରଥମତଃ ସଂସ୍କୃତ ସାହିତ୍ୟର ଅନୁକରଣରେ ରଚିତ ରାମାୟଣ ଏବଂ ଶ୍ରୀମଦଭାଗବତ ଏବଂ ଦ୍ୱିତୀୟତଃ ଓଡ଼ିଆ ମାଟିର ନିତ୍ୟନୈମିତିକ ଘଟଣା ଓ ବ୍ୟକ୍ତିଗତ ଜୀବନର ଘଟଣାକୁ ନେଇ ମୌଳିକ ସୃଷ୍ଟି ଯଥା- ବଟଅବକାଶ, ତୁଳାଭିଣା, ଭାବସମୁଦ୍ର ଏବଂ ସମାଜ ସଂସ୍କାରଧର୍ମୀ ଲୋକପ୍ରିୟ ପୁରାଣ "ଲକ୍ଷ୍ମୀପୁରାଣ" ଇତ୍ୟାଦି। ପ ସଖା ଯୁଗର ସାହିତ୍ୟ ଜ୍ଞାନଯୁକ୍ତ ଭକ୍ତି ଏବଂ ଭାବାବଦ୍ଧ ପ୍ରେମର ମିଶ୍ରଣରେ ସୃଷ୍ଟି ହୋଇଥିଲେ ମଧ କେତେକ ସାହିତ୍ୟରେ ତତ୍‌କାଳୀନ ସମାଜରେ ପ୍ରଚଳିତ ଅନୁଚିତ ସାମାଜିକ ବିଧିବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉ ୋଳନ କରାଯାଇଥିବା ଦେଖାଯାଏ । ବଳରାମ ଦାସଙ୍କ "ଲକ୍ଷ୍ମୀପୁରାଣ" ଏହାର ଏକ ଜ୍ୱଳନ୍ତ ଉଦାହରଣ। "ଲକ୍ଷ୍ମୀପୁରାଣ" ମାଧମରେ ସମାଜ ସଂସ୍କାରକ ବଳରାମ ଦାସ ଜାତିପ୍ରଥା ଏବଂ ଛୁଆଁଅଛୁଆଁ ଭେଦଭାବ ବିରୁଦ୍ଧରେ ପ୍ରଚଣ୍ଡ ସ୍ୱର ଉ ୋଳନ କରିବା ସହିତ ନାରୀ ସଶକ୍ତିକରଣ, ସ୍ୱଚ୍ଛତା ଅଭିଯାନ ଏବଂ ନାରୀ ସ୍ୱୟଂ ସହାୟକ ଗୋଷ୍ଠୀର ମୂଳଭି ସ୍ଥାପନ କରିଥିଲେ। ଉପରୋକ୍ତ ସମସ୍ତ ସଂସ୍କାରକୁ ଅଧିକ ଲୋକାଦୃତ, ଶକ୍ତ, ସୁଦୃଢ଼ ଏବଂ ମଜ୍‌ବୁତ୍ କରିବା ପାଇଁ ସେ ଧର୍ମ ସହ ସଂସ୍କାରକୁ ଯୋଡ଼ିଛନ୍ତି । ପ୍ରବଳ ଧର୍ମବିଶ୍ୱାସୀ ଉତ୍କଳବାସୀଙ୍କ ଆରାଧ ଦେବୀ "ମା' ଲକ୍ଷ୍ମୀ"ଙ୍କୁ ନାୟିକା ରୂପେ ଅବତାରଣା କରାଇ ତାଙ୍କ ଦ୍ୱାରା ଏ ସମସ୍ତ କାର୍ଯ୍ୟ ସଂପାଦନ କରାଇଛନ୍ତି।

**ସ୍ୱଚ୍ଛତା ଅଭିଯାନ:**

"ଲକ୍ଷ୍ମୀପୁରାଣ"କୁ ପାଠକଲେ ଜଣାଯାଏ ଯେ, ସ୍ୱଚ୍ଛତା ଅଭିଯାନର ଅୟମାରମ୍ଭ ବଳରାମ ଦାସ ହିଁ କରିଥିଲେ । ଷୋଡଶ ଶତାବ୍ଦୀରେ ରଚିତ ଏହି ପୁରାଣରେ ସ୍ୱୟଂ ମହାଲକ୍ଷ୍ମୀଙ୍କ ମୁଖରେ ପୁରାଣକାର କହିଛନ୍ତି-

"ଗୁରୁବାର ଦିନ ସକାଳରୁ ଗୋମୟରେ
ଦୁଆର ଯେ ନଲିପଇ ଅଳସ ପଣରେ

x x x x

ଏପରି ନାରୀକୁ ଲକ୍ଷ୍ମୀ ନମାରି ପ୍ରାଣରେ
ନାନା ଦୂରଦେଶେ ବୁଲାନ୍ତି ଯେ ନିରନ୍ତରେ।"

ଏସବୁ ପଂକ୍ତିରୁ ସୂଚନା ମିଳୁଛି ଯେ, ସପ୍ତାହରେ ଅନ୍ତତଃ ଥରେ ଘରଦ୍ୱାର ଲିପାପୋଛା କରି ପରିଷ୍କାର କରିବା ଜରୁରୀ । ପୁଣି ବର୍ଣ୍ଣନା କରାଯାଇଛି ଯେ, ମାର୍ଗଶିର ମାସ ଗୁରୁବାର ଦିନ ମହାଲକ୍ଷ୍ମୀ ନଗ୍ର ବୁଲି ଯାଇଥିବା ବେଳେ ଅଛବ ଶ୍ରୀୟା ଚଣ୍ଡାଳୁଣୀ ଘର ବ୍ୟତୀତ କେଉଁଠାରେ ମଧ ସ୍ୱଚ୍ଛତା ଦେଖିନଥିଲା, ଯଥା:-

"କେଉଁଠାରେ ମହାଲକ୍ଷ୍ମୀ ଶୁଚୀ ନ ଦେଖିଲେ
ଚଣ୍ଡାଳ ସାହିରେ ଯାଇ ପ୍ରବେଶ ହୋଇଲେ
ବେନି ଘଡ଼ି ରାତ୍ର ଥାଇ ଉଠି ଚଣ୍ଡାଳୁଣୀ
ଏକ ବର୍ଣ୍ଣ ଗାଈର ଯେ ଗୋବରକୁ ଆଣି
ଘର ବାହାର ଲିପିଲା ଅତି ଯତନରେ
ଛଙ୍ଗା ପାଣି ମୁନ୍ଦାଏ ସେ ପକାଏ ଦୁଆରେ
ଉଆ ଯେ ତଣ୍ଡୁଳ ବାଟି ଦ୍ୱାରେ ଝୋଟି ଦେଲା
ସନ୍ତୋଷ ହୋଇଣ ମନେ ପଦ୍ମ ନିର୍ମାଣିଲା।"

x x x x

ସନ୍ତୋଷେ କମଳା ତା'ର ପୁରକୁ ଚଳିଲେ
ଚଣ୍ଡାଳୁଣୀ ଭକ୍ତି ମାୟେ ପ୍ରତ୍ୟକ୍ଷ ଦେଖିଲେ।"

ତତ୍‌କାଳୀନ ସମାଜରେ ଉଚ୍ଚବର୍ଗ ବୋଲାଉଥିବା ଲୋକଙ୍କ ମଧରେ ମଧ ସ୍ୱଚ୍ଛତାର ଅଭାବ ଥିଲା । କିନ୍ତୁ ଦଳିତ ଚଣ୍ଡାଳ ସାହିର ଶ୍ରୀୟା ଚଣ୍ଡାଳୁଣୀର ସ୍ୱଚ୍ଛତା,

ପବିତ୍ରତା, ଭକ୍ତି ଏବଂ ସନ୍ତୋଷ ଭାବରେ ମୁଗ୍ଧ ହୋଇ ମହାଲକ୍ଷ୍ମୀ ତା' ଘରେ ପ୍ରତ୍ୟକ୍ଷ ହୋଇଥିଲେ । ଓଡ଼ିଆ ସାମଜର ନିତ୍ୟନୈମି ିକ କର୍ମ ଛଡ଼ାପାଣି ଦୁଆରେ ପକାଇବା, ଅରୁଆ ଚାଉଳ ବାଟି ଝୋଟି ସାହାଯ୍ୟରେ ଘରକୁ ସଜେଇବା ପ୍ରତି ମଧ ପୁରାଣକାର ଗୁରୁତ୍ୱ ଦେଇଛନ୍ତି ।

ଉପରୋକ୍ତ ପଂକ୍ତି ମାଧମରେ ସେ ପ୍ରଚାର କରିବାକୁ ଚାହିଁଛନ୍ତି ଯେ ଚଣ୍ଡାଳ ହେଉ ବା ବ୍ରାହ୍ମଣ, ଯେ ନିଜ ଘରଦ୍ୱାର ଓ ପରିବେଶକୁ ସ୍ୱଛ ରଖେ, ଈଶ୍ୱର ସେଇଠି ବାସ କରନ୍ତି । ଯେଉଁଠି ଶୁଚୀ ନାହିଁ, ସେଠି ମଙ୍ଗଳମୟ ଈଶ୍ୱର ବି ନାହାନ୍ତି ।

**ନାରୀ ସଶକ୍ତିକରଣ:**

ଶ୍ରୀୟା ଚଣ୍ଡାଳୁଣୀ ଘରେ ଲକ୍ଷ୍ମୀଙ୍କ ପ୍ରବେଶ ଦେଖି ବଡ଼ ଭାଇ ବଳଭଦ୍ର କ୍ରୋଧାନ୍ୱିତ ହୋଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବାରମ୍ବାର ଧିକ୍କାର କରିଛନ୍ତି । ଯଥା:-"ଯଦି ଭାରିଜାରେ କାର୍ଯ୍ୟ ଅଛି ନାରାୟଣ

ନଗର ବାହାରେ ଯାଇ ରହ ତୁ ବହନ
ନଗର ବାହାରେ ଯାଇ ଘର ତୋଳାଇବୁ
ଅଛବ ଚଣ୍ଡାଳ ସଙ୍ଗେ ଦିନ କାଟିନେବୁ ।

x x x x

ହାଡ଼ି ଘରେ ଥିବ ଲକ୍ଷ୍ମୀ ଥିବ ପାଣ ଘରେ
ସ୍ନାନ ନ କରି ପଶୁଛି ଦେଉଳ ଭିତରେ ।"

ଏହାର ଫଳସ୍ୱରୂପ ପ୍ରଭୁ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ତ୍ୟାଗ କରିଛନ୍ତି ଏବଂ କହିଛନ୍ତି-

"ଗୃହସ୍ଥ ହୋଇଣ ଯେବେ ଭାର୍ଯ୍ୟାକୁ ତେଜଇ
ଛ, ମାସକୁ ଭାତ ଲୁଗା, ଲେଖିଣ ଦିଅଇ
ଏହି ଅଳଙ୍କାର ସବୁ ତମେ ଘେନିଯାଅ
ବିକି ଭାଙ୍ଗିକରି ଭାତ ଲୁଗା କରୁଥାଅ ।"

ସ୍ୱାମୀ ପରିତ୍ୟକ୍ତା ମହାଲକ୍ଷ୍ମୀ କିନ୍ତୁ ସ୍ୱାମୀଙ୍କ କୌଣସି ଅନୁଗ୍ରହ ବା ଅନୁକମ୍ପାକୁ ଗ୍ରହଣ କରିନାହାନ୍ତି, ବରଂ ସ୍ୱାମୀଙ୍କ ଅନ୍ୟାୟ ଆଚରଣ ବିରୁଦ୍ଧରେ ସେ ସ୍ୱର ଉେ ାଳନ କରିଛନ୍ତି ଏବଂ ସ୍ୱାମୀଙ୍କ ଭୁଲ କର୍ମ ପାଇଁ ସେ ଦଣ୍ଡର ବ୍ୟବସ୍ଥା ମଧ କରିଛନ୍ତି, ଯଥା:-

"ମୁହିଁ ଯାଉଅଛି ଦୀନ ଅରକ୍ଷିତ ହୋଇ
ମୋର ଅଭିଶାପ ଘେନ ଆହେ ଭାବଗ୍ରାହୀ ।
ସତ୍ୟ ଯେବେ ସୂର୍ଯ୍ୟ ଚନ୍ଦ୍ର ସତ୍ୟ ବସୁମାତ
ତୁମ୍ଭଙ୍କୁ ଅନ୍ନ ନମିଳୁ ଆହେ ଜଗନ୍ନାଥ ।"

ଦଣ୍ଡ ସ୍ୱରୂପ କେବଳ ଅଭିଶାପ ଦେଇ ମହାଲକ୍ଷ୍ମୀ ଚୁପ୍ ରହିନାହାନ୍ତି ବରଂ ସେ ଅଭିଶାପ କେମିତି ଫଳବତୀ ହେବ ଏବଂ ପ୍ରଭୁ ଜଗନ୍ନାଥ କର୍ମର ଫଳ କେମିତି ଭୋଗିବେ ସେସବୁର ବ୍ୟବସ୍ଥା ମଧ ସେ କରିଛନ୍ତି । ପ୍ରଭୁ ଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ରଙ୍କ ଗତିବିଧି ଉପରେ ସେ ତୀକ୍ଷ୍ଣ ନଜର ରଖିଛନ୍ତି । ଅଷ୍ଟ ବେତାଳଙ୍କୁ ଡାକି ଆଜ୍ଞା ଦେଇଛନ୍ତି, ଯଥା:-

"ଅଷ୍ଟ ବେତାଳଙ୍କୁ ଡାକି ମାତା ଆଜ୍ଞା ଦେଲେ
ବଡ଼ ଦେଉଳକୁ ନଷ୍ଟ କର ଯେ ବୋଇଲେ ।"

ନିଦ୍ରାଦେବୀଙ୍କ ସହାୟତା ନେଇଛନ୍ତି, ଯଥା:-

"ରାମକୃଷ୍ଣ ନୟନରେ ନିଦ୍ରା ଘାରିଦେବ
ବେଳ ଦୁଇ ଘଡ଼ି ଯାଏ ତାଙ୍କୁ ନଛାଡ଼ିବ ।"

ସରସ୍ୱତୀଙ୍କୁ ଅନୁରୋଧ କରିଛନ୍ତି:-

"ଯହିଁ ବୁଲିବେ ଶ୍ରୀହରି ପ୍ରତି ଦ୍ୱାରେ ଦ୍ୱାରେ
ବିଜେ କରିଥିବୁ ତୁହି ସକଳ କଣ୍ଠରେ
ଅନ୍ନପାଣି ଯେହ୍ନେ ତାଙ୍କୁ ନଦେବେଟି କେହି
ଦୁଃଖ ପାଇଲେ ସେ ମୋତେ ସୁମରିବେ ତହିଁ ।"

ପବନକୁ ଆଦେଶ ଦେଇ କହିଛନ୍ତି:-

"ବୋଇଲେ ପବନ ତୁହି ବେଗେ ଚଳିଯିବୁ
ଖଇ ଚାରି ପା   ମାଣ ଉଡ଼ାଇଣ ଦେବୁ ।"

ସୂର୍ଯଦେବଙ୍କୁ ନିବେଦେନ କରିଛନ୍ତି:-

"ଅତିଶୀଘ୍ର ଟାଣଖରା ବେଗେ କର ଯାଇ
ବାଲିସବୁ ତାତି ଯାଉ ଡହ ଡହ ହୋଇ ।"

ଶେଷରେ ଅଗ୍ନିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି:-

"ବୋଇଲେ ଅଗ୍ନି ଦେବତା ବିଜେ ନ ହୋଇବ
ହାଣ୍ଡି ନ ତାତିବ ଅନ୍ନ ଜଳ ନ ତାତିବ ।"

ଇହକାଳ ଓ ପରକାଳର ଦେବତା ମନେ କରୁଥିବା ସ୍ୱାମୀଙ୍କୁ ମଧ ଭୁଲ କର୍ମ ପାଇଁ ଦଣ୍ଡ ଦେବାରେ ସେ ଅବହେଳା ପ୍ରଦର୍ଶନ କରିନାହାନ୍ତି । ପୁରୁଷ ପ୍ରଧାନ ସମାଜରେ ନାରୀ ପ୍ରତି ହେଉଥିବା ଅନ୍ୟାୟର ସେ ପ୍ରତିବାଦ କରି ସମଗ୍ର ନାରୀ ଜାତି ପାଇଁ ଉଦାହରଣ ସାଜିଛନ୍ତି । ପୌରୁଷର ଔଦ୍ଧତ୍ୟରେ ନାରୀ ଦୁର୍ବଳା, ଅବଳା ହୋଇ ଚାପି ହୋଇଯାଇନି ବରଂ ଶକ୍ତି, ସାହାସ ଏବଂ ସାମର୍ଥ୍ୟ ବଳରେ ପୁରୁଷାର୍ଥକୁ ପରାସ୍ତ କରି ନିଜ ସ୍ଥିତି ସୁଦୃଢ଼ କରିପାରିଛନ୍ତି । କାରଣ ସେ ବୁଝିଥିଲେ:-

"ତେବେ ଆଉ ମହାପ୍ରଭୁ ମତେ ନ ଲୋଡ଼ିବେ

କାହିଁକି ପୁରୁଷ ଆଉ ନାରୀକୁ ଖୋଜିବେ।
ଲକ୍ଷ୍ମୀ ବିନା ପ୍ରଭୁ ଯଦି କରନ୍ତି ସଂସାର
ନାରୀକୁ କରିବେ ତୁଚ୍ଛ କଳିକାଳ ନର।

x x x x

ଭାବିଲେ ରାନ୍ଧି ଭୁଞ୍ଜିବେ ଯେବେ ଦୁଇ ଭାଇ
ନାରୀକୁ ପୁରୁଷ ଆଉ ଲୋଡ଼ିବେ କିମ୍ପାଇ।"

ନାରୀ ଜାତିକୁ ଅବହେଳିତ ହେବାକୁ ଦେଇନାହାନ୍ତି ମହାଲକ୍ଷ୍ମୀ ବରଂ ପୁଣିଥରେ ତାଙ୍କୁ ଗ୍ରହଣ କରିବାକୁ ଜଗନ୍ନାଥଙ୍କୁ ବିବଶ କରିଛନ୍ତି ଏବଂ ନାରୀର ଅଧିକାର ଫେରି ପାଇବାକୁ ସଂଗ୍ରାମ କରିବା ପାଇଁ ନାରୀ ଜାତିକୁ ଆହ୍ୱାନ ଦେଇଛନ୍ତି।

**ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଚଳନ:**

ନାରୀଟିଏ ଶାଶୁଘରେ ନିର୍ଯ୍ୟାତିତା ହେବା ପରେ ନିଜର ସୁରକ୍ଷା ପାଇଁ ପ୍ରାୟତଃ ବାପଘର ଉପରେ ବିଶେଷ ଆସ୍ଥା ବା ଭରସା ପ୍ରକଟ କରିଥାଏ। କିନ୍ତୁ ସ୍ୱାମୀ ପରିତ୍ୟକ୍ତା ମହାଲକ୍ଷ୍ମୀ ବାପଘରକୁ ଯାଇନାହାନ୍ତି। ସମସ୍ତ ପ୍ରତିକୂଳ ପରିବେଶ ଏବଂ ପରିସ୍ଥିତି ସହ ନିଜେ ଏକାକୀ ଲଢ଼ିବା ପାଇଁ ସାହସ କରିଛନ୍ତି । ବିଶ୍ୱକର୍ମାଙ୍କ ସହଯୋଗରେ ସମୁଦ୍ର କୂଳରେ ନିଜର ଏକ ସ୍ୱତନ୍ତ୍ର ଉଆସ ନିର୍ମାଣ କରାଇଛନ୍ତି ଏବଂ ବଡ଼ ଦେଉଳ ଛାଡ଼ି ଆସିବା ବେଳେ ଯେଉଁ ଦାସୀ ଏବଂ ପରିଚାରିକା ମାନେ ଲକ୍ଷ୍ମୀଙ୍କ ପଛରେ ଗୋଡ଼ାଇ ଆସିଥିଲେ ସେମାନଙ୍କୁ ନେଇ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ପରସ୍ପର ସାହାଯ୍ୟ ଏବଂ ସହଯୋଗରେ ଖୁସିରେ ବ ିବା ପାଇଁ ଉଦ୍ୟମ କରିଛନ୍ତି । ରାମାୟଣର ସୀତା କିମ୍ବା ମହାଭାରତରେ ଦ୍ରୌପଦୀଙ୍କ ପରି ଭାଗ୍ୟକୁ ଆଦରି ନୀରବ ରହିନାହାନ୍ତି ସେ। ଅନ୍ୟ ମହିଳା (ଦାସୀ ଏବଂ ପରିଚାରିକା)ଙ୍କ ସହ ମିଶି ନିଜ ଚେଷ୍ଟାକୁ ଫଳବତୀ କରିଛନ୍ତି। ବ ିମାନର ନାରୀ ସମାଜ ନିର୍ଯ୍ୟାତିତାକୁ ସହଯୋଗ ପାଇଁ ପୂର୍ଣ୍ଣ ପ୍ରାଣରେ ଆଗେଇ ଆସିବା ଉଚିତ୍।

**ଛୁଆଁ ଅଛୁଆଁ ଭେଦଭାବ ଉଚ୍ଛେଦ ପାଇଁ ଉଦ୍ୟମ:**

ଲକ୍ଷ୍ମୀଙ୍କୁ ତ୍ୟାଗ କରିବା ପରେ ଦୀର୍ଘ ବାରବର୍ଷ କାଳ ଦାରିଦ୍ର୍ୟର ତାଡନାରେ ବ୍ୟଥିତ ହେବାପରେ ଦୁଇଭାଇ ଅନନ୍ୟୋପାୟ ହୋଇ ଶେଷରେ ମହାଲକ୍ଷ୍ମୀଙ୍କ ଦୁଆରେ ପହ ିଛନ୍ତି । ଯାହାକୁ ଅଛବ ବିଟାଳ ଚଣ୍ଡାଲୁଣୀ କହି ଘରୁ ତଡ଼ି ଦେଇଥିଲେ, ତାଙ୍କ ହାତରୁ ଅନ୍ନ ଗ୍ରହଣ କରି ଜୀବନ ବ ।ଇଛନ୍ତି।

"ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ
ଜାତି ପଛେ ଯାଉ ତାଙ୍କ ଘରେ ନେବା ଭାତ।"

ଭୋଜନ କରିସାରିବା ପରେ ଦୁଇ ଭାଇ ଯେତେବେଳେ ଜାଣିପାରିଲେ ଯେ, ଏହା ଲକ୍ଷ୍ମୀଙ୍କ ଘର, ମହାଲକ୍ଷ୍ମୀଙ୍କୁ ଭୁଲ ମାଗି ବଡ଼ ଦେଉଳକୁ ଫେରାଇ ନେବାକୁ ପ୍ରଚେଷ୍ଟା କରିଛନ୍ତି। ଏହି ସୁଯୋଗର ସଦୁପଯୋଗ କରିଛନ୍ତି ମହାଲକ୍ଷ୍ମୀ। ବଡ଼ଦେଉଳ ଯିବା ପୂର୍ବରୁ ସେ କିଛି ସ ିରଖିଛନ୍ତି, ଯଥା:-

"ଚଣ୍ଡାଳୁ ବ୍ରାହ୍ମଣ ଯାଏ ପ୍ରସାଦ ଖାଇବେ
ଖୁଆଖୋଇ ହୋଇ ହସ୍ତ ଜଳେ ନ ଧୋଇବେ।"

ଛୁଆଁ ଅଛୁଆଁ ଭେଦଭାବ ଦୁଇ ଭାଇଙ୍କ ମନରୁ ସମ୍ପୂର୍ଣ୍ଣ ଦୂର ହେଲେ ହିଁ ସେ ବଡ଼ଦେଉଳ ଫେରିବେ। ଦୁଇ ଭାଇ ମହାଲକ୍ଷ୍ମୀଙ୍କ ସ ିରେ ରାଜି ହୋଇ ଶ୍ରୀ ମନ୍ଦିରକୁ ସାଙ୍ଗରେ ନେଇଗଲେ। ସେଦିନଠାରୁ ଶ୍ରୀମନ୍ଦିରରେ ଆବ୍ରାହ୍ମଣ ଚଣ୍ଡାଳଙ୍କ ପ୍ରବେଶ ଓ ପ୍ରସାଦ ସେବନର ସମ୍ପୂର୍ଣ୍ଣ ଅଧିକାର ପ୍ରାପ୍ତ ହୋଇଛନ୍ତି।

ହାଲକ୍ଷ୍ମୀଙ୍କ ସ ିରେ ରାଜି ହୋଇ ଶ୍ରୀ ମନ୍ଦିରକୁ ସାଙ୍ଗରେ ନେଇଗଲେ। ସେଦିନଠାରୁ ଶ୍ରୀମନ୍ଦିରରେ ଆବ୍ରାହ୍ମଣ ଚଣ୍ଡାଳଙ୍କ ପ୍ରବେଶ ଓ ପ୍ରସାଦ ସେବନର ସମ୍ପୂର୍ଣ୍ଣ ଅଧିକାର ପ୍ରାପ୍ତ ହୋଇଛନ୍ତି।

ଜଗନ୍ନାଥ ଦାସଙ୍କ "ଭାଗବତ" ପରି ବଳରାମ ଦାସଙ୍କ "ଲକ୍ଷ୍ମୀ ପୁରାଣ" ମଧ୍ୟ ଓଡ଼ିଶାର ଘରେ ଘରେ ପରିଚିତ। ଧାର୍ମିକ ଗୁରୁତ୍ୱ ବହନ କରୁଥିବା ପୁରାଣଟି ଭିତରେ ଯେ ସମାଜ ସଂସ୍କାରର ଅନେକ ରହସ୍ୟ ଲୁଚି ରହିଛି, ଏହାକୁ ମଧ୍ୟ ଆମେ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍।

ପ ।ୟତ ମହାବିଦ୍ୟାଳୟ,
-ଫିରିଙ୍ଗିଆ, କନ୍ଧମାଳ,-୭୬୨୦୧୧

# ଓଡିଆ ସଂସ୍କୃତିରେ ମାଘ, ବୈଶାଖ ଓ କା ିକ ମାସର ମାହାତ୍ମ୍ୟ

ଇଂ ସତ୍ୟବ୍ରତ ରଥ



ଭାରତ ମାନଚିତ୍ରର ପୂର୍ବଭାଗରେ ଅବସ୍ଥିତ ଆମ ଓଡିଶା ମହାନ୍ ସଂସ୍କୃତିର ଭୂଖଣ୍ଡ । ଏହାର ପରମ୍ପରା ପବିତ୍ର ଜୀବନ ଯାପନ, ସତ, ଆଚରଣ, ଦୟା ଓ କ୍ଷମା ଗୁଣ ପ୍ରଦର୍ଶନ ଏବଂ ଈଶ୍ୱର ଆରାଧନା ଉପରେ ମୁଖ୍ୟତ ପର୍ଯ୍ୟବସିତ । ଓଡିଶା ରାଜ୍ୟରେ ଯେତେ ଦେବଦେବୀ ମନ୍ଦିର ଦେଖିବାକୁ ମିଳେ ଅନ୍ୟତ୍ର ସେତେ ମନ୍ଦିର ନାହିଁ । ଓଡିଆ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ଏହି ଦାରୁବ୍ରହ୍ମଙ୍କୁ ନେଇ ଓଡିଆମାନଙ୍କର ପର୍ବପର୍ବାଣୀ, ଓଷାବ୍ରତ, ଶୁଭକର୍ମ ଓ ଯାଗଯଜ୍ଞାଦି ଅନୁଷ୍ଠିତ ହୋଇଥାଏ । ଜଗନ୍ନାଥ ହେଉଛନ୍ତି ସର୍ବଧର୍ମର ସମନ୍ୱିତ ପ୍ରତିମୂ ି । ତାଙ୍କର ଆବିର୍ଭାବ, ପୂଜା ଉପାସନା ସ୍ୱତନ୍ତ୍ର । ଏହି ଠାକୁରଙ୍କର ପ୍ରଥମ ସେବକ ହେଉଛନ୍ତି ଗଜପତି ମହାରାଜା ।

ପୁରୀ ଜଗନ୍ନାଥ ମନ୍ଦିରରେ ବାରମାସରେ ତେର ପର୍ବ ଅନୁଷ୍ଠିତ ହୁଏ । ମାସ ଗଣନାରେ ବୈଶାଖ, ଜ୍ୟେଷ୍ଠ, ଆଷାଢ...... ଆଦି ୧୨ଟି ଚନ୍ଦ୍ରାୟଣ ମାସ । ମେଷ, ବୃଷ, ମିଥୁନ..... ଆଦି ୧୨ଟି ସୂର୍ଯ୍ୟାୟନ ମାସ । ଓଡିଆ ସଂସ୍କୃତିରେ ମାଘ, ବୈଶାଖ ଓ କା ିକ ମାସକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ବୈଶାଖ ମାସର ଅନ୍ୟନାମ ମଧୁସୂଦନ ମାସ । ଶ୍ରୀରାମ ଦାସ ବିରଚିତ ବୈଶାଖ ମାହାତ୍ମ୍ୟରେ ମାସଙ୍କର ବିଶେଷତ୍ୱ ଉଲ୍ଲେଖ ଅଛି ।

ସତ୍ୟଯୁଗରେ ବ୍ରହ୍ମର୍ଷି ନାରଦରାଜା ଅମ୍ବରୀଷଙ୍କୁ କହିଥିଲେ:

ଶୁଣ ରାଜନ ପୁଣ୍ୟଗାଥା । ସ୍କନ୍ଦ ପୁରାଣର ବ୍ୟବସ୍ଥା ॥
ସକଳ ଧର୍ମେ ସାରସତ । ଅଟଇ ବୈଶାଖ ମାହାତ୍ମ୍ୟ ॥
ଆବର ଅଛି ଧର୍ମ ଯେତେ । ତୋ ଆଗେ କହିବି ବା କେତେ ॥
ସକଳ ମାସଙ୍କ ଉପର । ବୈଶାଖ ମାସ ଶ୍ରେଷ୍ଠତର ॥
ସର୍ବ ବିଦ୍ୟାରେ ବେଦ ଶ୍ରେଷ୍ଠ । ଓଁକାର ସବୁଠୁ ଉତ୍କୃଷ୍ଟ ॥
ବୃକ୍ଷରେ ସୁରତରୁ ଜାଣି । ରତ୍ନରେ କଉସ୍ତୁଭ ମଣି ॥
ବାସୁକି ନାଗ ମଧ ବଡ । ପକ୍ଷୀଙ୍କ ମଧରେ ଗରୁଡ ॥
ଦେବଙ୍କ ମଧ ମହାଦେବ । ସୁରଭି ଗାବ ମଧେ ଗାବ ॥
ନଦୀଙ୍କ ମଧ ଗଙ୍ଗା ମାତ୍ର । ତେଜସ୍ୱୀ ମଧରେ ଆଦିତ୍ୟ ॥

ବୈଶାଖ ମାସରେ ଯେଉଁ ବ୍ରତ କରାଯାଏ, ତାହାକୁ ବୈଶାଖ ବ୍ରତ କହନ୍ତି । ବ୍ରତର ମୂଳ ଉଦ୍ଦେଶ୍ୟ ଶରୀର ଶୁଦ୍ଧି ଓ ମନଶୁଦ୍ଧି । ଯାହାକୁ ପ୍ରକାରାନ୍ତରେ ପୁଣ୍ୟଅର୍ଜନ କୁହାଯାଏ । ମୂଳତଃ ଆଦ୍ୟ ବୈଶାଖ ଦିନ ଠାରୁ ଶେଷ ବୈଶାଖ ଦିନ ପର୍ଯ୍ୟନ୍ତ ନରନାରୀମାନେ ଏହି ବ୍ରତ ପାଳନ କରନ୍ତି । ଆମ ଓଡିଶାର କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ, ଜଗତସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାରେ ବୈଶାଖ ବ୍ରତର ପ୍ରଚଳନ ରହିଛି ।

ପ୍ରତିଦିନ ବ୍ରାହ୍ମ ମୁହୂ ର୍ରେ ଶଯ୍ୟା ତ୍ୟାଗ କରି ବ୍ରତୀମାନେ ନିକଟବ ୀ ନଦୀ, ଝରଣା ବା ଜଳାଶୟରେ ସ୍ନାନ କରିଥାଆନ୍ତି । ଘରକୁ ଆସି ଦେବପୂଜା ଯଥାବିଧି ପାଳନ କରନ୍ତି । ଘରକୁ କୌଣସି ଅତିଥି ବା ଭିକ୍ଷାର୍ଥୀ ଆସିଲେ ତାଙ୍କୁ ଯଥାଶକ୍ତି ସେବାକରିବା ବ୍ରତର ନିୟମ । ହବିଷ୍ୟ ଅନ୍ନ ମାଧବ (ଇଷ୍ଟଦେବତା) ଙ୍କୁ ଅର୍ପଣକରି ଭୋଜନ କରିବାକୁ ହେବ । ବ୍ରତୀମାନଙ୍କ ପାଇଁ କିଛି ଧାର୍ମିକ ନିର୍ଦ୍ଦେଶ ରହିଛି । ୧- ମିଥ୍ୟାବଚନ ନ କହିବା ୨-କାହାକୁ ନ ଠକିବା, ୩- ଅହଂକାର ପ୍ରଦର୍ଶନ ନ କରିବା ୪- ଆମିଷ ଭୋଜନ ନ କରିବା ୫-ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା- ଇତ୍ୟାଦି ।

ବ୍ରତର ଅର୍ଥ ଶୃଙ୍ଖଳିତ ଓ ସା ିକ ଜୀବନ ଯାପନ । ବୈଶାଖ ବ୍ରତ କଲେ ପୁଣ୍ୟ ଅର୍ଜନ ହୁଏ ଓ ରିଷ୍ଟ ଖଣ୍ଡନ ହୁଏ ବୋଲି ପୁରାଣରେ ବର୍ଣ୍ଣିତ । ଏହି ବ୍ରତରେ ଫଳ ପ୍ରସଙ୍ଗରେ କେତୋଟି ଉଦାହରଣୀୟ ଘଟଣା ବୈଶାଖ ମାହାତ୍ମ୍ୟରେ ଶ୍ରୀରାମ ଦାସ ଉଲ୍ଲେଖ କରିଛନ୍ତି ।

ପୂର୍ବକାଳରେ ଗୋଦାବରୀ ନଦୀ ତୀରରେ ଦୁର୍ବାସା ମୁନିଙ୍କ ଆଶ୍ରମ ଥିଲା । ମୁନିଙ୍କର ପରମ ଓ ହଂସ ନାମରେ ଦୁଇ ଶିଷ୍ୟ ଥିଲେ । ଦିଇ ଶିଷ୍ୟଙ୍କୁ ମୁନି ସକଳ ଶାସ୍ତ୍ର ଓ ସାଂସାରିକ କ୍ରିୟାକର୍ମ ସଂପର୍କରେ ଶିକ୍ଷା ଦେଇଥିଲେ । ପରମ ଓ ହଂସ ଗୁରୁଙ୍କ ଆଦେଶ ଅନୁସାରେ କାର୍ଯ୍ୟ କରି ଚାଲି ଥିଲେ । ତୀର୍ଥ ସ୍ନାନ ଓ ଜଳଦାନ ଉପରେ ମୁନି ଶିଷ୍ୟଙ୍କୁ ପରାମର୍ଶ ଦେଇ ପ୍ରୟାଗ ତୀର୍ଥ ଯିବା ପାଇଁ ପରାମର୍ଶ ଦେଇଥିଲେ । ଶିଷ୍ୟ ଦୁହେଁ ତଦନୁଯାୟୀ ପ୍ରୟାଗ ତୀର୍ଥ ଯାଇ ବିଧି ପୂର୍ବକ ବୈଶାଖ ସ୍ନାନ କରି ଫେରିବା ବାଟରେ ଏକ ଶିମୁଳି ବୃକ୍ଷମୂଳରେ ପିଶାଚଟିଏ ବସିଥିବାର ଦେଖିଲେ । ପିଶାଚ ଦୁଇ ଶିଷ୍ୟଙ୍କୁ ଦେଖି ଖାଇବ ବୋଲି ଉଦ୍ୟତ ହେଲା । କିନ୍ତୁ ବ୍ରହ୍ମତେଜ ଥିବାରୁ ପାଖକୁ ଆସିପାରିଲା ନାହିଁ । ନିଜକୁ ଅସହାୟ ମନେକରି ଉଦ୍ଧାର କରିବା ପାଇଁ ନିବେଦନ କଲା । ପରମ ପଚାରିଲେ- ତୁମେ କିଏ ? ଏଠାରେ ବସିରହିବାର ଉଦ୍ଦେଶ୍ୟ କ'ଣ ? ପିଶାଚ କହିଲା-

ମୋହର ଚିହ୍ନ ବର୍ଣ୍ଣ ନାମ । ଶୂଦ୍ର କୁଳରେ ମୁଁ ଜନମ ॥
ଅନେକ ପାପ ମୁହିଁ କଲି । ମାତା ପିତାଙ୍କୁ ନ ପୋଷିଲି ॥
ସୋଦରେ ଦିଅଇ ମୁଁ ଗାଳି । ପଡିଶା ସଙ୍ଗେ କରେ କଳି ॥
ବିପ୍ର ବୈଷ୍ଣବ ନ ମାନଇ । ଗୁରୁଙ୍କୁ କିଛି ନ ଦିଅଇ ॥
ଅତିଥି ଅଇଲେ ମୋ ଘରେ । ମାରଇ ପଳାନ୍ତି ସେ ଡରେ ॥
ଯେ କହେ ଶ୍ରୀକୃଷ୍ଣ ଚରିତ । ମୁଁ ତା'କୁ କରଇ ଇଙ୍ଗିତ ॥
ଏ ମନ୍ତ୍ର ବୟସ ସରିଲା । ମରଣ କାଳ ଯହୁଁ ହେଲା ॥
ବାନ୍ଧିଣ ନେଲେ ଯମ ଦୂତେ । ଦେଲେ ସେ ଯମର ଅଗ୍ରତେ ॥
ପିଶାଚ ହୋଇଅଛି ମୁହିଁ । କେତକ କାଳ ଗଲା ବହି ॥

ପିଶାଚର ଆକୁଳ ପ୍ରାର୍ଥନା ଶୁଣି ହଂସ ଦୟା କଲେ । ଗୋଟିଏ ଦିନର ବୈଶାଖ ସ୍ନାନର

ଫଳ ସେ ପିଶାଚକୁ ଦେଇ ତା' ଉପରକୁ ପାଣିମୁଠାଏ ପକାଇ ଦେଲେ ।

ସେ ଜଳ ପଡନ୍ତେ ଶରୀର । ପାଇଲା ଦିବ୍ୟ କଳେବର ॥
ସ୍ୱର୍ଗରୁ ବିମାନ ଅଇଲା । ସେ ରଥେ ବସି ସ୍ୱର୍ଗ ଗଲ ॥

ଆଖ୍ୟାନ ମାଧ୍ୟମରେ ବୈଶାଖ ସ୍ନାନ, ବୈଶାଖ ବ୍ରତ, ଅନ୍ନଜଳଦାନ ପ୍ରସଙ୍ଗ ମଧ୍ୟ ବର୍ଣ୍ଣନା କରାଯାଇଛି । ସଂକ୍ଷେପରେ କହିବାକୁ ଗଲେ ବୈଶାଖ ମାସ ଏକ ପୁଣ୍ୟ ମାସ ଭାବେ ପରିଗଣିତ । ଏ ମାସରେ ପ୍ରାତଃ ସ୍ନାନ, ହବିଷ ଅନ୍ନ ଭୋଜନ, ଅତିଥି ଏବଂ ଦୁଃଖୀ ଦରିଦ୍ରଙ୍କୁ ଯଥାଶକ୍ତି ଭୋଜନ, ଜଳ ଓ ବସ୍ତ୍ରଦାନ କଲେ ପୁଣ୍ୟ ଅର୍ଜନ ହୁଏ ଓ ରିଷ୍ଟ ଖଣ୍ଡନ ହୁଏ । ଆମ ଅ ଳରେ ବୈଶାଖ ବ୍ରତ ଅନେକ ନରନାରୀ କରିଥାଆନ୍ତି । ଏଥିପାଇଁ ସେମାନେ ନିଜ କୁଳ ପୁରୋହିତଙ୍କୁ ବରଣ କରିଥାଆନ୍ତି ।

କା ିକ ମାସ ମଧ୍ୟ ପୁଣ୍ୟପବିତ୍ର ମାସ ରୂପେ ପରିଗଣିତ । ଏହି ଚନ୍ଦ୍ରାୟଣ ମାସ ଦ୍ୱିଜା ନକ୍ଷତ୍ରରେ ଆରମ୍ଭ ହୋଇ କୃ ିକା ନକ୍ଷତ୍ରରେ ଶେଷ ହୋଇଥାଏ । ଏ ମାସର ଅନ୍ୟ ଏକ ନାମ ଦାମୋଦର ମାସ । ହେମନ୍ତ ଋତୁର ଆଦ୍ୟମାସ ହୋଇଥିବାରୁ ଏହାକୁ ମଧ୍ୟ ହୈମନ୍ତକ ମାସ କୁହାଯାଏ । କା ିକ ମାସରେ ନରନାରୀମାନେ ପ୍ରାତଃ ସ୍ନାନ କରି ବ୍ରତ ପାଳିଥାନ୍ତି । ଆମ ଓଡିଶାର ପୁରୀ, ଗଞ୍ଜାମ, କଟକ, ଯାଜପୁର, ବାଲେଶ୍ୱର ଆଦି ଉପକୂଳବ ୀ ଜିଲ୍ଲା ମାନଙ୍କରେ କା ିକ ବ୍ରତର ପ୍ରଚଳନ ରହିଛି ।

ସଧବା ଓ ବିଧବା ସ୍ତ୍ରୀମାନେ ଅଧିକ ସଂଖ୍ୟାରେ କା ିକ ବ୍ରତ ପାଳନ କରି ଆସୁଛନ୍ତି । ବ୍ରତର ଉଦ୍ଦେଶ୍ୟ ମଧ୍ୟ ଶରୀର ଶୁଦ୍ଧି, ମନ ନିୟନ୍ତ୍ରଣ, ଈଶ୍ୱର ଆରାଧନା, ସା ିକ ଆହାର, ଦାନ ଧର୍ମ ଏବଂ ଅତିଥି ସତ୍କାର । ମହାଦେବ ଦାସ ବିରଚିତ କା ିକେୟ ପୁରାଣରେ କା ିକ ମାସର ମାହାତ୍ମ୍ୟ, କା ିକ ସ୍ନାନ ଓ ପୂଜା ବିଧାନ ବର୍ଣ୍ଣିତ ହୋଇଛି ।

**ନାରଦଉବାଚ**

ସେ କଥା ଶୁଣ ମହାରଥ । ସେ କୃଷ୍ଣାବେଣୀ ନାମେ ତୀର୍ଥ ॥
ସେ ପୁଣ୍ୟ ତୀର୍ଥେ ଆଦିମାସେ । ରୋହିଣୀ ପ୍ରଥମ ଦିବସେ ॥
ଯେ ସ୍ନାନ କରେ ଏଳାବେଳେ । କୃଷ୍ଣ ସୁମରି ପ୍ରାତଃ କାଳେ ॥
ସକଳ ପାପ କ୍ଷୟ ଯାଇ । କା ିକ କୃତ୍ୟ ଫଳ ପାଇ ॥
ଅନ୍ତେ ଲଭଇ ବିଷ୍ଣୁପୁର । ଯାବତ ରବି ନିଶାଚର ॥

କା ିକ ମାସର ଆହ୍ନିକ କୃତ୍ୟ ମୁଖ୍ୟତଃ ପ୍ରାତଃ ସ୍ନାନ, ବିଷ୍ଣୁ ପୁରାଣ, ଦେବ ଦର୍ଶନ, ହବିଷ୍ୟାନ୍ନ ଭୋଜନ, ଦାନ ଦକ୍ଷିଣା ଏବଂ ଅନ୍ୟାନ୍ୟ ଧର୍ମକାର୍ଯ୍ୟରେ ଯୋଗଦାନ । କା ିକେୟ ପୁରାଣ ଅନ୍ତର୍ଗତ ଜୟ ବିଜୟ ଆଖ୍ୟାନରେ ଗୃହସ୍ଥ ପାଇଁ ଉପଦେଶ ରହିଛି । ସେଥିରେ ପିତାମାତାଙ୍କ ପାଦସେବାକୁ ପ୍ରାଧାନ୍ୟ ଦିଆଯାଇଛି ।

ସକଳ ଜ୍ଞାନ ସାଧିପାରି । ଏ ଦେହ ଥିବା ଯେବେ ଧରି ॥
ତେଣୁ ଏ ଦେହ ସାରସତ । ଯହୁଁ ଏ ହୋଇଲା ସମ୍ଭୂତ ॥
ତା ନାମ ପିତାମାତା କହି । ଏ ପିଣ୍ଡେ ଅଧିକାରୀ ସେହି ॥
ତାଙ୍କ ଚରଣେ ତେଣୁ ସେବା । ଅର୍ଜିଉ ମଧନ ଦେବା ॥
ତାଙ୍କୁ ସନ୍ତୋଷ ଆଗ କରି । ଗଚ୍ଛେ ଯାବତ ଇଷ୍ଟ କରି ॥
ଯେବଣ ଜନ ମୂର୍ଖ ପଣେ । ନ ସେବେ ପିଅର ଚରଣେ ॥
ନିଜ ମାତାଙ୍କୁ ଦୁଃଖ ଦେଇ । ଆନ ଗୁରୁଙ୍କୁ ସେବା ପାଇଁ ॥
କି ଅବା ତପ ସାଧିବାରେ । ଗଙ୍ଗାଦି ନାନା ତୀର୍ଥ କଲେ ॥
ତା'ର ସୁକୃତ ଫଳ ଯେତେ । ଜନନୀ କ୍ରୋଧେ ଜଳେ ନିତ୍ୟେ ॥
ଏଙ୍କୁ ପିଅର ପାଦେ ସେବି । ପଶ୍ଚାତେ ଅନ୍ୟ ଇଷ୍ଟ ଭାବି ॥
ଏ କଥା ତୁମେ ମନେ ଘେନ । ମାତା ପିତାଙ୍କୁ ଦେବା ଧନ ॥

ମାଘ ମାସ ମଧ୍ୟ ଏକ ପୁଣ୍ୟମାସ ଭାବରେ ପରିଗଣିତ । ଦୀନକୃଷ୍ଣ ଦାସ ବିରଚିତ ମାଘ ମାହାତ୍ମ୍ୟରେ ମାଘ ସ୍ନାନ ଓ ନିତ୍ୟକୃତ୍ୟ ବର୍ଣ୍ଣିତ ହୋଇଛି ।

ଶୁଣ ଉଦ୍ଧବ ଦୃଢ ଚିତେ । ମାଘ ସ୍ନାନର ଫଳ ଏତେ ॥
ଯେ ମାଘ ସ୍ନାହାନ କରିବ । ଆପେ ଆତ୍ମାକୁ ଉଦ୍ଧରିବ ॥
ସୁଜନେ ମାଘ ସ୍ନାନ କର । ଭବସାଗରୁ ଦେହ ପାର ॥
ନୃସିଂହ ଦାସର ତନୟେ । ନାମ ତା' କୃଷ୍ଣଦାସ କହେ ॥

ଓଡିଶାର ଲୋକମାନେ ଧର୍ମପ୍ରାଣ, ଦୟାଳୁ, ବନ୍ଧୁବତ୍ସଳ ଏବଂ କଳାରେ ନିପୁଣ । ଆମ ରାଜ୍ୟରେ ସ୍ତ୍ରୀ ଲୋକମାନେ ଯେତେ ବ୍ରତ, ଓଷା, ଉପବାସ କରିଥାଆନ୍ତି ଅନ୍ୟତ୍ର ତାହା ବିରଳ । ଆମ ସଂସ୍କୃତିରେ ମାଘ, ବୈଶାଖ ଓ କା ିକମାସର ଗୁରୁତ୍ୱ ରହିଛି । ପାରଂପରିକ ଭାବେ ଅନେକ ଲୋକ ଏହି ତିନିମାସକୁ ପୁଣ୍ୟପବିତ୍ର ମାସ ଭାବେ ଗ୍ରହଣ କରି ଆସୁଛନ୍ତି । ଆମ ପରଂପରା ଏକ ସା ିକ ଆଧାରଶିଳା ଉପରେ ପ୍ରତିଷ୍ଠିତ । ତେଣୁ ଏହାକୁ ସମ୍ମାନ ଦେବା ଆମର କ ବ୍ୟ ।

କଲେଜ ରୋଡ୍, ବାଙ୍କୀ
ପୋ:ଅ: ବାଙ୍କୀ,
ଜି-କଟକ-୭୫୪୦୦୮
ମୋ-୯୯୩୭୩୨୭୬୪୭

# ଆଦିବାସୀ ସମାଜରେ ନାରୀ

- ଯୁଧିଷ୍ଠିର ମହାନ୍ତି



ଆଦିବାସୀଙ୍କର ସ୍ୱତନ୍ତ୍ର ଜୀବନ ଶୈଳୀ ରହିଛି, ସ୍ୱତନ୍ତ୍ର କଳା ଓ ସଂସ୍କୃତି ରହିଛି । ଏହି ଜାତି ନିଜ ସରଳତା ଓ ନିଷ୍କପଟତା ପାଇଁ ସୁପରିଚିତ । ସେମାନଙ୍କ ରୀତି ନୀତି ମଧ୍ୟରୁ 'କନ୍ୟାସୁନା' ଗୋଟିଏ । ବିବାହ ବେଳେ କନ୍ୟାପିତାଙ୍କୁ ସେମାନେ ଉପଯୁକ୍ତସମ୍ମାନ ସ୍ୱରୂପ ଗାଈ, ଛେଳି ଆଦି ଉପହାର ଦେଇ କନ୍ୟାକୁ ନେଇ ଆସନ୍ତି । ଏଥିରୁ ସ୍ପଷ୍ଟ ଯେ ଆଦିବାସୀ ସମାଜରେ ନାରୀର ସ୍ଥାନ ସ୍ୱତନ୍ତ୍ର । ଆଦିବାସୀ ସମାଜରେ ନାରୀର ଭୂମିକା ଯେତେ ଗୁରୁତ୍ୱପୂର୍ଣ୍ଣ ତାହା ଅନ୍ୟ କୌଣସି ସମାଜରେ ଦେଖିବାକୁ ମିଳେନାହିଁ । ଆଉ ସେ ମଧ୍ୟ ତାର ସ୍ୱାତନ୍ତ୍ର୍ୟ ଅଦ୍ୟାବଧି ବଜାୟ ରଖି ଆସିଛି । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହି ଜୀବନକୁ ସରସ ସୁନ୍ଦର, ରସମୟ କରି ଗଢ଼ିତୋଳିବାରେ ସେ ସିଦ୍ଧହସ୍ତା । କୌଣସି ଆଦିବାସୀ ଗାଁ ଭିତରକୁ ପ୍ରବେଶ କଲା ମାତ୍ରେ ଆଦିବାସୀ ମହିଳାର କର୍ତ୍ତବ୍ୟବୋଧ, ତାର କଳା ନିପୁଣତା ଆମ ଆଖିରେ ନିଶ୍ଚିତଭାବରେ ପଡ଼ିବ । ନିଜ ଘରର ବାରଣ୍ଡା ତଥା କାନ୍ଥରେ ପକାଇଥିବା ଚିତ୍ରକାରୁ ହିଁ ତାର ରୁଚିବୋଧ ସହଜରେ ଅନୁମାନ କରିହେବ । ଘରର ଯାବତୀୟ କାର୍ଯ୍ୟରେ ସେ ପୁରୁଷ ସହିତ କାନ୍ଧ ମିଳେଇ ଆଗେଇ ଚାଲେ । ଘର ଛପର ପାଇଁ ନଡ଼ା କାଟିବା, ବିଗା (ଏକ ପ୍ରକାର ଘାସ)ସଂଗ୍ରହଠାରୁ ଆରମ୍ଭ କରି ଜଙ୍ଗଲରୁ ସେପେରୀ (ଫୁଲଝାଡ଼ୁ) ସଂଗ୍ରହ କରିବା ପର୍ଯ୍ୟନ୍ତ ସେ ଅନେକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାଏ । ଫୁଲଝାଡ଼ୁ ସଂଗ୍ରହ କରି ତାକୁ ଶିଆଳି ଲଇରେ ବାନ୍ଧି ନିଜ ପାଇଁ, ନିଜ ପରିବାର ପାଇଁ ଦୁଇ ପଇସା ରୋଜଗାର ମଧ୍ୟ ସେ କରିଥାଏ । ସୁମ୍ବ (ସୁମ) ଘାସ ସଂଗ୍ରହ କରି ତାକୁ ଗୋଡ଼ରେ ବଳି ସୁମ ଦଉଡ଼ି ପ୍ରସ୍ତୁତ କରିବାରେ ମଧ୍ୟ ସେ ପ୍ରବୀଣା; ଯାହାକି ଦଉଡ଼ିଆ ଖଟ ବୁଣିବାରେ ବ୍ୟବହାର କରାଯାଏ । ଜଙ୍ଗଲରୁ ଶିଆଳି ପତ୍ର, ଶାଳ ପତ୍ର ଆଦି ସଂଗ୍ରହ କରି ତାକୁ ନେଇ ପାଖନା (ଖଲି), ସକଣି (ଦନା) ସିଇଁବା କଥା କାହାରିକୁ ଅଗୋଚର ନୁହେଁ । ଦିନ ଥିଲା ଯେତେବେଳେ କନ୍ୟା ଦେଖା ପ୍ରସଙ୍ଗ ଉଠୁଥିଲା; ସେତେବେଳେ ବରଘର ଲୋକେ କନ୍ୟାଘର ଲୋକଙ୍କୁ – 'କାଲି ତଁଅ ପୁଞ୍ଜାନେ ଗେନା ଆଏ' ଅର୍ଥାତ – 'ଝିଅ ଖଲି-ପତ୍ର ସିଲେଇବା ଆଦି ଜାଣିଛି କି ନାହିଁ ?' ବୋଲି ପ୍ରଶ୍ନ କରୁଥିଲେ । ଅର୍ଥାତ କନ୍ୟାଟି ଘରର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ତୁଲାଇ ପାରିବ କି ନାହିଁ ପରଖା ଯାଉଥିଲା । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଆଦିବାସୀ ସମାଜରେ ନାରୀକୁ ଘରର ସମସ୍ତ ଦାୟିତ୍ୱ ସଂପାଦନ କରିବାକୁ ପଡ଼ିଥାଏ । କହିବା ବାହୁଲ୍ୟ ଯେ ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ କନ୍ଧମାଳ ଜିଲ୍ଲାର ଶିଆଳିପତ୍ର ଖଲିର ଚାହିଦା ରହିଛି । ଯଦିଓ ଆଜିକାଲି ଜଙ୍ଗଲ ମାନଙ୍କରେ ଶିଆଳି ପତ୍ର ବିଶେଷ ପରିମାଣରେ ମିଳେ ନାହିଁ; ତଥାପି ଆଦିବାସୀ ରମଣୀ ଅନେକ ଦୂରରୁ ତାକୁ ସଂଗ୍ରହ କରି ଆଣେ, ତା'କୁ ସିଲେଇ କରି ରଖେ, ଶୁଖାଏ ଏବଂ ବଜାରରେ ବିକ୍ରି କରି ଦୁଇ ପଇସା ପାଏ ଯାହାକି ତା'ର ପରିଶ୍ରମ ତୁଳନାରେ ଯଥେଷ୍ଟ କମ । ଆମ ସରକାରୀ ସ୍ତରରେ ସେମାନଙ୍କ ସୁବିଧା ପାଇଁ ଯାହା କିଛି ବ୍ୟବସ୍ଥା ଥିଲା; (T.D.C.S.ସହାୟତାରେ ଏ ସବୁ ସାମଗ୍ରୀ, ଯଥା – ଖଲି, ଫୁଲ ଝାଡ଼ୁ, ହଳଦୀ, ତେନ୍ତୁଳୀ, ମହୁଲ, ଆଦି ସଂଗ୍ରହ କରା ଯାଉଥିଲା) ତାହା ବନ୍ଦ ହୋଇ ସାରିଲାଣି । ତେଣୁ ସେମାନେ ଆଉ ଉପଯୁକ୍ତ ମୂଲ୍ୟ ମଧ୍ୟ ପାଇପାରୁ ନାହାନ୍ତି ।

କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଋତୁରେ ଆମ୍ବ, ପଣସ ଆଦି ପ୍ରଚୁର ପରିମାଣରେ ଉତ୍ପାଦନ ହୁଏ । ଏଠିକାର ଦେଶୀ ଆମ୍ବ ଅନ୍ୟାନ୍ୟ ଜିଲ୍ଲାର ଦୃଷ୍ଟି ଆକର୍ଷଣ କରେ । ଏଠିକାର ତେନ୍ତୁଳି, ଆମ୍ବସଢ଼ା ମଧ୍ୟ ବାହାର ଜିଲ୍ଲା ମାନଙ୍କୁ ରପ୍ତାନୀ ହୁଏ । ଦେଶୀ ଆମ୍ବ ସଂଗ୍ରହ କରି ଆଦିବାସୀ ମହିଳା ମାନେ ଭୋଗାରେ ବୋହି ଆଣି ବିଭିନ୍ନ ବଜାର ମାନଙ୍କରେ ଦିନ ତମାମ ବସିବସି ବିକ୍ରି କରିବା ଦୈନନ୍ଦିନ ଜୀବନରେ ପ୍ରାୟତଃ ଦେଖିବାକୁ ମିଳିଥାଏ । ଗୋଟାଏ ବର୍ଷରେ ଯାହା ଆମ୍ବ ଏଠି ସଂଗ୍ରହ ହୁଏ ଏବଂ ଲୋକେ ବ୍ୟବହାର କରନ୍ତି, ତା'ଠାରୁ ଢେର ଗୁଣ ଏମିତି ଗଛ ତଳେ ପଡ଼ିପଡ଼ି ନଷ୍ଟ ବି ହୁଏ । ଆମ୍ଚୁର, ଚମ୍ପେଇତ, ଆମ୍ବସଢ଼ାର ମୂଲ୍ୟ କମ ଥିବାରୁ ସେଥିପ୍ରତି ମହିଳାମାନେ ଆଗ୍ରହ ପ୍ରକାଶ କରୁନଥିବା ପରିଲକ୍ଷିତ ହୁଏ । ସେମାନଙ୍କ ମତରେ, ଗୋଟାଏ ଦିନ ପରିଶ୍ରମ କଲେ ଯାହା ପଇସା ମିଳେ, ଏହି ଆମ୍ବସଢ଼ା, ଚମ୍ପେଇତ ଆଦି ତିଆରିରେ ଆଠ-ଦଶ ଦିନ ପରିଶ୍ରମକରି ତା'ଠାରୁ କମ ରୋଜଗାର ହୁଏ । ଅନେକ ପରିଶ୍ରମ କରିବା ପରେ ଆମ୍ବସଢ଼ା କିଲୋ ପ୍ରତି ୮/୧୦ ଟଙ୍କା ଦରରେ ବିକ୍ରି କରିବା ଅପେକ୍ଷା ସେ ସବୁ ନକରିବା ହିଁବୁଦ୍ଧିମାନର କାମ ବୋଲି ସେମାନେ ମନେ କରନ୍ତି । ତଥାପି ନିଜ ପରିବାରର ବ୍ୟବହାର ପାଇଁ, କେହି କେହି ବିକ୍ରି ଉଦ୍ଦେଶ୍ୟରେ ମଧ୍ୟ ଏସବୁରୁ କିଛି କିଛି କରି ରଖନ୍ତି ।

ଏହି ଜିଲ୍ଲାରେ ମହୁଲ, ଗରା ଆଦି ସଂଗ୍ରହ କରିବା ପାଇଁ ପୁରୁଷ ମାନଙ୍କ ଅପେକ୍ଷା ନାରୀ ମାନେ ଅଧିକ ମାତ୍ରାରେ ନିଜକୁ ନିୟୋଜିତ କରିଥାଆନ୍ତି । ଯଦିଓ ଏଥିରେ ଘରର ସମସ୍ତ ସଦସ୍ୟଙ୍କର ଯଥେଷ୍ଟ ଅବଦାନ ରହିଥାଏ, ତଥାପି ନାରୀ ମାନଙ୍କର ମୁଖ୍ୟ ଭୂମିକା ଥାଏ । ମହୁଲ ଫୁଲକୁ ସଂଗ୍ରହ କରି ଆଣିବା, ତା'କୁ ଖରାରେ ଶୁଖାଇବା ଏବଂ ତା'କୁ ନେଇ ବଜାରରେ ବିକ୍ରି କରିବା ପର୍ଯ୍ୟନ୍ତ ସବୁ କାମ ସେ ନିଜେ କରିଥାଏ । କେବଳ ଯେ ସେ ମହୁଲ ଫୁଲ ସଂଗ୍ରହ କରେ ତା ନୁହେଁ; ଶାଳ ମଞ୍ଜି, ଆମ୍ବ କୋଇଲି ଆଦି ସଂଗ୍ରହ କରିବା, ନିଜ ପରିବାର ପାଇଁ ତଥା ବିକ୍ରି କରିବା ପାଇଁ 'କପୁ କୁଷା' (ବରଡ଼ା ସାଗ), 'ମୁଦାରବାଡ଼ି' (ମଦରଙ୍ଗା ସାଗ), 'ସୁନ୍‌ସୁନେରୀ କୁଷା' (ସୁନୁସୁନିଆ ସାଗ), ଯାହାକୁ ଉଦୟଗିରି ଅଞ୍ଚଳର ଲୋକେ 'ସିରୁ କୁପା' (ପାଣି ସାଗ) କହନ୍ତି, ବଉଳ ସାଗ ଆଦି ସଂଗ୍ରହ କରିବା ଏପରିକି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଛତୁ ଯଥା - 'ମେଡା ବେସେରୀ' (ମୟୂର ଡିମ୍ବ ଛତୁ), 'ଗସା ବୁଡ଼୍‌ହା' (ପୁଟକଲି


ଛତୁ), 'ବଦ ପାଟରୁକା' (ଶ୍ରାବଣ କଢ଼ି ଛତୁ) ଏବଂ 'ପୁସି ପାଟରୁକା' (ବିଉଡ଼ଣି ଛତୁ) ଆଦି ସଂଗ୍ରହ କରି ନିଜ ପରିବାର ପାଇଁ କିଛି ଆର୍ଥିକ ସହଯୋଗର ବ୍ୟବସ୍ଥା ମଧ ସେ କରିଥାଏ । ଏସବୁ ଛଡ଼ା 'ମୁଲାକୁନା' (ଭାତ କନ୍ଦା), 'ଲଏରୀ' (ଏକ ପ୍ରକାର କନ୍ଦା), 'ନାପାଙ୍ଗା' (ମସିଆ କନ୍ଦା) ଆଦି ସଂଗ୍ରହ କରି ପରିବାରର ଖାଦ୍ୟ ସମସ୍ୟାର କିଛି ସମାଧାନ ମଧ ସେ କରିଥାଏ । କହିବା ବାହୁଲ୍ୟ ଯେ ମସିଆ କନ୍ଦା ମ୍ୟାଲେରିଆ ନିରାକରଣରେ ସହାୟତା କରିଥାଏ । ଅଥଚ ନିଜେ ଯେତେବେଳେ ସେ ବାହାରକୁ କାମରେ ଯାଏ ପଖାଳ ଭାତ ସହ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା 'ସର୍‌ଚ ଗୁଣ୍ଡା' (ପାକଳ ଶୋରିଷ ପତ୍ର ଗୁଣ୍ଡ) ସହ ଲୁଣ ଲଙ୍କା ଚକଟି ଖାଦ୍ୟ ରୂପେ ବ୍ୟବହାର କରି କାମ ଚଳେଇ ନିଏ । କେବଳ ସେତିକି ନୁହେଁ ଆଦିବାସୀ ସାମାଜିକ ଜୀବନରେ ପ୍ରାୟତଃ ଏମିତି ବି ଦେଖାଯାଏ ଯେ ଘରର ପୁରୁଷ ଲୋକେ ମଦ ପିଇ ମାତାଲ ହୋଇ ରହିଥିବା ବେଳେ ନାରୀ ନିଜ ପରିବାରର ପିଲାଛୁଆଙ୍କ ସମସ୍ତ ଜଞ୍ଜାଳ, ସେମାନଙ୍କ ଖାଇବା ପିଇବା ଇତ୍ୟାଦିର ଦାୟିତ୍ୱ ସୁଚାରୁ ରୂପେ ସଂପାଦନ କରି ତା'ର ଦକ୍ଷତାର ପରିଚୟ ପ୍ରଦାନ କରିଥାଏ ।

ହଳଦୀ, ଅଦା ଚାଷ ସମୟରେ ବି ସେମିତି ସେ ପୁରୁଷ ସହିତ କାନ୍ଧ ମିଳେଇ ହଳଦୀ, ଅଦା ଲଗାଇବାଠାରୁ ଆରମ୍ଭ କରି ତା'କୁ ପତ୍ର ଘୋଡ଼େଇବା, ଠିକ ପାଗଯୋଗ ଦେଖି ଖୋଳିବା ଆଦି କାର୍ଯ୍ୟରେ ପୁରୁଷକୁ ଯଥେଷ୍ଟ ମାତ୍ରାରେ ସହଯୋଗ ପ୍ରଦାନ କରିଥାଏ । ଆଭ୍ୟନ୍ତରୀଣ ଅଞ୍ଚଞ୍ଚଳ ମାନଙ୍କରେ ଜଙ୍ଗଲ ଭିତରକୁ ଯାଇ 'ଠିକିରି' (ପାଳୁଅ) ସଂଗ୍ରହ କରିବା, ତା'କୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରି, ଶୁଖାଇ, ଗୁଣ୍ଡ କରି ବିକ୍ରି କରିବା ପର୍ଯ୍ୟନ୍ତ ଅନେକ ପରିଶ୍ରମ କରିଥାଏ ସେ । ଜଙ୍ଗଲରୁ 'ମାଡିତେର୍‌କା' (ବାଉଁଶ ଗଜା) ସଂଗ୍ରହ କରି ତା'କୁ ଚୂନା ଚୂନା କରି କାଟି କରଡ଼ି ପ୍ରସ୍ତୁତ କରିବା, ଜଙ୍ଗଲରୁ କାଠ, କୋଇଲା ଆଦି ବୋହି ଆଣି ଘର ଘର ବୁଲି ବିକ୍ରି କରିବା ବେଳେ ଆମେ ସହରୀ ସଭ୍ୟତାରେ ବଢ଼ିଥିବା ବ୍ୟକ୍ତିମାନେ ତା'ର ପରିଶ୍ରମ ଓ କଷ୍ଟକୁ ଅନୁଭବ କରି ପାରୁନା ।

ଏସବୁ ଛଡ଼ା କେନ୍ଦୁପତ୍ର ସଂଗ୍ରହ କରିବା ଆମ ଆଦିବାସୀ ରମଣୀ ଓ ମହିଳା ମାନଙ୍କର ଏକ ଋତୁକାଳୀନ କାମ । ଏହି ଜିଲ୍ଲାର କେନ୍ଦୁପତ୍ର ଅନ୍ୟାନ୍ୟ ଅ ଳର କେନ୍ଦୁପତ୍ରଠାରୁ ଉନ୍ନତ ବୋଲି ଜଣାଯାଇଛି । କେନ୍ଦୁପତ୍ର ତୋଳିବା, ଦଶଟି ଲେଖାଏଁ ପତ୍ରକୁ ଏକାଠି ବିଡ଼ା କରିବା ଓ ତା'କୁ ଶୁଖାଇବା ପରେ ପତ୍ରଫଡ଼ି ପର୍ଯ୍ୟନ୍ତ ପହ ।ଇବା କାମରେ ମଧ ସେ ଦିନର ଅନେକ ସମୟ ବିନିଯୋଗ କରେ । ଅଥଚ ଏହାର ବଦଳରେ ସେ ଖୁବ କମ ମୂଲ୍ୟ ପାଇଥାଏ । ବାସ୍ତବିକ କହିବାକୁ ଗଲେ ଆଦିବାସୀ ରମଣୀ ପରିଶ୍ରମ କରେ ଖୁବ୍ ଅଥଚ ମୂଲ୍ୟ ପାଏ କମ୍ ।

ସେ ଯାହା ହେଉ; ଉପରୋକ୍ତ କାମଗୁଡ଼ିକ ଆମ ଆଖିକୁ ଯାହା ଜଣାପଡ଼େ ତାହା ନୁହେଁ । ଏସବୁ ପାଇଁ ଅନେକ ପରିଶ୍ରମ ଲୋଡ଼ା ହୁଏ । ଆଦିବାସୀ ରମଣୀ ଦିନ ତମାମ ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖେ । ଏମିତିକି ଭାତ ରାନ୍ଧିବା ସମୟରେ ମଧ ଖାଲି ସମୟ ଟିକିଏ ମିଳିଲେ ସେ ନିଜ ପାଇଁ 'ବାଡୁଣି' (ଏକ ପ୍ରକାର ଘାସର ଝାଡୁ) ବୁଣିବା କିମ୍ବା ଖଜୁରୀପତ୍ରରେ ପଟି ବୁଣିବା ଅଥବା 'ସିକ' (ଖଲି ସିଇଁବା ପାଇଁ ବାଉଁଶକୁ ସରୁ ସରୁ କାଟିବା) ପ୍ରସ୍ତୁତି ଅଥବା ଖଲି ଦନା ସିଲେଇ କାମରେ ଲାଗିଯାଏ । ସମ୍ଭବତଃ ଏହିଭଳି ଭାବରେ ସମୟର ସଦୁପେଯାଗ କରି ପାରୁଥିବାରୁ ତା ମୁହଁରେ ସଦାସର୍ବଦା ହସ ଉକୁଟି ଉଠୁଥାଏ । ଏତେ ବ୍ୟସ୍ତତା ମଧରେ ଥିଲେ ମଧ ଆଳସ୍ୟ କେବେ ବି ତା'କୁ ଗ୍ରାସ କରେ ନାହିଁ । ପର୍ବପର୍ବାଣୀ, ବାହାଘର ଆଦି ଦିନ ମାନଙ୍କରେ ଢୋଲ, ନିଶାନ୍, ଚାଙ୍ଗୁ ବାଦ୍ୟର ସ୍ୱର ଶୁଭିବା ମାତ୍ରେ ପାଦରେ ପାଦ ମିଳେଇ, କାନ୍ଧକୁ କାନ୍ଧ ଧରାଧରି ହୋଇ ରମଣୀମାନେ ବାହାରି ଆସନ୍ତି ଗାଁ ଦାଣ୍ଡକୁ । ସଂଗୀତର ତାଳେ ତାଳେ ମସଗୁଲ ହୋଇ ଉଠନ୍ତି । ମୁଖରିତ ହୋଇଉଠେ ପରିବେଶ । ଯଦିଓ ସାମାଜିକ ସ୍ରୋତରେ ସେମାନଙ୍କର ନୃତ୍ୟ ଗୀତ ସବୁ ଧୋଇ ହୋଇ ଗଲାଣି, ତଥାପି ସେମାନଙ୍କର ହୃଦୟରେ ଏବେବି ନୃତ୍ୟ ଗୀତ ପ୍ରତି ଏକ ଗଭୀର ଆକର୍ଷଣ ରହିଥିବା ସ୍ପଷ୍ଟ ବାରି ହୋଇପଡ଼େ ।

ଏ.ଜେ.ଓ. ଉଚ୍ଚ ବିଦ୍ୟାଳୟ,
ଫୁଲବାଣୀ, କନ୍ଧମାଳ



# ଓଡିଶାରୁ ହଜିଯାଉଥିବା କଳାଚାତୁରୀ

ବାସନ୍ତୀଲତା ମହାପାତ୍ର



ଆମ ଓଡିଶା ଭାରତର ଏକ ଐତିହ ସଂପନ୍ନ ରାଜ୍ୟ, ଆଉ ଆମ ଆଦରର ଜନ୍ମଭୂମି ।ଏହାର ଅତୀତ ଗାଥା ଅତୀବ ଗୌରବମୟ ।ଏହି ରାଜ୍ୟ, ରାଜା, ବୀର, ଯୋଦ୍ଧା, କଳାକାରଙ୍କର ଅମର ଗାଥାକୁ ଏବେବି ମନେ ପକାଇଦିଏ । ଏହାର କଳାକାରମାନେ ତାଙ୍କର ନିହାଣ ମୁନରେ ଫୁଟାଇଛନ୍ତି ଅଦ୍ଭୁତ କାରିଗରୀ କୌଶଳ, ଯାହା ଆଜି ସୁଦ୍ଧା ଭଗ୍ନ କୋଣାର୍କ ମନ୍ଦିରର ଛତ୍ରେ, ଛତ୍ରେ ଫୁଟି ଉଠି ମନେପକାଇ ଦିଏ ଆମ କାଳାକାରଙ୍କର କଳାଚତୁରୀ । ମନ୍ଦିର ମାଳିନୀ ସହର ଭୁବନେଶ୍ୱର କ୍ଷେତ ଖମାର କହେ ମନ୍ଦିରର ଗାଥା । ତା'ସହିତ ପୁରୀ, ଖିଚିଂ ଆଦି ମନ୍ଦିର କାରୁକାର୍ଯ୍ୟ ପାଇଁ ବିଖ୍ୟାତ । ଅଧିକାଂଶ ପାହାଡର ଗୁମ୍ଫା ଧରି ରଖିଛି ଏହି ରାଜ୍ୟର ନିହାଣ କୌଶଳକୁ ବର୍ଷବର୍ଷ ଧରି । କେବଳ ମନ୍ଦିର ବା ପଥର କୀ ର୍ତ୍ତି ନୁହେଁ ଉତ୍କଳୀୟ ପରଂପରା ଅନେକ କଳାରେ ମୁଖରିତ । ପୁର ପଲ୍ଲୀର ଲଳନା ହାତର ଯାଦୁଗରୀ ସ୍ପର୍ଶରେ ତାହା ହୋଇ ଉଠିଛି ପ୍ରାଣବନ୍ତ ଓ ସୁନ୍ଦର । ଅରୁଆ ଚାଉଳର ଝୋଟିଚିତ୍ର, ମୁରୁଜ, ବରଡାପତ୍ର, ଖଜୁରୀ ପତ୍ର, କାଇଁଚ, ବାଉଁଶ, ନଡିଆ, ସବାଇଘାସ ଆଦିର ସୁନ୍ଦର ଉପକରଣ ଥିଲା ହସ୍ତଶିଳ୍ପର ଜୀବନ୍ତ ନମୁନା । ତାହା ସହିତ ଏ ରାଜ୍ୟର, ତାରକସି କାମ, କଂସା, ପି ଳର କାମ, ସମ୍ବଲପୁରୀ ବସ୍ତ୍ର, ବରହମ୍ପୁର ପାଟ, ମୟୂରଭଞ୍ଜର ଟସର ବସ୍ତ୍ର, ଓଡିଶାର କଳା ନୈପୁଣ୍ୟକୁ କରି ତୋଳିଛି ମହନୀୟ । କିନ୍ତୁ ଗାଁର ଝିଅ, ବୋହୂମାନେ ସାଧାରଣ ପଦାର୍ଥରୁ କିପରି ବିଭିନ୍ନ ଆକର୍ଷଣୀୟ ପଦାର୍ଥମାନ ତିଆରି କରୁଥିଲେ, ଆସନ୍ତୁ ସେ ବିଷୟରେ ଜାଣିବା, ଯାହା ଏବେ ହଜିବାକୁ ବସିଲାଣି ।

**ଝୋଟିଚିତ୍ର:** ଓଡିଶାର ସାଧାରଣ ଜନଜୀବନରେ ଝୋଟିଚିତ୍ର ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା ଏଥିପାଇଁ ନଥିଲା ନିହାଁଣର ଆବଶ୍ୟକତା । ପ୍ରତ୍ୟେକ ପର୍ବପର୍ବାଣୀରେ ଝୋଟିଦେବା ଏକ ଶୁଭ କାର୍ଯ୍ୟବୋଲି ବିଚାର କରାଯାଏ । ଝୋଟି ଦେଇ ତା ଉପରେ କଳସ ବସାଇବା ଏକ ପରମ୍ପରା ଥିଲା । ମାର୍ଗଶିର ମାସରେ ମାଣବସା । ଗୁରୁବାରରେ ଅରୁଆ ଚାଉଳକୁ ଭିଜାଇ ବାଟି ଅମାର କାନ୍ଥକୁ ଲିପିସାରି ଝୋଟିରେ ମଜାଇବା ଥିଲା ନାରୀମାନଙ୍କର ଏକ କ ର୍ତ୍ତବ୍ୟ । ମାଣବସା ସ୍ଥାନରେ ବିଭିନ୍ନ ପ୍ରକାରର ଝୋଟିଚିତା ଆଙ୍କି ସାରି ଓ ମାଣକୁ ପିଢଉରେ ସଜାଇ ଗୁରୁବାରରେ ଲକ୍ଷ୍ମୀଙ୍କୁ ଆବାହନ କରାଯାଉଥିଲା । ପିଢଉରେ ଧାନଶିଷା, ଲକ୍ଷ୍ମୀପାଦ, କଉଡି, ଧାନଗାଦି, ପଦ୍ମଫୁଲ, ହାତୀ ଆଦିର ଚିତା ପକାଇ ମା'ଲକ୍ଷ୍ମୀଙ୍କର ପ୍ରତୀକ ରୂପେ ପୂଜା କରାଯାଉଥିଲା । ଘରର କାନ୍ଥମାନଙ୍କରେ ନିଜର କଳାତ୍ମକଭଙ୍ଗୀ ପରିବେଷଣ ପାଇଁ କାନ୍ଥରେ ଚାଉଳବାଟି କଦଳୀଗଛ, ଚଉଁରା, ଧାନଗାଦି, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମୂ ର୍ତ୍ତି, ବିଭିନ୍ନ ଜାତୀୟ ଫୁଲ, ପଶୁ, ପକ୍ଷୀ ଆଙ୍କି ନିଜ କଳାର ପରିଚୟ ଦେଉଥିଲେ । କାମଦାମ ଭିତରେ ସମୟ ବାହାର କରି ସ୍ତ୍ରୀଲୋକମାନେ ନିଜ ହାତରେ ଅମାର କାନ୍ଥକୁ ଏମିତି ସଜାଉ ଥିଲେ ଯେ ଦେଖିବା ଲୋକେ ଘଡିଏ, ଦଣ୍ଡେ ଅନାଇ ରହୁଥିଲେ । ନିଜର ଆଙ୍ଗୁଳି ଦ୍ୱାରା ଆଙ୍କିବାର ଆଗ୍ରହ ତାଙ୍କର କଳା ନୈପୁଣ୍ୟକୁ ପ୍ରତିପାଦିତ କରୁଥିଲା । ସବୁଠାରୁ ବଡକଥା ହେଲା ଲକ୍ଷ୍ମୀଙ୍କଠାରେ ଭକ୍ତି । ମାର୍ଗଶିରମାସର ଚାରୋଟିଯାକ ଗୁରୁବାରରେ ସକାଳୁ ଗାଧୋଇ ବିଭିନ୍ନ ଭଙ୍ଗୀର ଲକ୍ଷ୍ମୀପାଦକୁ ତଳେ ଆଙ୍କି ତା ଉପରେ ଦୂବ, ବରକୋଳି ପତ୍ର, ଫୁଲ, ଚନ୍ଦନ, ସିନ୍ଦୂର ଦେଇ ଶଙ୍ଖ ବଜାଇ ମା'ଙ୍କୁ ଆବାହନ କରୁଥିଲେ । ମାଆମାନଙ୍କଠାରୁ ଘରର ଝିଅମାନଙ୍କୁ ଏହା ଶିଖିବାକୁ ତାଗିଦ କରାଯାଉଥିଲା । ପୂରାପୂରି ଅଭ୍ୟସ୍ତ ନହେଲେ ମଧ୍ୟ ସମସ୍ତେ କିଛି କିଛି ଶିଖିବା ଜରୁରୀ ଥିଲା । କାଳକ୍ରମେ ଏହା ନାରୀମାନଙ୍କ ପାଇଁ ଘରୋଇକାମର ଏକଅଂଶ ବିଶେଷ ହୋଇ ପାରମ୍ପରିକ ରୀତି ହୋଇଯାଇଥିଲା । ଏବେ ଆଉ ସେ ସମୟ ନାହିଁ । ନା ଅଛି ମାଟି ଘର, ନା ଅଛି ଝୋଟି ଚିତା । କାଳ ଗର୍ଭରେ ଧୀରେ ଧୀରେ ଲୀନ ହେବାକୁ ଯାଉଥିବା ଏହି ସଂସ୍କୃତି ଯେତିକି ବଂଚି ରହିଛି ତାହା କେବଳ ଯାନ୍ତ୍ରିକ ଭାବରେ । ପିଠାପଣା କରି ବା ଟିବା ତ ଜମା ନାହିଁ । ଏମିତି ଢିଙ୍କି ତ ଦେଖିବି ନ ଥିବେ । ଗ୍ରାଇଣ୍ଡରରେ ଚୁନା କୁଟା ତ ପିଠଉ ବଟା । ପକ୍କା ଘରେ ପୋଛି ପୂଜା ଦିନ ୨/୪ଟି ଲକ୍ଷ୍ମୀ ପାଦ ଆଙ୍କି ଦେଇ ବାସିଫୁଲ ପକାଇ ଦେଲେ କଥା ଶେଷ । ଯେଉଁମାନେ ଚାକିରୀ, ବାକିରୀ କରିଛନ୍ତି ତାଙ୍କ କଥା ଛାଡ । ଯେଉଁ ନାରୀମାନେ ଘରେ ରହୁଛନ୍ତି ସେମାନେ ବି ଏ କାମରୁ ଦୂରେଇ ରେଡିମେଡ୍ ଭାବରେ ଉପର ଠାଉରିଆ ପୂଜା ପାଠ କରିବା ଅଭ୍ୟାସରେ ପଡିଗଲେଣି । ଉତ୍କଳୀୟ ପରମ୍ପରାଠାରୁ ଏ ସବୁ ହଜି ଯାଉଥିବାରୁ ସମସ୍ତେ ଚିନ୍ତା କରିବା ସମୟ ଉପଗତ । କେବଳ ନାରୀମାନେ ଚାହିଁଲେ ଏ ଓଡିଆ ପ୍ରଥାଟି ପୁଣି ଆମ ଭିତରେ ଜୀବନ୍ୟାସ ପାଇବ ଏଥିରେ ସନ୍ଦେହ ନାହିଁ ।

ଆଦିବାସୀ ପରମ୍ପରାରେ ଏହିପ୍ରଥା ନଥିଲେବି ସେମାନେ ମଧ୍ୟ ତାଙ୍କ ଘରର ଚଟାଣ ଓ କାନ୍ଥକୁ କଳାରଙ୍ଗରେ ଲିପି ପୋଛି ଏକ ସମତଳ ପଥରରେ ଘଷିଘଷି ପକ୍କା ଠାରୁ ଚିକ୍କଣ କରି ତା'ଉପରେ ନାଲି ମାଟିରେ ଚିତ୍ର ଆଙ୍କି ଏମିତି ସଜେଇ ଦିଅନ୍ତି ଯେ ଦେଖିଲେ ଆଖି ଲାଖି ରହେ । ତାଙ୍କର ସଂସ୍କୃତିକୁ ଜୀବନ୍ତ କରି କାନ୍ଥରେ ଫୁଟାଇ ଦିଅନ୍ତି ସେହି ନାରୀମାନେ । ସେ ସବୁ ଆଜି ହଜି ଯାଇ ସୃଷ୍ଟି ହୋଇଛି କଂକ୍ରିଟ୍ ଜଙ୍ଗଲ ।

**ମୁରୁଜ :** ଝୋଟି ଚିତାପରି ମୁରୁଜ ଉତ୍କଳୀୟ ପରମ୍ପରାରେ ଆଉ ଏକ ଅର୍ଘ୍ୟ । କା ର୍ତ୍ତିକ ମାସରେ ଚଉରା ମୂଳରେ ରଙ୍ଗ ବେରଙ୍ଗର ମୁରୁଜରେ ଚିତ୍ର ଆଙ୍କିବା ଏକ ସାମାଜିକ ବିଧି । କା ର୍ତ୍ତିକ ପୂର୍ଣ୍ଣିମାର ପା ଦିନ ପୂର୍ବରୁ ରାତିରୁ ଉଠି ଗାଧୋଇ ଚଉଁରା ମୂଳରେ ରଙ୍ଗ ବେରଙ୍ଗର ମୁରୁଜ ଦ୍ୱାରା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ରାଧାକୃଷ୍ଣ, ଶୁଆ, ଶାରୀ, ଜୀବଜନ୍ତୁ, ଫୁଲ ଆଦି ବିଭିନ୍ନ ପ୍ରକାର ଚିତ୍ରକୁ ସଜାଇ ରାଇ ଦାମୋଦର ପୂଜା କରିବା ଥିଲା ଏକ ପୁଣ୍ୟକାର୍ଯ୍ୟ । ଯଦିଓ ବ ର୍ତ୍ତମାନ କେଉଁଠି ଏହା ପ୍ରଚଳିତ କିନ୍ତୁ ରାସାୟନିକ ରଙ୍ଗରେ ଏହି କାର୍ଯ୍ୟ ଚାଲୁଛି । ପୂର୍ବରୁ ନଡିଆ ଖଡେଇକୁ ପୋଡି କଳାରଙ୍ଗ, ସଜନାପତ୍ର ଶୁଖେଇ ସବୁଜରଙ୍ଗ, ଚାଉଳଗୁଣ୍ଡରେ ଧଳାରଙ୍ଗ, ସିନ୍ଦୂର, ଅବିର, ହଳଦି ଓ ଇଟା ଗୁଣ୍ଡରେ ରଙ୍ଗ ତିଆରି ହେଉଥିଲା । ଏବେ ପ୍ରାକୃତିକ ରଙ୍ଗ ହଜିଯିବା ସଙ୍ଗେ ସଙ୍ଗେ

ନାରୀମାନଙ୍କ ହସ୍ତର ସେହିକଳା ନୈପୁଣ୍ୟ ମଧ୍ୟ ହଜିଯାଇଛି । ମୋଟାମୋଟି ଆଧୁନିକତାର ଚାକ ଚକ୍ୟ ହତ୍ୟା କରିଦେଇଛିଏହି ଘରୁଆ କାରିଗରମାନଙ୍କୁ।

**ଅନ୍ୟାନ୍ୟ-** ଓଡିଶାର ତାଳ ଏକ ଉପାଦେୟ ଖାଦ୍ୟ । କେବଳ ଖାଦ୍ୟ ନୁହେଁ ତାହାର ପତ୍ରରୁ ବିଭିନ୍ନ ଉପକରଣ ତିଆରି ହୋଇ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହୃତ ହୁଏ । ଏବେବି ପୁରୀ ଜଗନ୍ନାଥ ମନ୍ଦିରରେ ତାଳପତ୍ରରେ ତିଆରି ଡାଲାରେ ଭୋଗ ଲାଗି ହୁଏ। ଏହି ପତ୍ରରୁ ଆସନ, ଡାଲା, ବି ଣା, ଝୁମୁକା ଆଦି ତିଆରି ହୁଏ । ତାକୁ ରଙ୍ଗବେରଙ୍ଗ କରାଯାଇ ଆକର୍ଷଣୀୟ କରାଯାଏ । ତାଳପତ୍ରରୁ ପ୍ରସ୍ତୁତ ପଖିଆ ଛତାର ବିକଳ୍ପ ରୂପେ ପ୍ରଚଳିତ ହେଉଥିଲା, ଯାହାକୁ ବ୍ୟବହାର କରି ଛତାଠାରୁ ସହଜରେ ଚାଷକାମ କରିହୁଏ । ତାଳପତ୍ରର ମଝି ଶିରାକୁ ମଢୁଆ କୁହାଯାଏ । ଏଥିରେ ପାଛିଆ, ଡାଲା ଆଦି ତିଆରି ହୁଏ। ଏବେ କିନ୍ତୁ ଗାଁର ଝିଅ ବୋହୂଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ପଦାର୍ଥ ଗୁଡିକ ହଜିବାକୁ ବସିଲାଣି।

ତାଳପତ୍ର ପରି ଖଜୁରୀ ପତ୍ରରେ ମଶିଣା ବୁଣିବା ସ୍ତ୍ରୀ ଲୋକମାନଙ୍କର ଅବସର ସମୟରେ ଏକ ସଉକ ଥିଲା । ପତ୍ରକୁ ଶୁଖାଇ ମଶିଣା ତିଆରିକରି ଶୋଇବା ଓ ଅନ୍ୟାନ୍ୟ କାମରେ ବ୍ୟବହାର କରୁଥିଲେ । କିଛି ଲୋକଙ୍କର ଏହା ଏକ ରୋଜଗାରର ପନ୍ଥାଥିଲା । ଗାଁ ଗହଳରେ ଏବେ ଏହା ସାତସପନ । ଆଉ ମଧ୍ୟ କାଇଁଚ ନାମକ ଏକ ଘାସ ଗଛରେ ଝାଡୁ, ଡାଲାଆଦି ବିଭିନ୍ନ ଉପକରଣ ପ୍ରସ୍ତୁତ ହୋଇ ରୋଜଗାରର ମାଧ୍ୟମ ସାଜିଥିଲା । ଏହି ଗଛ ନଦୀ କୂଳ ଅ ଳରେ ପ୍ରବଳ ମିଳିଥାଏ । ଏହାର ଉଚ୍ଚତା ଦେଢଫୁଟରୁଦୁଇଫୁଟ୍ । ଏବେ ଏହା ହଜିଗଲାଣି । ପ୍ଲାଷ୍ଟିକର ରଙ୍ଗ ବେରଙ୍ଗର ପଦାର୍ଥ ଆଗରେ ଏସବୁ ବ ର୍ତମାନ ଫିକା । ବ ର୍ତମାନର ଲୋକେ ଅବସର ସମୟକୁ ଟି.ଭି. ଦେଖାରେ କଟାଇ କୁଟୀର ଶିଳ୍ପକୁ ଭୁଲିଗଲେଣି । ଆଉ ଏକ ଘାସ ଜାତୀୟ ଗଛ ଚାଟରା, ବୋବେଇ ସପକାଠି । ଚାଟରା ଓ ସପକାଠିର କୋମଳ ସପ ମଶିଣା ବଦଳରେ ପ୍ଲାଷ୍ଟିକ ସପର ଚାହିଦା ଖୁବ୍ ଅଧିକ । ଆଜି ଏ କାମ ସବୁ କାଳର କରାଳ ଗତି ସହ ତାଳଦେଇ ହଜିବାକୁ ବସିଲାଣି । କେବଳ ସରକାରଙ୍କର ପ୍ରୋତ୍ସାହନରେ ବୋବେଇ ଓ ବୋବେଇରୁ ପ୍ରସ୍ତୁତ ପଦାର୍ଥ କିଛି ମାତ୍ରାରେ ବ ୍ର ରହିଛି।

ସୋଲଥିଲା ଓଡିଶା କୁଟୀର ଶିଳ୍ପର ଏକଅଂଶ । ମାଳୀଜାତି ଲୋକଙ୍କର ଏହାଥିଲା କୌଳିକ ବୃ ି । ପାଣିରେ ହେଉଥିବା ସୋଲକୁ ଆଣି ସୁଖାଇ ବିଭିନ୍ନ ରଙ୍ଗଦେଇ ବିଭାଘର ଓ ଠାକୁରଙ୍କ ପାଇଁ ନୋଳ, ମୁକୁଟ ତିଆରି କରାଯାଉଥିଲା। ବିଭିନ୍ନ ପ୍ରକାର ଫୁଲ କାଟି ଫୁଲଝାଡୁ ତିଆରି କରିବା ସହିତ ପୂଜାମଣ୍ଡପ ସଜ୍ଜା ଯାଉଥିଲା । ମାଳିସାହିର ସ୍ତ୍ରୀ ଲୋକମାନେ ଜହ୍ନରାତିରେ ସୋଲ ସାହାଯ୍ୟରେ ବିଭିନ୍ନ ପଦାର୍ଥ ତିଆରି କରିବାର ଦୃଶ୍ୟ ମୋ ମନରୁ ଏବେବି ଲିଭିନାହିଁ । ଏବେ ଏହାର ସ୍ଥାନ ନେଇଛି ଥର୍ମକୋଲା ତେଣୁ ସୋଲ କାରିଗରମାନେ ହାତବାନ୍ଧି ବସି ଯାଇଛନ୍ତି । କାଁ ଭାଁ କେତେବେଳେ କେଉଁଠି ଏହାର ବ୍ୟବହାର ହେଉଛି । ଜଗନ୍ନାଥଙ୍କ ପାଖରେ ଏବେ ବି ସୋଲ ତିଆରି ପଦାର୍ଥ ଦେଖିବାକୁ ମିଳେ । ଏଥିରୁ ଜଣାଯାଉଛି କୃତ୍ରିମ ଖୋଳ ଭିତରେ ଆମ୍ଭେମାନେ ଆତ୍ମଗୋପନ କରିବାକୁ ବାଧ୍ୟ ହେଉଛୁଁ।

ବାଉଁଶ ତିଆରି ସାମଗ୍ରୀ ଆମ ରାଜ୍ୟରେ ଏକ ଅତ୍ୟାବଶ୍ୟକୀୟ ପଦାର୍ଥ ଥିଲା । ଏଥିରୁ କୁଲା, ଡାଲା, ଖଇଁଚି ଇତ୍ୟାଦି ବିଭିନ୍ନ ପଦାର୍ଥ ତିଆରି ହୋଇ ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିଲା । ମାର୍ଗଶିର ଓ ମାଘମାସରେ ନୂତନ ଡାଲା, କୁଲା କିଣାଯାଇ ମା' ଲକ୍ଷ୍ମୀଙ୍କ ପୂଜାର ସାମଗ୍ରୀ ସଜଡା ହେଉଥିଲା । ଏବେ ସେ ସବୁ ପରମ୍ପରା ଲୁଚିଗଲାଣି। ଆମ୍ଭେମାନେ ପ୍ଲାଷ୍ଟିକ ଭିତରେ ଏମିତି ଫସିଯାଇଛନ୍ତି ଯେ ଗ୍ରାମୀଣ ଉତ୍ପାଦ ଗୁଡିକୁ ନାକଟେକି ଦେଉଛୁଁ । ଫଳରେ କୁଟୀରଶିଳ୍ପର ବିକାଶ ସହ କୌଳିକ ବୃ ିଧାରୀମାନେ ବିଦେଶଯାଇ ଗୋଟି ଖଟିବାକୁ ବାଧ୍ୟ ହେଉଛନ୍ତି । ଗାଁ ମାନଙ୍କର ଏ ଗୁଡିକ କିଛି ମାତ୍ରାରେ ବଂଚି ରହିଛି । ଆଉ ଅଳ୍ପ ବର୍ଷ ପରେ ଏ ଗୁଡିକର ଅସ୍ତିତ୍ୱ ଯେ ରହିବ ତାହା ସମୟ କହିବ । କ । ପଇସା ପାଇଁ ଲୋକେ ବେଠୀ ଖଟିବାକୁ ଏତେ ପସନ୍ଦ କରୁଛନ୍ତି ଯେ ଓଡିଆ ଶୈଳୀ, ଓଡିଆ ପରମ୍ପରା ଏବେ ଖିନ୍‌ଭିନ୍ ଅବସ୍ଥାରେ ପହ ୍ଚ ଯାଇଛି । ଏହାରି ଉପରେ କୁଠାରଘାତ କରି ଆଗକୁ ମାଡିଚାଲିଛି ଓଡିଆ ସଭ୍ୟତା।

ନଡିଆ ଓଡିଶାର ଉପକୂଳ ଅ ଳରେ ଏକ ଲାଭଜନକ ଚାଷ । ଏହାର ସୁସ୍ୱାଦତା କିଏ ବା ନଜାଣେ । ଏହାର କତାରେ କେତେଯେ ଆବଶ୍ୟକୀୟ ପଦାର୍ଥ ତିଆରି କରାଯାଏ ତାହା ସମସ୍ତେ ପ୍ରାୟ ଜାଣିଛନ୍ତି । ଏଥିରୁ ତିଆରି ଗଦି, ବଡଲୋକଙ୍କର ଶେଯ ଥିଲା । ଏହା ସ୍ୱାସ୍ଥ୍ୟ ପାଇଁ ଏତେ ଅନୁକୂଳ ଥିଲା ଯେ ଡନ୍‌ଲପଗଦି ଏହା ତୁଳନାରେ ନଗଣ୍ୟଥିଲା । ମାତ୍ର ଏବେ ଚାକଚକ୍ୟ ଯୁଗରେ ତାହା ଓଲଟି ଯାଇଛି । ନଡିଆ କତାରୁ ପ୍ରସ୍ତୁତ ଦଉଡି, କଣ୍ଢେଇ ଆଦି ସଂପୂର୍ଣ୍ଣ ଭାବରେ ଲୁଚି ଯାଇନଥିଲେ ବି ଏବେ ଏହା ସ୍ଥାଣୁ ଅବସ୍ଥାକୁ ଆସିଯାଇଛି । ବେତର ତିଆରି ପଦାର୍ଥ ଗୁଡିକର ଚାହିଦା ମଧ୍ୟ ଧୀରେ ଧୀରେ କମି ଗଲାଣି।

ଏସବୁ ବ୍ୟତୀତ ଝିଅ, ବୋହୂମାନେ ବାଲିରେ ରଙ୍ଗଦେଇ ବିଭିନ୍ନ ପ୍ରକାର ଚିତ୍ର ଅଂକନକରି ବନ୍ଧାଇ ଘର ସଜାଉଥିଲେ । ଛିଣ୍ଡା କନାରେ ପାଂପୋଛ, ଫୁଲଦାନୀ ଆଦି ତିଆରି କରି ଘର ସଜାଇ ନିଜର କୁଶଳତାର ପରିଚୟ ଦେଉଥିଲେ । ଆମ ଓଡିଶାର ଧାନ କେଣ୍ଡାରୁ ବିଭିନ୍ନ ଧାନପେଣ୍ଡା ତିଆରି କରି ମା'ଲକ୍ଷ୍ମୀଙ୍କ ପାଖରେ ପୂଜା କରିବା ସହିତ ଘର ମଧ୍ୟ ସଜା ଯାଉଥିଲା । ଧାନ ସାହାଯ୍ୟରେ ବିଭିନ୍ନ ମୂ ର୍ତି ତିଆରି କରାଯାଉଥିଲା ଯାହା ଏବେ ମଧ୍ୟ କେତେକାଂଶରେ ବଂଚି ରହିଛି । ମୋଟାମୋଟି ଭାବରେ ହସ୍ତଶିଳ୍ପ ଆଧୁନିକତା ଭିତରେ ହରାଇଛି ତାର ସ ।। ସମୟ ସହ ତାଳ ଦେଇ ଚାଲୁଚାଲୁ ଅନୁକରଣ ନାମରେ ଶିକାର ହୋଇଛନ୍ତି ହନୁକରଣରେ । ଫେସ୍‌ବୁକ୍ ଓ ଟିଭି ଭିତରକୁ ପଶିଯାଇ ଆମେ ଆମ ପରମ୍ପରାକୁ କରିଛନ୍ତି ବାଏ---ବାଏ---। ଆଧୁନିକତାର ଦ୍ୱାହି ଦେଇ ଯଦିଓ ସରକାର କୁଟୀରଶିଳ୍ପର ଉନ୍ନତିପାଇଁ ପ୍ରତ୍ସୋହନ ଦେଉଛନ୍ତି କ୍ରେତାଙ୍କର ଇଚ୍ଛାଶକ୍ତିର ଅଭାବ ପାଇଁ ଆମରି ପାରମ୍ପରିକ ପଦାର୍ଥକୁ ଆମେ ଗୋଇଠା ମାରୁଛନ୍ତି । ଓଡିଆ ଭାଇଭଉଣୀମାନେ ଆମରି କଳା, ନୈପୁଣ୍ୟକୁ ବ ।ଇ ରଖିବାକୁ ଉଦ୍ୟମ କଲେ ଆମରି କଳା, ସଂସ୍କୃତି ସହିତ ଆମର ହସ୍ତଶିଳ୍ପ ବ ୍ର ରହି ଆଗକୁ ବଢି ସମ୍ବଲପୁରୀ ଶାଢୀ ପରି ଦେଶ ବିଦେଶରେ ନାଁ ରଖନ୍ତା । ଏଥିରେ ସନ୍ଦେହ ନାହିଁ । ଆସନ୍ତୁ ସବୁ ଓଡିଆ ଭାଇ, ଭଉଣୀ ଏକତ୍ର ହୋଇ ଆମ ସଂସ୍କୃତି, ପରମ୍ପରା ଓ କୁଟୀରଶିଳ୍ପକୁ ବ ।ଇ ରଖିବାକୁ ଚେଷ୍ଟା କରିବା।

ସେବାନିବୃ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ,
ବାରିପଦା

# ଗୋଟିଏ ଦିନର ଭଲପାଇବା

କମଳା ଶତପଥୀ



ମାଘ ମାସର କାଲୁଆ ପବନ ଭଙ୍ଗା ତାଟି କବାଟର ସମସ୍ତ ବିରୋଧକୁ ଅଟ୍ଟହାସ୍ୟ କରି ଘର ଭିତରକୁ ଜୋର୍‌ରେ ପଶି ଆସୁଥିଲା । ଦିବାକର କଡ ଲେଉଟେଇଲା । ହାତଗୋଡ କେମ୍ପା ହେଇଗଲାଣି । ଶୋଇଲା ବେଳକୁ ଉହ୍ମେଇରେ ନିଆଁ ଧରେଇଥିଲା । ହେଲେ ଏତେ ଶୀଘ୍ର ସେଥିରୁ କେମିତି ନିଆଁ ଲିଭିଗଲା କେଜାଣି ! ଅବଶ୍ୟ ଆଜି ବହୁତ ଶୀଘ୍ର ଶେଯକୁ ଚାଲି ଆସିଥିଲା ସେ । ନଆସି କରିଥାନ୍ତା ବି କ'ଣ ! ତା' ଏକୁଟିଆ ଜୀବନରେ ସୁଖର ଏମିତି କି ଉପାଦାନଟା ଅଛି ଯେ ଯାହା ପାଇଁ କାକର ଶୀତ ସହି ସେ ବାହାରେ ଘୂରି ବୁଲିବ !

ସାଙ୍ଗସାଥୀ ଡାକୁଥିଲେ ତାସ୍ ଖେଳିବାକୁ, ନାଲି ପାଣିର ମଜା ନେବାକୁ, ହେଲେ ସେ ଗଲା ନାହିଁ । ବେଶ୍ ସମୟ ଯାଏ ସେମାନଙ୍କ ପାଟି ତାଟି କବାଟ ଭେଦି ତା' ପାଖରେ ପହ ୍ ତାକୁ ଉସୁକୋଉ ଥିଲା ଯାଇ ସେମାନଙ୍କ ସହ ଯୋଗ ଦେବାକୁ । ମାତ୍ର କାହିଁକି କେଜାଣି ମନ ମୋଟରୁ ଡାକିଲା ନାହିଁ ଉଠିଯିବାକୁ ।

ଉହ୍ମେଇକୁ ଆଉ ଟିକେ ପାଖକୁ ଭିଡିଆଣି ସେଥିରେ ପୁଣି ଥରେ ନିଆଁ ଧରେଇବାର ଚେଷ୍ଟା କଲା । କିନ୍ତୁ ଜଳିବ କେମିତି ! ସେଥିରେ ନା କାଠିଟିଏ ଅଛି ନା କୁଟା । ଓଲଟେଇ ପୋଲଟେଇ ଦେଖିଲା, କାଳେ କୋଉ କଣରେ କିଛି ରହିଯାଇଥିବ । କମ୍ ସେ କମ୍ ରାତିଟା ଚଳିଯିବ ସେତିକିରେ ।

ନାହିଁ, ଆଉ କିଛି ବି ନାହିଁ ସେଥିରେ । ସବୁ ପୋଡି ପାଉଁଶ ହେଇଯାଇଛି । ରାତି ଆହୁରି କେତେ ଘଡି ଅଛି କେଜାଣି । ପାହିଯାଆନ୍ତା କି ଶୀଘ୍ର ! ଏ ମଞ୍ଜଥରା ଶୀତରୁ ରକ୍ଷା ପାଇବାର କିଛି ନା କିଛି ଉପାୟ ସେ କରନ୍ତା । ବିଗତ ଚାରି ରାତିରୁ ସେ ଭଲକରି ଶୋଇ ପାରୁନାହିଁ । ତଳୁ ଥଣ୍ଡାଟା ଯେପରି ଉଠୁଛି, ଯେତେ ଯାହା ଲୁଗାପଟା ତା' ପାଖରେ ଥିଲା, ସବୁ ଆଣି ନିଜ ଉପରେ କୁଢ଼େଇ ଦେଲା ପରେ ବି ଦେହର କମ୍ପ ଯାଉନାହିଁ । କାଲୁଆ ପବନ ମାଡରେ ଛାତି ଭିତରଟା ରୁନ୍ଧି ହେଇଯାଉଛି ।

ଦିନ ବେଳା ସାଆନ୍ତଙ୍କ ଘରେ ଆଜି ଭୁରି ଭୋଜନ ମିଳିଥିଲା । ହାତରୁ ଏପର୍ଯ୍ୟନ୍ତ ଖା ି ଗୁଆଘିଅର ବାସ୍ନା ଆସୁଛି । ରାତିସାରା ହାତକୁ ଶୁଙ୍ଘି ଚାଲିଲେ ବି ମନ ଭରୁନାହିଁ । ପୁଣି ଥରେ ନାକ ପାଖକୁ ହାତ ଉଠେଇ ନେଇ ଜୋର୍ ରେ ନିଶ୍ୱାସ ନେଲା । ଆହା, ଅରୁଆ ଚାଉଳ ଖେଚେଡି, ମୁଗଡାଲି ଡାଲମା, ବିଲାତି ଖଜୁରଖଟା, ଖଡାରାଇ ସହିତ ଜହ୍ନିଆଳୁ ପୋସ୍ତ .. ବଡଲୋକଙ୍କ ଘରେ ଏମିତି ରୋଜ୍ ରୋଜ୍ ମରନ୍ତାନି କେହି ! ଆଉ କିଛି ନହେଲେ ବି ଏମିତି ବାହ୍ମଣ ଭୋଜନ ତ ମିଳି ଯାଉଥାଆନ୍ତା । ଏମିତିଆ ଭୋଜନ ଦିନେ ଖାଇଦେଲେ ଚାରିଦିନ ପର୍ଯ୍ୟନ୍ତ କିଛି ନଖାଇ ବି ସେ କାଟିଦେଇ ପାରିବ ।

କିନ୍ତୁ ଠାକୁର ଏତେ ନିର୍ଦ୍ଦୟ ଯେ ଯମଦେବତାକୁ ସେମାନଙ୍କ ଘରକୁ ନପଠେଇ, ପଠେଇବେ ଆମ ପରି ଗରିବ ଗୁରୁବାଙ୍କ ଘରକୁ । ଯୋଉଠି ଭୁରି ଭୋଜନ ତ ଦୂରର କଥା, ବାହ୍ମଣକୁ ଦେବାକୁ ଦି'ଟଙ୍କା ଦକ୍ଷିଣା ବି ନଥାଏ । ଛେଃ, ଏମିତି ଲୋକଙ୍କ ଘରକୁ ଯାଇ ଆଶୀର୍ବାଦ ଦବାକୁ ତାକୁ ଜମା ଇଚ୍ଛା ହୁଏନା । କିନ୍ତୁ ଦୁଃଖର ବିଷୟ ଯେ ଏଇ ଲୋକମାନେ ହି ତାକୁ ବେଶୀ ମାନ ଥାନ ଦେଇ ଡକେଇ ପଠାନ୍ତି ଭୋଜନ ପାଇଁ । ଯେତେ ନାହିଁ ନାହିଁ କଲେ ବି ତାକୁ ଯିବାକୁ ପଡେ, ବଗଡା ଭାତରୁ ମୁଠେ ଆଉ ପାଣିଆ ଡାଲିରୁ ଚାଟିଆଏ ପିଇ ଯଜମାନଙ୍କୁ 'ବୁଢ଼ାଟିଏ ହେଇଥା'ର ଆଶୀର୍ବାଦ ଦେବାକୁ ହୁଏ । ସତେ ଯେମିତି ଏଇମାନେ ବୁଢ଼ା ହେଲା ପର୍ଯ୍ୟନ୍ତ ରହିଲେ ଜଗତ ଉଦ୍ଧାର ହେଇଯିବ ! ସବୁଦିନେ ସେ ଟିକେ ଖାଦ୍ୟ ଲୋଭୀ । ଖାଦ୍ୟ ଚିନ୍ତା ଛଡା ଆଉ ତା' ଜୀବନରେ କୌଣସି ଚିନ୍ତା ନାହିଁ । ପେଟ ଭରା ଖାଇବା ହେଇଗଲେ, ଯୋଉଠି ପାଇଲେ ସେଇଠି ଗଡିପଡେ ସେ । ହେଲେ ଆଜି ପେଟ ପୂରା ଭରା ଥିଲେ ବି ଆଖିକୁ ଜମାରୁ ନିଦ ଆସୁନାହିଁ ।

ପୁଣି ଥରେ ନାକ ପାଖକୁ ହାତ ନେଇ ଶୁଙ୍ଘିଲା ସେ । ଓଃ କି ମନ୍ଦ୍ର ମଧୁର ବାସ୍ନା । ସାଆନ୍ତେ ନିଶ୍ଚୟ କଳାଜୀରା ଚାଉଳର ଖେଚେଡି କରିଥିଲେ । ନହେଲେ ଏମିତି ମିଠା ମିଠା ବାସ୍ନା ଆଉ କୋଉଥିରୁ ଆସିବ ! ଠାକୁରେ ସାଆନ୍ତେଙ୍କୁ କୋଟି ପରମାୟୁ ଦିଅନ୍ତୁ । ଏମିତିଆ ଲୀଳା ଖେଳା ତାଙ୍କ ଘରେ ନିତି ନିତି ଚାଲିଥାଉ ।

ହଠାତ୍ ତା' ନାକରେ ଆଉ କିଛି ବାସ୍ନା ଆସି ପଡିଲା । ଏକଦମ୍ ନୂଆ ବାସ୍ନାଟେ । କି ବାସ୍ନା ଇଏ ? କାହିଁ ଆଗରୁ କୋଉ ଭୋଜିରୁ ତ ଏପରି ସୁଗନ୍ଧ ନାକ ବାରିଥିବାର ତା'ର ମନେ ପଡୁନାହିଁ ! ଖାଲି ବାସ୍ନା ଆସୁଛି ବୋଲି ନୁହେଁ, ତା' ସହିତ ଭାସି ଆସୁଛି ମନକୁ ଉଚ୍ଚାଟିତ କରିପକେଇଲା ପରି କିଛି ଅନୁଭବ !

କ'ଣ ଇଏ ? ନିଜକୁ ପଚାରିଲା ସେ ବାରମ୍ବାର । କିନ୍ତୁ ଉ ର ପାଇଲା ନାହିଁ ଆଉ ଥରେ ଚେଷ୍ଟା କଲା ମନେ ପକେଇବାକୁ ଦିନ ବେଳା କ'ଣ କ'ଣ ଏ ହାତରେ ସେ ଧରିଛି ! ପାନ ! କିନ୍ତୁ ପାନର ବାସ୍ନା ଏ ନୁହେଁ । ଚନ୍ଦନ ଗୋଳା .. ଉହୁଁ, ତା' ବି ନୁହେଁ, ତେବେ ଆଉ କ'ଣ ?

ହଁ, ମନେ ପଡିଲା .. ସୁନେଇର ବେଣୀ !

ଏ କ'ଣ ସୁନେଇ ବେଣୀର ସୁଗନ୍ଧ ?

ହଁ, ହଁ, ସେଇ ବାସ୍ନା । ଖାଇବାକୁ ପେଲାପେଲି ହେଇ ଯାଉଥିବା ବେଳେ ତା' ବେଣୀରୁ ଖସି ପଡିଥିବା ମନ୍ଦାର ଫୁଲଟାକୁ ସେ ନେଇ ତା' ବେଣୀରେ ଖୋସି ଦେଇଥିଲା । ଚମକି ପଡି ସେ ବୁଲି ଚାହିଁଥିଲା ସତ, ହେଲେ ଦୂରକୁ ଚାଲି ଯାଇନଥିଲା ।

ବରଂ ଲାଗି ଆସିଥିଲା ଆଉ ଟିକିଏ ଅଧିକ ପାଖକୁ । ସମସ୍ତଙ୍କ ନଜର ବଚେଇ କିଛି ଗୋଟାଏ ତା' କାନରେ ଫିସ୍ ଫିସ୍ କରି କହି ଦେଇଥିଲା । କ'ଣ ତ .. କ'ଣ ତ .. ଉହୁଁ .. ମନେ ପଡୁନାହିଁ । କେମିତି ମନେ ପଡିବ ? ସେ କ'ଣ ଭଲ କରି ଶୁଣିଥିଲା କି କଥାଟା ? ମୋହମୁଗ୍ଧ ହୋଇ ସେ ତ କେବଳ ଚାହିଁ ରହିଥିଲା ସୁନେଇର କଇଁଫୁଲିଆ ମୁହଁଟିକୁ, ଯୋଉଠି ଏଇଲେ ପୌଷ ସକାଳର ତୋଫା ଆଲୁଅ ଝଲମଲ କରି ତାକୁ ନିଜ ଆଡକୁ ଆକର୍ଷିତ କରୁଛି । ମୁକ୍ତା ପରି ଚକମକ କରୁଥିବା ଦନ୍ତପଂକ୍ତି ତଳେ ଚପି ରହିଥିବା ଜିଭଟି ସତେ ଯେମିତି କହୁଥିଲା ତା'ର ଏ ସୁଜନତା ତାକୁ ଖୁବ୍ ପସନ୍ଦ ହେଇଛି । ପ୍ରତି ବଦଳରେ ସେ କିଛି ତାକୁ କହିବାକୁ ଇଛା କରୁଛି । କହିଥିଲା ବି । ହେଲେ ଏତେ ଭିଡ ଭିତରେ ଏକଦମ୍ ଧିର ସ୍ୱରରେ କହିଥିବା କଥାକୁ ତା' ପରି କାଲଟେ କେମିତି ଶୁଣି ପାରିଥାନ୍ତା ଭଲା !

ସାତ ଖଣ୍ଡ ଗାଁର ଜମା ହେଇଥିବା ଲୋକଙ୍କ ପେଲାପେଲି ଭିତରେ ତଳେ ପଡିଯାଇଥିବା ଫୁଲଟିକୁ ସେ କେମିତି ଗୋଟେଇକି ଆଣିଲା, ସେ ହିଁ ଜାଣିଛି । ଦଳି ହେଇ ଯାଇଥାଆନ୍ତା କାହାର ପାଦ ତଳେ ତା' ହାତ । କିନ୍ତୁ ସେତେବେଳେ ସେ ଭୟ ମନକୁ ତା'ର ମୋଟେ ଆସିନଥିଲା । ବରଂ ଭାବିଥିଲା ସୁନେଇ ଗଭାକୁ ସୁନ୍ଦର କରିଥିବା ଫୁଲଟି ଏମିତି ଦୁର୍ଭାଗ୍ୟର ଶିକାର ନହେଉ ।

ସୁନେଇ ଲାଗି ଆସିଥିଲା ତା' ପାଖକୁ । ଏ ଭିଡ ଭିତରେ କିଏ କାହାକୁ ପେଲୁଛି, କିଏ କାହାକୁ ଚିପି ଦଉଛି, କେମିତି ବା ଜାଣିବ । ମାତ୍ର ସେ ଜାଣି ପାରିଥିଲା । ସୁନେଇ ଶରୀରର କିଛି କୋମଳ ଅଂଶ ତା' ଛାତିରେ ବାଜୁଛି । ସେ ଚାପ ଧିରେ ଧିରେ ବଢୁଛି । ଝାଳେଇ ଉଠିଲା ଦିବାକର । ସୁନେଇଟା ଭାରି ସାହାସୀ । ଏତେ ଲୋକଙ୍କ ଭିତରେ ବି ତା' ପାଖକୁ ଜାକି ହେଇଆସୁଛି ।

ଖାଲି ଆଜି ବୋଲି ନୁହେଁ, ବିଗତ କିଛି ଦିନରୁ ସୁନେଇର ଏ ରୂପ ତା' ଆଖିରେ ବାରମ୍ବାର ପଡି, ତା' ମତି ଚ ଳ କରିଦଉଛି । ମତୁଆଲା ହେଇଉଠୁଛି ମନ । ବାଟରେ ଘାଟରେ ଦେଖା ହେଇଗଲେ ବର୍ଷା ପାଗରେ ସେମ୍‌ତି ଯାଇଥିବା ମନଟାରେ ଯେମିତି ଫୁ ଆସିଯାଉଛି। ଆଉ ନଭେଟିଲେ ଲାଗୁଛିକୋଉଠି କିଛି ହଜିଯାଇଛି ସତେକି ! ଜୀବନରେ ନେଇଥିବା ଶପଥର ଜଞ୍ଜିରକୁ ଛିଡେଇ ଦେଇ ଆଉ ଥରେ ସଂସାରୀ ହେଇଯିବାକୁ ବାରମ୍ବାର ମନ କହୁଛି । ପର ମୁହୂ ରେ କିନ୍ତୁ ମନ ଉପରେ ଚାବୁକ୍ ମାଡ କରି ତାକୁ ବିପଥଗାମୀ ହେବାକୁ ସେ ଦେଉନାହିଁ । କୌଣସି ମତେ ନିଜକୁ ସେଥିରୁ ମୁକ୍ତ ରଖିବାର ଚେଷ୍ଟା କରି ସଫଳ ହେଇଛି ଆଜି ଯାଏଁ । ତେବେ ଆଜି ପରେ ଆଉ ସେ ଚେଷ୍ଟା ଫଳବତୀ ରହିବ ନାହିଁ ନିଶ୍ଚୟ । ସେ ଯେ ତା' ପ୍ରତି ଧିରେ ଧିରେ ଆକୃଷ୍ଟ ହେବାରେ ଲାଗିଛି, ଏକଥା ନିଜେ ସୁନେଇ ବି ଜାଣି ସାରିଲାଣି । ସେଇଥିପାଇଁ ତ ସୁଯୋଗ ପାଇ ତା' କାନରେ ସେ କିଛି କହିପକେଇଲା । ସେଇଟା ଭିନ୍ନ କଥା ଯେ ଲୋକଙ୍କ ଘାଉ ଘାଉ ଲାଗି ସେକଥାକୁ ସେ ଶୁଣିପାରିଲା ନାହିଁ ।

ସେପଟେ ଠିଆ ହେଇଥିବା ଦାଶନନା ତାକୁ ଠାରିକି ପାଖକୁ ଡାକୁଥିଲା । ହେଲେ ସେ ଯିବ କେମିତି ! ସୁନେଇର ହାତ ମୁଠା ଭିତରେ ତା'ର ପାପୁଲିଟା ବନ୍ଦି ରହିଛି । ତା' ବେଣୀରୁ ବାହାରୁଥିବା ମଧୁର ସୁଗନ୍ଧ ତା' ତନୁମନରେ ନିଆଁ ଲଗେଇ ଦେଉଛି । ଅବଶ ହେଇଯାଉଛି ସାରା ଶରୀର । କିଛି ଗୋଟାଏ ତାକୁ ପ୍ରେରିତ କରୁଛି ଖାଲି ହାତମୁଠାରେ ନୁହେଁ, ସୁନେଇର ତମ୍ବାଳିଆ ଦେହର ଅପୂର୍ବ ଶୋଭା ଭିତରେ ସାରା ଜୀବନଟାକୁ ବନ୍ଦି କରିଦବାକୁ ।

ଗୋଟାଏ ସ୍ୱପ୍ନ ରାଇଜରେ ସୁନେଇ ସହ ବିଚରଣ କରୁଥିବା ବେଳେ କାହାର ଜୋରଦାର୍ ଧକ୍‌କାରେ ସେ ତଳେ ପଡୁ ପଡୁ ରହିଗଲା । ରାଗରେ ଦୁଇ ଚାରି ପଦ ଗାଳି ବକିସାରି ଚାରିଆଡକୁ ଚାହିଁଲା ବେଳକୁ ଆଉ କେହି କୁଆଡେ ଦିଶୁନାହାନ୍ତି । ସୁନେଇ କି ତା' ସାଙ୍ଗମାନେ, ଆଉ ସେଠି କେହି ନାହାନ୍ତି । ବରଂ ତାରି ସାହିଭାଇ ତାକୁ ପେଲି ପେଲି ଆଗକୁ ନେଇ ଖାଇବା ଜାଗାରେ ପହ ଯାଉଛନ୍ତି । କେତେ ଗହଳ ଚହଳ, କେତେ ସୁଆଦିଆ ଖାଦ୍ୟ, ମନଭରି ଦକ୍ଷିଣା, ଧୋତି ଗାମୁଛା .. କେତେ ଜନ୍ମର ତପସ୍ୟାର ଫଳ । କିନ୍ତୁ ମନଟା କୋଉଠି ଲାଗୁନାହିଁ ।

ସୁନେଇର ସେ ସ୍ପର୍ଶ ଏବେ ବି ଦେହକୁ ଜଳେଇ ପକୋଉଛି । ସବୁକିଛି ଅ[ାରେ ବାନ୍ଧି ବେଳବୁଡ ସରିକି ଘରକୁ ଫେରିଲା ସେ । ଅନ୍ଧାର ହେଉ ହେଉ କାଲୁଆ ପବନ ମାଡିଆସିଲା । ମିଞ୍ଜି ମିଞ୍ଜି ଜଳୁଥିବା ଡିବିରିରେ ତେଲ ସରି ଆସିଲାଣି । କୋଉ ମୁହୂ ରେ ଧପ୍ କରି ଲିଭିଯିବ, ଆଉ ତା'ପରେ ଦିବାକରକୁ ଖାଲି କାଲୁଆ ପବନ ନୁହେଁ, ଅନ୍ଧାର ସହିତ ସଂଘର୍ଷ କରି କରି ରାତି କାଟିବାକୁ ପଡିବ ।

ହାତ ପାପୁଲିକୁ ପୁଣି ଥରେ ନାକ ପାଖକୁ ନେଲା । ନା, ସେଥିରୁ ଆଉ ଗୁଆଘିଅର ବାସ୍ନା ଆସୁନି । ଖଜୁରୀ ଖଟା କି ଜହ୍ନିଆଳୁ ପୋସ୍ତର ବାସ୍ନା ଆସୁନି, ଆସୁଛି ତ କେବଳ ସୁନେଇ ଦେହର । ଧିରେ ଧିରେ ତା' ଦେହରେ ବିଚିତ୍ର ନିଆଁଟେ ମୁଣ୍ଡ ଉଠେଇବାରେ ଲାଗୁଛି । ସେ ନିଆଁର ପ୍ରଭାବରେ ଦେହରୁ ଗମ୍ ଗମ୍ ଝାଳ ବାହାରି ଯାଉଛି । ସବୁ ଲୁଗାପଟାକୁ ଦେହରୁ ଫିଙ୍ଗିଦେଲା ସେ । ନା, ଉହ୍ମେଇରେ ନିଆଁ ଧରେଇବା ଆଉ ଦରକାର ନାହିଁ । ଉହ୍ମେଇର ନିଆଁ ଠାରୁ ଅଧିକ ଉ ।ପ ଏଇଲେ ତା' ଦେହ ଭିତରେ ।

ସେ ଉଠିଲା, ଦରଜା ଖୋଲି ବାହାରକୁ ଆସିଲା । ପୂରା ଗାଁ ଶୁନ୍‌ଶାନ୍ ହୋଇ ସାରିଲାଣି । କେହି କୁଆଡେ ନାହାନ୍ତି । ସମସ୍ତେ ନିଜ ନିଜ ତାଟିକବାଟ ପକେଇ କାଲୁଆ ପବନ ଠାରୁ ବ ବାର ଚେଷ୍ଟା କରୁଛନ୍ତି । ହେଲେ ଆଉ ତାକୁ ଟିକିଏ ବି ଥଣ୍ଡା ଲାଗୁନାହିଁ । ବରଂ ସାମାନ୍ୟ ଆରାମ ଲାଗୁଛି ବାହାର ପବନ । ସେ ଏଇ ଅନ୍ଧାରରେ କିଛି ସମୟ ବସି ରହିପାରେ । ଖୋଲା ଆକାଶରୁ ଝରୁଥିବା କାକର ବିନ୍ଦୁକୁ ନିଜ ଭିତରେ ସାଉଁଟି ରଖିପାରେ । ସୁନେଇର ଭାବନା ତାକୁ ଏ ଦୁନିଆରୁ ଆଉ କୋଉ ଦୁନିଆକୁ ନେଇଯାଉଛି । ବାଙ୍ମୟ ହେଇଉଠୁଛି ତା'ର ପ୍ରତ୍ୟେକ ଜୀବକୋଷ । ଧିରେ ଧିରେ ଗମ୍ଭୀର ହେଇଚାଲିଛି ରାତି, ଆଉ ତା' ସହିତ ତାଳ ଦେଇ ଉଚ୍ଚାଟ ହେଇ ଉଠୁଛି ତା' ମନ । ଏଥିରୁ ରକ୍ଷା ପାଇବାର ବାଟ କାହାକୁ ଯାଇ ପଚାରିବ ସେ !

ଓଃ, ସକାଳ ପହରୁ ଯେମିତି ଯନ୍ତ୍ରଣା ଭିତର ଦେଇ ସେ ଗତି କରୁଛି, କେହି କ'ଣ ବୁଝି ପାରିବେ ସେ ବ୍ୟଥା ! ଦୀର୍ଘ ବର୍ଷରୁ ଏକା ଏକୁଟିଆ ରହି ରହି ପଥରେଇ ଯାଇଥିବା ମନ ଭିତରେ ଆଜି ସୁନେଇର ଛୁଆଁ ଜୁଆର ସୃଷ୍ଟି କରୁଛି । ଯିବ କି ସେ ସୁନେଇ ପାଖକୁ! ଯାଇ ପଚାରିବ ଥରେ, ତା' ସହିତ ଘରସଂସାର ବାନ୍ଧିବାରେ ତା'ର କିଛି ଆପ ି ଅଛି କି ? ହେଲେ ସେ ଯଦିରୋକ୍ ଠୋକ୍ ମନା କରିଦେବ, ତାହା ହେଲେ ! ଭାଙ୍ଗି ପଡିବ ନାହିଁ ସେ !

ନା, ନା, ଆଉ ସେ ଭୟ ନାହିଁ । ବୟସର ଅସଂଖ୍ୟ ପାହାଚ ଚଢ଼ି ସାରିଲା ପରେ ଆଉ କ'ଣ ସେପରି ବ୍ୟାକୁଳତା ଅଛି ଯେ ନାହିଁ କରିଦେଲା ବୋଲି ଯାଇ ନଈ ପୋଖରୀକୁ ଡିଆଁ ମାରିଦେବ! ଯୋଉ ବୟସରେ ସେମିତି କରିଥିଲେ ଲୋକଙ୍କ ସହାନୁଭୂତି ପାଇଥାଆନ୍ତା, ଦଶ ଖଣ୍ଡ ଗାଁରେ ତା'ର ନାଁ ପଡିଥାନ୍ତା, ସେତେବେଳେ ତ କରି ପାରିଲାନି, ଆଉ ଏବେ ସେକଥାକୁ କିଏ ପଚାରୁଛି !

ସୁନେଇର ଭଉଣୀ ପୁନେଇ ଯେତେବେଳେ ମହୀଧରର ହାତ ଧରି, ଏଇ ଗାଁ ଦାଣ୍ଡରେ ମୁଣ୍ଡ ଉଠେଇ ଉଠେଇ ଚାଲିଗଲା, ସମସ୍ତେ ଭାବିଥିଲେ ଦିବାକର ନିଶ୍ଚୟ ବିଷ ଜହର ଖାଇଦେବ । ବେକରେ ଦଉଡି ଲଗେଇଦେବ କି ନଈକୁ ଡେଇଁପଡିବ । ବୋଉ ତା'ର କେତେ କେତେ ରାତି ତାରି ପାଖରେ ବସି ଉଜାଗର ରହି ରହି କାଟିଦେଲା ଏଇ ଭୟରେ ଯେ, କାଳେ ପୁଅ ତା'ର ଏ ଦୁଃଖକୁ ସହି ନପାରି କିଛି ଗୋଟାଏ କରିପକେଇବ । ହେଲେ ଦିବାକର ନିଜକୁ ସମ୍ଭାଳି ନେଲା । କେବେ ଭୁଲ୍ ରେ ବି ପାଟି ଖୋଲି କାହା ଆଗରେ ପୁନେଇ ବିରୁଦ୍ଧରେ କିଛି କହିଲା ନାହିଁ । ବରଂ ମନକୁ ବୁଝେଇ ଦେଲା ଯେ ଯଦି ମହୀଧର ସାଙ୍ଗେ ରହି ପୁନେଇ ଖୁସି ହେଇପାରିବ, ତେବେ ତାକୁ ତ ବେଶୀ ଖୁସି ହେବା କଥା ! ସେ ପୁନେଇକୁ ଭଲ ପାଇଛି, ତା' ସୁଖରେ ସେ ସୁଖୀ ହେବ ନାହିଁ ତ ଆଉ କାହା ସୁଖରେ ହେବ ! ପୁନେଇ ତା'ର ନହେଇ ପାରିଲେ ନାହିଁ, କାହାରି ତ ହେଇଗଲା ! ନହେଲେ ଆହୁରି କେତେ ଝିଅ ଏ ଗାଁରେ ଅଛନ୍ତି, ଯୋଉମାନେ ଯାହାକୁ ଭଲ ପାଇଥିଲେ, ତାକୁ ବାହା ନହୋଇ ପାରିଲେ ସାରା ଜୀବନ ଅଭିଆଡୀ ହୋଇ ରହିଯାଇଛନ୍ତି, ନହେଲେ ପ୍ରାଣ ହରେଇ ହେଇଛନ୍ତି । କମ୍ ସେ କମ୍ ସେପରି ପାପ ତ ଦିବାକରର ମୁଣ୍ଡରେ ରହିବନି ନା !

ଅବଶ୍ୟ ସେଇଟା ଅଲଗା କଥା ଯେ ଦିନର ଆଲୋକରେ ବୁଝି ଯାଇଥିବା ମନଟା ରାତିର ଅନ୍ଧକାର ଭିତରେ ଗୁମୁରି ଉଠିଛି ବାରମ୍ବାର । ବୋଉର ବହୁତ ବାଧ ବାଧକତା ସ େ ବି ଏକା ଏକୁଟିଆ ରାତି କାଟିଛି ପଛେ, ଆଉ କାହାକୁ ନିଜର କରିବା କଥାକେବେ ମନକୁ ଆଣିନି। ପୁନେଇ ବିନା ସତରେ ତା' ଜୀବନ ରଙ୍ଗହୀନ ଟଗର ଫୁଲ ହେଇଯାଇଛି, ଯାହା ଫୁଟୁଛି ତ ପ୍ରତିଦିନ ହେଲେ କାହାରି ଦୃଷ୍ଟି ଆକର୍ଷଣ କରିବାକୁ କି ଘର ସଜେଇବାକୁ ନୁହେଁ, କେବଳ ଯାହା ଠାକୁରଙ୍କୁ ଲାଗି ହେବାକୁ, ନହେଲେ ଝରିପଡି ମାଟିରେ ମିଶିଯିବାକୁ । ... ହ.. ଅଁ, ସେଇଥିରେ ବି ଗୋଟାଏ ଆନନ୍ଦ ଅଛି ।

ମୁଣ୍ଡ ଉଠେଇ ଆକାଶକୁ ଚାହିଁଲା ଦିବାକର । ମାଘ ମାସର ହାଡଭଙ୍ଗା ଶୀତରେ ଗଛପତ୍ର ଥର ଥର କମ୍ପୁଛନ୍ତି । କୁହୁଡିର ବେଷ୍ଟନୀ ଭିତରେ ଅଦୃଶ୍ୟ ହୋଇଯାଇଛନ୍ତି ନଈ ପୋଖରୀ । କାଉ କୋଇଲି ବି ଶୀତକୁ ଡରି କୋଉ ଗଛ କୋରଡରେ ଲୁଚି ଯାଇଛନ୍ତି । ହେଲେ ନିର୍ବିକାର ହୋଇ ସେ ଠିଆ ହେଇଛି ଚଉମୁହାଣୀ ପାଖରେ । ଏଇଠୁ ବାଟଭାଙ୍ଗି ସୁନେଇର ଗାଁକୁ ଯିବାକୁ ହୁଏ । ଏଇ ରାସ୍ତାରେ ଯିବାକୁ ମନ ସ୍ଥିର କରି ସାରିଲାଣି ସେ । ତଥାପି ଦକ ଦକ ହେଉଛି ଛାତି । ଯଦି ସୁନେଇ କ୍ଷେତ୍ରରେ ସେଇ ପୁରୁଣା କଥାର ପୁନରାବୃ ି ହୁଏ! ପୁନେଇ ପରିକା ମହୀଧରର ପୁରୁଷପଣିଆର ବଖାଣ କରି ତାକୁ ତାଚ୍ଛଲ୍ୟ କରେ ! ସହି ପାରିବ କି ସେ !

ମହୀଧର ପାଖରେ ଅମାପ ସମ୍ପ ି। ବସିଶୋଇ ଖାଇଲେ ବି ସାତ ପୁରୁଷକୁ ନିଅ  ହେବନି। ପୁନେଇ ସେଇ ସମ୍ପ ି ଲୋଭରେ ଦିବାକରର ଭଲ ପାଇବାକୁ ଠୋକର ମାରିଦେଲା। ଗଲାବେଳେ କହି ଯାଇଥିଲା – ପ୍ରେମର ଉ ାପ ଦୁଇ ଦିନ ପରେ ଥଣ୍ଡା ପଡିଗଲା ପରେ ମାଘ ମାସର ଶୀତକାକରରୁ ରକ୍ଷା କରିବାକୁ ଯୋଉ ଲୋକ ପାଖରେ ହେଁସଟିଏ ସୁଦ୍ଧା ନାହିଁ, ତା' ହାତ ଧରି ସାରା ଜୀବନର ଲୁହ ସେ କାହିଁ ନିଜ ଭାଗ୍ୟରେ ଲେଖିଦେବ! ଠାକୁରେ ଯଦି ତାକୁ ମଉକା ଦେଇଛନ୍ତି ମହୀଧରର ପାଟରାଣୀ ହେବାକୁ, ତାକୁ ସେ ହାତଛଡା କରିବ କାହିଁକି ?

ପୁନେଇ ତା' ବାଟରେ ଚାଲିଗଲା, ଆଉ ରହିଗଲା ଦିବାକର ସମସ୍ତଙ୍କ ଆକ୍ଷେପ ସହିବାକୁ । ଅନ୍ୟମାନଙ୍କର କହିବା ଯାହି ତାହି, ହେଲେ ଯେତେବେଳେ ମହୀଧର ବାଟରେ ଘାଟରେ ଯୋଉଠି ଦେଖିଲେ ଟାହିଟାପରା କରେ, ନିଆଁ ଲାଗିଯାଏ ଦିବାକରର ଛାତିରେ । ଇଚ୍ଛା ହୁଏ ଟାଙ୍ଗିଆଟିଏ ପାଆନ୍ତା କି, ଏଇଲେ ଦି' ଗଡ କରି ହାଣିଦିଅନ୍ତା ମହୀଧରକୁ। ଦେଖେଇ ଦିଅନ୍ତା ନିଜ ପୁରୁଷପଣିଆ ।

ଖାଲି ସିଏ ବୋଲି ନୁହେଁ, ଗାଁରେ ବି ସମସ୍ତେ ଭାବୁଥିଲେ ମହୀଧରକୁ କେବେ କୋଉଠି ଏକୁଟିଆ ପାଇଲେ ଦିବାକର ତା' ତ ି କଣା କରି ରକ୍ତ ପିଇଯିବ! ଏତେ ଦିନର ଭଲ ପାଇବାକୁ ଭୁଲିଯିବା କ'ଣ ସହଜ ହେଇଛି ! କିନ୍ତୁ ସେପରି କିଛି ବି କଲା ନାହିଁ ଦିବାକର । ବରଂ ସତ୍ୟକୁ ଗ୍ରହଣ କରିନେଲା ଯେ ଏ ସଂସାରରେ ପଇସା ନଥାଇ ପ୍ରେମ କରୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ଏପରିକା ଦୁର୍ଦ୍ଦଶା ଭୋଗ କରିବାକୁ ହିଁ ହୁଏ। ସେଥିପାଇଁ ସାରା ଜୀବନ ଏକୁଟିଆ ରହିବାର ପ୍ରତିଶ୍ରୁତି ମନେ ମନେ ସେ ନେଇଥିଲା । କିନ୍ତୁ ଏବେ ଲାଗୁଛି ସେ ବୋଧେ ଆଉ ଅଧିକ ଦିନ ସେ ପ୍ରତିଶ୍ରୁତିକୁ ରଖି ପାରିବ ନାହିଁ। ଏବେ ତା' ମନ ମସ୍ତିଷ୍କ ଉପରେ ସୁନେଇ ରାଜତ୍ୱ କରୁଛି । ସବୁ ବାଧାବିଘ୍ନ ଡେଇଁ ସେ ସୁନେଇକୁ ଆପଣାର କରିବ।

କିନ୍ତୁ ଯଦି ପୁନେଇ ପରି ସୁନେଇ ବି ତାକୁ ଠୋକର ମାରିବ ? ତା' ଦୁଃଖ ଆଉ ଦାରିଦ୍ର୍ୟରେ ଭରା ସଂସାରକୁ ତାଚ୍ଛଲ୍ୟ କରିବ! ସେ କ'ଣ ତାର ପ୍ରତିରୋଧ କରିବ ? ଗାଳି ଗୁଲଜ କରି ତାକୁ ପୂରା ଗାଁରେ ବଦନାମ କରିଦେବ ?

ନା, ସେମିତି କିଛି ବି କରିବ ନାହିଁ ସେ । ସେପରି ଭାବରେ ନିଜକୁ ପ୍ରସ୍ତୁତ

କରି ସେ ଆସିନି । ସେ କେବଳ ସୁନେଇକୁ ନିଜର କରିବା କଥା ଚିନ୍ତା କରି କରି ବାହାରି ଆସିଛି । ଆଉ ଅନ୍ୟ କିଛି ଭାବନା ତା' ମନ ଭିତରକୁ ଆସି ହି ପାରୁନି । ପାଦ ପାଖରେ କିଛି ଗୋଟାଏ ଖସ୍ ଖସ୍ କରି ଚାଲିଯାଉଛି, ସାପ କି ବେଙ୍ଗ ! କିଏ ଜାଣେ କ'ଣ ହେଇଥିବ । ସେସବୁ ଦେଖିବାକୁ ତା'ର ଆଗ୍ରହ ନାହିଁ । ସେ ଏଇଲେ କେବଳ ସୁନେଇକୁ ଦେଖିବାକୁ ଚାହୁଁଛି ।

ଆଚ୍ଛା, ସେ କ'ଣ ପ୍ରକୃତରେ ସୁନେଇ ପ୍ରତି ଆଗ୍ରହୀ ଅଛି ବୋଲି ରାତି ଅଧରେ ଘର ଛାଡିଛି, ନା ମନରେ ଆଉ କିଛି ଦୁର୍ଭାବନା ଅଛି ? ହୁଏତ ପୁନେଇ କରିଥିବା ବିଶ୍ୱାସଘାତକତାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସେ ସୁନେଇର ନିକଟବର୍ତ୍ତୀ ହେବାର ପ୍ରୟାସ କରୁଥାଇ ପାରେ ! .. ନା, ନା, ସେପରି କିଛି ବି ଭାବନା ତା' ମନରେ ନାହିଁ । ହେଲେ କିଏ ବିଶ୍ୱାସ କରିବ ତା' କଥାକୁ ! ଯୋଉ ଦିବାକର କୌଣସି ନାରୀର ମୁହଁ ଆଉ ଚାହିଁବ ନାହିଁ ବୋଲି ଦିନେ ବଜ୍ର ଶପଥ କରିଥିଲା, ସେ ପୁଣି କେମିତି ..

ଓଃ, ସେଇ କଥାକୁ ସେଇ କଥାକୁ କେତେ ଘୋଷି ହେଉଛି ! ସେ କ'ଣ ମହାଭାରତର ଭୀଷ୍ମ ହେଇଛି ଯେ ଥରେ ଶପଥ ନେଇଗଲା ତ ନେଇଗଲା ! ଆଉ ସେଥିରେ ପରିବର୍ତ୍ତନ ହେଇପାରିବନି ଜମା ! ପ୍ରତି ମୁହୂର୍ତ୍ତରେ ବଦଳି ଯାଉଥିବା ସଂସାରରେ କିଏ ପୁରୁଣା କଥାକୁ ଗଣ୍ଠି କରି ଧରି ରଖିଥିବ ବର୍ଷ ବର୍ଷକୁ ?

ସୁନେଇର ଗାଁମୁଣ୍ଡରେ ପହଞ୍ଚି ଆଶ୍ୱସ୍ତ ହେଲା ଦିବାକର । ଏଇ ସେ ଗାଁ, ଯୋଉଠୁ ଦିନେ ଶିଶୁପାଳ ହେଇ ସେ ଫେରିଥିଲା । ତା'ର ସବୁ ସୁଖ ଶାନ୍ତି ମହୀଧର ଚୋରି କରିନେଇଥିଲା । ଗଲା ବେଳେ ଥରେ ବୁଲିକି ଚାହିଁନଥିଲା ବି ପୁନେଇ । ଏତେ ଦିନର ସଂପର୍କ, ଗୋଟାଏ ଝଟ୍‌କାରେ ଛିଣ୍ଡି ପଡିଥିଲା ଆଖି ଆଗରେ ତା'ର । ସାରା ଗାଁଟାର ଲୋକେ ଜମା ହୋଇଥିଲେ ତାମ୍‌ସା ଦେଖିବାକୁ । ସମସ୍ତଙ୍କ ଆଖିରେ ତା' ପାଇଁ ଦୟା ଆଉ କରୁଣା । ଓଠରେ ଚୁ ଚୁ ଭାବ । ଓଃ, ସେସବୁ ପୁନେଇର ବିଶ୍ୱାସଘାତକତା ଠାରୁ ବି ଥିଲା ଅଧିକ ଅସହ୍ୟ ।

ଚାହିଁଲା ସେ ଆକାଶ ଆଡେ । କାକରର ଲୁହ ଟୋପି ଟୋପି ହୋଇ ଝରିପଡୁଛି ତା' ଉପରେ । ଭିଜିଯାଉଛି ସେ ଲୁହର ସେହି ମହାସ୍ନାନରେ । କୁହୁଡିର ବହଳ ଆସ୍ତରଣ ଭିତରେ ଜମା ଜଣାପଡୁନି ରାସ୍ତାଘାଟ । ତଥାପି ସେ ମାଡି ଚାଲିଛି । ଅନ୍ଧାରରେ କେହି ଜଣେ ନଇବନ୍ଧ ଉପରେ ବସି ସୁଁ ସୁଁ ହୋଇ କାନ୍ଦୁଛି । ଚମକି ପଡିଲା ସେ । ଏ ଅଧ ରାତିରେ .. ମାଘ ମାସର ହାଡଥରା ଶୀତକୁ ଭ୍ରୁକ୍ଷେପ ନକରି କିଏ ଏତେ ସାହାସ କରିପାରିଛି !

ଡାକ ଛାଡିଲା – କିଏ ସେଠି ବସିଛ ? ମଣିଷ ନା ପିଶାଚ ? ଡାହାଣୀ କି ଚିରିଗୁଣୀ ?

କେହି କିଛି ବି ଉତ୍ତର ଫେରେଇଲା ନାହିଁ। ବରଂ ଆସୁଥିବା ଶବ୍ଦ ମୁହୂର୍ତ୍ତକ ପାଇଁ ବନ୍ଦହୋଇଗଲା। ଗଛପତ୍ରରୁ ଆସୁଥିବା ସାଇଁ ସାଇଁ ଶବ୍ଦ ଛଡା କିଛି ବି ଶୁଭା ଯାଉନଥିଲା। କେବଳ ଗୋଟିଏ ଛାୟାମୂର୍ତ୍ତି ଉଠି ଆସିଲା ବନ୍ଧ ଉପରୁ । ଆଉ ତାରି ପାଖକୁ ଆଗେଇ ଆସି ସାମାନ୍ୟ ଦୂରରେ ସ୍ଥିର ରହିଗଲା । ଭୟରେ ଶିଟେଇ ଉଠିଲା ଦିବାକର । ଏମିତି ଅସମୟରେ ଘରୁ ବାହାରି ଆସିବା ଉଚିତ୍ ହେଇନି । କିଏ ଜାଣେ କୋଉ ଅଶରୀରିର ହାବୁଡରେ ପଡିସାରିଲାଣି ସେ ! ଆଉ କ'ଣ ସକାଳର ସୂର୍ଯ୍ୟ ଦେଖିବାକୁ ପାଇବ !

ତେବେ ମନର ଭୟକୁ ଉଜାଗର କରିବାକୁ ନଦେଇ ପୁଣି ଥରେ ଚିତ୍କାର କରି ନିଜ ପ୍ରଶ୍ନକୁ ଦୋହରେଇ ପକେଇଲା – କିଏ ଏମିତି କାନ୍ଦୁଛ .. ପଚାରୁଛି ପରା ? କ'ଣ ଶୁଭୁନି ତୁମକୁ ? ଏ ଅନ୍ଧାରଟାରେ ବସି କ'ଣ କରୁଛ ?

“କିଏ ଦିବା'ଇ କି .. ? ଏତେ ରାତିରେ ତୁମେ ଏଠି .. ଆମ ଗାଁରେ .. ?” ଚମକି ପଡିଲା ଦିବାକର । ଚିହ୍ନିଲା ଚିହ୍ନିଲା ପରିକା ଲାଗିଲା ସ୍ୱରଟା । କିନ୍ତୁ ଅନ୍ଧାରରେ କିଛି ଜାଣି ହେଉନି । ତେବେ ଆଶ୍ଚର୍ଯ୍ୟର କଥା ଏତେ ଅନ୍ଧାର ସତ୍ତ୍ୱେ ସେ ଛାୟାମୂର୍ତ୍ତି ତାକୁ ଚିହ୍ନିପାରିଛି ।

“କିଏ ତମେ ?” ସାମାନ୍ୟ ଚଢ଼ାଗଳାରେ ପଚାରିଲା । ତେବେ ଭୟରେ ତଣ୍ଟି ଶୁଖିଯାଉଥିଲା ତା'ର ।

“ମୁଁ .. ସୁନେଇ ।”

“ସୁନେଇ ତୁ .. ? ଏତେ ରାତିରେ ? କ'ଣ ହେଲା ତୋର ? କାହିଁ ଏମିତି କାନ୍ଦୁଛୁ ଅନ୍ଧାରରେ ବସି ବସି ? କ'ଣ କିଛି ଅଘଟଣ ଘଟିଗଲା କି ?” ପ୍ରଶ୍ନ ଗୁଡା ପାଟିରୁ ନୁହେଁ, କେଜାଣି କୋଉ ଦୂରରୁ ଭାସି ଆସୁଥିଲେ । ସେଇ ମୁହୂର୍ତ୍ତରେ କେତେ କ'ଣ ଅଶୁଭ କଥା ତା' ଭିତରୁ ଉଠି ଆସିଲେ ତା'ର ବିନା ଅନୁମତିରେ । ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରି ପକେଇଲା ଯେ ଯାହା ତା' ମନକୁ ପଶି ଆସୁଛି, ସେସବୁ କିଛି ବି ସତ ନହେଇଥାଉ ।

ଦୁଇ ପାଦେ ଆଗେଇ ଯାଇ ସୁନେଇର ଥର ଥର ହାତକୁ ସେ ନିଜ ହାତ ପାପୁଲି ଭିତରେ ବନ୍ଦି କରିପକେଇଲା । “କ'ଣ ହେଲା ସୁନେଇ ? କିଛି ତ କହ ! ତୋର ଏ ନିରବତା ମୋ ଛାତିରେ ଛନକା ଭରି ଦଉଛି । ..”

ତଥାପି ଚୁପ୍ ରହିଲା ସୁନେଇ । ଅନ୍ଧାରରେ ବି ଦିବାକର ଦେଖି ପାରୁଥିଲା ସୁନେଇର ଆୟତ ଆଖିରେ ମୋଟା ମୋଟା ଲୁହବିନ୍ଦୁ ଭରିରହିଛି । ତାର ଦୁଇ ହାତକୁ ଧରି ହଲେଇ ଦେଲା ଦିବାକର । “ସୁନେଇ .. ମୋ କଥା ତତେ ଶୁଭୁଛି ନା ନାହିଁ ?”

କ'ଣ ଥିଲା ସେ ସ୍ପର୍ଶ ଆଉ ସ୍ୱରରେ କେଜାଣି, ଭେଁ ଭେଁ ହୋଇ କାନ୍ଦିଉଠିଲା ସୁନେଇ । “ମୁଁ ଆଉ କାହାକୁ ମୁହଁ ଦେଖେଇବାକୁ ଯୋଗ୍ୟ ନାହିଁରେ ଦିବା'ଇ .. ସବୁ ସରିଗଲା ମୋ ଜୀବନରୁ .. କେତେ ସ୍ୱପ୍ନ .. କେତେ ଆଶା .. ସବୁକିଛି

ଧ୍ୱଂସ ହେଇଗଲା ଆଜିଠୁ । ଏ ଜୀବନ ଆଉ କାହିଁ ରଖିବି ଭାବି ଧାଇଁ ଆସିଛି ଅନ୍ଧାରରେ.."

ଦିବାକରର ଛାତି ଭିତରେ କେଉଁଠି ଯେମିତି ଇଲେକ୍ଟ୍ରି କରେ ୍ ଲାଗିଗଲା । ଏକ ନଂପୁସକ କ୍ରୋଧରେ ଥର ଥର ହୋଇ କମ୍ପିଗଲା ତା'ର ଦେହ ହାତ । କେତେ କରୁଣ ଥିଲା ସେ କାନ୍ଦ, ଦିବାକରର ସାଥେ ସାଥେ ଗଛପତ୍ର ବି ସ୍ତବ୍ଧ ହେଇଯାଇଥିଲେ । କାଚଖଣ୍ଡ ପରି ଟୁକୁରା ଟୁକୁରା ହୋଇ ଖସି ପଡୁଥିଲା ଆକାଶ । ଏକ ଉଚ୍ଚାଟ ସମ୍ମୋହନରେ ଶୀତ କାକରକୁ ଭ୍ରୁକ୍ଷେପ ନକରି ସେ ଧାଇଁ ଆସିଥିଲା, ଅଥଚ ଏଠି ଆସି ପହ ୍ଲା ବେଳକୁ ଜାଣୁଛି ଯେ ସବୁ ସ୍ୱପ୍ନ ତା'ର ଧୂଳିସାତ୍ ହୋଇସାରିଛି । ବିସ୍ମୃତ ଜୀବନଟା ବିକଳାଙ୍ଗ ହୋଇଯାଇଛି ।

କଇଁ କଇଁ ହୋଇ କାନ୍ଦୁଛି ସୁନେଇ । ତେବେ ତାକୁ କି ଆଶ୍ୱାସନା ଦେବ, ସେ ମୋଟେ ଜାଣି ପାରୁନଥିଲା । ମୁଣ୍ଡ ତଳକୁ କରି ଧିମା ସ୍ୱରରେ ସେ କେବଳ ଏତିକି ପଚାରି ପାରିଲା, "କିଏ ଏମିତି କୁକର୍ମ କରିପାରିଲା ତୋ' ସହିତ ?"

ତା' ଠାରୁ ବି ଆହୁରି ଧିର ସ୍ୱରରେ ସୁନେଇ ଉ ର ଦେଲା, "ମହୀଧର..।"

ଅସଂଖ୍ୟ ବଜ୍ର ଏକା ସାଙ୍ଗରେ ତା' ଉପରେ କୁଢ଼େଇ ହୋଇପଡିଲା ସତେ କି ! ଘୂର୍ଣ୍ଣି ଝଡଟିଏ ତାକୁ ଟାଣିନେଲା ନିଜ ଗର୍ଭ ଭିତରକୁ । ତାଳୁରୁ ତଳିପା ଯାଏ ବିଦାରି ପକେଇଲା । ମହୀଧର .. ମହୀଧର .. ତା'ର ସବୁ ବିପର୍ଯ୍ୟୟର କାରଣ ଏଇ ଗୋଟିକ ଚରିତ୍ର ! କେଉଁ ଜନ୍ମର କି ପ୍ରକାରର ଶତ୍ରୁତା ରହିଯାଇଛି, ଯାହାକୁ ପରିଶୋଧ କରିବାକୁ ବାରମ୍ବାର ତା' କ୍ଷେତ୍ରରେ ପ୍ରବେଶ କରୁଛି ସିଏ ।

"କ'ଣ କରିବି ଦିବା'ଇ ? ଆମ ଘରଲୋକେ ଜାଣିଲେ ମତେ ଜୀଅନ୍ତା ଜାଳିଦେବେ .. ଦେଇକୁ ଛାଡି ମତେ ବାହା ହେବ ବୋଲି କଥା ଦେଇଥିଲା, ହେଲେ ଏବେ ଧରାଛୁଆଁ ଦେଉନି । ପଚାରିଲେ କହୁଛି .. ତୁଟା ଏଡେ ମୂର୍ଖ ବୋଲି କ'ଣ ମୁଁ ଜାଣିଥିଲି ! ପିଲାଛୁଆର ସଂସାର ଛାଡି ଏ ବୟସରେ ତତେ ବାହାହେବି ବୋଲି ତୁ କେମିତି ବିଶ୍ୱାସ କରିବାକୁ ଗଲୁ ! ତା' ଛଡା, ତୋ' ଭଳି ଝିଅର କି ଭରସା ! ମୋ ପରି ଆହୁରି କେତେ ଜଣଙ୍କର ଅଙ୍କଶାୟିନୀହେଇଥିବୁ .. ଏମିତି ବାରବୁଲୀ ଝିଅକୁ ସ୍ତ୍ରୀ କହିବାକୁ ଲାଜ ମାଡିବନି .."

କଇଁ କଇଁ ହୋଇ କାନ୍ଦୁଥିଲା ସୁନେଇ । ଦିବାକରକୁ ଲାଗୁଥିଲା ସେ ଯେମିତି ଆହୁରି କାଲ ହେଇଯାଇଛି । ଏସବୁ କଥା ତା' କାନକୁ କିଛି ଶୁଭୁନି । ତାକୁ କେବଳ ଦେଖାଯାଉଛି ମହୀଧରର ପିଶାଚିଆ ମୁହଁଟା । କାନରେ ପ୍ରତିଧ୍ୱନିତ ହେଉଛି ତା'ର ବିକଟାଳ ହସ । ସେ ହସରେ ଭରି ରହିଛି ଦିବାକରର ଅସାମର୍ଥ୍ୟତା ପ୍ରତି ଭୀଷଣ ତାଚ୍ଛଲ୍ୟ ।

ଧଡ଼୍କରି ମୁହଁ ବୁଲେଇ ସେ ଆଗକୁ ବଢ଼ିଗଲା । ସୁନେଇ ପଛରୁ ଡାକ ଛାଡିଲା ଜୋରରେ । "ଦିବା'ଇ .. ଦିବା'ଇ .. କୁଆଡେ ଯାଉଛୁ ଅନ୍ଧାରରେ ? ମୋ କଥା ଶୁଣିଯା .."

"ତୁ ଘରକୁ ଯା' ସୁନେଇ .. ମୁଁ ଏଇଲେ ଯାଉଛି ଗୋଟେ ବହୁତ ବଡ ହିସାବ କିତାବ କରିବାକୁ । ଯଦି ଫେରିଲି, ତେବେ ତୋ'ର ସବୁ ପାପକୁ ମୁଁ ଧୋଇଦେବି । ନହେଲେ ଜାଣିବୁ ଯେ ତୋ' ଭାଗ୍ୟରେ ସଂସାର ବାନ୍ଧିବାର ସୁଖ ନଥିଲା ।"

"କ'ଣ ତୁ କହୁଛୁ ଦିବା'ଇ.. ?"

"ହଁ ଲୋ.. ସବୁ କଷ୍ଟଯନ୍ତ୍ରଣା, ମାନ ଅପମାନକୁ ପଛକରି ଆଜି ଧାଇଁ ଆସିଥିଲି ତୋ' ସହିତ ଘରସଂସାର କରିବାକୁ । ପୁନେଇ ଦେଇଥିବା କ୍ଷତରେ ମଲମ ଲଗେଇବାକୁ । ହେଲେ ଲାଗୁଛି ଠାକୁରେ ସେତିକି ସୁଖ ମୋ ଭାଗ୍ୟରେ ଲେଖିବାକୁ ଭୁଲି ଯାଇଛନ୍ତି । ନହେଲେ କ'ଣ ବାରମ୍ବାର ମତେ ଏମିତି ମହୀଧର ପାଖରେ ହାର୍ ମାନିବାକୁ ପଡୁଥାଆନ୍ତା ! ସେ ତୋ' ସହିତ ଖେଳ ଖେଳିନାହିଁ ଯେ ମୋ ପୁରୁଷାର୍ଥକୁ ଆହ୍ୱାନ ଜଣେଇଛି । ମୁଁ ଯିବି, ନିଶ୍ଚୟ ଯିବି, ଯାଇ ଦେଖିବି ଚୁମ୍ବକର କୋଉ ଶକ୍ତି ତା' ପାଖରେ ଏମିତି ଅଛି, ଯାହା ବଳରେ ମୋ ପାଖରୁ ସମସ୍ତଙ୍କୁ ଟାଣିନେବାରେ ସେ ଏମିତି ସକ୍ଷମ ହେଇଯାଉଛି । .."

"ଥାଉ, ଦିବାଇ, ଆଉ କିଛି ଲାଭ ନାହିଁ।"

"କାହିଁକି ?"

"ସବୁଦିନ ପାଇଁ ତା'ର ସବୁ ଖେଳ ମୁଁ ଶେଷ କରିଦେଇଛି ।"

"ମାନେ ?" ଚମକି ପଡିଲା ଦିବାକର । ନିବିଡ ଅନ୍ଧକାର ସ ୍ ସୁନେଇର ଆଖିରେ ଚକ୍ ଚକ୍ କରୁଥିବା ପ୍ରତିଶୋଧ ବହ୍ନିକୁ ସେ ଦେଖି ପାରୁଥିଲା ।

"ମାନେ ହେଲା, ମୁଁ ପୁନେଇ ନୁହେଁ ଯେ ନିଜ ସହିତ ହେଇଥିବା ଅନ୍ୟାୟକୁ ଆଖିବୁଜି ସହ୍ୟ କରିଯିବି । ନିଜ ପହିଲି ପ୍ରେମକୁ ହରେଇ ଆଜି ବି ପୁନେଇ ସାରା ରାତି ଗୁମୁରି ହେଉଛି । ମହୀଧରର ଶତ ଚେଷ୍ଟା ସ ୍ ପୁନେଇ ତତେ ଭୁଲିପାରିନି । ଏଇ କଥାକୁ ନେଇ ସ୍ୱମୀ ସ୍ତ୍ରୀଙ୍କ ଭିତରେ ନିତି ଦିନ କଳି ତକରାଳ ବାଡିଆପିଟା ଚାଲିଛି । ବୋଧହୁଏ ପୁନେଇ ଉପରେ ପ୍ରତିଶୋଧ ନେବାକୁ ସେ ମୋ ସହିତ ଖେଳ ଖେଳିଥିଲା । ମୁଁ ବୋକୀ, ତା' ମିଠା କଥାରେ ଭଳିଯାଇ ସବୁ ହରେଇ ସାରିଲା ପରେ ଜାଣିଲି, କେତେ ବଡ ଭୁଲ୍ କରିଦେଇଛି । କିନ୍ତୁ ଆଉ ଅନୁତାପ କଲେ କ'ଣ ହେବ ! ସେ କ'ଣ ମତେ ପତ୍ନୀର ମର୍ଯ୍ୟାଦା ଦେବ ନା ଦେଇକୁ ଛାଡିପାରିବ ! ଏତେ ଦିନରୁ ମୋ ସହିତ ଖେଳ ଖେଳି ଖେଳି ହାଲିଆ ହୋଇଯାଇଥିଲା, ତାକୁ ଆରାମ ଦିଆଇ ଦେଇଛି । ଆଉ ସେ କେବେ ଏ ନିଦରୁ ଉଠିବନି କି ଆଉ କାହାର ଇଜ୍ଜତ ସହିତ ଖେଳିବନି ।"

"ପାଗଳ ହେଇଯାଇଛୁ ନା କ'ଣ ! ଝିଅ ପିଲାଟେ ହେଇ ଏମିତି ନରଖାଦକ

କାହିଁକି ସାଜିଲୁ । ମତେ କହିଥାନ୍ତୁ, କିଛି ତ ଚିନ୍ତା କରିଥାନ୍ତି ତୋ' ପାଇଁ ।"

ରଙ୍ଗଛଡା ଟିଣ ବାସନର ଦାନ୍ତ ନିକୁଟା ହସଟିଏ ହସିଦେଲା ପୁନେଇ । ନରମ ପଡିଗଲା ଆଖିର ଭାଷା । "ସେମିତି ଭାବନା ମୋ ମନରେ ବି ଥିଲା ଦିବା'ଇ । ସେଇଥିପାଇଁ ସାଆନ୍ତଙ୍କ ଭୋଜିରେ ମୁଁ ତୋର ନିକଟବ ର୍ତ୍ତୀ ହେବାର ଚେଷ୍ଟା କରିଥିଲି। ବିଗତ କିଛି ଦିନରୁ ତୋ' ପାଇଁ ମନ ମୋର ଖୁବ୍ ବ୍ୟାକୁଳ ହେଉଛି । କାହିଁକି କେଜାଣି ବାରମ୍ବାର ଲାଗୁଛି, ତୋ' ସହିତ ସମସ୍ତେ ଅନ୍ୟାୟ କରିଛନ୍ତି, ଆଉ ସେ ଅନ୍ୟାୟ ମୋ ଦ୍ୱାରା ହିଁ ଦୂର ହେବ । ଏକଥା ସତ ଯେ ମହୀଧରର ମିଠା ମିଠା କଥାରେ ଭାସି ଯାଇ ମୁଁ ନିଜ ଚରିତ୍ରରେ ଦାଗ ଲଗେଇ ଦେଇଛି । ତଥାପି ନିଜକୁ ମୁଁ ଅପବିତ୍ର ଭାବିନଥିଲି । ମନରେ ଥିଲା ତୋ' ସହିତ ସଂସାର କରି, ସେ ଦାଗକୁ ମୁଁ ଲିଭେଇ ଦେବି । ହେଲେ ଆଜି ଜାଣିବାକୁ ପାଇଲି, ସେ ଦାଗ ଆଉ ଲିଭିବାର ନୁହେଁ । ଏବେ ସାରା ଦୁନିଆ ମୋର ସେ କଳୁଷିତ ଅପରାଧକୁ ଦେଖିବାର ସୁଯୋଗ ପାଇବ ।

ମହୀଧର ପାଖକୁ ଦଉଡିଲି । ଆଗାମୀ ବିପଦରୁ ରକ୍ଷା ପାଇବାର ଉପାୟ ପଚାରିଲି । ହେଲେ ନିର୍ଲଜ ପରିକା ହସିଲା ସେ, ଆଉ କହିଲା, "ଏକଥା ତତେ ଜଣାନଥିଲା ନା କ'ଣ ! ଏମିତି ଅଜାଣି ଚାଉଳର ଭାତ କାହିଁ ଖାଇବାକୁ ଯାଉଥିଲୁ ଯେ ? ଅନ୍ଧାରର ସୁଯୋଗ ନେଇ ଯୋଉ ସୁଖର ସନ୍ଧାନ କରାଯାଏ, ତା'ର ପରିଣତି ଭାରି ଦୁଃଖଦାୟକ । ଏକଥା ବହୁତ ଆଗରୁ ତୋର ବୁଝିଯିବାର ଥିଲା । ହଉ ଛାଡ, ଏବେ ଆଉ କ'ଣ କରିହେବ ! ତୁ ଯଦି କହିବୁ ଆମ ଘରେ ତୋର ରହିବା ଖାଇବା ବ୍ୟବସ୍ଥା କରିଦେବି । ହେଲେ ବିନା ଅଧିକାରରେ । କେବେ କେମିତି ଅୟସ କରିବାକୁ ମନ ହେଲେ ନାହିଁ କରିବୁନି .." ବାସ୍ ଆଉ ଆଗକୁ ଶୁଣିବାର ଧୈର୍ଯ୍ୟ ମୋର ନଥିଲା । ତେଣୁ କାମ ତମାମ କରିଦେଲି ।"

"ଯ୍ୟା' ପରେ .. ?"

ତା' ହାତରେ କିଛି ଗୋଟାଏ ଗୁଞ୍ଜି ଦେଉ ଦେଉ ସେ କହିଲା, "କିଛି ନାହିଁ । ତୁ ଭୁଲିଯିବୁ ଯେ ସୁନେଇ ବୋଲି କେହି ଝିଅ ଆଜି ତତେ ଭେଟିଥିଲା ଆଉ ତୋ' ମନରେ କ୍ଷଣିକ ପାଇଁ ଉନ୍ମାଦନା ଭରି ଦେଇଥିଲା । ସୁଖର କାବ୍ୟଟିଏ ରଚି ଗୋଟିଏ ଦିନର ଭଲ ପାଇବାକୁ ଚିରସ୍ଥାୟୀ କରିଦେଲା .." କହୁ କହୁ ଭରା ନଈକୁ ଡେଇଁ ପଡିଲା ସୁନେଇ । ଚମକି ପଡିଲା ଦିବାକର । କିଛି ବୁଝିଲା ପୂର୍ବରୁ ଛପ୍ କରି ଗୋଟାଏ ଆବାଜ ମାତ୍ର ସେ ଶୁଣିପାରିଲା । ତା'ପରେ ସବୁକିଛି ଶାନ୍ତ ଆଉ ସ୍ତବ୍ଧ । ନଈକୂଳରେ ଗୁମୁରୁଥିଲା ନିଛାଟିଆ ବ୍ୟାକୁଳତା । ଭୋ ଭୋ ହୋଇ କାନ୍ଦିଉଠିଲା ଦିବାକର । ସେ କାନ୍ଦରେ ଥରିଉଠିଲେ ଗଗନ ପବନ । ସ୍ତବ୍ଧ ହେଇଗଲେ ବୃକ୍ଷଲତା । କିନ୍ତୁ କାହାରି ଆଖିରେ ଦିବାକର ପାଇଁ ଲୁହ ନଥିଲା । ସେମାନେ ଯେମିତି ବହୁତ ଆଗରୁ ଏସବୁ ହେବ ବୋଲି ଜାଣି ସାରିଥିଲେ ।

ନଈର ଗର୍ଭ ଭିତରେ ସୁନେଇ ଅଦୃଶ୍ୟ ହେଇଯାଇଥିଲା । ସେ ଆଉ ତାକୁ କେବେ ବି ପାଇବ ନାହିଁ । କିନ୍ତୁ ଗୋଟିଏ ଦିନର ଭଲ ପାଇବାର ସନ୍ତକ ସେଇ ମନ୍ଦାର ଫୁଲଟା ଚିରଦିନ ପାଇଁ ତା' ହାତମୁଠାରେ ରଖି ଦେଇଗଲା । ସେ ଏହାକୁ ହାତଛଡା କରିବ ନାହିଁ । କେବେ ବି ନାହିଁ । ଏମିତି ଭଲ ପାଇବା ଶତ ଚେଷ୍ଟା ସତ୍ତ୍ୱେ ମହୀଧର କେବେ କାହାଠୁ ହାସଲ କରିପାରିବ ନାହିଁ । ଆଉ ଏହା ହିଁ ତା'ର ପୁରୁଷାର୍ଥ ବୋଲି ସୁନେଇ ଆଜି ତାକୁ ଜଣେଇ ଦେଇଗଲା ।

kamala.satpathy@gmail.com



ସ୍ୱଭାବ କବି ଗଙ୍ଗାଧର ମେହର

ପ୍ରତିବେଶୀଙ୍କର ସହିତ ତୁଳନା
କରି କର ନିଜ ମଧ୍ୟରେ କଳନା
ତହିଁରୁ ବୁଝିବ ନିଜେ କେତେ ଦୀନ
କରିଅଛ ପୁଣି ମାତୃଭାଷା ହୀନ

# ସତୀ ଆଉ କୁକୁଡା ଚିଆଁ କଥା

ଅନ୍ତର୍ଯ୍ୟାମୀ ସରଘରିଆ



ଗାଁ ଚଉପାଢୀରେ ବିଚାର ବସିଛି । ଭାରି ବିଚିତ୍ର କାହାଣୀ ଏଇଟା, ସରପ  ଙ୍କ ମୁଣ୍ଡ କାମ କରୁନି, କେମିତି ଏ କଥାର ସମାଧାନ ହେବ ? ବେଣୁ ପ୍ରଧାନର ଆଳୁ ବିଲ ଉଜୁଡି ଯାଇଛି, ସେ ଅଡି ବସିଛି ତାର କ୍ଷତି ପୂରଣ ଦରକାର । ସତୀ କହୁଛି ବେଣୁ ତା' କୁକୁଡାର ଗୋଡ ଭାଙ୍ଗିଛି, ତାର ବି ବେଣୁଠୁ କ୍ଷତି ପୂରଣ ଦରକାର । ମତେ ରାଜ୍ୟ ସରକାର ପୁରସ୍କୃତ କରୁଛନ୍ତି କଣ ପାଇଁ ? ଏ ଖଣ୍ଡ ମଣ୍ଡଳ ଲୋକେ ମତେ ଚାଷୀଙ୍କର ମଉଡମଣୀ କହୁଛନ୍ତି କଣ ପାଇଁ ? ଚାଷ ମୋ ଜୀବନ, ଗଛ ମାନେ ମୋ ପୁଅ ଝିଅ । ମୋ ଗଛରୁ ଡାଳଟେ ଭାଙ୍ଗିଲେ ମୋତେ ଲାଗେ ମୋ ହାତଟେ ଭାଙ୍ଗି ଗଲା ଭଳି । ଆଉ ଏ ସତୀ ମୋ କଥାକୁ ଡ୍ୟାସ ବୋଲି ମାନୁନି, ମୋ ଆଳୁ ବିଲକୁ ତା କୁକୁଡା ମାନେ ଛାରଖାର କରି ସାରିଲେଣି ।ମୋ ଆଖିରୁ ଆଜ୍ଞା ଲୁହ ନୁହେଁ ଲହୁ ଝରିଲାଣି, ଆଉ ଇଏ କହୁଛି ମୁଁ ବିଷ ଦେଇ ତା କୁକୁଡାଙ୍କ ବଂଶ ବୁଡାଇ ଦେବି । ସତୀ କାନ୍ଦ କାନ୍ଦ ହୋଇ ଅଭିଯୋଗ କଲା ଏ ଲୋକଟାକୁ ମୁଁ କେମିତି ବୁଝାଇବି କହିଲେ ଆଜ୍ଞା ମୋ ମା କେତେ ଶ୍ରଦ୍ଧାରେ ମୋତେ ଗଞ୍ଜା ଆଉ ମାଇ କୁକୁଡା ଯୋଡେ ଦେଇଥିଲା, ଏଥର ମାଇ କୁକୁଡା ବାରଟି ଚିଆଁ ଫୁଟାଇଛି । ଚିଆଁ ଗୁଡାକ ମାସକର ଛୁଆ, ଚରୁ ଚରୁ ବେଳେ ବେଳେ ତା ଆଳୁ ବିଲକୁ ଚାଲି ଯାଉଛନ୍ତି, ଆଳୁ ବିଲକୁ ତାଙ୍କର ଟିକି ଟିକି ଗୋଡରେ ଟିକେ ଘା  ୁଛନ୍ତି ନ ହେଲେ ଗୋଟେ ଦିଟା ପତ୍ର ଛିଣ୍ଡାଇ ଖାଉଛନ୍ତି, ଏଇଥିରେ ଏ ବୁଢାର ଆଳୁ ବିଲ ନଷ୍ଟ ହୋଇଗଲା ? ଦେଖୁଛ ସରପ   ବାବୁ ୟା ବହପକୁ ମୋତେ ଇଏ ବୁଢା କହିଲାଣି ?

ସରପ   ବାବୁ କଥାରେ ବ୍ରେକ ମାଇଲେ, ଋହ ଏଇଟା ଗାଁ ପ  , ଏଠି ତୁମର ଏ କଳି ଝଗଡା ଚଳିବନି । ତୁମ ଦୁହିଁଙ୍କର କଥା ଶୁଣିଲୁ ଏବେ ଆମ କଥା ଶୁଣ । ବେଣୁ କଥାରେ ଦମ୍ ଅଛି, ସେ ଯାହା କହୁଛି ଠିକ୍ । ସେ ଆମ ଖଣ୍ଡ ମଣ୍ଡଳର ସବୁଠୁ ଭଲ ଚାଷୀ, ସେ ଆମ ପ  ।ୟତ କଣ ରାଜ୍ୟର ଗର୍ବ । ସବୁ ବର୍ଷ ତା' କୃଷି ରାଜ୍ୟ ସରକାରଙ୍କ କୃଷି ପ୍ରଦର୍ଶନୀରେ ପୁରସ୍କୃତ ହେଉଛି, ଚାଷ ତାର ଜୀବନ, ଆଉ ତୁମେ ତାଙ୍କ ଚାଷ ଉଜାଡି ଦେଉଛ । ଏ କଥା ହୋଇ ପାରିବନି, ତୁମେ ତୁମ କୁକୁଡାଙ୍କୁ ଘରେ ପୁରାଇ ରଖ, ନ ହେଲେ ହାଟରେ ନେଇ ବିକି ଦିଅ । ଏଇଟା ଗାଁ ପ  ଙ୍କ ଫଇସଲା ଏ କଥା ଆମାନ୍ୟ ହେଲେ ତୁମକୁ ନିଆଁ ପାଣି ବନ୍ଦ ହେବ । ଉଠ, ପ   ଭଙ୍ଗ ହେଲା । ସମସ୍ତେ ଘରକୁ ଚାଲିଲେ । ଏ ସତୀ ଏଠି ଖୁ  ଟା ହୋଇ ବସିଲୁ କଣ, ଚାଲ ଘରକୁ ଚାଲ । ତତେ ମୁଁ କେବେରୁ ବୁଝାଉଛି, ହେଲେ ତୁ କଣ ବୁଝିଲୁ ? ମୋର ଆଉ କଣ ଉପାୟ ଥିଲା କହିଲୁ ? ଶେଷରେ ତୁମେ ଏଇଆ କଲ ? ମତେ ଗାଁ ସଭାରେ ହଟହଟା କଲ ? ପ  ଙ୍କ ଡାକରା ପାଇ ମୁଁ ତ ପୁରା ଚାଟକା ହୋଇ ଗଲି । ସତୀ କାନ୍ଦିବାକୁ ଲାଗିଲା । ମୁଁ କଣ ଜାଣିଥିଲି ତୁମେ ସତରେ ମୋ କୁକୁଡା ପାଇଁ ଏମିତି କଷ୍ଟ ପାଉଛ ବୋଲି ? ମୁଁ ତ ଭାବିଥିଲି ତୁମେ ମୋତେ ଏମିତି ଚିଡାଉଚ ବୋଲି । ଆଲୋ ଚୁପ ହ ଏମିତି ଛୁଆଙ୍କ ଭଳି କାନ୍ଦୁଛୁ କାହିଁକି ? ତୁ ତ ଜାଣିଛୁ ମୁଁ ମୋ ଗଛ ଲଟାକୁ କେତେ ଭଲ ପାଏ, ତୁ ମୋ କଥାକୁ ଟାପରା ବୋଲି ଭାବିଲୁ କେମିତି ? ଛାଡ ଯାହା ତ ହେବାର ହେଲା ଚାଲ ଘରକୁ ଚାଲ । ରନ୍ଧା ବଢ଼ା ସରିଛି ନା ନାହିଁ ମୋତେ ଖୁବ୍ ଭୋକ ହେଲାଣି । ପ   କଣ କହିଲେ ଶୁଣିଲନି କି ? ମୋତେ ନିଆଁ ପାଣି ବନ୍ଦ ହେବ, ଆଉ ତୁମକୁ ରାନ୍ଧି ବାଢି ଖାଇବାକୁ ଦେବି କେମିତି ? ଆଲୋ ହେ ତୁ ଏମିତି କଣ କହୁଛୁ ? ତୁ କଣ ପ  ଙ୍କ କଥା ମାନିବୁନି ନା କଣ ? ତୁମେ ଯେମିତି ତୁମ ଗଛ ଲତାକୁ ଭଲ ପାଅ ମୁଁ ବି ମୋ କୁକୁଡା ଛୁଆଙ୍କୁ ସେମିତି ଭଲ ପାଏ । ମୋ କୁକୁଡା ଛୁଆର ଗୋଡ ଭାଙ୍ଗିଲେ ମୋତେ ବି କଷ୍ଟ ହୁଏ । ଏତେ କଥା ପରେ ବି ତୁ ତୋ ସ୍ୱାମୀର ଦୁଃଖକୁ ବୁଝି ପାରିଲୁନି । ହଉ ଘରକୁ ଚାଲ ଯାହା ତୋ' ଇଚ୍ଛା ତୁ କର । ମୁଁ ଗାଁ ପ  ରୁ ମୋ କଥା ଉଠାଇ ନେବି, କହିଦେବି ମୋ ସ୍ତ୍ରୀ କୁକୁଡା ରଖିବ, ମୁଁ ଆଉ ଚାଷ କରିବିନି । କଣ ହେଲା ଚାଷ କରିବନି ?ତାହେଲେ ଏ ଘର ଚଳିବ କେମିତି ? କାହିଁକି... କୁକୁଡା ଅଣ୍ଡା ବିକି ଘର ଚଳିବ । ଆଉ ଦୁହିଁଙ୍କର କଥାବା ି । ନାହିଁ । ସତୀ ଭାତ ବାଢି ଦେଲା, ବେଣୁ ଖାଇ ପିଇ, ଆଳୁ ବିଲକୁ ପାଣି ମଡାଇବାକୁ ଚାଲିଲା ।

ସଞ୍ଜରେ ସତୀ କୁକୁଡା ଛୁଆଙ୍କୁ କୁକୁଡା ଘରେ ପୂରଉ ଥାଏ, ବେଣୁ ବାରଣ୍ଡାରେ ବସି ମୁଢି ଚୋବାଉଥାଏ । ସତୀ କୁକୁଡାଙ୍କୁ କେତେ ଶ୍ରଦ୍ଧାରେ ନା ଧରି ଡାକୁ ଥାଏ ନାଲି, ଝାଞ୍ଜି, ଖଡି, ଡେଙ୍ଗେଇ, ଗେଡି ...ଏମିତି କେତେ କଣ ? ଆଲୋ ତୋ କୁକୁଡା ଛୁଆଙ୍କୁ ନାଁ ଧରି ଡାକିଲେ ସେମାନେ କଣ ବୁଝି ପାରୁଛନ୍ତି ? ବୁଝନ୍ତୁ ନ ବୁଝନ୍ତୁ ସେଥିରୁ ତୁମର କଣ ଗଲା ? କାଲି ତ ତାଙ୍କୁ ହାଟକୁ ନେଇ ବିକି ଦେଇ ଆସିଲେ କଥା ସରିବ । ଶୁଣ ମୋ କୁକୁଡା ଛୁଆଙ୍କୁ ସାଇକେଲ ଆଗରେ ତଳ ମୁଣ୍ଡିଆ କରି ଟାଙ୍ଗିକି ନେବନି, ଏ ଝୁଡି ନିଅ, ଏଇ ଝୁଡିରେ କୁକୁଡା ଛୁଆଙ୍କୁ ପୁରାଇ ସାଇକେଲ କାରିୟରରେ ନେବ, ତାଙ୍କୁ ଶେଷ ବେଳଟାରେ କଷ୍ଟ ଦେବନି । ଶେଷ କଥା ପଦକ କହିଲା ବେଳକୁ ସତୀର ମୁଁହଟା କାନ୍ଦୁରା କାନ୍ଦୁରା ଲାଗୁଥିଲା ।

ରାତି ଯାକ ସତୀକୁ ନିଦ ହେଲାନି ସକାଳୁ ସକାଳୁ ଆଖିକୁ ନିଦ ମାଡି ଆସିଲା । ଆଖି ଖୋଲିଲା ବେଳକୁ ଦିନ ନଅଟା । ସତୀ ଚମକିକି ଉଠି ପଡିଲା, ସିଧା ଧାଇଁଲା ତା' କୁକୁଡା ଘର ପାଖକୁ । କୁକୁଡା ଘର ଖାଲି । ସତୀର କଣ୍ଠ ରୁଦ୍ଧ ହୋଇ ଆସିଲା, କଷ୍ଟରେ ଡାକିଲାନାଲି, ଝାଞ୍ଜି, ଖଡି, ଡେଙ୍ଗେଇ, ଗେଡି ... ଚାରିଆଡେ ସୁନ୍‌ସାନ୍ । ଘର ପଛକୁ ଦଉଡି ଗଲା, ଆଳୁ ବିଲରେ କୁକୁଡା ପଲ ଆନନ୍ଦରେ ଚରି ବୁଲୁଛନ୍ତି, ବେଣୁ ଆଳୁ ବିଲରୁ ଖଣ୍ଡେ ଦୂରରେ ଜମି ସଫା କରି ଖୁ   ପୋତୁଛି, ସତୀ ବେଣୁ ପାଖକୁ ଗଲା । କଣ କୁକୁଡାଙ୍କୁ ନେଇ ହାଟକୁ ଯିବନି ? ନା ଯିବିନି । ଏଠି କଣ କରୁଛ ? ତୋ କୁକୁଡାଙ୍କ ପାଇଁ ବଡ କରି ଜାଲି ବାଲା ଘରଟେ କରି ଦେବି, ସେମାନେ ତାରି ଭିତରେ ରହିବେ, ତାହାରି ଭିତରେ ଖାଇ ପିଇକରି ଚରିବେ, ଆଉ ବଡ ହୋଇ ଅଣ୍ଡା ଦେବେ । ଆଲୋ ତୋ କୁକୁଡା ଅଣ୍ଡା ଦେଲେ ମୋତେ ଖାଇ ବାକୁ ଦେବୁତ ? ସତୀ ଆଖିରୁଝରି ଆସୁଥିଲା ଦୁଇ ଟୋପା ଲୁହ, ସତୀ ଆଖି ପୋଛିଲା ଆଉ ଚାରି ଆଡକୁ କନ କନ କରି ଅନେଇଲା । ସତୀ ବେଣୁ ପାଖକୁ ଆସି ବେଣୁ ଗାଲରେ ଚୁମାଟେ ଦେଇ ଏକ ମୁହାଁ ହୋଇ ହସ ହସ ମୁହଁରେ ଘର ଭିତରକୁ ଚାଲିଗଲା । ପଛରୁ ବେଣୁ ଡାକୁ ଥିଲା ଆଲୋ ଏ ସତୀ ... ଶୁଣ ... ଆଲୋ ଟିକେ ଶୁଣିଯା ... ମୋ ଭାଗ ତ ଦେଇ ଦେଲୁ, ତୋ ଭାଗଟା ନେଇକି ଯାଆ ।

ମୋ -୯୪୩୭୩୧୪୨୩୯

# ଯଶୋଦା

ଭଗବାନ ଚନ୍ଦ୍ର ରାଉତ



ଲଗାତର ଚାରିଦିନ ଧରି ଜ୍ୱର ଓ ବାନ୍ତି ପରେ ଆଜି ଜ୍ୱର ସାମାନ୍ୟ କମିଥିଲେ ବି ବାନ୍ତି ପ୍ରାୟ ନାହିଁ । ଜ୍ୱର ଜନିତ ବାନ୍ତି ସହ୍ୟ କରି ହେଉଥିଲେ ବି ମୁଣ୍ଡ ଯନ୍ତ୍ରଣା ଏପରି ହେଉଛି ଯେ ଇଚ୍ଛା ହେଉଛି କେଉଁଠି ଢୋ କରି ବାଡେଇ ଦେବାକୁ । କେହି ଜଣେ ମୁଣ୍ଡଟାକୁ ଜୋର କରି ଚାପି ଧରନ୍ତା କି ? ଏକଥା କାହାକୁ କହିବି ପାଖରେ କିଏ ଅଛିଯେ ମୋ କଥା ଶୁଣିବାକୁ ।

ଛଅବର୍ଷ ନାତି କାହ୍ନାକୁ ଭୋଳାନାଥଘରେ ଛାଡି ଦିନବେଳା ମନ୍ଦାକିନୀ ମୋ ପାଖରେ ରହୁଥିଲା । ବିଚରା ଭୋଳା ସବୁକାମ ଛାଡି ରାତିରେ ମୋ ପାଖରେ ରହୁଥିଲା । ଅଚାନକ ଭୋଳା ଶଶୁରର ଦେହାନ୍ତ ଯୋଗୁଁ ସପରିବାର ଧରି ଶଶୁର ଘରକୁ ଚାଲିଯିବାରୁ ବାଧ ହୋଇ ମନ୍ଦାକିନୀ ନାତିର ଦେଖାଶୁଣା ପାଇଁ ଘରକୁ ଫେରି ଗଲେ ।

କିଏ ଜାଣିଥିଲା ହଠାତ୍ ଏମିତି ମୁଣ୍ଡ ଦରଜ କରିବ ବୋଲି । ଭାଗ୍ୟ ଆଦରି ଆଖି ବନ୍ଦ କରି ମେଡିକଲ ବେଡ୍ ରେ ପଡି ରହି ଆଜେ ବାଜେ ଭାବନାରେ ବୁଡି ରହିଥିବା ବେଳେ ହଠାତ କାହାର ଧୀର କରାଘାତ ମୋ ପିଠିରେ ଅନୁଭବ କଲି । ଭାବିଲି ନିଶ୍ଚୟ ଶିଷ୍ଟର ଦିଦି ହୋଇ ଥିବେ । ମୁଁ ସେମିତି ଆଖି ବନ୍ଦ କରି କହିଲି, ଦିଦି ଜ୍ୱର କମିଛି, ବାନ୍ତି ଆଦୌ ନାହିଁ । ହେଲେ ମୁଣ୍ଡ ଦରଜ ବହୁଗୁଣରେ ବଢିଯାଇଛି । ଏହାର କିଛି ପ୍ରତିକାର କରିପାରିବେ କି ?

ଶିଷ୍ଟର୍ କହିଲେ ଆଉ ଘ ।କ ପରେ ଡାକ୍ତରମାନେ ରାଉଣ୍ଡରେ ଆସିବେ, ସେତେବେଳେ ଆପଣ ତାଙ୍କୁ ଏକଥା କହି ଔଷଧ ଲେଖିନେବେ । ଏବେ ମୁଁ ଆଣିଥିବା ଔଷଧ ଖାଆନ୍ତୁ କହି ହାତଧରି ଉଠାଇ ଦେଲେ ।

ଆଖି ଖୋଲି ଚାହିଁଲି । ଏ ତ ସେଇ ଦିଦି ନୁହନ୍ତି ଯିଏ ଚାରିଦିନ ଧରି ଏହି ୱାର୍ଡରେ ରହିଥିଲେ । ସୁନ୍ଦର ଚେହେରା, ହସ ହସ ମୁହଁ, ତାଙ୍କର ସ୍ନେହ ବୋଳା କଥାରେ ଯେମିତି ଏକ ଯାଦୁକାରି କମନୀୟତା ଅଛି । ହାତ ବଢାଇଲି ଔଷଧ ପାଇଁ, ହସି ହସି ଦିଦି କହିଲେ ଦୁର୍ବଳ ଲାଗୁଛି ପରା ଆଁ କରନ୍ତୁ ମୁଁ ଔଷଧ ଖୁଆଇ ପାଣି ପିଆଇଦେବି । ଅପଲକ ନୟନରେ କିଛିକ୍ଷଣ ଚାହିଁ ରହିଲି ତାଙ୍କ ମୁହଁକୁ । ସ୍ନେହବୋଳା କଣ୍ଠରେ କହିଲି "ମାଆ କାଲିକାଶିଷ୍ଟର୍ ଆଜି ଆସିନାହାନ୍ତି କି ?"

ସେମିତି ହସି ହସି କହିଲେ ସେ ପୁଣି ଏକ ସପ୍ତାହ ପରେ ଏ ୱାର୍ଡକୁ ଡିୟୁଟିରେ ଆସିବେ । ଆଜିଠାରୁ ତାଙ୍କର ସି ସିଫ୍ଟ । କଣ ମୁଁ କିଛି ମୋ କ ବ୍ୟରେ ଭୁଲ କଲି କି ? ତାଙ୍କୁ ଖୋଜୁଛନ୍ତି ଯେ ।

ସତେ ଯେମିତି ଏକ ଶକ୍ତ ଚାପୁଡା ମୋ ଗାଲରେ ବସିଲା ପରି ଲାଗିଲା । ନିଜକୁ ସଂଯତ କରି କହିଲି ନାଇଁ ମା ତୁମେ କାହିଁକି ତୁମ ଡିୟୁଟିରେ ଅବହେଳା କରିବ । ସବୁ ଶିଷ୍ଟର୍ ସମସ୍ତ ରୋଗୀଙ୍କ ପାଇଁ ସମାନ । ଅତି ନମ୍ର ଗଳାରେ ପଚାରିଲି, "ମା ଏ ବୁଢା ବାପାର କଥାକୁ ଧରିବ ନାହିଁ କି ମନ ଦୁଃଖ କରିବ ନାହିଁ । ହସି ହସି ସେ କହିଥିଲେ ନା ନା ମୁଁ ଆଦୌ ଦୁଃଖିତ ନୁହଁ ବରଂ ଖୁସି ଆପଣ ଆଜି ଠାରୁ ମୋତେ ସାଧାରଣ ସେବିକା ନ ଭାବି ନିଜର ଝିଅ ବୋଲି ଭାବନ୍ତୁ ।"

ଆନନ୍ଦ ବିଭୋର କଣ୍ଠରେ କହିଲି ମା ଆଶୀର୍ବାଦ କରୁଛି ଭଗବାନ ତୁମର ମଙ୍ଗଳ କରନ୍ତୁ । ଦୀର୍ଘଜୀବୀ ହୁଅ ।

ନା ନା ସାର ଆଶୀର୍ବାଦ ଦେଇ ମୋତେ ଦୀର୍ଘଜୀବି କରନ୍ତୁ ନାହିଁ । ବରଂ ଅଭିଶାପ ଦିଅନ୍ତୁ ମୋର ଜୀବନ ଯାତ୍ରା ଶୀଘ୍ର ଶୀଘ୍ର ଶେଷ ହୋଇଯାଉ ।

ଏତେ ଅଳ୍ପ ବୟସରୁ ଜୀବନ ପ୍ରତି ବିତୃଷ୍ଣା କାହିଁକି ମା' ଏମିତି ଭାଙ୍ଗିପଡିଲେ କ ବ୍ୟ ଅଧା ରହିଯିବ ଯେ, ତୁମ ନାମ କଣ ମା' ? କେଉଁ ଗାଁରେ ଘର ?

ମୋ ନା ସାବିତ୍ରୀ, ଡାକ ନାମ ଗୀତା । ସଜନପୁର ଆମ ଗାଁ । ସଜନପୁର ? ନିଳଗିରି ପାଖ ସଜନପୁର ନୁହଁ ତ ? ହଁ ସାର ସେ ସଜନପୁର ମୋ ଗାଁ । ସନାତନ ସାମଲଙ୍କ ଝିଅ । ଆପଣ କଣ ସଜନପୁର ସହିତ ପରିଚିତ ? ସେହି ଗାଁରେ ଆପଣଙ୍କର କେହି ବଂଧୁବାନ୍ଧବ ରୁହନ୍ତି କି ?

ମୋ ମୁହଁରୁ ତାର ପ୍ରଶ୍ନର ଉ ର ଶୁଣିବା ପୂର୍ବରୁ ସେ ଆଗେଇଗଲା ମୋ ଠାରୁ ଦୂରକୁ । ଜଣେ ଚିକିତ୍ସାଧିନ ରୋଗୀର ଚିତ୍କାର ଶୁଣି । ଛାଡିଗଲା ମୋ ଠାରେ ମେ ।ଏ ଅତୀତର ଅଧାମରା ସ୍ମୃତି । ମୋ ମାନସ ପଟରେ ସନାତନର ଅମ୍ଳାନ ବଦନ ଦୃଶ୍ୟମାନ ହୋଇ ଉଠିଲା ଚଳଚ୍ଚିତ୍ରର ଛବି ପରି । ସନାତନ ମୋର ବାଲ୍ୟବନ୍ଧୁ , ସହପାଠୀ । ମୋର ସୁଖଦୁଃଖର ସାଥୀ । ଏ ଝିଅଟି ମୋ ବନ୍ଧୁ ସନାତନର ନୁହଁ ତ ? ମୁହଁଟା କେମିତି କେମିତି ଚିହ୍ନା ଚିହ୍ନା ଲାଗୁଛି ।

ସଜନପୁର ସନାତନ ଆମ ଗାଁ ରସାଳପୁରରେ ତା ମାଁମୁ ଘରେ ରହି ପାଖ ଗୋବିନ୍ଦପୁର ହାଇସ୍କୁଲରେ ପଢୁଥିଲା । ଯେଉଁଠି ମୁଁ ମଧ ପଢୁଥିଲି । ଆମେ ଦୁହେଁ ଗୋଟିଏ ଶ୍ରେଣୀରେ ଛାତ୍ର ଥିଲୁ । ସନାତନ ମୋ ଠାରୁ ଭଲ ପଢୁଥିଲା । ସନାତନର ମାଁମୁଘର ଆମ ବାଡକୁ ଲାଗିଥିଲା । ସମୟ ମିଳିଲେ ସନାତନ ସକାଳ ହେଉ ନା ସଂଜ ହେଉ ଏପରି କି ରାତ୍ରିରେ ମୋ ଘରେ ହାଜର । ବେଳେବେଳେ ରାତ୍ରୀରେ ଆମ ଘରେ ଖାଇ ମୋ ଖଟରେ ଆମେ ଦୁହେଁ ଶୋଇ ଯାଉ । ମୋ ମା' ଙ୍କୁ ସନାତନ ମାଇଁ ବୋଲି ଡାକୁଥିଲା । ମୁଁ ପିଲାଦିନରୁ ଟିକିଏ ଦୁର୍ବଳ ସ୍ୱାସ୍ଥ୍ୟ । ଏଣୁ ଅନେକ ସମୟରେ ଜ୍ୱରରେ

ଆକ୍ରାନ୍ତ ହେଉଥିଲି । ସେତେବେଳେ ସନାତନ ସବୁ କାମ ଛାଡି ମୋ ପାଖରେ ଦିନ ରାତି ଜଗି ବସୁଥିଲା । ଆଜି ତା କଥା ମନେ ପଡିବାରୁ ମୋ ଆଖିରୁ ଅଜାଣତରେ ଦୁଇ ଟୋପା ଲୋତକ ଝରିଆସିଲା ।

ସେଦିନ ଥଟ୍ଟାମଜାରେ ସନାତନର ମାଇଁ ରାଧା ଖୁଡୀ ଗୋଟେ କଥା କହିବି ନନ୍ଦ ଖରାପ ଭାବିବୁ ନାହିଁ ତ ? ହସିହସି କହିଥିଲି ଏମିତି କି କଥା କହିବ ଯେ ମୁଁ ଖରାପ ଭାବିବି ? କଣ କହିବ କୁହ ? ତୁ ତ ଆମ ସନାତନର ଏତେ ସାଙ୍ଗ ଯେ, ଦେଖିଲେ ମନେ ହୁଏ ତୁମେ ଗୋଟିଏ ମା'ର ଜାଆଁଳା ଭାଇ । ଏହି ଯୋଡି ସବୁଦିନ ପାଇଁ ରହୁ । ମୁଁ କହିଲି କଥା ହେଉଛି, ଆମ ସାଙ୍ଗ କେବେ ଭାଙ୍ଗିବ ନାହିଁ । ନା ନା ସେମିତି ହେବ ନାହିଁ । ଆଉ କେମିତି ? ତା ଝିଅକୁ ତୋ ପୁଅ ସହିତ ବା ତୋ ଝିଅକୁ ତା ପୁଅ ସହିତ ବିଭା କରିଦେଲେ ଯୋଡି ସବୁଦିନ ପାଇଁ ମଜଭୁତ ହୋଇଯିବ ।

ହସି ହସି କହିଲି ତୁମ କଥା ରଖିବି ଖୁଡି । ସେ ବେଳ ଆସୁ । ସମୟର ଗତି ବିଚିତ୍ର । କେତେବେଳେ କଣ ଘଟିବ କହିହେବ ନାହିଁ । ଖୁଡୀ କହିଥିଲେ ମନ ଦୃଢ କଲେ ଗାଡିଆ ବି ଗଙ୍ଗା ହୋଇଯାଏ । ମୋ ମା କେଉଁଠିଥିଲା ଚାଲିଆସି କହିଥିଲା, ତୁ ଠିକ୍ କଥା କହୁଛୁ ରାଧା । ମୁଁ ବି ଏହି କଥା କହିବି ବୋଲି ଆଗରୁ ଭାବିଥିଲି ।

ଫକୀର ମୋହନ କଲେଜରୁ ପଢା ଶେଷ ପରେ ସନାତନ ବି.ଇଡି କରି ଶିକ୍ଷକ ଚାକିରୀକୁ ଆଦରି ନେଲା । ମୁଁ ଭୁବନେଶ୍ୱର ବନ ବିଭାଗରେ ଚାକିରୀଟିଏ ପାଇଗଲି । ସନାତନ ରହିଲା ମଫସଲରେ । ମୁଁ ରହିଲି ସହରରେ । ହେଲେ ଆମ ବଂଧୁତ୍ୱ ସେମିତି ଅମଳିନ ଥିଲା । ଚିଠି କି ଫୋନ ମାଧ୍ୟମରେ ଆମେ ଦୁହେଁ ପରସ୍ପର ଆଳାପ ଆଲୋଚନା କରୁଥିଲୁ । ମୁଁ ଘରକୁ ଆସିବା କଥା ଶୁଣିଲେ ସନାତନ ଆମ ଘରକୁ ଚାଲି ଆସୁଥିଲା । କାରଣ ସେ ଆମ ଗାଁ ଠାରୁ ଅଳ୍ପଦୂରରେ ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ଥିଲା ।

ସମୟ କ୍ରମେ ଆମେ ଦୁହେଁ ବି ବିବାହ କଲୁ । ଦୁହିଁଙ୍କର ଏକ ସଙ୍ଗେ ଦୁଇଟି ପୁଅ ଜନ୍ମ ହେଲେ । ସେଦିନ ରାଧା ଖୁଡୀକୁ ମଜାରେ କହିଥିଲି ଖୁଡୀ ତୁମ କଥା ରଖିହେଲା ନାହିଁ । କାରଣ ଆମେ ଦୁହେଁ ପୁଅର ବାପ ହୋଇଗଲୁ । ପୁଅ ପୁଅ କଣ ବାହାଘର କରିବା ?

ସେଦିନ ମୋ ମାଆ ଓ ରାଧା ଖୁଡୀ ହସି ହସି କହିଥିଲେ, ଆରେ ବୋକା ତୁ କଣ ଭାବୁଛୁ ଆମ ବୋହୂମାନେ କଦଳୀ ଗଛ ? ଏକାଥରକେ ବୁଢୀ ହୋଇଥିବେ । ଅପେକ୍ଷା କର । ସତକୁ ସତ ମୋ ସ୍ତ୍ରୀ ମନ୍ଦାକିନୀ ଖୁଡୀଙ୍କ ଭାଷାରେ କଦଳୀଗଛ ହୋଇଗଲା, ଗୋଟିଏ ପୁଅ ରୂପକ ଭଣ୍ଡା ପକାଇ ବୁଢି ହୋଇଗଲା । ହେଲେ ସନାତନ ସ୍ତ୍ରୀ ମୀନା ପୁଅ ଜନ୍ମର ପା ବର୍ଷ ପରେ ଝିଅର ମା ହେବାର ସୌଭାଗ୍ୟ ପାଇଥିଲା ।

ସେଦିନ ସନାତନ ମୋ ପାଖକୁ ଚିଠିଟିଏ ଦେଇ ଲେଖିଥିଲା, ନନ୍ଦ ମୋ ପାଇଁ କଥା ସତହେଲା, ସମୁଦି ହେବାର ପଥ ପରିଷ୍କାର, ମୁଁ ଚିଠିଟିଏ ଦେଇ ମୋର ସହମତି ଜଣାଇ ଦେଇଥିଲି । ହେଲେ ଏକଥା ସେଦିନ ମନ୍ଦାକିନୀକୁ ଜଣାଇ ନଥିଲି । କାରଣ ସମୟ ଅନେକ ଡେରି ଅଛି । କେତେବେଳେ କେଉଁ ଅଘଟଣ ଘଟିପାରେ ।

ସମୟ ଓ ସ୍ରୋତ କାହାରିକୁ ଅପେକ୍ଷା କରେନାହିଁ । ଏ ମଧ୍ୟରେ ଆମ ଦୁହିଁଙ୍କର ପଦୋନ୍ନତି ହୋଇ ସାରିଥିଲା । ଦୁହେଁ ଉଚ୍ଚପଦର ଅଧିକାରୀହୋଇ ସାରିଥିଲୁ । ପିଲାମାନେ ବି ଭଲ ପଢୁ ଥିଲେ ।

ହଠାତ୍ ଏକ ଅଘଟଣ ଘଟିଲା ସନାତନର ଭାଗ୍ୟରେ । ତାର ଏକମାତ୍ର ପୁଅ ଅତନୁର ଅକାଳ ବିୟୋଗ ଆମ ଦୁଇ ପରିବାକୁ ସ୍ତବ୍ଧ ଚକିତ କରି ଦେଇଥିଲା । କଲେଜ୍ ପିଲାଙ୍କ ସହ ମିଶି ଅତନୁ ଯାଇଥିଲା, ଉଦଳା ନିକଟ ଦେବକୁଣ୍ଡ ଝରଣା ନିକଟକୁ ପିକ୍‌ନିକ୍ କରିବା ପାଇଁ । ଅଚାନକ ଅସାବଧାନ ବଶତଃ ଅତନୁ ଖସି ପଡିଥିଲା ଦେବକୁଣ୍ଡର ଅତଳ ଗଣ୍ଡରେ । ପଥରରେ ତା ମୁଣ୍ଡ ବାଡେଇ ହୋଇଗଲା । ଏହା ପରେ ସବୁଶେଷ । ମୋ ଘରେ ବି ଦୁଇଦିନ ଚୂଲି ଜଳିନାହିଁ ।

ଏ ଦୁର୍ଦ୍ଦିନରେ ସନାତନକୁ ସାନ୍ତ୍ୱନା ଦେବାକୁ ଯାଇ ପହ ୍ଥିଲି ସଜନପୁର । ସାନ୍ତ୍ୱନା ଦେବି କଣ ? ସରଳା ଓ ସନାତନର ଦୁଃଖିତ ମୁହଁକୁ ଚାହିଁଦେଇ ମୁଁ ସଂଜ୍ଞା ହରାଇ ବସିଲି । ସେ ଦିନର ଦୁଃଖଦ ଘଟଣାକୁ ଯିଏ ସ୍ୱଚକ୍ଷୁରେ ଦେଖିନି, ସେ କେବେ ଅନୁଭବ କରିପାରିବନି, ସନ୍ତାନହରା ଦମ୍ପ ି ମନରେ କେତେ ଦୁଃଖ । କେତେ ବେଦନା ! ମୁଁ ସେଦିନ ଅନ୍ତରରେ ଅନୁଭବ କରିଥିଲି ।

ମୋ ପୁଅ ଚିନୁ ରାଉରକେଲା ଇଂଜିନିୟରିଙ୍ଗ କଲେଜରୁ ମେକାନିକାଲ ଇଂଜିନିୟରିଙ୍ଗ ପାଶ୍ କରି ଭୂଷଣ ଷ୍ଟିଲରେ ଏକ ମୋଟା ଅଙ୍କର ଦରମାରେ ଜଏନ୍ କଲା । ସେଦିନ କଥାଛଳରେ ମନ୍ଦାକିନୀ କହିଥିଲା, ଚିନୁର ପଚିଶ ବର୍ଷ ପୂରିଲା । ଏଥର କନ୍ୟା ଦେଖାଦେଖି କର । ତା ବାହାଘର କରିଦେବା । ମୁଁ କହିଥିଲି ଆମ ଚିନୁ ପାଇଁ ମୁଁ କେବେଠାରୁ ଝିଅ ଠିକ୍ କରି ସାରିଛି । ଆମର ସମ୍ମତି ଓ ସମୟକୁ ଅପେକ୍ଷା କରିଛି ଝିଅର ବାପ ।

ମୋ କଥା ଶୁଣି ମନ୍ଦାକିନୀ ଆଁ କରି ଦଣ୍ଡେ ମୋ ମୁହଁକୁ ଚାହିଁ କହିଲେ ତୁମେ ଏ ମଧ୍ୟରେ ଏତେ ବାଟ ଆଗେଇ ଯାଇଛ ? ମୋତେ ବିନ୍ଦୁ ବିସର୍ଗ ବି ଜଣାଇନାହଁ । ମା ହିସାବରେ ମୋର ମତାମତ ନେବା କଣ ତୁମର କ ର୍ବ୍ୟ ନ ଥିଲା । ଆମର ନଅଟା କି ଛଅଟା ନାହିଁ । ଗୋଟିଏ ବୋଲି ପୁଅ । ଚାରି ଜାଗାରେ ଦେଖି ଝିଅଟି ଠିକ୍ କରିଥିଲେ କଣ କ୍ଷତି ହୋଇଥାନ୍ତା । ପୁଣି ବଂଧୁ ବାନ୍ଧବ ଜ୍ଞାତିକୁଟୁମ୍ବ ଙ୍କ ମତାମତ ନେବା କଣ ଆମର କ ର୍ବ୍ୟ ନୁହଁ ?

ହସି ହସି କହିଥିଲି ମୁଁ ଯେଉଁ ଝିଅଟି ଠିକ୍ କରିଛି, ନିଶ୍ଚୟ ତୁମ ସମସ୍ତଙ୍କର ପସନ୍ଦ ହେବ । ଝିଅଟିକୁ ଛୋଟ ବେଳେ ଦେଖିଥିଲି, ଗୋଟିଏ ଚାଉଳରେ ଗଢା । ଏବେ ଆହୁରି ସୁନ୍ଦର ହୋଇଯାଇଥିବ । ସେ ଦିନର କିଶୋରୀ ଆଜିର ଯୁବତୀ ମଧ୍ୟରେ କଣ ପାର୍ଥକ୍ୟ ନାହିଁ । କହିପାର ପରିବାର କିପରି । ଅତି ସୁନ୍ଦର ସଂସ୍କାରୀ ପରିବାର । ବାପ

ତାର ଜଣେ ଉଚ୍ଚଶିକ୍ଷିତ, ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ।

ମୋ ମନ୍ତବ୍ୟରେ ସନ୍ତୋଷ ପ୍ରକାଶ କଲେନାହିଁ ମନ୍ଦାକିନୀ, କିଛି ନ କହି ଚୁପ୍‌ଚାପ୍ ଉଠି ଗଲେ ଘରଭିତରକୁ।

ମୁଁ ସନାତନକୁ ଫୋନ୍ ଲଗାଇଲି । ସେପଟରୁ ସନାତନ ଜବାବ ଦେଲା ମାତ୍ରେ କହିଲି ସନାତନ ଏବର୍ଷ ଝିଅ ବାହାଘର କରୁଛି କି ନାହିଁ? ହସି ହସି ସେ କହିଥିଲା; ତୋ ବୋହୁକୁ ଆଉ କେତେ ଦିନ ମୁଁ ପୋଷିବି କହିଲୁ । ଯେଉଁଦିନ ଚାହିଁବୁ ସେହିଦିନ ତୋ ବୋହୁକୁ ଆସି ନେଇଯା । ତା ଉପରେ ଆଉ କଣ ମୋର ଅଧିକାର ଅଛି ! କେବେ ଆସିବୁ କହ ?

କହିଥିଲି ସାମାଜିକ ପ୍ରଥା ଅନୁସାରେ ଝିଅ ଘର ପ୍ରଥମେ ପୁଅ ଘରକୁ ଆସିଥାନ୍ତି । ଏଣୁ ତୁ ଥରେ ସରଳାକୁ ସାଥିରେ ଧରି ଭଲଦିନ ଦେଖି ଆମ ଘରକୁ ବୁଲି ଆସ।

ମନ୍ଦାକିନୀ ବୋଧେ ଘର କୋଣରେ ରହି ଆମ ଦୁହିଙ୍କର କଥପୋକଥନ ଶୁଣୁଥିଲେ । ଆହତ ନାଗୁଣୀ ପରି ମୁହଁ ଥମଥମ କରି ମୋ ଆଡକୁ ମାଡି ଆସି ରୁକ୍ଷ ଗଳାରେ କହିଲେ, କଣ ବାହାଘର ପକ୍କା କରିଦେଲ ?

ମାମୁଁ, ମଉସା, ପିଉସା, ବନ୍ଧୁ ପରିଜନଙ୍କ ମତାମତକୁ ଉପେକ୍ଷା କରି ତୁମେ ଯେଉଁ ସିଦ୍ଧାନ୍ତ ନେଇ ଠିକ୍ କଲନାହିଁ।

ମୁଁ କହିଲି ବାହାଘର କେବେ ହେବ ଠିକ୍ କରି ନାହିଁ । ମୁଁ କେବଳ ଝିଅର ବାପ ମା'ଙ୍କୁ ଆମ ଘରକୁ ଆସିବାକୁ ଆମନ୍ତ୍ରଣ କରିଛି । ଆମନ୍ତ୍ରଣ ମାନେ ନୁହେଁ ଯେ, ସେଠାରେ ବାହାଘର ହୋଇଗଲା ।

କହିଲି, ମନ୍ଦାକିନୀ ତୁମେ ଥରେ ସନାତନର ଝିଅକୁ ନିଜ ଆଖିରେ ଦେଖିଆସ । ଦେଖିବ ଆଉ କେଉଁଠାକୁ ଝିଅ ଦେଖିବାପାଇଁ ମନ ବଳେଇବନାହିଁ । ଝିଅକୁ ଦେଖିଲେ ଆମ ଚିନୁ ବି କେବେ ମନା କରିବ ନାହିଁ । ବାପ ହୋଇ ମୁଁ ପୁଅ ପାଇଁ ଅସୁନ୍ଦରୀ ଝିଅ ଠିକ୍ କରିବି ? ଏହା ବି ମୋର ଦୃଢ ବିଶ୍ୱାସ, ବନ୍ଧୁ ପରିଜନ ଦେଖିଲେ କେହିବି ଅପସନ୍ଦ କରିବେ ନାହିଁ । ଏ ଭରଷା ମୋର ଅଛି । ଏତେ କହିବା ସତ୍ତ୍ୱେ ମୁଁ ଯାହା ଅନୁମାନ କଲି, ମନ୍ଦାକିନୀ ଯେମିତି ସେଠାରୁ ବୋହୂ କରିବାକୁ ନାରାଜ।

ସେଦିନ ସରଳାକୁ ଧରି ସନାତନ ମୋ ଘରେ ହାଜର । ସନାତନକୁ ଦେଖି ମୁଁ ଆନନ୍ଦରେ ଆତ୍ମହରା ହୋଇଗଲି । ପା ମିନିଟ୍ ମୁଁ ସନାତନକୁ ମୋ ଛାତିରେ ଚାପି ଧରିଲି । ସନାତନ ମିଠା ପକେଟରୁ ମିଠାଟି କାଢି ମୋ ପାଟିରେ ଗୁଞ୍ଜି ଦେଲା ମୁଁ ଅଧା ଖାଇ ତା ପାଟିକୁ ଅଧକପୂରାଇଦେଲି । ଦିହିଁଙ୍କ ଆଖିରୁ ଦୁଇ ବୁନ୍ଦା ଆନନ୍ଦାଶ୍ରୁ ଝରିପଡିଲା।

ସରଳା ମିଠାଟିଏ ଧରି ମନ୍ଦାକିନୀ ପାଖକୁ ଗଲା । ମନ୍ଦାକିନୀ ସରଳାର ହାତ ଧରି ପକାଇ କହିଲା, ଥାଉ ସମୁଦୁଣୀ ଏତେ ଦିନରୁ ମିଠା ଖାଇଲେ, ହୁଏତ ଆଗକୁ ମିଠାର ସ୍ୱାଦ ମନେ ନ ଥିବ, ସମୟ ଆସୁ ନିଶ୍ଚୟ ଖାଇବି । ବେଳ ପଳାଇ ଯାଇନାହିଁ। ବିଚରା ସରଳା ଭଗ୍ନ ମନ ନେଇ ଫେରି ଆସିଲା । ମନ୍ଦାକିନୀର ଏପରି ବ୍ୟବହାର ଦେଖି ମୋ ମନ ହେଉଥିଲା, ଠୋ କରି ତା ଗାଲରେ ଚାପୁଡାଟିଏ ମାରିବାକୁ । ସରଳା ମନ ଦୁଃଖରେ ଫେରି ଆସିବା ଦେଖି ମନର ସରାଗକୁ ନଷ୍ଟ ନ କରି ମୋ ପାଟିରେ ମିଠାଟି ଖୁଆଇ ଦେବାକୁ ଇଙ୍ଗିତ ଦେଇଥିଲି।

ଗଲାବେଳେ ସେମାନେ ତାଙ୍କ ଝିଅର ଫୋଟଟି ଦେଇଗଲେ । ମନ୍ଦାକିନୀ କହିଲା ଫୋଟୋ ଦେଲ ଜାତକ କାହିଁ ? ମୁଁ ବିରକ୍ତ ହୋଇ କହିଲି, ମୁଁ ତାଙ୍କୁ ଆସିବାକୁ କହିଥିଲି । ଫୋଟୋ କି ଜାତକ ଆଣିବାକୁ କହି ନଥିଲି । ଆମେ ତ ତାଙ୍କ ଘରକୁ ଯିବା, ସେତେବେଳେ ଜାତକ ମାଗି ପାରିବା ନାହିଁ କି? ବିବାହ ପାଇଁ ଜାତକ ନିହାତି ଦରକାର କି ? ମୋର ବିରକ୍ତ ହେବା ଦେଖି ମନ୍ଦାକିନୀ ବୋଧେ ଶଙ୍କି ଗଲା । କିଛି ନ କହି ଚୁପ୍ ରହିଲା।

ଆସନ୍ତା ରବିବାର ମନ୍ଦାକିନୀକୁ ସାଙ୍ଗରେ ଧରି ମୁଁ ସନାତନ ଘରେ ପହ ୍ଥିଲି । ଆମର ଆତିଥ୍ୟରେ ସନାତନ ସାମାନ୍ୟତମ ଅବହେଳା କରିନି । ସେଦିନ ସିନା ସରଳା ହାତରୁ ମନ୍ଦାକିନୀ ମିଠା ଖାଇ ନଥିଲା । ଆଜି କିନ୍ତୁ ସରଳା ମନ୍ଦାକିନୀ ହାତରୁ ମିଠା ଖାଇ ଜଣାଇଦେଲା ଯେ ସେ ଏତେ ନୀଚ ମନା ନୁହେଁ । କହିବାକୁ ଇଚ୍ଛା ହେଉଥିଲା, ମନ୍ଦାକିନୀ ସରଳା ଠାରୁ ସଂସ୍କାର ଶିଖ।

କିଛି ସମୟ ପରେ ନିଜେ ସନାତନ ତା ଝିଅକୁ ଧରି ମୋ ସମ୍ମୁଖରେ ହାଜର । କିଛି କ୍ଷଣ ପାଇଁ ଅପଲକ ନୟନରେ ଚାହିଁ ରହିଲି ତା ଝିଅକୁ । ନିଜକୁ ସଂଯତ କରି ପାରିଲି ନାହିଁ । ନିଜର ପିତୃ ସୁଲଭ ବାତ୍ସଲ୍ୟ ସ୍ନେହରେ ତା ଝିଅର ହାତ ଧରି ମୋ କୋଳରେ ବସାଇ ଦେଲି । ସତେ ଯେମିତି ମୋ କୋଳ ସେଦିନ ଧନ୍ୟ ହୋଇଗଲା । କହିଲି ସନାତନ ମୋ ଝିଅ ନାହିଁ, ଆଜିଠାରୁ ତୋ ଝିଅ ମୋ ଖାଲି କୁଳବଧୂର ସ୍ଥାନ ମଣ୍ଡନ କରିବ ନାହିଁ । ଅଲିଅଳୀ ଝିଅର ସମ୍ମାନ ପାଇବ।

ମନ୍ଦାକିନୀ ପଚାରିଲା, ତୁମ ନାମ କଣ ?

ମୋ ନା ସାବିତ୍ରୀ, ଘରେ ଶ୍ରଦ୍ଧାରେ ବାପାବୋଉ ଗୀତା ବୋଲି ଡାକନ୍ତି । କଣ ପଢୁଛ ?

ପ୍ଲସ ଥ୍ରୀ ସାଇନ୍ସ।

ଆଉ କିଛି ପଚାରିବା ପୂର୍ବରୁ ସନାତନ କହିଲା, ଝିଅର ନାମ ସାବିତ୍ରୀ ଦେବାର ଏକ ଇତିହାସ ଅଛି । ତାର ଜନ୍ମ ଉଣେଇଶ ବୟାଅଶୀ ମେ ପନ୍ଦର ସାବିତ୍ରୀ ବ୍ରତ ଦିନ । ଠିକ୍ ଦିନ ବାରଟାରେ ଯେତେବେଳେ ମନ୍ଦିର ମାନଙ୍କରେ ସାବିତ୍ରୀଙ୍କ ପୂଜା ଆରମ୍ଭ ହୋଇଥିଲା । ଏଣୁ ଶ୍ରଦ୍ଧାରେ ତା ନାମ ରଖିଲୁ ସାବିତ୍ରୀ, ଖାଇସାରି ଉପରବେଳା ତାଙ୍କଠାରୁ ବିଦାୟ ନେବା ବେଳେ ମନ୍ଦାକିନୀ ଝିଅର ଜାତକ ମାଗିବାକୁ ଭୁଲି ନଥିଲେ।

ନିଜ କାର୍‌ରେ ଘରକୁ ଫେରୁଥିବା ବେଳେ ମନ୍ଦାକିନୀ ମୋ ବାମ ପାଖ କାନ୍ଧକୁ ଆଙ୍ଗୁଳିରେ ଖୋ୍ ଦେଇ କହିଲା, "ଏ ଶୁଭୁଛି ? ମୁଁ କହିଲି କଣ କହୁଛ କୁହ ? ଝିଅର ଜନ୍ମ ସାବିତ୍ରୀ ଅମାବାସ୍ୟା ଦିନ ।। ଉଆଁସୀ କନିଆ ଟେ ମ, ସେପରି କନିଆଙ୍କ କପାଳରେ ବିଧବା ଯୋଡା ଥାଏ । ସେଠାରେ ବାହାଘର ପ୍ରସ୍ତାବ ବନ୍ଦ କରିଦିଅ ।"

ମୁଁ ଟିକିଏ ଗମ୍ଭୀର ହୋଇ କହିଲି ମନ୍ଦାକିନୀ ତୁମେ ଅଶିକ୍ଷିତ କି ଅର୍ଦ୍ଧଶିକ୍ଷିତ ଗୃହଣୀ ନୁହଁ । ଉଚ୍ଚଶିକ୍ଷିତା ଏକ ସଂସ୍କାର ପରିବାରର ବୋହୂ । ମଣିଷ ଚନ୍ଦ୍ରପୃଷ୍ଟରେ ପଦ୍ ମଙ୍ଗଳକୁ ଯିବାପାଇଁ ଯେତେବେଳେ ଯୋଜନା କରୁଛି, ତୁମେ ସେହି ଅନ୍ଧ କୁସଂସ୍କାରକୁ ସମର୍ଥନ କରୁଛ । ସେହି ଅମାବାସ୍ୟ ଦିନ ପୃଥିବୀରେ ସନାତନ ଝିଅ ପରି ଲକ୍ଷଲକ୍ଷ ଝିଅ ଜନ୍ମ ହୋଇଥିବେ । ସମସ୍ତେ କଣ ବିଧବା ହେବେ ? ବର୍ଷର ତିନିଶହ ପ ଷଠି ଦିନରୁ ପୁନେଇ, ଉଆଁସ, ଏକାଦଶୀ, ସଂକ୍ରାନ୍ତି ଅଲଗା ନୁହନ୍ତି । ଏପରି ବାଜେ ଚିନ୍ତା ମାନଙ୍କରୁ ଦୂର କରିବାକୁ ଚେଷ୍ଟା କର ।

ଦୁଇଦିନ ପରେ ବଜାରରୁ ପରିବା ଧରି ଫେରିବା ପରେ ମନ୍ଦାକିନୀ ଗିଲାସେ ଥଣ୍ଡା ପାଣି ମୋତେ ଧରାଇଦେଇ ଗେହ୍ଲେଇ ହୋଇ କହିଲା, ଏ ଜାଣିଛ ? ଆଜି ଜ୍ୟୋତିଷ ଡକାଇ ସନାତନର ଝିଅ ଜାତକ ସହ ଆମ ଚିନୁର ଜାତକ ମେଳାଇ ଦେଖିଛି । ମୁଁ କହିଲି କଣ କହିଲେ ଜ୍ୟୋତିଷ, ସେ କହିଲେ ଜାତକ ଆଦୌ ମିଳୁନାହିଁ । ନରରାକ୍ଷସ, ସେଦିନ ସାବିତ୍ରୀ ଅମାବାସ୍ୟା ଦିନ କାଳେ ଆଂଶିକ ସୂର୍ଯ୍ୟପରାଗ ଥିଲା । ପୁଣି ଜନ୍ମ ବାର ବେଳାରେ, ଏମିତି ଝିଅ ଭାଗ୍ୟରେ ବିଧବା ଯୋଡା ଥାଏ । ସେ ଝିଅକୁ ବୋହୂ କରି ଆଣିଲେ ବିଭାଘର ଏକମାସ ପରେ ସେ ବିଧବା ହେବ ।

ହସି ହସି କହିଲି ଜ୍ୟୋତିଷଙ୍କୁ ମୋଟା ଅଙ୍କର ବିଦାକି ଦେଇ ନଥିଲ କି ? ମାନେ, ମାନେ ଏହିକି ଯେ, ଭଲ ପାଉଣା ପାଇଥିଲେ ଆମ ସପକ୍ଷରେ ମତ ଦେଇଥାନ୍ତା । ମୁଁ ସିନା ଥଟ୍ଟାରେ ଏମିତି କହିଦେଲି । ହେଲେ ମନଟା ମୋର କାହିଁକି କେମିତି କେମିତି ହୋଇଗଲା, ଯେତେ ଶିକ୍ଷିତ ସଂସ୍କାରବାଦୀ ହେଲେ ବି ତିନି ତୁଣ୍ଡରେ ଛେଳି କୁକୁର ହେବାର ଉକ୍ତିକୁ ମାନି ନେବାକୁ ମଣିଷ ବାଧ ହୁଏ ।

ମୁଁ ଚୁପ୍ ହୋଇ ଯିବାର ଦେଖି ମନ୍ଦାକିନୀ କହିଲା, ମନ ଦୁଃଖ କଲ କି ? ଝିଅ କଣ ଅଭାବ ହୋଇଛନ୍ତି । ମୋ ବାପଘର ପାଖ ବିଦେଇପୁର ସାଇଁ ତାର ଝିଅ ପାଇଁ ବଡଭାଇ ପ୍ରସ୍ତାବ ପଠାଇଛନ୍ତି । ଝିଅଟି ଉଚ୍ଚଶିକ୍ଷିତା ସୁନ୍ଦରୀ, ବାପା ତାର ବ୍ୟାଙ୍କ ମ୍ୟାନେଜର । ଦେବା ନେବାରେ କିଛି ଊଣା କରିବ ନାହିଁ । ଝିଅଟି ରୂପ ଗୁଣରେ ସାକ୍ଷାତ ଲକ୍ଷ୍ମୀ ପ୍ରତିମା । କୁମାର ପୂର୍ଣ୍ଣିମାଦିନ ଲକ୍ଷ୍ମୀ ପୂଜା ବେଳେ ରାତି ଆଠଟାରେ ତାର ଜନ୍ମ । ନାଁ ତାର ବିଜୟଲକ୍ଷ୍ମୀ । ଭାଇ ଝିଅର ଫୋଟୋ ସହ ଜାତକ ବି ପଠାଇ ଦେଇଛନ୍ତି । ଆଜି ବି ସେ ଝିଅ ଜାତକ ସହ ଆମ ଚିନୁର ଜାତକ ମିଳାଇ ଦେଇଛି । ରାଜ ଯୋଟକ ଯୋଗ ଅଛି ।

କହିଲି କଥାଟା ତାହେଲେ ଏମନ୍ତ । କହିଲି କାହିଁ ଏ ଖବର ମୋତେ କେବେ ଜଣାଇ ନଥିଲ । ତୁମେ ତ ସନାତନ ଝିଅ ପାଇଁ ପାଗଳ କହିଥିଲେ କଣ ଶୁଣିଥାନ୍ତ ?

କହିଲି ପୁନେଇ ତିଥିରେ ଜନ୍ମିତ ଝିଅମାନଙ୍କ ଭାଗ୍ୟରେ ବିଧବା ଯୋଗ କେବେ ନ ଥାଏ, ଏ ଗ୍ୟାରେ ି ଜ୍ୟୋତିଷ ଦେଇଛନ୍ତି ତ ? ଡିମାଡିମା ଆଖିରେ ମନ୍ଦାକିନୀ କହିଲା, ସେ ବାଜେ କଥା ବନ୍ଦ କର । ଚିନୁକୁ କୁହ ଏ ମଧ୍ୟରେ ତା ମାମୁଁ ଘରକୁ ଯାଇ ଝିଅକୁ ଦେଖି ଆସୁ ।

ସାତ କଥାରେ ସତୀ ଭୁଲିଲା ପରି ସମସ୍ତ ବନ୍ଧୁବାନ୍ଧବ ଜ୍ଞାତି କୁଟୁମ୍ବଙ୍କ ମତ ଆଗରେ ମୁଁ ଗୋଟିଏ ବଳି ପଡିବାକୁ ଥିବା ବୋଦା ପରି ବଲବଲ କରି ଚାହିଁ ରହିଲି । ବାଧ ହୋଇ ସେହିଠାରେ ମୁଁ ବିବାହ ପାଇଁ ରାଜି ହେଲି । ମାତ୍ର କିପରି କେଉଁ ଭାଷା ପ୍ରୟୋଗ କରି ସନାତନ ସରଳାକୁ ବୁଝାଇବି ଯେ ମୁଁ ଜୀବନ ସଂଗ୍ରାମରେ ହାରିଗଲି ।

ଭାବି ଭାବି ସ୍ଥିର କରି ଗୋଟାଏ ଉପାୟ । ସେହି ଫୋନ୍ ମାଧ୍ୟମରେ ସନାତନକୁ ଜଣାଇ ଦେଲି ମୋର ମନ କଥା । ଯାହା କି ଅବାସ୍ତବ । କହିଲି ସନାତନ କାଲି ଚିନୁ ଫୋନ ଯୋଗେ ଜଣାଇଲା କି ଦୁଇବର୍ଷ ପାଇଁ ସେ କମ୍ପାନୀ ପକ୍ଷରୁ ଟ୍ରେନିଂରେ ଆମେରିକା ଯାଉଛି । ଏଣୁ ବାହାଘର ଦୁଇବର୍ଷ ପାଇଁ ବନ୍ଦ କରିବାକୁ ପଡିବ । ଏଣୁ କେତେଦିନ ଝିଅକୁ ଘରେ ରଖିବୁ । ଭଲ ବର ଭଲ ଘର ଦେଖି ତୋ ଝିଅକୁ ବିଦାଇ କରିଦେଲେ ଭଲ ହେବ । ବିଦେଶ ଫେରନ୍ତା ପୁଅମାନେ ବି ବେଳେ ବେଳେ ବାପ ମା'ର ଅବୋଲକରା ହୋଇଯାନ୍ତି ।

ସେ ପଟରୁ ଜବାବ ଆସିଲା ଦୁଇବର୍ଷ କାହିଁକି ? ବହୁବର୍ଷ ପର୍ଯ୍ୟନ୍ତ ମୋ ଝିଅ ଅପେକ୍ଷା କରିପାରିବ । ସନାତନ ଜବାବ ଦେଇ ଶିଖିଛି ଭାଙ୍ଗି ଶିଖିନି ।

ବାଧହୋଇ ଟେଲିଫୋନ୍ ର ରିସିଭରଟା ଫୋନ ଉପରେ ଥୋଇଦେଇ ସିଲିଂପଙ୍ଖାକୁ ଘୁରାଇଦେଲି । ମୋ କପାଳରେ ବିନ୍ଦୁବିନ୍ଦୁ ହୋଇ ଅନୁଶୋଚନାର ଝାଳକୁ ଶୁଖାଇବା ପାଇଁ ।

ବିବାହର ଏକବର୍ଷ ପରେ ନାତିଟିଏ ଜନ୍ମ ହେଲା । ଭାରି କୌତୁକିଆ ଦେଖିବାକୁ ଠିକ୍ ଆମ ଚିନୁ ପରି । ସୁଖର ସଂସାର ସରଳ ଗତିରେ ଗତି କରୁଥିବା ବେଳେ ହଠାତ୍ ସୁଖର ଘନ ଘଟା ପଡିଗଲା । ଚିନୁ ବ୍ଲଡ୍ କ୍ୟାନସରରେ ଆକ୍ରାନ୍ତ ହେଲା ଆଦର୍ଶ ଅର୍ଥ ଶ୍ରାଦ୍ଧ କରି ମଧ୍ୟ କିଛି ଲାଭ ହେଲା ନାହିଁ । ଶେଷରେ ଆମ ସମସ୍ତଙ୍କୁ ଦୁଃଖ ସାଗରରେ ବୁଡାଇ ଆରପାରିକୁ ଚାଲିଗଲା । ମନକୁ ମନ କହି ପକାଇଲି କେବଳ ଅମାବାସ୍ୟାରେ ଜନ୍ମିତ ଝିଅଙ୍କ ଭାଗ୍ୟରେ ବିଧବା ଯୋଗ ଥାଏ ତାହା ନୁହେଁ । ପୂର୍ଣ୍ଣିମା ତିଥିରେ ଜନ୍ମିତ ଝିଅ ବି ବିଧବା ହୁଅନ୍ତି । ସବୁ ଦୁଃଖ ପାଶୋରି ନାତିର ମୁହଁକୁ ଚାହିଁ ବ୍ ବାକୁ ଚେଷ୍ଟା କଲି ।

ଚିନୁର ମୃତ୍ୟୁପରେ ଆମ ଉପରକୁ ଦୁଃଖର କାଳ ବୈଶାଖର କରାଳ ଘୂର୍ଣ୍ଣି ଝଡ ମାଡି ଆସି ମୋର ଶାନ୍ତି ନୀଡକୁ ଧରାଶାୟୀ କରିଦେଲା । ଯେଉଁଦିନ ଅନୁଭବ କଲି ମୋ ବୋହୂର ଔଦ୍ଧତା ପୂର୍ଣ୍ଣ ଅସହଯୋଗ ମନୋବ୍ ି । ବିନା କାରଣରେ ଦୀର୍ଘ ସମୟ ଧରି ମୁହଁ ମାଡି ଖଟରେ ଶୋଇ ରହିବା । ଘର କାମରେ ଅବହେଳା, ବିନା କାରଣରେ ଆମ ଦୁହିଁଙ୍କ ପ୍ରତି କଟୁମନ୍ତବ୍ୟ ଦେବା । ବିଶେଷ କରି ନିଜର ଜନ୍ମିତ

ପୁତ୍ରସନ୍ତାନ ପ୍ରତି ଅବିଚାର, ମୋର ପଚସ୍ତରୀ ବର୍ଷର ପିତୃପ୍ରାଣକୁ ଆନ୍ଦୋଳିତ କରିଦେଲା । ଅଜାଗା ଘା ଦେଖି ହୁଏନାହିଁ କି ଦେଖାଇ ହୁଏନାହିଁ ନୀତିରେ ମୁଁ ଚୁପ୍ ରହିବାକୁ ବାଧ ହେଲି ।

ମୋ ନାତିର ମୁହଁକୁ ଚାହିଁ ବୋହୂର ସବୁ ଅପକର୍ମକୁ ସହ୍ୟ କରିଥିଲି । ମାତ୍ର ଯେଉଁଦିନ ବୋହୂ ମୁହଁ ଖୋଲି କହିଲା, ମୋ ପୁଅ କାଳେ ବିବାହ ପୂର୍ବରୁ ବ୍ଲଡ୍ କ୍ୟାନସର୍ ରେ ପିଡିତ ଥିଲା । ଅର୍ଥ ଲୋଭରେ ମୋ ବାପାଙ୍କୁ ପ୍ରଲୋଭିତ କରି ମୋତେ ବୋହୂ କରି ଆଣିଛ । ଚାହିଁଲେ ସେ ଏହାକୁ ନେଇ ଥାନା କଚେରୀ ଯିବାକୁ ପଛେଇବ ନାହିଁ । ହତବାକ ହୋଇ ତା ମୁହଁକୁ କିଛକ୍ଷଣ ଚାହିଁ ରହିଲି । ଧୀର କଣ୍ଠରେ କହିଲି "ବୋହୂ ଏପରି ବଦନାମ ମୋତେ ଦିଅ ନାହିଁ । ମୋ ପୁଅକୁ ନ ହେଲା ନାହିଁ । ଯାହା ତୁମ ବାପା ଦେଇଛନ୍ତି ତାଙ୍କ ସ୍ୱଇଚ୍ଛାରେ । ଚାହିଁଲେ ସମସ୍ତ ଆସବାବପତ୍ର ତୁମେ ଫେରାଇ ନେଇପାର, ମୋର ଯାହା ଅଛି ମୋ ପାଇଁ ଯଥେଷ୍ଟ ।"

ଯେଉଁଦିନ ବୋହୂ ସ୍ପଷ୍ଟ ଭାବରେ ଶୁଣାଇଦେଲା ଯେ, ମୁଁ ସେମିତି ଘରର ଝିଅ ନୁହଁ, ଯିଏ ବୈଧବ୍ୟର ଶରବ୍ୟ ହୋଇ ଆଦର୍ଶ ବାଦର ଦ୍ୱାହି ଦେଇ ଜୀବନଟାକୁ ପଳପଳ ଜାଳି ନଷ୍ଟ କରିଦେବି । ମୁଁ ଜଡକାଠ କି ମାଟି ପିତୁଳା ନୁହଁ । ମୋର ଦୀର୍ଘ ଭବିଷ୍ୟତ କାମନା ବାସନାକୁ ଏମିତି ଅବିବେକୀ ଭାବରେ ଧ୍ୱଂସ କରିଦେବି ନାହିଁ । ମାଆର ମମତା ଜନ୍ମିତ ସନ୍ତାନରେ ବାତ୍ସଲ୍ୟକୁ ପାଦରେ ଏଡାଇ ଦେଇ ଯେଉଁ ଦିନ ମୋ ବୋହୂ ବିଜୟଲକ୍ଷ୍ମୀ ବିଜୟର ଗୌରବ ନେଇ ମୋ ଘରର ଚଉବନ୍ଧ ଡେଇଁ ଚାଲିଗଲା, ମୁଁ ପ୍ରତିରୋଧକରିନି । କାରଣ ବେଳାଗାମୀନଦୀର ପଥରୋଧ ଏତେ ସହଜ ନୁହଁ । ମୋର ବି ଏକ ବଂଶ ପରମ୍ପରା ଆତ୍ମ ସ୍ୱାଭିମାନ ଅଛି । ସେହିଦିନଠାରୁ କାହାର ମୁହଁକୁ ଚାହିଁ ଆମେ ଦୁଇ ପ୍ରାଣୀ ଆଶା ନିରାଶାକୁ ପାଥେୟ କରି ପଡି ରହିଛୁ ।

ଶୁଣିଲି ସନାତନ ଉଚ୍ଚରକ୍ତଚାପ ରୋଗରେ ଆକ୍ରାନ୍ତ ହୋଇ ହୃଦଘାତରେ ପ୍ରାଣତ୍ୟାଗ କରିଛି । ଝିଅ ତାର ବିବାହ ନ ହେବାର ଶପଥ ନେଇ ମାନବସେବା ମାଧବସେବା ମନେକରି ନର୍ସ ହୋଇ ଯାଇଛି । ମୁଁ ବି ଯାଇନାହିଁ ସଜନପୁର ତା ସ୍ତ୍ରୀ କୁ ସମବେଦନା ଜଣାଇବାକୁ । କେଉଁ ମୁହଁ ନେଇ ମୁଁ ସେଠାକୁ ଯାଇଥାନ୍ତି ?

ପରେ ଶିଣିଲି ମୋ ବୋହୂ ବିଜୟଲକ୍ଷ୍ମୀ ଅନ୍ୟତ୍ର ବିବାହ କରିଛି । ମନ୍ଦାକିନୀକୁ ଶୁଣାଇ ଶୁଣାଇ କହିଥିଲି । ମନ୍ଦୁ ତୁମେ ଠିକ କହିଥିଲ, ପୂର୍ଣ୍ଣିମା ତିଥିରେ ଜନ୍ମିତ ଝିଅମାନେ କେବେ ବିଧବା ହୁଅନ୍ତି ନାହିଁ । ତାର ଜ୍ୱଳନ୍ତ ପ୍ରମାଣ ଆମ ବିଜୟଲକ୍ଷ୍ମୀ । ମଥାରେ ଅହ୍ୟସିନ୍ଦୁର ଲଗାଇ ଅନ୍ୟଜଣଙ୍କର କୁଳଲକ୍ଷ୍ମୀ ହୋଇଯାଇଛି । ମାତ୍ର ସନାତନ ଝିଅ ଉଆଁସୀ କନ୍ୟା ବିଧବା ହୋଇଥିଲେ ବି ଆମକୁ ଏମିତି ବେସାହାରା କରି ଚାଲିଯାଇ ନ ଥାନ୍ତା । ଏ ବିଶ୍ୱାସ ମୋର ଅଛି । ଲକ୍ଷ୍ୟକଲି ମନ୍ଦାକିନୀର ଆଖିରେ ଆଖିଏ ଲୁହ ।

ବହୁଦିନ ପରେ ଏହି ହସପିଟାଲରେ ସନାତନ ଝିଅ ସହ ଦେଖାହେବ, ମୁଁ କେବେ କଳ୍ପନା ବି କରି ନ ଥିଲି । ଏହା ମୋ ପାଇଁ ଶୁଭ ନା ଅଶୁଭ କହିପାରିବି ନାହିଁ । ହଠାତ୍ ମୋ ଭାବନାର ଅନ୍ତ ଘଟାଇ ଘଣ୍ଟି ଶବ୍ଦ ଶୁଣାଗଲା । ବୋଧେ ସମୟ ବାର, ରୋଗୀଙ୍କ ପାଇଁ ଖାଦ୍ୟ ବଣ୍ଟନର ସମୟ ।

ଦେଖିଲି, ଲୋଟଣି ପାରାଟି ପରି ସାବିତ୍ରୀ ଓରଫ ଗୀତା ଖାଦ୍ୟ ଲିଷ୍ଟ ହାତରେ ଧରି ପ୍ରତ୍ୟେକ ବେଡ୍ ପାଖକୁ ଯାଇ ତାଲିକା ଅନୁଯାୟୀ ଖାଦ୍ୟ ବାଣ୍ଟି ଦେଉଛି । ମୋ ପାଖରେ ପହଞ୍ଚ କହିଲା ସାର୍ ଆପଣଙ୍କର ଲିଷ୍ଟରେ ନାମ ନାହିଁ । କଣ ଖାଇବେ ?

ମୁଁ କହିଲି ମେଡିକାଲ ଖାଦ୍ୟ ମୋତେ ଭଲ ଲାଗେ ନାହିଁ । ଏଣୁ ଘରୁ ମଗାଇ ଥିଲି । ଅସୁବିଧାବଶତଃ ତୋ ମାଉସୀ ଆସିପାରିନାହିଁ । ଭାବୁଛି ପାଖ ହୋଟେଲରୁ ମଗାଇ ଖାଇନେବି । ଦେହ ତ ଭଲ ହୋଇ ଆସିଲାଣି । ଅସୁବିଧା ହେବନି, ମୋ ହାତ ଧରି ପକେଇ କହିଥିଲା, ସାର୍ ସେ ଭୁଲ କରନ୍ତୁ ନାହିଁ । ଆପଣ ଏବେବି ଅସୁସ୍ଥ । ବ୍ୟସ୍ତ ହୁଅନ୍ତୁ ନାହିଁ । ବ୍ୟବସ୍ଥା କରୁଛି ।

ଅଧଘଣ୍ଟା ଭିତରେ ଟିଫିନ୍ ଭର୍ତ୍ତି ସୁସ୍ୱାଦ ଖାଦ୍ୟ ମୋ ପାଖରେ ପହଞ୍ଚିଗଲା । କହିଲି ମୋ ପାଇଁ ହାତରୁ ଖର୍ଚ୍ଚ କଲ କି ମା ? ନା, ନା ମୁଁ କିଣିନାହିଁ । ଆମ ହଷ୍ଟେଲ ଗେଷ୍ଟ ମିଲ୍ । ମାଗଣା, କହିଲି ସମୟ ମିଳିଲେ ଚାରିଟା ବେଳକୁ ମୋ ପାଖକୁ ଆସିପାରିବ କି ? ବସି ବସି ବୋରଡମ ଲାଗୁଛି । କିଛି ସୁଖଦୁଃଖ ହୁଅନ୍ତେ । ଚାରିଟାରେ ଆସି ପାରିବି ନାହିଁ । କ୍ଲାସ ନେବାର ଅଛି । ପାଞ୍ଚରୁ ସାଢେ ପାଞ୍ଚ ମଧ୍ୟରେ ନିଶ୍ଚୟ ପହଞ୍ଚିବି

ସାବିତ୍ରୀ ଓରଫ୍ ଗୀତା ଚାଲିଯିବା ପରେ ଆଡଭୋକେଟ୍ ପ୍ରଶାନ୍ତଙ୍କୁ ମୋବାଇଲ ଲଗାଇ ପାଞ୍ଚଟା ସୁଦ୍ଧା ମେଡିକାଲରେ ପହଞ୍ଚିବାକୁ ଅନୁରୋଧ କଲି । ଆଦୌ ନିଦ ହେଲାନାହିଁ । ଆଖିବନ୍ଦ କରି ଏକଡ ସେକଡ ହୋଇ ପାଞ୍ଚଟାକୁ ଅପେକ୍ଷା କଲି । ଦେଖିଲି ମେଡିକାଲ୍ ୟୁନିଫର୍ମ ନାହିଁ । ହାଲକା ନୀଳରଙ୍ଗର ଶାଢୀ ପିନ୍ଧି ଗୀତା ଆସୁଛି । ଶାଢୀଟା ତାକୁ ସୁନ୍ଦର ମାନୁଥିଲା । ହାତ ଯୋଡି ନମସ୍କାର କଲା । ତାର ସମୟାନୁବର୍ତ୍ତିତାକୁ ପ୍ରଶଂସା ନକରି ରହି ପାରିଲି ନାହିଁ । କିଛି ଆଳାପ ଆରମ୍ଭ ପୂର୍ବରୁ ପ୍ରଶାନ୍ତ ଆସି ହାଜର । ହାତ ହଲାଇ ସ୍ୱାଗତ କଲି । ଏଣୁ ତେଣୁ କିଛି କଥା ଆରମ୍ଭ କରିଛି ଦେଖିଲି ଭୋଳା ଓ ମନ୍ଦାକିନୀ କାହାକୁ ଧରି ଚାଲିଛନ୍ତି । ସତେ ଯେମିତି ସେଦିନ ଥିଲା ମୋ ପାଇଁ ମଣିକା ନ ଯୋଗ । ଭିଜିଟିଂ ସମୟ ହୋଇ ଯାଇଥିବାରୁ ବେଡ୍ ରେ ରୋଗୀଙ୍କର ଅନେକ ଆତ୍ମୀୟ ସ୍ୱଜନ ଓ ବଂଧୁ ବାନ୍ଧବ ଭିଡ ଜମାଇ ଦେଲେଣି ।

କହିଲି, ମା'ରେ ତୁମ ମେଡିକଲ୍ ପାର୍କରେ ବସି ସୁଖଦୁଃଖ ହେବାରେ କିଛି କଟକଣା ଅଛି କି ? ହସିହସି କହିଥିଲା, ପାର୍କତ ସେଇଥିପାଇଁ ତିଆରି ହୋଇଛି । ଚାଲନ୍ତୁ ଯିବା ।

ଆମେ ସମସ୍ତେ ପାର୍କରେ ପହଞ୍ଚିବା ପୂର୍ବରୁ ମନ୍ଦାକିନୀ ଧୀର କଣ୍ଠରେ କହିଥିଲା, "ଏ ଝିଅଟା କିଏ ? ମୁଁ କହିଲି ସବୁ ପରେ ଜାଣିଯିବ ।"

ପାର୍କର ଏକ ସିମେଣ୍ଟ ବେଞ୍ଚ ଉପରେ ବସି ସମସ୍ତଙ୍କୁ ବସିବାକୁ ଇଙ୍ଗିତ ଦେଲି । ଏହାପରେ ଆରମ୍ଭ କଲି ମୋ ବକ୍ତବ୍ୟ ।

ପ୍ରଥମେ ଗୀତାକୁ ପଚାରିଲି ମା' ଗୀତା, ସକାଳୁ ତୁ ଯେଉଁ ପ୍ରଶ୍ନ ମୋତେ ପଚାରିଥିଲୁ, ସୁଜନପୁରକୁ ଆପଣ କଣ ଜାଣନ୍ତି ? ଉ ର ଶୁଣ, ମୁଁ ସୁଜନପୁର କୁ ଭଲ କରି ଜାଣେ। ସୁଜନପୁରର ସନାତନ ସାମଲ ମୋର ବାଲ୍ୟବନ୍ଧୁ ସହପାଠୀ। ସେ ଗାଁକୁ ଚିହ୍ନିବା ବା ଜାଣିବା ମୋ ପକ୍ଷେ ଅତି ସହଜ । ଆଉ ତୁ ହେଉଛୁ ସେଇ ସନାତନର ଏକମାତ୍ର ............କୋହରେ ମୋର କଣ୍ଠ ରୋଧ ହୋଇଗଲା।

ଗୀତା ପୂରଣ କରିଦେଲା, ବାକିତକ ଶବ୍ଦ "କହିଲା ମୁଁ ସେଇ ହତଭାଗ୍ୟ ପିତାର ଅଭାଗୀ ଝିଅ ଉଆଁସୀ କନ୍ୟା, ସାବିତ୍ରୀ ଓରଫ ଗୀତା, ଆପଣ ମୋର ଅତି ଆପଣାର ମାନନୀୟ ନନ୍ଦ ମଉସା।"

ତୁ ବିବାହ କାହିଁକି ଏ ଯାଏ କରିନାହୁଁ ?

ଜୀବନରେ ବିବାହ ନ କରିବାକୁ ଶପଥ କରିଛି । ଉଆଁସୀ କନ୍ୟାର ଅପବାଦକୁ ଗ୍ରହଣ କରି ବିବାହ କରିବା ଅପେକ୍ଷା ମାନବ ସେବା ଯେ ମାଧବ ସେବା, ତାହାକୁ ବାଛି ନେଇଛି । ଜୀବନରେ ବିବାହ କଣ ନିହାତି ଜରୁରୀ ମଉସା, ସମସ୍ତେ ଆଶା କରନ୍ତି, ବୃଦ୍ଧା ବୟସରେ ସନ୍ତାନ ମାନଙ୍କଠାରେ ବାକିତକ ଜୀବନ ସ୍ୱଚ୍ଛନ୍ଦରେ କଟାଇବାକୁ, ଏଇଥି ପାଇଁ ବିବାହ ଜରୁରୀ ତ ? ଆଜିକାଲି କେତେଜଣ ସନ୍ତାନ ମାନଙ୍କ ଦ୍ୱାରା ପୋଷିତ। ଶତକଡା ନବେଭାଗ ଉପେକ୍ଷିତ। ଜରାନିବାସ, ଆଶ୍ରିତ। ମୁଁ କଣ ମିଛ କହିଲି ମଉସା ?

କହିଲି ଆଜି ମୁଁ ଏକ କଠୋର ନିଷ୍ପ ି ନେବାକୁ ଯାଇଛି, କି ନିଷ୍ପ ି, ପଚାରିଲା ଗୀତା।

ମୁଁ ସିନା ତୋତେ ଦେବକୀର ସ୍ଥାନ ଦେଇ କୁଳବଧୂ କରିପାରିଲି ନାହିଁ। ହେଲେ ପାଳିତା ମାତା ଯଶୋଦା ସ୍ଥାନରେ ତୋତେ ସ୍ଥାନିତ କରିବାକୁ ଯାଇଛି। ଆଜି ଠାରୁ ନନ୍ଦକୁମାର ସାମନ୍ତରାୟର ଗୋପପୁରରେ ଥିବା ସମସ୍ତ ସମ୍ପ ି ତୋ ନାମରେ ଉଇଲ୍ କରିଦେବି, ଯିଏ ମୋ ନାତି କାହ୍ନା ଓରଫ କାହ୍ନୁଚରଣ ସାମନ୍ତରାୟ ଗାରଜନଦାର।

ମୁଁ କିଛି ବୁଝିପାରିଲି ନାହିଁ ମଉସା।

ମୁଁ କହିଲି ଦେବକୀ କୃଷ୍ଣଙ୍କୁ ଅନ୍ତଫାଡି ଜନ୍ମ ଦେଇଥିଲେ । ପରିସ୍ଥିତିରେ ପଡି ସନ୍ତାନର ବାତ୍ସଲ୍ୟ ମମତା ଠାରୁ ଦୂରେଇଗଲେ। କୋଳରେ କୋଳେଇ ନେବାକୁ ଅକ୍ଷମ ଥିଲେ । ହେଲେ ପାଳିତ ମା' ଯଶୋଦା କୃଷ୍ଣଙ୍କର ସମସ୍ତ ଅଳି ଅର୍ଦଳିକୁ ଚନ୍ଦନ କରି ଦେହରେ ବୋଳି ଦେଇଥିଲେ । କହିବାକୁ ଗଲେ ଯଶୋଦା ପାଇଁ କୃଷ୍ଣଙ୍କର ପୂର୍ଣ୍ଣାଙ୍ଗ ପ୍ରାପ୍ତି । ଅର୍ଥାତ୍ ଆଜିଠାରୁ ମୋ କାହ୍ନାର ତୁ ଯଶୋଦା । ବୃଦ୍ଧାକାଳକୁ ତୋର ଆଶାବାଡିର କାମ ଦେବ। ତାର ଭବିଷ୍ୟତ ଉନ୍ନତି ପାଇଁ ତୋର ଆଦରଯତ୍ନ ଏକାନ୍ତ ଆବଶ୍ୟକ, ତାହାହିଁ ମୋ ନାତି କାହ୍ନା ପୁରଣ କରିବ।

ପ୍ରଶାନ୍ତ ବାବୁଙ୍କୁ କହିଲି, ଆପଣ ମୋର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପ ିକୁ ତିନିଭାଗ କରିଦିଅନ୍ତୁ । ଏକ ଭାଗ ଭୋଳା ନାମରେ ଉଇଲ୍ କରି ଦିଅନ୍ତୁ । ଭୋଳା ମୋର ଏ ଅସହାୟ ଜୀବନର ସହାୟକ। ସର୍ବହରାକୁ ସାହାରା ଦେବା ମୋର କ ର୍ବ୍ୟ।

ବାକି ଦୁଇ ତୃତୀୟାଂଶ ସମ୍ପ ିକୁ ସାବିତ୍ରୀ ଓରଫ୍ ଗୀତା ନାମରେ ଉଇଲ୍ କରି ଦିଅନ୍ତୁ। ଯିଏକି ମୋ ନାବାଳକ ନାତି କାହ୍ନାର ଗାରଜନଦାର।

ମନ୍ଦାକିନୀକୁ ଚାହିଁ କହିଲି, ପଚାରୁଥିଲ ନା ଏ ଝିଅଟି କିଏ ? ଏବେ ତ ବୁଝିଗଲ ତ ? ଉଆଁସୀ କନ୍ୟା ମାନେ କୁଳବଧୂ ହୋଇ ବିଧବା ହୋଇ ପାରନ୍ତି । ମାତ୍ର ଯଶୋଦା ପରି ମା ମାନେ କେବେ ବିଧବା ହେବେ ନାହିଁ। ମାଆ ହିଁ ଚିରକାଳ, 'ମାଆ'।

ଯୋଗାଯୋଗ:
ଘର ନଂ- ବି-୩୮୨
କୋଏଲ ନଗର, ରାଉରକେଲା-୧୪
୯୪୩୮୭୨୮୯୧୧



# ମହକ ଖୋଜିବା

ବେବିନା ଜେନା



ସେଦିନ ମାଳତୀ ବହୁତ ଖୁସିଥିଲା । ରବିବାର ସଖାଳୁ ଗାଧୋଇ, ପୂଜାକରି, ଶାଶୁ, ଶ୍ୱଶୁର, ଦେବର, ନଣନ୍ଦ ଓ ପୁଅଝିଅଙ୍କ ପାଇଁ ଟିଫିନ୍ ବନାଇ ଜଲଦି ଜଲଦି ବାହାରି ପଡିଲା ଏକ ନିମନ୍ତ୍ରଣରେ । ତା'ର 'ବଡଭଉଣୀ' ସେମାନଙ୍କୁ ଡାକିଥିଲା ଖାଇବା ପାଇଁ । ବହୁତ ଆନନ୍ଦରେ ତା'ର ପାଦ ତଳେ ଲାଗୁନଥାଏ । ପରିବାରର ସମସ୍ତ ସଦସ୍ୟ ମିଳିମିଶି ବାହାରି ପଡିଲେ ।

ମାଳତୀର ବଡଭଉଣୀ ଗୋଟିଏ ସହରରେ ଅଳ୍ପକିଛି ଦୂରରେ ରୁହନ୍ତି । ମଝିରେ ମଝିରେ ଦୁଇ ଭଉଣୀ ସ୍ନେହ ଶ୍ରଦ୍ଧାରେ ଜଣେ ଅନ୍ୟଜଣଙ୍କୁ ଖାଇବାକୁ ଡକାଡକି ହୁଅନ୍ତି । ମାଳତୀର ଭିଣୋଇ ମସ୍ତିଷ୍କ ବିଭାଗର ଡାକ୍ତର ଥିଲେ । ସେଥିପାଇଁ ତାର ଭଉଣୀ "ସାବିତ୍ରୀ ଦେବୀ" ନିଜକୁ ଟିକେ ବଡଲୋକିଆ ମନୋଭାବ ଆଣୁଥାନ୍ତି । ହେଲେ ମାଳତୀ ସେ ସବୁକୁ ପସନ୍ଦ କରେନା । ତା'ର ସୁଖ ଦୁଃଖ, ଭଲମନ୍ଦ, ଅଛିନାହିଁ ସବୁକୁ ଆପଣାର କରି ନିଜ ପରିବାର ତଥା, ଯୁଆଡେ ଯାଏ ସମସ୍ତଙ୍କ ସହିତ ମିଳିମିଶି ଚଳେ ।

ସାବିତ୍ରୀ ଦେବୀଙ୍କର ଦେହ ସବୁବେଳେ ପ୍ରାୟ ଭଲ ରହେନା । ସେଥିପାଇଁ ତା'ର ଭିଣୋଇ (ସତ୍ୟବାନ୍) ଜଣେ ସ୍ତ୍ରୀ ଲୋକକୁ ସବୁକାମ ପାଇଁ ରଖିଥିଲେ । ସାବିତ୍ରୀ ଦେବୀଙ୍କର ଖାଇବା ବନାଇବା, ଘରକାମ, କପଡାସଫା, ଘରର ସମସ୍ତ କାମରେ 'ବିନି' ତାଙ୍କର ସାହାଯ୍ୟ କରେ ।

ଘରର ବାହାର ଘରେ 'ବିନି' ଏକାକୀ ତାର ଏକମାତ୍ର ପୁଅ (ରୋହିତ) ସାଙ୍ଗରେ ରହୁଥାଏ । ସଖାଳ ଆରମ୍ଭର ପ୍ରଥମ କାଉ ରାବରେ ବିନି ଆସି ଘଣ୍ଟି ବଜାଇଥାଏ । ୨ବର୍ଷର ପୁଅଟିକୁ ଶୋଇପକାଇ ସଖାଳ ବାସିକାମ, ଜଳଖିଆ, ଚାହାପାଣି ସବୁ ବାବୁ ବାବୁଆଣୀଙ୍କୁ ଦେଇ ନିଜେ ଟିକେ ଚାହା ପିଇଦେଇ ପୁଅପାଖକୁ ସଙ୍ଗେ ସଙ୍ଗେ ଚାଲିଯାଏ । କୌଣସି କାରଣରୁ ଯଦି ଡେରି ହୋଇଯାଏ, ରୋହିତ ଆସି ମାଆ ପାଖରେ ପହଞ୍ଚିଯାଏ । ତାପରେ ମାଆ ପୁଅ ସାଙ୍ଗ ହୋଇ ନିଜ ଘରକୁ ଯାଇ ନିଜର ଦୁଃଖସୁଖର ସଂସାରରେ କିଛି ସମୟ ହଜିଯାଆନ୍ତି ।

ବାବୁଙ୍କ ଘରେ ଯାହା ଖାଇବା ବନାଇଥାଏ, ସେଥିରୁ ସାବିତ୍ରୀ ଦେବୀ କିଛି ଦେଇ ଦିଅନ୍ତି । ଦିନରେ ବିନିର ଘରେ ଖାଇବା ବନାଇବାର ଜରୁରତ ହିଁ ପଡେନା । ତା'ର ସ୍ୱାମୀ ଛଅମାସ ହୋଗଲାଣି ଗାଁ ଛାଡି ସହରକୁ ଯାଇଥିଲେ କାମକରିବା ପାଇଁ, କୁଆଡେ ଗଲେ ଯେ ଆଉ ଲେଉଟିଲେ ନାହିଁ । ସେବେଠାରୁ ଅନାଇ ଅନାଇ ପୁଅକୁ ବୋଧ ଦେଇ ଦେଇ ଆସିଛି । ବାବୁଙ୍କ ଘରେ କାମ କରି ସମୟ ବିତାଇ ଦେଉଛି । ଆଉ କିଛି ସମୟ ପୁଅ ସହିତ ଓ ଶୋଇବା ସମୟରେ ଭଗବାନଙ୍କ ଚରଣରେ ବାକିତକ ଇଚ୍ଛାକୁ ଓଜାଡି ଦେଇ ଶାନ୍ତିରେ ଶୋଇଯାଏ ।

ତା' ପରଦିନ ପୁଣି ଆରମ୍ଭ ହୋଇଯାଏ, ବାବୁଙ୍କ ଘରର ନିତିଦିନିଆ କାମର ସଂସାରରେ । ହଜିଯାଏ ଓ ମଜିଯାଏ ଭଗବାନଙ୍କ ଦ ପ୍ରକୃତିରେ । ଦୁଃଖ କଣ ସିଏ ଜାଣେନି । ଏତିକି ଜାଣେ ସ୍ୱାମୀ ତା'ର ନିଶ୍ଚୟ ଦିନେ ଫେରିଆସିବେ । ପୁଅର ହସ ଖୁସିରେ ସ୍ୱାମୀଙ୍କର ଦରୋଟି ହସକୁ ପରଖି ବସେ ।

ସେ ଦିନ ଥିଲା ଶନିବାର, ରାତିକୁ ସାବିତ୍ରୀ ଦେବୀ ଆସନ୍ତାକାଲିର ଖାଇବା ପିଇବାର ସମସ୍ତ ବ୍ୟବସ୍ଥା ପାଇଁ 'ବିନି'କୁ ଶୀଘ୍ର ଆସି ପ୍ରସ୍ତୁତ କରିବା ପାଇଁ ଶୁଣାଇଦେଲେ । ବିନି ବି ରାତିର ଖାଇବା ସାରି ଗ୍ୟାସ୍ ଚୁଲା, ବାସନ ଓ ଘର ସଫାସୁଫି ସରାଇ ଦେଇ ଆରାମରେ ଶୋଇବାକୁ ଚାଲିଗଲା । 'ରୋହିତ' ବି ମାଆ ସହିତ ପଣତକାନି ଧରି ଧରି ଚାଲିଥାଏ, କେତେବେଳେ ମାଆ ପୁଅ ଦୁଇଜଣ ଶୋଇବାକୁ ଯିବେ । ଯାହାହେଉ, ରବିବାରର ଅଧାଅଧି କାମ ଶନିବାର ରାତିରେ ସରିଗଲା ।

ରବିବାର ଦିନ, ବିନି ସଖାଳୁ ସଖାଳୁ ତା'ର ନିତ୍ୟକର୍ମ ସାରି ଭଲ ଶାଢି ଖଣ୍ଡେ ପିନ୍ଧି ବାହାରି ପଡିଲା ସାବିତ୍ରୀ ଦେବୀଙ୍କ ଘର ଅଭିମୁଖେ । ପୁଅକୁ ଗାଧେଇ ଭଲ ସାର୍ଟ ପ୍ୟା ଖଣ୍ଡେ ପିନ୍ଧାଇ ସାଙ୍ଗରେ ମଧ ନେଇଗଲା । ବିନି ଯେତେ ସମୟ ବାବୁଙ୍କ ଘରେ କାମ କରେ, 'ରୋହିତ' ସେତେସମୟ ତା'ର ଖେଳନା ସବୁରେ ନିଜେ ନିଜେ ବସି ଖେଳୁଥାଏ । ବିନି 'ପୁଅ'ର ସବୁ ଖେଳନାକୁ ନିଜ ଘରେ ନରଖି ସାବିତ୍ରୀ ଦେବୀଙ୍କ ଘରେ ରଖିଦେଇଥାଏ । କାମ ଆରମ୍ଭ କରିବା ସମୟରୁ ରୋହିତ ତା କାମ ଆରମ୍ଭ କରିଦିଏ ଓ 'ମାଆ' ର କାମ ଶେଷ ହୋଇଗଲେ, ତାପରେ ତା'ର ଖେଳନାକୁ ସଜାଡି ସେହିଠାରେ ରଖି ନିଜ ଘରକୁ ଚାଲିଯାଏ ।

ବିନି ଯେମିତି ଆସି 'ବାବୁ'ଙ୍କ ଘରେ ପହଞ୍ଚିଗଲା, ସାବିତ୍ରୀ ଦେବୀଙ୍କର ଆଦେଶ ଅନୁସାରେ, ଗୋଟିଏ ପରେ ଗୋଟିଏ କାମ ଆରମ୍ଭ ହୋଇଗଲା । 'ବିନି' ବି ରୋଷେଇରେ, ନିପୁଣ ଥିଲା । ପ୍ରଥମେ ଚିକେନ୍ ବିରିୟାନି, ଚିଲି ପନିର୍, ଚିଲି ଛତୁ, ଚଣା ଡାଲି, ଦହି ବାଇଗଣ, ଟମାଟୋ ଖଟା, ଶାଗ, ଏମିତି ଛୋଟ ବଡ ମିଶାଇଲେ ପନ୍ଦର ଆଇଟମ୍ ବନାଇଥିଲା । ସଖାଳ ୧୦ଟାରୁ ପ୍ରାୟ ୨ଟା ବାଜିଗଲା । ସବୁ ସରିଗଲା ପରେ ବିନି ଆସି ତଳେ ସାବିତ୍ରୀ ଦେବୀଙ୍କ ପାଖରେ ଲଥ୍ କରି ବସିପଡିଲା । ସାବିତ୍ରୀ ଦେବୀ ଥଣ୍ଡା ପାନୀୟରୁ (ଲିମ୍କା) ଏକ ଗ୍ଲାସ୍ ଦେଇଦେଲେ । ବିନି ସଙ୍ଗେ ସଙ୍ଗେ 'ରୋହିତ' ପାଟିରେ ଦୁଇ, ଚାରି ଥର ଦେଇ ନିଜେ ପିଇଦେଲା ।

ତାପରେ ପରେ ମାଳତୀର ପରିବାରର ସମସ୍ତ ସଦସ୍ୟ ଆସି ପହଞ୍ଚିଗଲେ । 'ବିନି' ର ଅତିଥି ସତ୍କାର ପିଇବାକୁ ଦେବା ପାଖରୁ ଆରମ୍ଭ ହୋଇଗଲା । ଜଣକ ପରେ

ଜଣକୁ ପିଇବାକୁ ଦେଇ ତାଙ୍କର ଗ୍ଲାସ୍ ସବୁ ଧୋଇଧାଇ ରଖିଦେଇ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ବିନି ଲାଗିଗଲା ।

ସେତେବେଳେକୁ ସତ୍ୟବାନ୍ ବାବୁ ଅଫିସରୁ ଆସି ପହ୍ଞ୍ଚଗଲେ । ବାବୁ ସାବିତ୍ରୀ ଦେବୀଙ୍କର ଦେହ ଖରାପରେ ବହୁତ ଦୁଃଖିତ ହୁଅନ୍ତି, କିନ୍ତୁ 'ବିନି'ର ସବୁ ପ୍ରକାର ସହାନୁଭୂତିରେ ବାବୁଙ୍କର କିଛି ଦୁଃଖ ଲାଘବ ହୋଇଯାଏ । ବାବୁ ଖାଇବା ପୂର୍ବରୁ ସମସ୍ତଙ୍କର ଖାଇବା ବୁଝି ସାରିବା ପରେ ବାବୁ ବାବୁଆଣୀ ମିଶି ଖାଇଥାନ୍ତି ।

ହେଲେ ଆଜି ସାବିତ୍ରୀ ଦେବୀ ଭଉଣୀ ପରିବାର ସଦସ୍ୟ ମାନଙ୍କ ସହିତ ମିଳି ଖାଇ ଦେଇଥିଲେ । ଖାଇବା ସମୟରେ ମାଳତୀ ଶାଶୁ ଶ୍ୱଶୁରଙ୍କର ଭୁରୁଭୁରି ପ୍ରଶଂସାରେ 'ବିନି'ର ହୃଦୟ ଆନନ୍ଦରେ ଭରି ଯାଉଥାଏ । ମାଳତୀର ବି ପ୍ରଶଂସା କମ୍ ନଥାଏ । ମାଳତୀ କହୁଥାଏ, "ସତରେ 'ଦିଦି' ଭଗବାନ୍ ତୋତେ ବିନି ଭଳି ଝିଅକୁ ତୋ ଦୁଃଖରେ ଭାଗୀ ହେବା ପାଇଁ ପଠାଇଛନ୍ତି । ଆଜିକାଲି ସମାଜରେ ନିଜ ପୁଅଝିଅ ମଧ ବାପାମାଆଙ୍କର ଏମିତି ସେବା କରିବେନି । ସାବିତ୍ରୀ ଦେବୀ କହିଲେ, "ସତରେ ମୁଁ ନୁହେଁ ମୋ ଅନ୍ତର ମଧ ତା ସେବାରେ ଉତ୍ଫୁଲିତ ହୋଇଯାଏ" । ସବୁବେଳେ ସେହି ଭଗବାନଙ୍କୁ 'ବିନି'ର ମଙ୍ଗଳକାମନା ପାଇଁ ପ୍ରାର୍ଥନା କରେ । ହଉ ଛାଡ, x x x

ଜଲଦି ଜଲଦି ଖାଇବା ସରାଇଦିଅ । ନନା ଆସିଗଲେଣି । ବିନି ବି ଖାଇନି ।

ତାପରେ ବିନି ବାବୁଙ୍କ ପାଇଁ ସବୁପ୍ରକାରର ଖାଇବା ସଜାଇ ନେଇଗଲା । ଆଦରର ସହକାରେ ଟେବୁଲ୍ ଉପରେ ଖାଇବା, ପାଣି, ଲୁଣଲଙ୍କା, ପିଆଜ ସବୁ ରଖି ବାବୁଙ୍କୁ ଡାକିଦେଇ ଚାଲି ଆସିଲା । ବାବୁ ଆସିବା ପରେ, ବିନି ଆସି ତା'ର ଖାଇବା ଆଣି ବସିପଡିଲା ଖାଇବା ପାଇଁ ।

ବାବୁ ଯେତେବେଳେ ବି ଖାଆନ୍ତି ଆଗେ ସାବିତ୍ରୀ ଦେବୀଙ୍କୁ ପରିବାର ସମସ୍ତ ସଦସ୍ୟଙ୍କ ଖାଇବା ଓ ଭଲମନ୍ଦ ବିଷୟରେ ପଚାରି ବୁଝନ୍ତି । ସେଦିନ ମଧ ଖାଇବା ସମସ୍ତେ ଠିକ୍ଠାକ୍ ଖାଇଛନ୍ତି କି ନାହିଁ ପଚାରିବାରୁ, ସାବିତ୍ରୀ ଦେବୀ କହିଲେ, "ଆଜିର ଚିକେନ୍ ବିରିୟାନି ଏମିତି ସୁନ୍ଦର ହୋଇଥିଲା ଯେ, 'ବିନି' ପାଇଁ ଆଉ ରହିଲାନି" । ବାବୁ ତତ୍କ୍ଷଣାତଛହି ବସିଲେ, ଆଜି ଅଫିସ୍ ରେ ମୁଁ ଟିକେ ଜଳଖିଆ ଖାଇଦେଇଥିଲି ଯେ ମୋର ଏ ବିରିୟାନି ଖାଇବାକୁ ମନନାହିଁ । ମୋତେ ପ୍ଲେନ୍ ଭାତ ଦିଅ ମୁଁ ଖାଇବି । ତମେ ଏ ବିରିୟାନି ନେଇ 'ବିନି' କୁ ଦେଇଦିଅ । ସାବିତ୍ରୀ ଦେବୀ ବିରିୟାନି ନେଇ ଯିବାବେଳକୁ 'ବିନି' ସଙ୍ଗେ ସଙ୍ଗେ ଭାତ ବାଢି ବସିଥିଲା । ସେ ଭାତ ବାବୁଙ୍କୁ ଦେଇ ତାଙ୍କ ବିରିୟାନି ନିଜେ ଖାଇନେଲା । ସମସ୍ତଙ୍କୁ ଅନ୍ନ ବାଢିବା ସମୟରେ ବିନିର ବାସ୍ନାରେ ପ୍ରାୟ ପେଟ ଭରିଯାଏ । ତା'ର ତାପାଇଁ ଥାଉ, ନଥାଉ ସେ ପାଇଁ ଦୁଃଖ ନଥାଏ । ବରଂ ଶାନ୍ତି ପାଏ ସମସ୍ତଙ୍କୁ ଆନନ୍ଦରେ ପେଟଭରାଇ ପରଶି ପାରିଲେ । ଯଦି କେତେବେଳେ ଭାଗରେ ପଡିଲେ ପଡେ, ନହେଲେ ଯାହା ଥାଏ ଖୁସିରେ ଖାଇନିଏ ।

ସେଦିନ ଏତେ ଖାଇବା ପିଇବା ସାରି ବିନି ଯେତେବେଳେ ନିଜେ ଖାଇବା ପାଇଁ ବସିଥିଲା, ସେମାନଙ୍କ ଭିତରୁ ଏତେ ସଦସ୍ୟ କାହାରି ସ୍ୱର ଉଠିନଥିଲା ଯେ ବିନି ପାଇଁ କଣ ଅଛି କି ନାହିଁ ?

ସମସ୍ତଙ୍କ ଭିତରୁ ସତ୍ୟବାନ୍ ଜଣେ ମଣିଷ ରୂପରେ ଭଗବାନ୍ । ନିଜେ ନ ଖାଇ ଘରେ କାମ କରୁଥିବା ଜଣେ ସ୍ତ୍ରୀଲୋକ ପାଇଁ ନିଜର ଖାଇବା ତ୍ୟାଗ କରିଦେଲେ । ନିଜଠାରୁ ଅନ୍ୟର ଖୁସିରେ ସେ ଅଧିକ ଆତ୍ମ ସନ୍ତୋଷ ଲାଭ କରନ୍ତି । ଆଜିକାଲି ସମାଜରେ କେତେଲୋକ ଏମିତି ଦରଦୀ ହୃଦୟରେ, ଦରଦର ଦୁଃଖରେ ଭାଗୀଦାର ହୁଅନ୍ତି ? ବୟସରେ ବଡ, ଧନରେ ବଡ, ହିସାବରେ ବଡ, ହେଲେ ବଡର ଅଧିକାର ମିଳେନା । ବରଂ ସମାଜରେ ସମସ୍ତଙ୍କ ପାଇଁ ହୃଦୟକୁ ବଡ କରିପାରିଲେ 'ତା'ର ହିସାବ ଆକାଶଠୁ ବଡ ହୋଇଥାଏ । ପାଠକମାନେ ବିଚାର କରିବେ, ମହକ କେଉଁଠି ଥିଲା ଓ ସେ ମହକ ଖୋଜିବାର, ପ୍ରୟାସ କରିଥିବା ମାନବିକତା କାହା ପାଖରେ ଥିଲା ?

**ସେହି ହିଁ ଭଗବାନଙ୍କର ଦ୍ୱିତୀୟ ରୂପ !!**

ଏ-୨୯
ଭାରତ ଆପର୍ଟମେ , ରାମପୁରୀ
ଗାଜିଆବାଦ (ଉ.ପ୍ର)-୭୦୧୦୧୦

# ସର୍ବଂସହା

ବିନୋଦିନି ନନ୍ଦ



ଦରଆଉଜା କବାଟଟିକୁ ଧୀରେ ଠେଲି ଘର ଭିତରେ ପାଦ ଦେଉ ଦେଉ, ଥମକି ଛିଡ଼ା ହୋଇଗଲେ ଅଧ୍ୟାପିକା ସୁକନ୍ୟା। ମୁଣ୍ଡରେ ଚଡ଼କ ଯେମିତି ପଡ଼ିଲା ତାଙ୍କର। ଏ' କି ଅଶୋଭନୀୟ ଦୃଶ୍ୟ ସେ ଦେଖୁଛନ୍ତି ? କଳ୍ପନା ନା ବାସ୍ତବ; ସ୍ୱପ୍ନ ନା ସତ୍ୟ ? କିଛି ବୁଝି ନ ପାରି କେବଳ ଅବାକ୍ ହୋଇ ଚାହିଁ ରହିଥିଲେ ସେ। ଆଖି ପଲକ ପଡୁ ନ ଥିଲା। ଯେପରି ତାଙ୍କ ଚକ୍ଷୁ ଯୋଡ଼ିକ ଜଡ଼ ପାଲଟିଯାଇଛି।

ସେ ଦେଖୁଥିଲେ, ତାଙ୍କ ସ୍ୱାମୀ, ତାଙ୍କ ମନ ମନ୍ଦିରର ଦେବତା ସୁକୁମାରଙ୍କୁ। ଯାହାଙ୍କୁ ସେ ସମସ୍ତ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଗ୍ରହଣ କରିଥିଲେ, ସେ ହିଁ ଅଭିନୟ କରୁଥିଲେ ଏକ ଖଳନାୟକ ଭୂମିକାରେ। ଘରେ କାମ କରୁଥିବା ଚାକରାଣୀ ଝିଅ ଶ୍ୟାମଳୀକୁ ଗଭୀର ଆଶ୍ଳେଷରେ ନିଜ ବାହୁ ବନ୍ଧନରେ ବାନ୍ଧି ରଖିଥିଲେ ସେ ଏବଂ ସେହି ନଦୀଧାର ଭଳି ପତଳା, ରୋଗୀଣା, ଲାବଣ୍ୟହୀନା ଶ୍ୟାମଳୀ, ସୁକୁମାରଙ୍କ ବାହୁଫାଶରୁ ମୁକୁଳିବା ପାଇଁ କୌଣସି ଉଦ୍ୟମ ନ କରି ବରଂ ଆନନ୍ଦରେ ଖିଲି ଖିଲି ହୋଇ ହସି ଉଠୁଥିଲା। ଦାଣ୍ଡ ଘରୁ ସ୍ପଷ୍ଟ ଦେଖିପାରୁଥିଲେ ସେ ଏହି ଡାଇନିଂ ହଲ୍‌ର ଦୃଶ୍ୟ। ଅଥଚ ସେ ଦୁହେଁ କାମନା-ବାସନା ମଧ୍ୟରେ ଏମିତି ମସ୍‌ଗୁଲ୍ ହୋଇଯାଇଥିଲେ ଯେ ସୁକନ୍ୟା ଘର ଭିତରକୁ ପଶିବାର କୌଣସି ଆଭାସ ମଧ୍ୟ ପାଇପାରିଲେ ନାହିଁ। ନିଜ ଆଖି ସାମ୍ନାରେ ତାଙ୍କର ବହୁ କାରୁକାର୍ଯ୍ୟ ଖଚିତ ସ୍ୱପ୍ନର ମହଲଟିରେ ଶ୍ୟାମଳୀ ଅଗ୍ନି ସଂଯୋଗ କରିଦେଉଥିବା ଦେଖି ସୁକନ୍ୟାଙ୍କର ତାଳୁରୁ ତଳିପା କ୍ରୋଧରେ ଜଳି ଯାଉଥିଲା। ଇଚ୍ଛା ହେଉଥିଲା, ଧାଇଁଯାଇ ଶ୍ୟାମଳୀର ଚୁଟିଧରି ଘୋଷାରି ଆଣି ତା' କଳା ମଚ ମଚ ଗାଲରେ ଠୋ ଠୋ କରି ଦି'ଚାରିଟା ଚଟକଣି କଷିଦେବେ।

କିନ୍ତୁ ହଠାତ୍ ବାହାରୁ ତାଙ୍କ ସାନ ଭଉଣୀ ସୁନୟନାର କଣ୍ଠସ୍ୱର ଭାସି ଆସିଲା, "ନା...ନୀ...।" ସୁକନ୍ୟାଙ୍କ କ୍ରୋଧରୂପକ ବହ୍ନିରେ ଯେପରି ସେହିକ୍ଷଣି ତୁଷାରପାତ ହୋଇଗଲା। ପ୍ରକୃତିସ୍ଥ ହେଲେ ସେ। ଓଠ କାମୁଡ଼ି ନିଜ କ୍ରୋଧକୁ ଚାପିନେଇ ଧୀରେ ପୁଣି କବାଟ ଆଉଜାଇ ଦେଇ ବାହାରକୁ ଚାଲିଆସିଲେ। ତାଙ୍କୁ ଦେଖି ଗେଟ୍ ଖୋଲି ହସ ହସ ବଦନରେ ଦଉଡ଼ି ଆସି କୁଣ୍ଢାଇ ଧରିଲା ସୁନୟନା। ଏମିତି ଅଚାନକ ସାନ ଭଉଣୀକୁ ଦେଖି ବିସ୍ମିତ ହେଲେ ମଧ୍ୟ ତା' ନିକଟରେ ନିଜର ମନୋଭାବ ପ୍ରକାଶ କରି ତା' ନଜରରେ ସୁକୁମାରଙ୍କୁ ଛୋଟ କରିଦେବାକୁ ଚାହିଁଲେନି ସେ। ତେଣୁ ଧୀରେ କଲିଂବେଲ୍ ଉପରେ ହାତ ଦାବି ଦେଇ ଉଦାସ ମୁହଁରେ ମଲାଜହ୍ନ ପରି ଧୀରେ ହସ ଖେଳାଇ ପ୍ରଶ୍ନ କଲେ, "ଆଲୋ ତୁ; ଏମିତି ହଠାତ୍। ନା ଫୋନ ନା କିଛି ଖବର। କଥା କ'ଣ ? ଘରୁ ଲୁଚିକରି ପଳାଇ ଆସିନୁ ତ ?"

"ଫୋନ୍ କରି ଆସିଥିଲେ ସରପ୍ରାଇଜ୍ ଆଉ କେମିତି ହୋଇଥା'ନ୍ତା। ନିଜର ଭ୍ରୂ-ପଲ୍ଲବ କୁ ିତ କରି ନାଟକୀୟ ଭଙ୍ଗୀରେ ଉ ରଦେଲା ସୁନୟନା, "ବୁଝିଲୁ ନାନୀ, ବାପା ମୋ ବିବାହ ପାଇଁ ଯୋଗ୍ୟପାତ୍ରର ଅନୁସନ୍ଧାନ କରୁଥିବା ବେଳେ, ମୁଁ ଚାକିରୀ ଅନ୍ୱେଷଣରେ ଘରୁ ଗୋଡ଼ କାଢ଼ିଛି। ବୋଉକୁ କହି ଆସିଛି, କାଲି ମୋର ଇ ରଭ୍ୟୁ ସରିଗଲେ ମଧ୍ୟ, ଅନନ୍ତଃ ମୁଁ ତୋ ଘରେ ମାସେରୁ କମ୍ ରହିବିନି।"

"ମାସେ!" ଉପରକୁ ଆନନ୍ଦ ପ୍ରକାଶ କଲେ ମଧ୍ୟ ମନ ଭିତରେ ପ୍ରମାଦ ଗଣୁଥିଲେ ସୁକନ୍ୟା। ଭୟାତୁର ମନଟା ତାଙ୍କର ଆତଙ୍କଗ୍ରସ୍ତ ହୋଇ ଉଠୁଥିଲା। ସୁକୁମାରଙ୍କ ହୀନ ଚରିତ୍ରର ଚାକ୍ଷୁସ ପ୍ରମାଣ ଏଇମାତ୍ର ପାଇଛନ୍ତି ସେ। ତାଙ୍କ ଲୋଲୁପ ଦୃଷ୍ଟି ଯେ ସୁନୟନା ପରି ଗୌରବର୍ଣ୍ଣା, ଅପରୂପା ରୂପସୀ ଝିଅଟି ଉପରେ ନ ପଡ଼ିବ କିଏ କହିପାରିବ ? ତାକୁ କିପରି ଘ ଘୋଡ଼ାଇ ରଖିବେ କିଛି ବୁଝି ପାରୁ ନ ଥିଲେ ସୁକନ୍ୟା। ମନରେ ଭାବିଲେ, ଭଉଣୀ ନିକଟରେ ଚାକରାଣୀ ଉପାଖ୍ୟାନଟି ଉତ୍‌ଥାପନ କରି ତାକୁ ଆଗରୁ ସାବଧାନ କରି କହିଦେବେ - ତୁ ଯାହାକୁ ହୃଦୟବାନ, ସାଧୁ ପୁରୁଷ ଭାବୁଛୁ, ସେ ପ୍ରକୃତରେ ସେୟା ନୁହନ୍ତି। ସେ ଆଦର୍ଶବାଦର ଅନ୍ତରାଳରେ ନିରୀହ ମେଷର ଛାଲ ପକାଇଥିବା ଏକ ହିଂସ୍ର ପଶୁ। ତେଣୁ ହାତେ ମାପି ଚାଖଣ୍ଡେ ଚାଲିବୁ। ନଚେତ୍ ବିପଦ ଅବଶ୍ୟମ୍ଭାବୀ। ତେବେ ତାଙ୍କ ମନ କଥା ମନରେ ରହିଲା। ତୁଣ୍ଡ ଖୋଲି ସ୍ୱାମୀଙ୍କ ଦୁର୍ଗୁଣ ବିଷୟରେ କୌଣସି ସୂଚନା ଦେଇପାରିଲେନି ସେ। ଭିତରୁ କବାଟ ଖୋଲିବାର ଶବ୍ଦ ହେଲା।

ଘର ଭିତରୁ ଭଦ୍ର ସଂଯତ ପୋଷାକରେ ବାହାରି ଆସୁ ଆସୁ ଆଉଜା ହୋଇଥିବା କବାଟକୁ ଦେଖି ମୃଦୁ ଚିତ୍କାର କଲା ପରି ମନକୁ ମନ କହୁଥିଲେ, ସୁକୁମାର - 'ଆରେ ବାପ୍‌ରେ; କବାଟଟା ଯେ ଖୋଲାଥିଲା।' ଠିକ୍ ତା' ପରମୁହୂର୍ତ୍ତରେ ତାଙ୍କୁ କବାଟ ସମ୍ମୁଖରେ ଦେଖି ଇଲେକ୍ଟ୍ରି ସକ୍ ଲାଗିବା ପରି ଚମକି ପଡ଼ିଲେ ଏବଂ ପ୍ରଶ୍ନ କଲେ, "ଆରେ; ତୁମେ ଆଜି ଏତେ ଶୀଘ୍ର ? କ'ଣ କ୍ଲାସ୍ ସସ୍‌ପେଣ୍ଡ ହୋଇଗଲା ?"

ରାଗରେ ରଡ଼ନିଆଁ ପରି ଗରଗର ହୋଇ ମନେ ମନେ କହୁଥିଲେ, ସୁକନ୍ୟା - ଶୀଘ୍ର ନ ଆସିଥିଲେ ଯେ ଏ ରାସଲୀଳା ଦର୍ଶନର ସୁବର୍ଣ୍ଣ ସୁଯୋଗ ହରାଇଥାଆନ୍ତି। ତେବେ ଉପରକୁ ନିଜ ମନୋଭାବର କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ସହଜ ଭାବରେ କହିଲେ, "ହଁ ପିଲାମାନେ ଷ୍ଟ୍ରାଇକ୍ କରିଛନ୍ତି ତେଣୁ କଲେଜ ଛୁଟି ହୋଇଗଲା।" ତାଙ୍କ ପଛପଟେ ଲୁଚିଥିବା ସୁନୟନା ଏଥର ବାହାରି ଆସି ବଡ଼ ପାଟିରେ "ଗୁଡ୍ ଆଫ୍‌ଟରନୁନ୍" ଜଣାଇ ଚମକାଇ ଦେଲା ସୁକୁମାରଙ୍କୁ। ଜୋଇଁ, ଶାଳୀଙ୍କ ଥଟ୍ଟା ପରିହାସ ମଧ୍ୟରେ ତିନିହେଁ ଘରକୁ ପଶିଲେ।

ଦିନ ଗଡ଼ି ରାତି ହେଲା, ଖାଇପିଇ ସମସ୍ତେ ଶୋଇବାକୁ ଗଲେ। ଶାନ୍ତିରେ

ଶୋଇଥିଲେ ସୁକୁମାର, କିନ୍ତୁ ସୁକନ୍ୟାଙ୍କ ଚକ୍ଷୁରେ ଯେ ନିଦ ନାହିଁ । ସୁନ୍ଦରୀ, ଶିକ୍ଷିତା ହିସାବରେ ତାଙ୍କ ହୃଦୟରେ ଥିବା ପୁଞ୍ଜୀଭୂତ ସମସ୍ତ ଅହମିକାକୁ ଆଜି ଲାବଣ୍ୟହୀନା, ଅଶିକ୍ଷିତା ଶ୍ୟାମଳୀ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଇଛି । ଅପମାନ ଧାସରେ ସିଝି ଯାଇଥିଲା ତାଙ୍କ ମୁହଁ । ହାସ୍ୟରସପ୍ରିୟ ମଉଜିଆ ମନଟା ତାଙ୍କର ଅଭିମାନ ଲୁହରେ ଓଦା ହୋଇଗଲା । ସେ ବୁଝିପାରୁ ନ ଥିଲେ, ତାଙ୍କ ପରି ସୁନ୍ଦରୀ ପତ୍ନୀ ପାଇ ସୁଦ୍ଧା କେମିତି ଏତେ ଶୀଘ୍ର ସୁକୁମାରଙ୍କ ଭଲ ପାଇବାର ଆବେଗ ମରିଗଲା ? କେମିତି ଏତେ ଶୀଘ୍ର ବଦଳିଗଲେ ସେ ? ସତେ କ'ଣ ପୁରୁଷର ମନ ଏଡ଼େ ଅସ୍ଥିର ? ଦୀର୍ଘକାଳ ସ୍ଥାୟୀ ପ୍ରତିବିମ୍ବଟିଏ କ'ଣ ଅଟକି ରହିପାରେନା ସେଇଠି ?

ଏତେ ସମ୍ଭୋଗ ଭିତରେ ମଧ୍ୟ ତାଙ୍କ କାମନା ବାସନାର ପୁଣି ପୂ ି ହେଲାନି ଯେ ଶେଷରେ ଏହି କାଳୀ, କୋତରୀ ଚାକରାଣୀ ଝିଅଟି ସଙ୍ଗରେ ... ଛିଃ... ଛିଃ.. । ଆଗକୁ ଆଉ ଭାବିପାରିଲେନି ସୁକନ୍ୟା । ଏକ ଅବ୍ୟକ୍ତ ବେଦନାରେ ବିଗଳିତ ହୋଇଗଲା ତାଙ୍କ ଅନ୍ତର । ଭୋ, ଭୋ ହୋଇ କାନ୍ଦି ଉଠିଲେ ସେ । ହେଲେ କାହାକୁ କହିବେ ଦୁଃଖ ? ଭାଇ, ଭଉଣୀ, ସାଙ୍ଗ, ସାଥୀ ଯେ ଶୁଣିଲେ ହସିବେ । ଏ ଯେ ଅଜାଗା ଘା', ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ ।

ଦେଖୁ ଦେଖୁ କାଉ କା' କଲା । ସିନ୍ଦୂରା ଫାଟିଲା । ନିଜ ନିଜ କର୍ମରେ ବ୍ୟସ୍ତ ରହିଲେ ସମସ୍ତେ । ଶ୍ୟାମଳୀ ହାତ ତିଆରି ଜଳଖିଆ ଖାଇ ସୁକୁମାର ଅଫିସ୍ ବାହାରିଗଲେ । ସୁନୟନା ଚାଲିଗଲା ଇ ରଭ୍ୟୁ ଦେବାକୁ । କିନ୍ତୁ ଅଶାନ୍ତି ଓ ରାତ୍ରି ଅନିଦ୍ରା ଯୋଗୁଁ ଯନ୍ତ୍ରଣାରେ ମୁଣ୍ଡ ଫାଟିଯାଉଥିଲା ସୁକନ୍ୟାଙ୍କର । କଲେଜକୁ ଛୁଟି ପାଇଁ ଫୋନ୍ କରି ଦେଇ ଆଉ କିଛି ସମୟ ପଲଙ୍କରେ ପଡ଼ିରହିଲେ ସେ । ମନ ମଧ୍ୟରେ ତାଙ୍କର ଦ୍ୱନ୍ଦ୍ୱ ଚାଲିଥିଲା । ସେଥିରେ କେତେବେଳେ ସୁକୁମାର ଦୋଷୀର କାଠଗଡ଼ାରେ ଠିଆହେଉଥିଲେ ତ କେତେବେଳେ ଶ୍ୟାମଳୀ ।

ଏମିତି ଏକ ଘଡ଼ିସନ୍ଧି ମୁହୂ ରେ ତାଙ୍କ ପଲଙ୍କ ନିକଟକୁ ଆସି ପ୍ରଶ୍ନକଲା ଶ୍ୟାମଳୀ, "ମା' ଚା' କରିବି ?"

ଗ୍ରୀବା ବଙ୍କାଇ ତା' ଆଖିକୁ କଟମଟ କରି ଚାହିଁ ଭାବିଲେ ସୁକନ୍ୟା – କଥାରେ କହନ୍ତି "ନାରୀ ମାୟା ବଢ଼ିପାଣି, ବ୍ରହ୍ମା ନ ପାରିଲେ ଜାଣି ।" ଆଉ ସୁକୁମାର ତ ଛାର ମଣିଷଟିଏ । ଏଇ ନାରୀ ଆଖିର ଇସାରାରେ ତାଙ୍କ ଦମ୍ଭର ଅଟ୍ଟାଳିକା ଟଳିଯିବା କେଉଁ ଅବା ବଡ଼ କଥା ? ସୁକୁମାରଙ୍କୁ ନିଶ୍ଚୟ ସେ କିଛି ମନ୍ତ୍ର-ତନ୍ତ୍ର ଦ୍ୱାରା ବଶ କରି ରଖିଛି, ନଚେତ୍ ଏହି ଲାବଣ୍ୟହୀନା ଝିଅଟି ପଛରେ ସୁକୁମାରଙ୍କ ପରି ସୁଦର୍ଶନ ଯୁବକ ପଡ଼ିବା କ'ଣ ସମ୍ଭବ ?' ସ୍ୱାମୀଙ୍କ ଉପରେ ଥିବା ସବୁ ରାଗ ଛିଡ଼ିଲା ଯାଇ ଶ୍ୟାମଳୀ ଉପରେ । ତାଙ୍କର ମନେହେଲା ଏହି ଶ୍ୟାମଳୀ ହିଁ ଏ ସବୁ ନାଟର ଗୋବର୍ଦ୍ଧନ । ସେ ଦିନକୁ ଦିନ ଯେପରି ପ୍ରଗଲ୍ଭା ହେଉଛି, ତାକୁ ଘରେ ରଖିବା ମାନେ ସାପକୁ କ୍ଷୀର ଦେଇ ଘରେ ପୋଷିବା । ଏମିତି ଅନେକ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ସେ ଶ୍ୟାମଳୀକୁ ହିଁ ଅତିଶୀଘ୍ର ତ୍ୟାଗ କରିବାର ନିଷ୍ପ ି ନେଲେ । ହିତାହିତ ଜ୍ଞାନ ଆଉ ନଥିଲା ସୁକନ୍ୟାଙ୍କର । ଖଟରୁ ଭୁସ୍ କରି ଉଠି ଶ୍ୟାମଳୀ ହାତରେ ତା'ର ଲୁଗା ଦି' ଚାରିଖଣ୍ଡ ଓ ସେ ମାସର ପ୍ରାପ୍ୟ ଟଙ୍କା ଗୁଞ୍ଜିଦେଇ ତା' ହାତ ଧରି ଭିଡ଼ି ଭିଡ଼ି ନେଇ ଦାଣ୍ଡରେ ଛାଡ଼ି ଆସିଲେ ସେ ।

କାରଣ କିଛି ବୁଝି ନ ପାରି ସୁକନ୍ୟାଙ୍କ ମୁହଁକୁ କେବଳ ବଲ ବଲ କରି ଚାହିଁଥିଲା ଶ୍ୟାମଳୀ । ଯିବା ପାଇଁ ଅନିଚ୍ଛା ପ୍ରକାଶ କରି କହିଲା, "ମୁଇଁ ତମର୍ କାଏଁ ଦୋଷ୍ କଲି ଯେ, ମତେ ଏନ୍ତା କୁକୁର୍ ବିଲେଇ ପରା ଖେଦୁଛ ଗୋ ?"

"ବଦ୍‌ମାସ୍, ବଜ୍ଜାତ୍ କେଉଁଠିକାର, କହୁଛି କ'ଣ ନା କି ଦୋଷ କରିଛି ? ତୁ ମୋର ଯେଉଁ କ୍ଷତି କରିଛୁ ତାହା ଯେ ଅକ୍ଷମଣୀୟ । ଏ ଜୀବଦ୍ଦଶାରେ ମୁଁ ତତେ କେବେ ବି କ୍ଷମା କରି ପାରିବିନି । କ୍ରୋଧରେ ଥର ଥର ହୋଇ କମ୍ପୁଥିଲେ ସୁକନ୍ୟା । ଶ୍ୟାମଳୀ କିଛି କହୁଥିଲା କିନ୍ତୁ ତା'ର ଆଉ କୌଣସି କଥାକୁ କର୍ଣ୍ଣପାତ ନ କରି ଧଡ଼୍‌କିନା ସେ କବାଟ ବନ୍ଦ କରିଦେଲେ । କିଛି ସମୟ ବାହାରେ ଠିଆ ହୋଇ ତା' ପାଟିତୁଣ୍ଡରେ ଗଗନ ପବନ କମ୍ପାଇ ବିଦାୟ ନେଲା ଶ୍ୟାମଳୀ । ସେ ଚାଲିଯିବା ପରେ ଶାନ୍ତିରେ ନିଃଶ୍ୱାସ ନେଲେ ସୁକନ୍ୟା । ଅଶ୍ରୁଝରା ମୁହଁକୁ ଗାଧୁଆ ଘରେ ଧୋଇ ନିଜେ ଚା' କରି ପିଇଲେ । ମୁଣ୍ଡବ୍ୟଥା ପାଇଁ ଔଷଧ ଖାଇ ପୁଣି ଚରକି ପରି ଘୂରି ବୁଲି ଘରର ସବୁ କାମ ନିଜେ କଲେ । ଭାବିଲେ, ତାଙ୍କର ନୈତିକତା, ତାଙ୍କର ପବିତ୍ରତା ହିଁ ଦିନେ ନିଶ୍ଚୟ ତାଙ୍କର ରକ୍ଷାକବଚ ହେବ ଏବଂ ସୁକୁମାରଙ୍କ ମନ ନିଶ୍ଚୟ ପରିବ ି ନ ହେବ ।

କିନ୍ତୁ ସେଦିନ ଅଫିସ୍ କାମ ସାରି ଅନେକ ରାତ୍ରିରେ ଘରକୁ ଫେରିଲେ ସୁକୁମାର ଏବଂ ଏତେ ରାତ୍ରିରେ ମଧ୍ୟ ତାଙ୍କ ତୃଷ୍ଣାତୁର ଆଖି ଘରର କୋଣ ଅନୁକୋଣ ପର୍ଯ୍ୟନ୍ତ ଯେପରି ଶ୍ୟାମଳୀକୁ ହିଁ ଖୋଜି ବୁଲୁଥିଲା । ଖାଇବା ପ୍ଲେଟରେ ହାତ ଦେଉ ଦେଉ ଗମ୍ଭୀର କଣ୍ଠରେ ପଚାରିଲେ, "ଶ୍ୟାମଳୀ କାହିଁ ଦେଖାଯାଉନି ଯେ ?" ସ୍ୱାମୀଙ୍କ ପ୍ରତି ପ୍ରବଳ ବିତୃଷ୍ଣା ଓ ଘୃଣା ସୁକନ୍ୟାଙ୍କ ମନ ଭିତରେ ଭରି ରହିଥିଲା; ତେବେ ବି ଏମିତି ଗୋଟିଏ ଅଶୋଭନୀୟ ଘଟଣା ପାଇଁ ସ୍ୱାମୀଙ୍କୁ ପରିତ୍ୟାଗ କରି ତାଙ୍କ ଯୁଗ୍ମ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇ ଦେବାକୁ କିମ୍ବା ଘରେ ଅଶାନ୍ତି କରିବାକୁ ଉଚିତ୍ ମନେକଲେନି ସେ । ତେଣୁ ପୂର୍ବ ଘଟଣାର ପୁନରାବୃ ି ନ କରି ଧୀର ଭାବରେ କହିଲେ, "ଗାଁକୁ ଯାଉଛି କହି ଛୁଟି ନେଇଛି । କେବେ ଆସିବ କେଜାଣି ?"

ଖାଇସାରି ଚୁପ୍‌ଚାପ୍ ବେଡ୍‌ରୁମ୍‌କୁ ଚାଲିଗଲେ ସୁକୁମାର । ଅଭିମାନରେ ପୁଣି ସୁକନ୍ୟାଙ୍କ ଚକ୍ଷୁରୁ ଲୁହ ଦୁଇଧାର ବୋହିଗଲା । ତେବେ ସ୍ୱାମୀଙ୍କୁ ଅସତ୍ ପଥରୁ ରୋକିବା ପାଇଁ ଦୃଢ଼ ସଂକଳ୍ପ ନେଇ ସେ ମଧ୍ୟ ନିଜ ବିଛଣାକୁ ଶୋଇବାକୁ ଗଲେ । ସୁକୁମାରଙ୍କୁ ଅନ୍ୟ ନାରୀଙ୍କ ପ୍ରୀତି ବଳୟରୁ ଦୂରେଇ ରଖିବା ପାଇଁ ନିଜର ଅନିଚ୍ଛା ସ େ ତାଙ୍କ କାମନା ଫାଶରେ ଧରାଦେଲେ ।

ସତରେ ତାଙ୍କଠାରୁ କେତେ ଆଉ ଉତ୍ସର୍ଗୀକୃତ, କେତେ ଆଉ ସହିଷ୍ଣୁ ଅବା ହୋଇପାରନ୍ତା ଜଣେ ନାରୀ ? ସ୍ୱାମୀଙ୍କ ପ୍ରତି ନିଜ କ ବ୍ୟରେ ଅବହେଳା ନ କଲେ ମଧ୍ୟ ସାନ ଭଉଣୀର ସୁରକ୍ଷା ପାଇଁ ସତର୍କ ଦୃଷ୍ଟି ରଖିଥିଲେ ସୁକନ୍ୟା । ସୁକୁମାରଙ୍କ ସହିତ ନା ସେ ସୁନୟନାକୁ ଘରେ ଏକା ରହିବାକୁ ଦେଉଥିଲେ ନା ବାହାରକୁ ବୁଲିଯିବା

ପାଇଁ ଛାଡୁଥିଲେ । କଲେଜରେ କ୍ଲାସ୍ ସରୁ ନ ସରୁଣୁ ଘରକୁ ଫେରି ଆସି ପାଦେ ପାଦେ ଜଗି ରହୁଥିଲେ ସେ ସୁନୟନାକୁ । ସୁନୟନା ଘଡ଼ିଏ ତାଙ୍କ ଦୃଷ୍ଟି ଅନ୍ତରାଳରେ ରହିଗଲେ ସେ ଭୀତତ୍ରସ୍ତ ହୋଇପଡୁଥିଲେ । ଘର ବାହାର ଦରାଣ୍ଡି ପକାଉଥିଲେ ଅସ୍ଥିର ହୋଇ ।

ତାଙ୍କର ଏହି ବ୍ୟସ୍ତତା ଦେଖି ମୃଦୁ ଅଭିଯୋଗ କରି କହୁଥିଲା ସୁନୟନା, "ବାପା ବୋଉଙ୍କ କଡ଼ା ଶାସନରୁ କିଛି ଦିନ ମୁକ୍ତି ପାଇବି ବୋଲି ତ ତୋ ପାଖକୁ ଆସିଥିଲି । ହେଲେ ନାନୀ, ତୁ' ତ ସେମାନଙ୍କଠାରୁ ମଧ୍ୟ ଆହୁରି ମରହଟ୍ଟୀ ହୋଇଗଲୁ । ଆଉ ଆଗକୁ ତ ମୁଁ ଭାବିପାରୁନି, ମୋ ପତି ପରମେଶ୍ୱର ମଧ୍ୟ ଯଦି ମୋତେ ସର୍ବଦା ନଜରବନ୍ଦୀ କି ଗୃହବନ୍ଦୀ କରିରଖିବେ, ତା'ହେଲେ ତ ମୋ କଥା ସରିଲା । ଛଦ୍ମରୋଷ ପ୍ରକାଶ କରି ଏପରି କହୁଥିବା ବେଳେ ତା' ମୁହଁରେ ହସରୁ ଟେନାଏ ଝରି ପଡୁଥିଲା । ଅଥଚ୍ ହସିପାରିଲେ ନାହିଁ ସୁକନ୍ୟା ବରଂ ଗମ୍ଭୀର ହୋଇ କହିଲେ, "ତୁ କାହୁଁ ବୁଝିବୁ ଅଭିଆଡ଼ୀ ଯୁବତୀ ଝିଅ ଘରେ ଥିଲେ, ମା-ବାପାଙ୍କର କେତେ ଦୁଶ୍ଚିନ୍ତା ହୁଏ । ବୋଉ କେତେଥର ତତେ ଘରେ ଛାଡ଼ି ଆସିବାକୁ ଫୋନ୍ କଲାଣି । ଯଦି ଶନିବାର ଦିନ ଛୁଟି ମିଳିଯାଏ ତେବେ ସକାଳୁ ସକାଳୁ ବାହାରିପଡ଼ିବା ।"

ଛୁଟି ମିଳିବାକୁ ଚାତକ ପରି ଅପେକ୍ଷା କରିଥିଲେ ସୁକନ୍ୟା, ଆଉ ମୋଟେ ଦି'ଚାରି ଦିନ କଥା । ମନେ ମନେ ଦିନ ଗଣୁଥିଲେ ସେ । ତେବେ ଏତେ କଡ଼ାପ୍ରହରା ଭିତରେ ମଧ୍ୟ ସୁନୟନା ଯେ ସୁକୁମାରଙ୍କ କାମନା ବହ୍ନିରେ ଜଳିଯିବ, କଳ୍ପନା ମଧ୍ୟ କରି ନଥିଲେ ସେ । ଅସୁସ୍ଥତା ବଶତଃ ସେଦିନ କଲେଜରୁ ଅପ୍ରତ୍ୟାଶିତ ଭାବରେ ଫେରି ଆସିଥିଲେ ସୁକନ୍ୟା । କଲିଂବେଲ୍‌ରେ ହାତ ଦେବା ପୂର୍ବରୁ ସୁନୟନାର କରୁଣ ଚିତ୍କାର ରୁଦ୍ଧ କୋଠରୀର କାନ୍ଥ ଝରକା କବାଟ ଭେଦ କରି ତାଙ୍କ କର୍ଣ୍ଣ ଗହ୍ୱରରେ ପିଟି ହୋଇଗଲା । ବିସ୍ମିତ ହୋଇ କଣ୍ଠ ସ୍ୱର ଭାସି ଆସୁଥିବା କୋଠରୀର ଝରକା ନିକଟକୁ ଦଉଡ଼ି ଯାଇ ଚିତ୍କାର କଲେ ସେ, "ସୁନୟନା ... କବାଟ ଖୋଲ ... କ'ଣ ହେଲା ... କାହିଁକି କାନ୍ଦୁଛୁ ।" କବାଟ କିନ୍ତୁ ଖୋଲିଲାନି । ସୁନୟନାର କଣ୍ଠ ସ୍ୱର ମଧ୍ୟ ଅସ୍ପଷ୍ଟ ଶୁଣାଗଲା ଯେପରି କିଏ ତା' ତ ି ଚିପି ଧରିଛି । ବ୍ୟସ୍ତ ବିବ୍ରତ ହୋଇ ନିଜର ଶକ୍ତି ଲଗାଇ ଝରକାକୁ ଧକ୍କା ଦେଲେ ସୁକନ୍ୟା । କଳଙ୍କି ଲଗା ପୁରୁଣା ଛିଟ୍‌କିଣିଟା ଖଟ୍‌କିନା ଶବ୍ଦ କରି ଖୋଲିଗଲା । ମେଲା ହୋଇଗଲା ଝରକା । ପରଦା ଫାଙ୍କ ଦେଇ ଯେଉଁ ବୀଭତ୍ସ ଦୃଶ୍ୟ ଦେଖିଲେ ସୁକନ୍ୟା, ସେଥିରେ ତାଙ୍କ ସାରା ଶରୀରରେ ପ୍ରବାହିତ ହେଉଥିବା ସମସ୍ତ ଉଷ୍ମ ରକ୍ତ ଯେମିତି ହଠାତ୍ ବରଫ ପାଲଟିଗଲା । ବନ୍ଦ କୋଠରୀ ଭିତରେ ସୁନୟନା ଉପରକୁ ମଣିଷଖିଆ ବାଘ ପରି ଝାମ୍ପି ପଡ଼ିଥିଲେ ସୁକୁମାର । ଖାଦ୍ୟ ଓ ଖାଦକର ଛକାପଞ୍ଝା ଚାଲିଥିଲା ଏବଂ ଭୟା ି ହରିଣୀ ପ୍ରାୟେ ଆ ି ନାଦ କରୁଥିଲା ସୁନୟନା । କି ହୃଦୟ ବିଦାରକ ସେ ଦୃଶ୍ୟ; ଚିତ୍କାର କରି ପାଖ ପଡ଼ୋଶୀଙ୍କୁ ସାହାଯ୍ୟ ଭିକ୍ଷା ମାଗିଲେ ସୁକନ୍ୟା । ରାଗରେ ଝରକା କବାଟକୁ ଦୁମ୍‌ଦୁମ୍ କରି ପିଟିଲେ । ସୁନୟନାକୁ ରକ୍ଷା କରିବା ପାଇଁ କେତେ ଦେବାଦେବୀଙ୍କୁ କାକୁତି ମିନତି ହୋଇ ପ୍ରାର୍ଥନା କଲେ ।

କିନ୍ତୁ ... ସବୁ ଅନୁନୟ ବିନୟ ତାଙ୍କର ପାଣି ଫାଟିଗଲା ।

ହିଂସ୍ର ଆଦିମ ପ୍ରବୃ ି ର କଣ୍ଠାଗ୍ରତ ତୃଷ୍ଣାରେ ତୃଷା ି ସୁକୁମାର କାହାରି ଆକୁଳ ଚିତ୍କାର ଶୁଣିବା ଅବସ୍ଥାରେ ନଥିଲେ । ବରଂ ଯୌନ ଆକାଂକ୍ଷାରେ ପାଗଳ ପ୍ରାୟ ହୋଇ ସେ ନିଜର ଯୌନ ପିପାସାକୁ ଚରିତାର୍ଥ କରିବା ପାଇଁ ଯେପରି ନରପିଶାଚ ପାଲଟିଯାଇଥିଲେ । କଲୋନୀରେ ସେତେବେଳେ ଯେଉଁ କେତେଜଣ ଅର୍ଜୁନଙ୍କ ପରି ବୀରପୁରୁଷ ଥିଲେ ସେମାନେ ସମସ୍ତେ ଯେପରି ହଠାତ୍ ନିଜର ପୁରୁଷତ୍ୱ ହରାଇ ବୃହନ୍ନଳା ପାଲଟି ଘରେ ଲୁଚି ରହିଲେ ଏବଂ ସମସ୍ତ ବୀରାଙ୍ଗନା ସେମିତି ସାହାଯ୍ୟାର୍ଥେ ହାତ ନ ବଢ଼ାଇ ଭୀରୁ ପରି ପଛଘୁ । ଦେଲେ । ମଣିଷ ତ ଛାଡ଼, କେଉଁ ଦେବାଦେବୀ ମଧ୍ୟ ସୁନୟନାକୁ ଏହି ବିପଦରୁ ଉଦ୍ଧାର କରିବା ପାଇଁ ତାଙ୍କ କରୁଣାର ହାତ ବଢ଼ାଇ ଦେଲେନାହିଁ । ଦିନେ କୁରୁସଭାର ଅପମାନିତ ପା ।ଳୀର ଲଜ୍ଜ୍ୟା ନିବାରଣ ପାଇଁ ସହସ୍ର କୋଶ ଦୂରରୁ ଧାଇଁ ଆସିଥିଲେ ଶଙ୍ଖ ଚକ୍ରଧାରୀ ଶ୍ରୀକୃଷ୍ଣ । ସାମାନ୍ୟ ଅପମାନରେ ସୃଷ୍ଟି ହୋଇଯାଇଥିଲା ମହାଭାରତ ପରି ମହାସମର ଏବଂ ଶହୀଦ ହୋଇଯାଇଥିଲେ ଭୀଷ୍ମ, ଦ୍ରୋଣ ପରି ଶହ ଶହ ରଥୀ ମହାରଥୀ । ଅଥଚ ଆଜି ନିତ୍ୟ ନୈମି ି କ ଭାବେ ଗଣ୍ଡା ଗଣ୍ଡା ନିରୀହା ନାରୀ ଦୁର୍ବୃ , ଦୁରାଚାରୀମାନଙ୍କ ଦ୍ୱାରା ଲାଞ୍ଛିତା, ଅପମାନିତା, ଧର୍ଷିତା ହୋଇଯାଉଥିଲେ ମଧ୍ୟ ନା ଦଉଡ଼ିଆସିଲେ ପୁରୁଷ ଶ୍ରେଷ୍ଠ କେଶବ ନା ଉଭା ହୋଇଗଲେ ଖଡ଼୍‌ଗ ତ୍ରିଶୂଳ ଧାରିଣୀ, ଦୁର୍ଗତି ନାଶିନୀ ମା' ଦୁର୍ଗା ।

ପରିଶେଷରେ 'ବୁଡ଼ିଗଲା ଗୋଡ଼ ତଳକୁ ତଳକୁ' ପରି ଅକ୍ଟୋପାସ ଭଳି କ୍ରୁର ମଣିଷର ଶକ୍ତ ଅଥଚ ବୀଭତ୍ସ ପଞ୍ଝା ମଧ୍ୟରୁ ସୁନୟନାର ମୁକ୍ତିର ପ୍ରୟାସ ଫିକା ପଡ଼ିଗଲା ଏବଂ ଦାଣ୍ଡରେ ଅନ୍ୟମାନଙ୍କ ଲାଳସାପୂର୍ଣ୍ଣ ଦୃଷ୍ଟିର ତୀକ୍ଷ୍ଣ ଶରକ୍ଷେପରୁ ରକ୍ଷା ପାଇବା ପାଇଁ ପାଦ ଗଣି ଗଣି ଚାଲୁଥିବା ଶାନ୍ତ, ସଂଯତ, ସ୍ଫଟିକ ପରି ସ୍ୱଚ୍ଛ ପବିତ୍ର ଝିଅଟି ପ୍ରତ୍ୟକ୍ଷ ଦିବାଲୋକରେ ନିଜ ଘରେ ନିଜ ନିକଟ ଆତ୍ମୀୟଙ୍କ ଦ୍ୱାରା ଧର୍ଷଣର ଶିକାର ହୋଇଗଲା ଏବଂ ବୀର ବିଜୟ ଦର୍ପରେ ବନ୍ଦ କୋଠରୀର କବାଟ ଖୋଲି ନିଷ୍କ୍ରାନ୍ତ ହୋଇଗଲେ ନିର୍ଦ୍ଦୟ ସୁକୁମାର ।

ଧୈର୍ଯ୍ୟହରା ସୁକନ୍ୟା ଦଉଡ଼ିଗଲେ ତାଙ୍କର ଅତି ଅଲିଅଳୀ ସାନ ଭଉଣୀ ନିକଟକୁ । ଭୂଇଁରେ ଲୋଟୁଥିବା ତା'ର ବିବସ୍ତ୍ର ଅବଶ ଶରୀରଟିକୁ କୁଣ୍ଢାଇ ଧରି ଭୋ ଭୋ ହୋଇ କାନ୍ଦି ଉଠିଲେ ସେ । ତାଙ୍କ ଛାତିରେ ମୁହଁ ଗୁଞ୍ଜି କଇଁ କଇଁ ହୋଇ କାନ୍ଦି ଉଠିଲା ସୁନୟନା । ଦୁଇ ଭଉଣୀଙ୍କ ଲୁହ ମିଶି ଏକାକାର ହୋଇଗଲା । କି କରୁଣ ସେ କ୍ରନ୍ଦନ । ସତେ ଯେପରି ପାଷାଣ ମଧ୍ୟ ତରଳିଯିବ । କିଛିକ୍ଷଣ ପରେ ନିରିମାଖୀ ଭଉଣୀର ଭୟ, ଆତଙ୍କ, କ୍ଷୋଭ ସବୁ ମିଶି ଫେ ।ଫେ ି ହୋଇ ରହିଥିବା ମୁହଁକୁ ଚାହିଁ ତା' ଆଲୁଳାୟିତ କେଶରାଶିକୁ ନିଜ ହାତରେ ସାଉଁଳି ଦେଲେ ସୁକନ୍ୟା, କିନ୍ତୁ କି ସାନ୍ତ୍ୱନା ତାକୁ ଦେବେ କିଛି ବୁଝିପାରୁ ନ ଥିଲେ । ତା' ଆଖିର ପ୍ରତ୍ୟେକଟି ଲୁହ କଣିକା ଗୋଟିଏ ଗୋଟିଏ ମାରଣାସ୍ତ୍ର ପରି ତାଙ୍କ ଛାତିକୁ ବିଦ୍ଧ କରି ରକ୍ତାକ୍ତ କରିଦେଉଥିଲା । ଉତେ ଜନାରେ ଥରୁଥିଲେ ସେ । ଧିକ୍‌କାର କରୁଥିଲେ ସେ ନିଜର ରୂପଲାବଣ୍ୟଭରା ସୌନ୍ଦର୍ଯ୍ୟକୁ ଯାହା ତାଙ୍କ ସ୍ୱାମୀଙ୍କୁ ନିଜ ଅକ୍ତିଆରରେ ରଖିପାରିଲା ନାହିଁ ଏବଂ ଅନ୍ୟ

ନାରୀର କାମନା ବାସନା ପାଇଁ ସେ ଖସିଗଲେ ଅତଳ ତଳ ମହାସାଗରକୁ ।

କ୍ରୋଧ ଓ ପ୍ରତିଶୋଧ ମନୋଭାବ ତାଙ୍କ ଚେତନାକୁ ସଂପୂର୍ଣ୍ଣ ଗ୍ରାସ କଲା ।

ନିଜ ମନକୁ ଦୃଢ଼ କଲେ ସୁକନ୍ୟା । ସବୁଦିନ ପରି ମୂକ, ଅଥର୍ବ, ପଙ୍ଗୁପରି ଚୁପ୍‌ଚାପ୍ ହାତରେ ହାତ ରଖି ବସି ଅନ୍ୟାୟ ସହିତ ସାଲିସ୍ କରି ନେବାକୁ ଆଜି ଯେମିତି ତାଙ୍କ ବିବେକ ତାଙ୍କୁ ବେତ୍ରାଘାତ କଲା । ନିଜର କିମ୍ବା ସୁକୁମାରଙ୍କ ମାନ ସମ୍ମାନ ପ୍ରତି ଭ୍ରୁକ୍ଷେପ ନ କରି ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବା ପାଇଁ ନିଜେ ସେ ଥାନାକୁ ବାହାରିଲେ ।

ହଠାତ୍ ଚିଲ ପରି ଛୁଟି ଆସି ତାଙ୍କ ପଥ ଅବରୋଧ କଲେ ସୁକୁମାର । କ୍ଷମା ମାଗିବା ପରି କହିଲେ, "ମାଦକ ଦ୍ରବ୍ୟର ନିଶାରେ ମୋର ହୋସ୍ ନ ଥିଲା ସୁକନ୍ୟା । ସତ କହୁଛି, ଏପରି ଜଘନ୍ୟ କାଣ୍ଡ କରି ମୁଁ ନିଜେ ମଧ୍ୟ ଅନୁତପ୍ତ, ତମ ରାଣ ପକାଇ କହୁଛି । ଗଡ୍ ପ୍ରମିସ୍ । ମୋତେ ବିଶ୍ୱାସ କର ।"

"ବିଶ୍ୱାସ ? ପୁଣି ତୁମ ପରି ଧୋକ୍କାବାଜ୍‌କୁ ? ଯିଏ ପତ୍ନୀକୁ ଛାଡ଼ି ପରିଚାରିକା ସହିତ ଶାରୀରିକ ସଂପର୍କ ରଖିପାରେ ।" ନିଆଁ ପରି ତାତି ଉଠି ଚିତ୍କାର କଲେ ସୁକନ୍ୟା, "ସ୍କାଉଣ୍ଡ୍ରେଲ୍... ଅଭଦ୍ର । ଏତେ ନୀଚ ତୁମେ । ଧିକ୍ ତୁମକୁ ।"

ସିଧା ଆଙ୍ଗୁଠିରେ ଘିଅ ଉଠିବନାହିଁ ଜାଣି କଥାଟାକୁ ଟିକେ ବୁଲେଇ କହିଲେ ସୁକୁମାର, "ଏନିଓ୍ୱେ, ଯାହା ଘଟିବାର ଥିଲା ତାହା ତ ଘଟିସାରିଲାଣି । କାହିଁକି ଆଉ ତିଳକୁ ତାଳ କରି ପ୍ରଘଟ କରୁଛ । ମୋ ମୁହଁରେ ଚୁନ କାଳି ବୋଳି ତୁମେ କି ଲାଭ ପାଇବ ଶୁଣେ ? ଏ ଘଟଣା ପ୍ରଚାର ହେଲେ ମୋ ଅପେକ୍ଷା ସୁନୟନାର ହିଁ ବେଶି କ୍ଷତି ହେବ । ମୋ ମାନ ସମ୍ମାନ ଆଜି ଧୂଳିସାତ୍ ହୋଇଗଲେ କାଲି ପୁଣି ପଇସା ବଳରେ ଫେରି ଆସିବ; କିନ୍ତୁ ସୁନୟନାର ଯେ ଭବିଷ୍ୟତ ନଷ୍ଟ ହୋଇଯିବ । ନା ସେ ଦାଣ୍ଡରେ ମୁହଁ ଦେଖାଇପାରିବ ନା ଆଉ କିଏ ତାକୁ ବିବାହ କରିବ । ତେଣୁ ଆଉ ମୂର୍ଖାମି ନ କରି ଏକ ଦୁଃସ୍ୱପ୍ନ ପରି ଏହି ଦୁର୍ଘଟଣାକୁ ଭୁଲିଯାଅ । ସେଥିରେ ହିଁ ଆମ ସମସ୍ତଙ୍କର ମଙ୍ଗଳ ।"

ସୁକୁମାରଙ୍କ ଏପରି ଆକ୍ଷେପରେ ସୁକନ୍ୟାଙ୍କ କ୍ରୋଧର ଶିଖା ସ୍ତିମିତ ହେବା ପରିବରେ ˋ ପୁଣି ଜଳି ଉଠିଲା । ଆହତ ସର୍ପିଣୀ ଭଳି ଫଣା ଟେକି ଫୁତ୍କାର କଲା ପରି କହିଲେ, "ଭୁଲିଯିବି; ଆକ୍ରୋଶମୂଳକ ଭାବରେ ମୋ ଭଉଣୀ ଉପରେ ତୁମେ ଯେଉଁ ନାରକୀୟ କାଣ୍ଡ ଘଟାଇଲ ତାହା କ'ଣ ଆଉ ଏ ଜୀବଦ୍ଦଶାରେ ଭୁଲିହେବ ?"

ସୁକୁମାର ଜାଣନ୍ତି, "ତାତିଲା ପାଣିରେ ଘର ପୋଡ଼େନାହିଁ ।" ତେଣୁ ତାଙ୍କ ଅସହିଷ୍ଣୁ ବ୍ୟବହାରରେ ଆଦୌ ବିଚଳିତ ନ ହୋଇ ନିରୁ ର ରହିଲେ ମଧ୍ୟ ତାଙ୍କ ମୁଖମଣ୍ଡଳରୁ ଛିଟିକି ପଡୁଥିଲା ଏକ କ୍ରୁର ହସ । ବୁଦ୍ଧିମତୀ ସୁକନ୍ୟା କିନ୍ତୁ ତାଙ୍କର ମନର ଭାଷାକୁ ଯେମିତି ପଢ଼ି ପାରୁଥିଲେ ଠିକ୍ ସେମିତି ବୁଝିପାରୁଥିଲେ ତାଙ୍କ କୁଟିଳ ଚାହାଣି ଓ ତାଚ୍ଛଲ୍ୟଭରା ଇଂଗିତକୁ । ତାଙ୍କର ମନେହେଲା ସୁକୁମାର ଯେମିତି କହୁଛନ୍ତି, ବିଚ୍ଛାମନ୍ତ୍ର ନ ଜାଣି କାହିଁକି ସାପ ଗାତରେ ହାତ ପୂରାଉଛ ସୁକନ୍ୟା । ଅନ୍ଧାରରେ ବାଡ଼ି ବୁଲାଇବା କେବଳ ସାର ହେବ । କିଛି ବି ହାସିଲ୍ କରିପାରିବ ନାହିଁ ।

ସୁକନ୍ୟାଙ୍କ ମୁହଁରେ ମଧ୍ୟ କୌଣସି ପରିବ ର୍ନ ଦେଖାଗଲା ନାହିଁ । ଯେମିତି ତାଙ୍କ ଗନ୍ତବ୍ୟ ପଥ ମଧ୍ୟ ରୁକୁଣାରଥ ପରି ଅଣଲେଉଟା । ଶଙ୍କି ନ ଯାଇ ବରଂ ଗୋଟିଏ ଖେପାରେ ସେ ଏରୁଣ୍ଡି ବନ୍ଧ ଡେଇଁ ପହ ୍ଗଲେ ଦାଣ୍ଡରେ । ତାଙ୍କପରି ମମତାମୟୀ ନାରୀର ଏହି ମହିଷାସୁର ମର୍ଦ୍ଦିନୀ ରୂପ ଦେଖି ସ୍ତମ୍ଭୀଭୂତ ହୋଇଗଲେ ସୁକୁମାର । ଭାବିଲେ ସୁଯୋଗ ପାଇଲେ ସୁକନ୍ୟା ତାଙ୍କୁ 'ନାକରେ ଦଉଡ଼ି ବେକରେ ପଘା' ଲଗାଇ ଘୋଷାରି ନେବାକୁ ମଧ୍ୟ ପଶ୍ଚାତ୍‌ପଦ ହେବେନାହିଁ । ତେଣୁ ଉପର ମୁହଁରେ ତୁଣ୍ଡି ବାନ୍ଧିଲେ ବି ଭିତରେ ଭିତରେ ସେ ମଧ୍ୟ ଭୟଭୀତ ହୋଇପଡ଼ିଲେ ।

ଏଫ୍.ଆଇ.ଆର୍ ଓ ଆନୁଷଙ୍ଗିକ ସମସ୍ତ ଲେଖାପଢ଼ା ସାରି ଥାନାରୁ ଫେରିଲେ ସୁକନ୍ୟା । ବାପା-ବୋଉଙ୍କୁ ଫୋନ କରି ଡକାଇ ଆଣି ସମସ୍ତ ଘଟଣା ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଗଲେ ସେ ।

ମୁଣ୍ଡପାତି ଅନ୍ୟାୟକୁ ସହିଯିବା ଲୋକ ନୁହନ୍ତି ବାପା କିନ୍ତୁ ଉକ୍ତ ଘଟଣାଟି ତାଙ୍କୁ ଯେମିତି କିଂକ ର୍ବ୍ୟବିମୂଢ଼ କରିଦେଲା । ପଥର ପାଲଟିଗଲା ବୋଉ । ତା'ର ଏତେ ଦିନର ସ ିତ ସଂପ ି କିଏ ଲୁଣ୍ଠନ କରିନେଲା ଜାଣିପାରିଲେ ମଧ୍ୟ ଲୁଣ୍ଠନକାରୀ ଉପରେ ନୀରବ ଅଭିସମ୍ପାତ ମଧ୍ୟ ବର୍ଷଣ କରିପାରିଲାନି ସେ । ମନରେ ପ୍ରଚଣ୍ଡ ଧକ୍କା ଖାଇଲେ ବି ଏକ ଭାବସଂକଟର ସମ୍ମୁଖୀନ ହୋଇ ନିଜର ନୈତିକତା ହରାଇବସିଲେ ବାପା ଏବଂ ଉଦାରପନ୍ଥୀ ମନୋଭାବ ନେଇ ରୁଦ୍ଧକଣ୍ଠରେ କହିଲେ, "କାହା ପାଇଁ ଆଉ ଲଢ଼ିବି ରେ ମା' ? ଏଣେ ମାଇଲେ ଗୋ ହତ୍ୟା ତେଣେ ମାଇଲେ ବ୍ରହ୍ମହତ୍ୟା । ସାନ ଝିଅ ପାଇଁ ନ୍ୟାୟ ମାଗିଲେ ଯେ ବଡ଼ ଝିଅର ସଂସାର ଉଜୁଡ଼ିଯିବ । ବହିଗଲା ପାଣି ଆଉ କ'ଣ ଫେରି ଆସିବ ? ଅଭିଯୋଗ କଲେ କେବଳ ମହରଗରୁ ଯାଇ କାନ୍ତାରରେ ପଡ଼ିବା ସାର ହେବ । ଏମିତି ପରିସ୍ଥିତିରେ ଚୁପ୍ ରହିଯିବା ହିଁ ସୁନୟନାର ଭବିଷ୍ୟତ ଓ ତୋର ଦାମ୍ପତ୍ୟଜୀବନ ଉଭୟ ପାଇଁ ମଙ୍ଗଳକର ।"

ସୁକନ୍ୟାଙ୍କ ଆଖି ଯୋଡ଼ିକ ଜଳନ୍ତା ଅଙ୍ଗାର ପରି ଲାଲ ଦେଖାଗଲା । ସେ ନମ୍ରତା ଓ ସମ୍ଭ୍ରମତା ଭୁଲି ବାପାଙ୍କୁ ତିରସ୍କାର କରି କହିଲେ, "ମୋର ଆଉ ସୁନାର ସଂସାର କାହିଁ ବାପା ? ନଷ୍ଟ ଚରିତ୍ର ସ୍ୱାମୀଙ୍କୁ ପାଇ ତ ମୋ ସୁନାର ସଂସାର ଚୂନା ହୋଇସାରିଲାଣି । ତେବେ, କାହିଁକି ସୁନୟନାର ଭବିଷ୍ୟତ ଉଜୁଡ଼ିଯିବ ? କେଉଁ ଦୋଷରେ ? ସତ୍ୟ - ଧର୍ମ - ନ୍ୟାୟ ସବୁ କ'ଣ ଆଜି ପୋଥି ବାଇଗଣ ହୋଇ ରହିଯାଇଛି । ନା ବାପା ନା, ଧର୍ମର ଜୟ ବିଳମ୍ବିତ ହେଲେ ହେଁ ପରିଶେଷରେ ବିଜୟ ମିଳିବା ନିଶ୍ଚୟ ଧ୍ରୁବ । ଆଜି ଯଦି ଆମ ଦେଶର ଯୁବକ ଦିଗ୍‌ଭ୍ରାନ୍ତ ଓ ବିକୃତ ମାନସିକତାରେ ପୀଡ଼ିତ କିମ୍ବା ମଣିଷ ସ୍ଥାନରେ କେବଳ ପଶୁତ୍ୱର ପ୍ରାବଲ୍ୟ, ତେବେ ସେଥିପାଇଁ ଏଭଳି ଭୀରୁ ପଳାୟନପନ୍ଥୀ ମନୋଭାବ ହିଁ ବେଶି ପରିମାଣରେ ଦାୟୀ । ତୁମେ କ'ଣ ଏଇୟା ଚାହଁ ବାପା ! ଦୋଷୀ ଉପଯୁକ୍ତ ଦଣ୍ଡ ନ ପାଇ ଖୁଲମ୍‌ଖୋଲା ଘୂରି

ବୁଲି ଆହୁରି ଅନ୍ୟାୟ କରୁ ଏବଂ ନିରପରାଧିନୀଟିଏ ଲୋକାପବାଦ ଓ ସମାଜର ଅସୂୟାଭାବ ଯୋଗୁଁ ନ୍ୟାୟର ଦ୍ୱାରସ୍ଥ ହେବାକୁ ମଧ୍ୟ ସାହସ ନ କରି ଅନ୍ଧାର କୋଣରେ ଆତ୍ମଗୋପନ କରି ଲୁହ ଝରାଉ। ନଚେତ୍ କୂଅ ପୋଖରୀରେ ଆତ୍ମାହୁତି ଦେଇ ଆତ୍ମହତ୍ୟା ପରି ମହାପାପର ଭାଗୀ ହେଉ। ଏହା କ'ଣ ତୁମର ଉଚିତ ବିଚାର ? କୁହ ବାପା; ତୁମ ପରି ସମସ୍ତେ ଯଦି ବୀର ପରି ନ ଲଢ଼ି ଭୀରୁ ପରି ପଛଘୁ । ଦେବେ, ତେବେ ... କିଏ ପୋଛିଦେବ ଏହି ଅଭାଗିନୀମାନଙ୍କର ଆଖିରୁ ଲୁହ ? କିଏ ସେମାନଙ୍କୁ ଦେବ ତାଙ୍କ ନ୍ୟାର୍ଯ୍ୟ ଅଧିକାର ? ଅପରାଧ କରିବା ଯେମିତି ପାପ, ଅପରାଧୀକୁ ପ୍ରୋତ୍ସାହନ ଦେବା ମଧ୍ୟ ତା'ଠାରୁ ବଳି ମହାପାପ ବାପା।"

ଅପ୍ରିୟ ସତ୍ୟ ସର୍ବଦା ପିତା ଲାଗେ। ଏତେ ବୁଝାଇବା ସତ୍ତ୍ୱେ ସତ୍ୟକୁ ମାନିବାକୁ କୁଣ୍ଠାବୋଧ କଲେ ସେ। ପ୍ରତ୍ୟୁତ୍ତର କିଛି ବି ଦେଲେନି। ବରଂ ପରାଜିତ ସୈନିକର ଗ୍ଲାନି ଓ ବେଦନାବୋଧ ନେଇ ନୀରବ ରହିଲେ।

ତେବେ ସୁଦ୍ଧା ନିରୁତ୍ସାହିତ ନ ହୋଇ ସାନଭଉଣୀ ସୁନୟନାକୁ ବୁଝାଇ ସୁଝାଇ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ପ୍ରେରଣା ଦେଲେ ସୁକନ୍ୟା। ତା'ପରି ସୌମ୍ୟା, ସୁଶ୍ରୀ କୋମଳମତି କିଶୋରୀଟିକୁ ନେଇ କାଠଗଡ଼ାରେ ଠିଆ କଲେ। ଖାଲି ଠିଆହେଲେ କ'ଣ ହେବ ? ଭୟ ଧୀରେ ଧୀରେ ଅଜଗର ସାପପରି ସୁନୟନାର ସମଗ୍ର ଅସ୍ତିତ୍ୱକୁ ଯେମିତି ଗ୍ରାସ କରିଦେଲା। ସେ ଭୟରେ ଏମିତି ଜଡ଼ସଡ଼ ହୋଇଗଲା ଯେ ତୁଣ୍ଡ ଖୋଲିବାର ଶକ୍ତି ଥାଇ ମଧ୍ୟ ଜଡ଼ ଭରତ ପାଲଟିଗଲା। ମୁହଁରୁ ରାମ କି ବିଷ୍ଣୁ କିଛି ବି ଶବ୍ଦ ବାହାର ନ କରି କେବଳ ଭୂମି ଉପରେ ଦୃଷ୍ଟି ନିବଦ୍ଧ କରି ଆଖିରୁ ଲୁହ ଝରାଇଲା।

ଶେଷରେ ମୌନ ରହିବାର ପରିଣାମ କିନ୍ତୁ ବିଷମ ହେଲା ସୁନୟନା ପାଇଁ। ସର୍ବ ସମକ୍ଷରେ ପ୍ରତିପକ୍ଷ ଓକିଲ ପ୍ରମାଣ କରିଦେଲେ, ସୁନୟନା ସାବାଳିକା ଓ ତା'ର ଇଚ୍ଛାମତେ ଉକ୍ତ ଘଟଣା ଘଟିଛି। ଏହା ବଳାତ୍କାର ନୁହେଁ ବରଂ ଏକ ପ୍ରେମ କାହାଣୀ। ଦୁର୍ଘଟଣା ନୁହେଁ କେବଳ ଏକ ପ୍ରେମଜନିତ ଘଟଣା।

ନିଷ୍ପ୍ରଭ ଦେଖାଗଲା ସୁନୟନାର ମୁହଁ। ସେଦିନର ଦୁର୍ଘଟଣାରେ କେବଳ ଥରେ ନୁହେଁ ବରଂ ଆଜି ସମସ୍ତଙ୍କ କୌତୁହଳୀ ଦୃଷ୍ଟି ସମ୍ମୁଖରେ ସେ ଯେପରି ଅନେକ ବାର ଧର୍ଷିତା ହୋଇଯାଉଥିଲା। ସମବେଦନା ବଦଳରେ ଦର୍ଶକମାନଙ୍କ ମୁହଁରେ ଫୁଟି ଉଠୁଥିଲା ବିଷାକ୍ତ ଶାଣିତ ଛୁରୀ ଭଳି ବ୍ୟଙ୍ଗପୂର୍ଣ୍ଣ ହସ। ସେମାନେ ଏମିତି ଆଲୋଚନା ସମାଲୋଚନା କରୁଥିଲେ ଯେମିତି ବଳାତ୍କାର ବଦଳରେ ଯଦି ତାକୁ କ୍ୟାନ୍‌ସର ହୋଇଥା'ନ୍ତା ତେବେ ହୁଏତ ସମସ୍ତଙ୍କ ଦୟାର୍ଦ୍ର ଦୃଷ୍ଟି ତା' ଉପରେ ପଡ଼ିଥା'ନ୍ତା।

ନିରୁପାୟ ହେଲେ ମଧ୍ୟ ହାର୍ ମାନିଲେ ନାହିଁ ସୁକନ୍ୟା। ସମଗ୍ର ନାରୀ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦା ପ୍ରତିଷ୍ଠା ପାଇଁ ପ୍ରତିକୂଳ ପରିବେଶ ସହିତ ମଧ୍ୟ ଏକାକୀ ଯୁଝିଲେ ସେ। ନିଜେ କାଠଗଡ଼ାରେ ଠିଆ ହୋଇ ନିର୍ବିକାର ଚିତ୍ତରେ ନିଜ ସ୍ୱାମୀଙ୍କ ଚରିତ୍ର ଚିତ୍ରଣ କଲେ। ପ୍ରତିପକ୍ଷ ଓକିଲଙ୍କର କୁତ୍ସିତ ରୀତିରେ ଜେରା ଓ ଅଶାଳୀନ ମନ୍ତବ୍ୟରେ ତିଳେ ମଧ୍ୟ ବିଚଳିତ ନ ହୋଇ ଅସୀମ ଧୈର୍ଯ୍ୟର ସହ ସମୁଚ୍ଚ କଣ୍ଠରେ ଜବାବ ଦେଇ କଡ଼ା ମୁକାବିଲାର ସାମ୍ନା କଲେ।

ସେଦିନ ଅଦାଲତର କାର୍ଯ୍ୟ ସେତିକିରେ ସ୍ଥଗିତ ରହିଲା। କୋର୍ଟ ପରିସରରୁ ବାହାରି ସୁକନ୍ୟା ଦେଖିଲେ - ମଦ୍ଦବାସନା ପାଇ ଶାଗୁଣା ସବୁ ଆସି ଠୁଳ ହୋଇଗଲା ପରି ତାଙ୍କ ତୁଣ୍ଡରୁ ଅପ୍ରିୟ ହେଲେ ବି ସତ୍ୟ ଘଟଣାମାନ ଶୁଣୁଶୁଣୁ ବିଭିନ୍ନ ପତ୍ରକାର, ମହିଳା ସଂସ୍ଥା ଏବଂ ନାରୀ ନେତ୍ରୀମାନେ ସୁକୁମାରଙ୍କୁ ଘେରିଯାଇ ପ୍ରଶ୍ନବାଣରେ ଅତିଷ୍ଠ କରି ପକାଉଥିଲେ। ଅନେକ ସ୍ୱେଚ୍ଛାସେବୀ ମହିଳା ଶୋଭାଯାତ୍ରାରେ ବାହାରି ସୁକୁମାରଙ୍କ ବିରୋଧରେ ସ୍ଲୋଗାନ ଦେଇ ତୁମିତୋଫାନ ସୃଷ୍ଟି କଲେ। ଏସବୁ ଘଟଣା ଦେଖି ଜିଣିବାର କ୍ଷୀଣ ଆଶା ପୁଣି ସଂଚାର ହେଲା ତାଙ୍କ ମନ ତଳେ। ତା ପରଦିନ କେତେ ଆଶା କେତେ କଳ୍ପନା ନେଇ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସେ କୋର୍ଟରେ ପହଞ୍ଚିଲେ। କିନ୍ତୁ ଆଶ୍ଚର୍ଯ୍ୟ ମହିଳା ସଂସ୍ଥା, ସ୍ୱେଚ୍ଛାସେବୀ ନାରୀନେତ୍ରୀମାନେ ନିଜର ଅସାମର୍ଥ୍ୟ ପ୍ରକାଶ କରି କହିଲେ - ସୁନୟନା ମୌନ ସମ୍ମତି ଜଣାଇଲେ, ସେମାନେ ଆଉ କିଛି କରି ପାରିବେ ନାହିଁ। କି ସ୍ପର୍ଶକାତର ପରିସ୍ଥିତି ? ସବୁ ଶୁଣି ନିର୍ବାକ୍ ପାଲଟିଗଲେ ସୁକନ୍ୟା।

କିନ୍ତୁ ପରେ ସେ ଯାହା ଶୁଣିବାକୁ ପାଇଲେ ତାହା ହେଉଛି, ଦୁର୍ନୀତିର ଗହନ ଗହ୍ୱରରେ ଚାଷଥିବା ଏବଂ ଦୁନିଆର ସମସ୍ତ ଛନ୍ଦକପଟ ଜାଣିଥିବା ସୁକୁମାର ସମାଜର ବଡ଼ପଣ୍ଡାମାନଙ୍କର ପକେଟ ଗରମ କରିଦେଲେ। କେଉଁ ଓକିଲଙ୍କୁ ତୈଳମର୍ଦ୍ଦନ ପୂର୍ବକ ଗାଡ଼ି ଘୋଡ଼ା ଉପହାର ଦେଲେ ତ କେଉଁ ପୋଲିସ ଅଫିସରଙ୍କୁ ତାରକା ହୋଟେଲ୍‌ରେ ଆପ୍ୟାୟିତ କଲେ। ରକ୍ଷକ ସମସ୍ତେ ଭକ୍ଷକ ସାଜିଲେ। ଟଙ୍କାର ମାପକାଠିରେ 'ଓସ୍‌ସିଫିକେସନ' ଟେଷ୍ଟର ସମସ୍ତ ପ୍ରମାଣ ନଷ୍ଟ କରିଦିଆଗଲା। ଏବଂ ଅର୍ଥ ବଳରେ ସବୁ ଅନର୍ଥ ଏମିତି ଢାଙ୍କି ହୋଇଗଲା ଯେ ଆଇନ୍‌ର ଲମ୍ବାହାତ ମଧ୍ୟ ଦୋଷୀକୁ ଧରିବା ପାଇଁ ଛୋଟ ହୋଇଗଲା।

ଏବଂ ପରିଶେଷରେ ସୁକନ୍ୟାଙ୍କ ସମସ୍ତ ପରିଶ୍ରମ ପଣ୍ଡ ହୋଇଗଲା। ଯଉବନ ଯଉ ଘରେ ନିଆଁ ଲାଗିଲେ କେଉଁ ଧୂଆଁ ଦେଖାଯାଏ ନା ଶିଖା ଉଠେ ଯେ ତାକୁ ନେଇ ପୁଣି ପ୍ରମାଣ ରୂପରେ ଦେଖାଇଥା'ନ୍ତେ ସେ ଅଦାଲତରେ । ସେହି ଅଦୃଶ୍ୟ କ୍ଷତର ଚାକ୍ଷୁଷ ପ୍ରମାଣ ଯେ ତାଙ୍କ ନିଜର ଦୁଇ ଆଖି। ତେବେ ସେ ଚକ୍ଷୁ ଯୋଡ଼ିକ ଦେଖିଥିବା ସମସ୍ତ ଘଟଣା ମଧ୍ୟ ମିଥ୍ୟା ପ୍ରମାଣ ହୋଇଗଲା। ସ୍ୱାମୀଙ୍କ ବିରୁଦ୍ଧରେ ସେ କରିଥିବା ସମସ୍ତ ଅଭିଯୋଗ କପୋଳକଳ୍ପିତ ଓ ମନଗଢ଼ା କାହାଣୀ ଭାବେ ପ୍ରଚାରିତ ହେଲା। ନ୍ୟାୟାଳୟରେ ଅନ୍ୟାୟ ହେଲା। ଅଧର୍ମର ଜୟ ଜୟକାର ଧ୍ୱନି ଖେଳି ବୁଲିଲା ଗଗନ ପବନରେ... ଏବଂ ନିଜର ନିଷ୍କଳଙ୍କ ଭାବମୂର୍ତ୍ତିର ପ୍ରମାଣ ପତ୍ର ଧରି ନିର୍ଭୟରେ ବାହାସ୍ଫୋଟ ମାରି ଘୂରି ବୁଲିଲେ ସୁକୁମାର। ଆଉ ... ନିରପରାଧିନୀ ସୁନୟନା ଦୋଷୀ ସାବ୍ୟସ୍ତ ହୋଇ ଘୃଣ୍ୟ ପାଲଟିଗଲା ସମାଜ ଦୃଷ୍ଟିରେ। ତା ନାମରେ ଫର ଫର ହୋଇ ଉଡ଼ି ବୁଲିଲା କଳଙ୍କିନୀର ବାନା। କାନ୍ଥ ବାଡ଼ରେ ଛାପି ଦିଆଗଲା ଅଶ୍ଳୀଳ ଛବି ଓ ତା ତଳେ ଲେଖି ଦିଆଗଲା ଅଶ୍ରାବ୍ୟ, ଅଶାଳୀନ ଭାଷା । ଏବଂ ପତ୍ରପତ୍ରିକାରେ ପ୍ରଚାରିତ ହେଲା ନାନା ଅମାର୍ଜିତ ଅତିରଞ୍ଜିତ ଖବର ।

ବାଘ କାମୁଡ଼ା ଅପେକ୍ଷା ଘୋଷଡ଼ାଟା ବେଶୀ କଷ୍ଟଦାୟକ ହେଲା ସୁନୟନା ପାଇଁ। ସତୀ ସୀତାଙ୍କ ପରି ଅଗ୍ନି ପରୀକ୍ଷା ଦେବାର ଶକ୍ତି ସାମର୍ଥ୍ୟ ଆଉ ନ ଥିଲା ତା'ଠାରେ। ତା'ର ସମସ୍ତ ମଧୁର ସ୍ୱପ୍ନ ଅଦିନରେ ମଉଳିଗଲା ପରି ତା ମୁଖମଣ୍ଡଳର ପ୍ରଶାନ୍ତି ମଧ୍ୟ ସବୁଦିନ ପାଇଁ ହଜିଗଲା। ନୀରବରେ ଅଲିଭା କ୍ଷତ ଓ ଭଙ୍ଗାମନ ନେଇ ବାପାଙ୍କ ସହିତ ଗ୍ରାମକୁ ଚାଲିଗଲା ସେ। କିନ୍ତୁ କ୍ଷତର ଦାଗ ରହିଗଲା ସୁକନ୍ୟାଙ୍କ ଅନ୍ତରରେ। ଲୋକଙ୍କର ଚୁପ୍‌ଚାପ୍, ଫୁସ୍‌ଫାସ୍ ହେଉଥିବା ଦୃଶ୍ୟ ତାଙ୍କ ମାନସିକ ସନ୍ତୁଳନ ହରାଇବାରେ ଯେପରି ଆହୁରି ଇନ୍ଧନ ଯୋଗାଇଲା। ଏକ ଅପରାଧବୋଧ ଓ ଅଜଣା କୋହ ମିଶି ତାଙ୍କ ଛାତି ଭିତରଟାକୁ ଦଳି ଚକଟି ମନ୍ଥି ପକାଉଥିଲା। ମାନସିକ ଯନ୍ତ୍ରଣା ଶେଷରେ ଏତେ ବଢ଼ିଗଲା ଯେ ନିଦ ବଟିକା ଖାଇ ମଧ୍ୟ ନିଦ ତାଙ୍କ ଆଖିରୁ ଦୂରେଇଗଲା ଅନେକ ଦୂରକୁ। ଏତେ ଐଶ୍ୱର୍ଯ୍ୟ ଓ ସମ୍ମାନ ଭିତରେ ମଧ୍ୟ ହା-ହୁତାଶମୟ ହୋଇଗଲା ତାଙ୍କ ଜୀବନ। ତାଙ୍କ ସଂସାର, ତାଙ୍କ ପରିଚିତ ପୃଥିବୀ, ସବୁ ଯେମିତି ଅପରିଚିତ ହୋଇଗଲା ତାଙ୍କ ପାଇଁ। ଜୀବନ ପ୍ରତି ବିତୃଷ୍ଣା ଆସିଯାଇଥିଲା ସୁକନ୍ୟାଙ୍କର। ଏକ ତିକ୍ତମନ ନେଇ ସ୍ୱାମୀଙ୍କ ସହିତ ଗୋଟିଏ ଛାତ ତଳେ ରହିଲେ ମଧ୍ୟ ସେ ତାଙ୍କଠାରୁ ଦୂରେଇ ଯାଇଥିଲେ ଅନେକ ଦୂରକୁ ... । ଏପରିକି ଅଳ୍ପଦିନ ମଧ୍ୟରେ ଛାଡ଼ପତ୍ର ଦେଇ ଅନ୍ୟତ୍ର ରହିବାର ବ୍ୟବସ୍ଥା ମଧ୍ୟ କରିସାରିଥିଲେ ସେ। ପ୍ରବ ନାର ପହିଲି ଧକ୍‌କା ସିନା ସେ ସହି ଯାଇଥିଲେ କିନ୍ତୁ ଏଥର ଧୈର୍ଯ୍ୟର ବନ୍ଧ ତାଙ୍କର ଭୁଷୁଡ଼ି ପଡ଼ିଥିଲା।

କ୍ୟାଲେଣ୍ଡରର ପୃଷ୍ଠା କାହାକୁ ଅପେକ୍ଷା ନ କରି ବଦଳି ଚାଲିଥିଲା .. । ଏବଂ ଭରା ଯୌବନରେ ନ୍ୟାୟ, ଅନ୍ୟାୟ ପାପ. ପୁଣ୍ୟର ବିଚାର ନ କରି ଯାଦୁକରୀ ମାୟା ଓ ଇନ୍ଦ୍ରଧନୁର ଅନ୍ଧପୁଟୁଳି ଆଖିରେ ବାନ୍ଧି ସୁରା ଓ ସାକୀ ମଧ୍ୟରେ ଆହୁରି ନିର୍ଭୟରେ ମଜ୍ଜିଗଲେ ରକ୍ତ ଲୋଲୁପୀ ସୁକୁମାର। ପୁରୁଷତ୍ୱ ହୁଏତ ଥିଲା, କିନ୍ତୁ ପୌରୁଷ ହରାଇ ସାରିଥିଲେ ସେ ସମାଜ ଦୃଷ୍ଟିରେ। ତଥାପି ଶୋଷ ତାଙ୍କର ନ ମେ ି ବରଂ ବଢ଼ି ବଢ଼ି ଚାଲିଥିଲା।

ଅକସ୍ମାତ୍ ଗୋଟିଏ ଅଶୁଭମୁହୂ ର୍ ଆସି ସୁକୁମାରଙ୍କ ଜୀବନର ସବୁ ପରିସ୍ଥିତିକୁ ଚହଲାଇ ଦେଲା; କ୍ଷଣକ ମଧ୍ୟରେ ସବୁ କିଛି ଓଲଟପାଲଟ ହୋଇଗଲା। ଐଶ୍ୱର୍ଯ୍ୟ ଓ ବିଳାସର ଅମରାବତୀରେ ଭାସିବୁଲି ଭାଗ୍ୟ କି ଭଗବାନଙ୍କୁ ମାନୁ ନ ଥିବା ଚାରିଦଉଡ଼ିକଟା ସୁକୁମାରଙ୍କ ଉପରେ ଯେମିତି ବିପଦର ପାହାଡ଼ ଲଦିହୋଇ ପଡ଼ିଲା। ଦିନେ ମଦ ନିଶାରେ ଧରାକୁ ସରା ମଣୁଥିବା ମାତାଲ୍ ସୁକୁମାର ଶିଡ଼ିରେ ଓହ୍ଲାଉଥିବା ବେଳେ ହଠାତ୍ ନିଜର ଭାରସାମ୍ୟ ହରାଇ ପେଣ୍ଡୁ ପରି ଗଡ଼ି ଗଡ଼ି ଯାଇ ପଡ଼ିଲେ ତଳ ସିମେ ଚଟାଣ ଉପରେ। ଭାଙ୍ଗିଗଲା ପଞ୍ଜରା ଓ ଗୋଡ଼ ହାତର ହାଡ଼। ମୁଣ୍ଡ ଫାଟି ଅଜସ୍ର ରକ୍ତସ୍ରାବ ମଧ୍ୟ ହୋଇଗଲା। ତଳେ ଠିଆ ହୋଇଥିଲେ ସୁକନ୍ୟା ଏବଂ ତାଙ୍କ ନିକଟରେ ଦରମରା ଝିଟିପିଟି ପରି ପଡ଼ି ଛଟପଟ ହେଉଥିଲେ ସୁକୁମାର। ସୁକନ୍ୟାଙ୍କର ମନେହେଲା ତଳ ଅଦାଲତରେ ଲା ମିଛ କରି ଖସି ଯାଇଥିବା ସୁକୁମାର ଯେମିତି ଧରା ପଡ଼ିଗଲେ ସର୍ବଦ୍ରଷ୍ଟା, ଶ୍ରେଷ୍ଠ ବିଚାରକ ପରମେଶ୍ୱରଙ୍କ ସର୍ବଶ୍ରେଷ୍ଠ ଅଦାଲତରେ।

କିନ୍ତୁ ଆଶ୍ଚର୍ଯ୍ୟ, ଯେଉଁ ଅନ୍ୟାୟ ଅଧର୍ମର ପୂଜାରୀକୁ ଦଣ୍ଡ ଦେବାପାଇଁ ଦିନେ ସେ ଆକାଶ ପାତାଳ ଏକ କରି ଦେଇଥିଲେ ଏବଂ ଶେଷରେ ହାରିଯାଇ ଅନେକ ମାନସିକ ଯନ୍ତ୍ରଣା ଭୋଗୁଥିଲେ, ଆଜି ତା'ର ଏହି ଦୈବୀଦଣ୍ଡ ଦେଖି ମଧ୍ୟ ସେ ଆନନ୍ଦିତ ହୋଇ ପାରିଲେ ନାହିଁ। ଛାଡ଼ପତ୍ର ଦେଇ ସବୁଦିନ ପାଇଁ ଦୂରେଇ ଯିବାକୁ ନିଶ୍ଚିତ କରିଥିଲେ ସୁଦ୍ଧା ଏପରି ଦୟନୀୟ ଅବସ୍ଥାରେ ତାଙ୍କୁ ଏକାକୀ ଛାଡ଼ି ଚାଲିଯିବାକୁ ବିବେକ ତାଙ୍କର ଦଂଶନ କଲା। ଭାବିଲେ, ବିପଦ ବେଳେ ଶତ୍ରୁ ମଧ୍ୟ ମିତ୍ର ପାଲଟିଯାଏ, ଆଉ ସେ ଯେ ପତ୍ନୀ, ଚିର କଲ୍ୟାଣୀ, ମମତାମୟୀ ନାରୀ । ସ୍ୱାମୀଙ୍କୁ ଏପରି ଅବସ୍ଥାରେ ପାଦରେ ଠେଲି ଚାଲିଗଲେ, ସେ ନିଜେ ଯେ ପାପର ଭାଗୀ ହେବେ।

ରାଗ ଅଭିମାନ ଅପମାନ ପରି ମର୍ମଦାହଗୁଡ଼ିକୁ ଛାତି ତଳେ ଚାପିଦେଇ, ନିଜେ ସୁକନ୍ୟା ହିଁ ତାଙ୍କୁ ନେଇ ଡାକ୍ତରଖାନାରେ ଭ ର୍ କଲେ ଏବଂ କଲେଜ୍‌ରୁ ଛୁଟି ନେଇ ତାଙ୍କ ସେବା ଯତ୍ନରେ ତିଳେ ମଧ୍ୟ କାର୍ପଣ୍ୟ କଲେନାହିଁ। ତେବେ ବି ଦୀର୍ଘ ଏକମାସ ଧରି ଯମ ଓ ଡାକ୍ତରମାନଙ୍କ ମଧ୍ୟରେ ଟଣାଓଟରା ଚାଲିବା ପରେ ଶେଷରେ ଯମ ଅଇଁଠା ହୋଇ ଫେରି ଆସିଲେ ସୁକୁମାର। ଶବ ପରି ପଡ଼ିଥିବା ତାଙ୍କର ନିଶ୍ଚଳ ଶରୀର ପୁଣି ଶିବ ପାଲଟିଲା ସତ କିନ୍ତୁ ଏଥି ମଧ୍ୟରେ ଆହୁରି ଛଅମାସ ବିତିଯାଇଥିଲେ ମଧ୍ୟ ସୁକୁମାରଙ୍କ ପଞ୍ଜରା ହାଡ଼ରେ ବନ୍ଧା ହୋଇଥିବା ପଟି ଖୋଲିନି କି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି ସେ। ଆଗକୁ କ'ଣ କରିବେ କିଛି ବୁଝି ପାରୁ ନ ଥିଲେ ସୁକନ୍ୟା।

ହଠାତ୍ ସୁକୁମାରଙ୍କ ହାତର ସ୍ପର୍ଶରେ ଅତୀତ ସ୍ମୃତିରେ ଭଟ୍ଟା ପଡ଼ିଗଲା ସୁକନ୍ୟାଙ୍କର, ହତବମ୍ଭ ହୋଇ ଚାହିଁଲେ ସେ। ଆପଣାର ସ୍ନେହସିକ୍ତ ହସ୍ତରେ ଭାବ ବିହ୍ୱଳ ହୋଇ ତାଙ୍କ ହାତକୁ ଚାପି ଧରିଥିଲେ ସୁକୁମାର। ଆଖିରେ ତାଙ୍କର ଛଳ ଛଳ ହେଉଥିଲା ଅଶ୍ରୁ। ଥତମତ ହୋଇ ନିହାତି ଅପରାଧୀଟିଏ ପରି କମ୍ପିତ କଣ୍ଠରେ କହୁଥିଲେ, ମୁଁ ଯେଉଁ ଗର୍ହିତ ଅପରାଧ କରିଛି ତାହା ତ ନିଶ୍ଚୟ ଅକ୍ଷମଣୀୟ। ତେବେ ବି ତୁମ ଉଦାର ହୃଦୟରେ ମୋତେ କ୍ଷମା କରିଦିଅ ସୁକନ୍ୟା। ମୁଁ ପାପୀ, ମୁଁ ନୀଚ। ମୋ ନିଜ ଘରେ କସ୍ତୁରୀ ଥାଇ ବି ମୁଁ ଯାହା ମୃଗତୃଷ୍ଣାର ଭ୍ରମରେ ବାହାରେ ଘୂରି ବୁଲୁଛି। ଧିକ୍ ମୋତେ, ମୁଁ କୃତଘ୍ନ, ପ୍ରବ ନା କରିଛି ତୁମପରି ଏକ ପତିପ୍ରାଣା, ସେବା ପରାୟଣା ପତ୍ନୀକୁ। ମୋତେ ତୁମେ ଯାହା ଦଣ୍ଡ ଦେବ, ଦିଅ ପଛେ, କିନ୍ତୁ ଆଉ ଦୂରେଇଦେଇ ଚାଲିଯାଅନା, ପ୍ଲିଜ୍ ସୁକନ୍ୟା .. ପ୍ଲିଜ୍ ମୋ ଉପରେ ଦୟାକର। ଛଳ ଛଳ ହେଉଥିବା ଚକ୍ଷୁ ଯୁଗଳରୁ ବୋହିବାକୁ ଲାଗିଲା ତାଙ୍କର ଲୋତକର ଧାରା। ସତେ ଯେପରି ପଶ୍ଚା ।ପର ଅନଳରେ ଜଳି ସେ ବାହାରି ଆସୁଛନ୍ତି ଶୁଦ୍ଧ ସୁବର୍ଣ୍ଣ ରୂପରେ।

'ସତରେ କ'ଣ ଉଷୁନା ଧାନ ଗଜା ହେଲା ?' ବିଶ୍ୱାସ କରି ପାରୁ ନ ଥିଲେ ସୁକନ୍ୟା। ଅଭିମାନରେ ଫାଟି ପଡ଼ି ଭାବୁଥିଲେ, ଭାରି ଚାଲାକ ଭାବିଛନ୍ତି ନିଜକୁ! ଜାଣି ଜାଣି ଗୋଇଠା ମାରି ପୁଣି ବିଷ୍ଣୁ କରିବା ନୀତି ଧରୁଛନ୍ତି। ବିଛଣାରେ ପଙ୍ଗୁ ପରି ପଡ଼ି ନ

ଥିଲେ, ଏହି ମଣିଷ ଦିନଟିଏ ମଧ୍ୟ ପଛକୁ ଚାହିଁଥା'ନ୍ତା କି ନାହିଁ ସନ୍ଦେହ । ଅଥଚ ଆଜି କତରାଳଗା ହୋଇ କେତେ ନିଃସ୍ୱ, କେତେ ଦୟନୀୟ ତାଙ୍କର ଭାଷା । ସତେ କ'ଣ କପାଳ ଫାଟିବା ସଙ୍ଗେ ସଙ୍ଗେ ଏମିତି ଗୋଟିଏ ଝଟକାରେ ତାଙ୍କ ଗର୍ବ ଅହଙ୍କାରର ଅମୁହାଁ କାନ୍ଥଟି ଭାଙ୍ଗି ପଡ଼ିଲା ? ସତେ କ'ଣ ସେ ପାପର ସ୍ୱରୂପ ଉପଲବ୍ଧି କରିଛନ୍ତି, ନା ଏସବୁ କେବଳ ତାଙ୍କର କୁମ୍ଭୀର କାନ୍ଦଣା ମାତ୍ର । ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଦୋଳାୟମାନ ଅବସ୍ଥାରେ ରହି ଚାହିଁଥିଲେ ସେ ସୁକୁମାରଙ୍କ ମୁହଁକୁ ।

ତାଙ୍କର ଯୌବନଦୀପ୍ତ ମୁଖମଣ୍ଡଳ ଦେଖାଯାଉଥିଲା ବୃଦ୍ଧ ପରି । ନିଜର ଦୁର୍ବଳ ହାତରେ ସୁକନ୍ୟାଙ୍କ ହାତକୁ ମୁଠାଇ ଧରି ଅସହାୟ ଭାବରେ ପୁଣି କହୁଥିଲେ ସୁକୁମାର, "ସେଦିନ ଶିଡ଼ିରୁ ପଡ଼ି ଯଦି ମୁଁ ମୃତ୍ୟୁବରଣ କରିଥା'ନ୍ତି, ତେବେ ତ ବହୁତ ଭଲ ହୋଇଥା'ନ୍ତା ସୁକନ୍ୟା, ଅନ୍ତତଃ ମୁଁ ତ ତରି ଯାଇଥା'ନ୍ତି । ମୁକ୍ତି ପାଇଯାଇଥାନ୍ତି ଏ ନିର୍ଲ୍ଲଜ ଜୀବନରୁ । ଆଜି ଜୀଇଁଥାଇ ମଧ୍ୟ ମୁଁ ମୃତବତ୍ ପଡ଼ିଛି । ଯନ୍ତ୍ରଣାରେ କଲବଲ ହୋଇ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ସମ୍ମୁଖରେ ଦେଖି ତିଳ ତିଳ ହୋଇ ମରୁଛି । ଏମିତି ନିଜ ଲୋକଙ୍କ ଠାରୁ ଦୂରେଇ ରହି ଘୃଣାର ପାତ୍ର ହୋଇ ବଞ୍ଚିବା ଅପେକ୍ଷା ମୃତ୍ୟୁ ମୋ ପାଇଁ ଶତଗୁଣେ ଶ୍ରେୟସ୍କର । ମୁଁ ବଞ୍ଚିବାକୁ ଆଉ ଚାହେଁନି ସୁକନ୍ୟା ... ମୁଁ ମୃତ୍ୟୁ ଚାହେଁ, ମୃତ୍ୟୁ । ମୋତେ କ୍ଷମା ନ ଦେଲେ ନାହିଁ ଅନ୍ତତଃ ବିଷ ଟିକିଏ ତ ଆଣିଦେଇ ପାରିବ ।"

ଧୈର୍ଯ୍ୟର ବନ୍ଧ ଭୁଷୁଡ଼ିଗଲା ସୁକନ୍ୟାଙ୍କର । ଭାବିଲେ, ବିଳମ୍ବରେ ହେଉ ପଛେ ଚଣ୍ଡାଶୋକ ତ ପୁଣି ଧର୍ମାଶୋକରେ ପରିଣତ ହେଲେ । ଏତେ ଦିନକେ ପୁଣି ତାଙ୍କ ମନ ଘର ଧରିଲା । କାରଣ ଯାହା ବି ହେଉନା କାହିଁକି, ଏଇ ମନର ପରିବର୍ତ୍ତନ ହିଁ ତ ଚାହୁଁଥିଲେ ସେ । ସେ ଯେ ସର୍ବଂସହା ନାରୀ । ଦୋଷୀ ପାଇଁ ତାଙ୍କ ଦଣ୍ଡ ନିଆରା । ତାଙ୍କ ସ୍ୱାମୀ ଯଦି ନିଜର ଦୁଷ୍କର୍ମ ପାଇଁ ଅନୁତପ୍ତ ହୋଇ ପୁଣି ସତ୍‌ପଥକୁ ଫେରି ଆସନ୍ତି, ସେତିକି ତ ତାଙ୍କ ପାଇଁ ଯଥେଷ୍ଟ । ପତି ସୋହାଗ ଓ ନାରୀସୁଲଭ ଦୁର୍ବଳତା ତାଙ୍କୁ କାବୁ କରିଦେଲା । ଏକ ଅନାସ୍ୱାଦିତ ସୁଖର ଆବେଗରେ ସ୍ୱାମୀଙ୍କୁ ବାକ୍ୟ ଶେଷ କରିବାକୁ ନ ଦେଇ ତାଙ୍କ ତୁଣ୍ଡରେ ହାତ ଚାପିଦେଲେ ସେ । ଏଇ ଦୁର୍ବଳତା ହିଁ ବୋଧହୁଏ ନାରୀକୁ ଯେଉଁ ପୂର୍ଣ୍ଣତା ଦିଏ ତା'ର ଅନ୍ୟ ନାମ ହେଉଛି ପ୍ରେମ, ଦୟା , କ୍ଷମା ଏବଂ ଧୈର୍ଯ୍ୟର ପରିପୂର୍ଣ୍ଣା ଅନନ୍ୟା ... ।

ଦୁଇ ଆଖିରୁ ତାଙ୍କର ମଧ୍ୟ ବୋହିଗଲା ଗଙ୍ଗା-ଯମୁନାର ଧାରା । ଏ ଯେ ଆନନ୍ଦର ଅଶ୍ରୁ । ଆଃ ... ଆଜି ଯେମିତି କାନ୍ଦିବାରେ ଏତେ ସୁଖ, ଏତେ ଆନନ୍ଦ, ଏତେ ସ୍ୱାଦ ଥାଏ ବୋଲି ଅନୁଭବ କରି ପାରୁଥିଲେ ସେ । ଭୁଲିଗଲେ ସେ ନିଜର ସଂଗ୍ରାମ, ନିଜର ଆତ୍ମ ମର୍ଯ୍ୟାଦା କଥା । ଭୁଲିଗଲେ ସେ ସ୍ଥାନ, କାଳ, ପାତ୍ର ସବୁକିଛି । ଲତା ପରି ଲୋଟି ପଡ଼ିଲେ ସ୍ୱାମୀଙ୍କ ବକ୍ଷରେ । ଗୋଟିଏ ଅଦ୍ଭୁତ ଆନନ୍ଦର ଶିହରଣ ଖେଳିଗଲା ତାଙ୍କ ଶରୀରର କୋଣ ଅନୁକୋଣରେ । ଅପସରିଗଲା ଦୁହିଁଙ୍କ ମଧ୍ୟରେ ଥିବା ଦୂରତ୍ୱ । କେମିତି ଏକ ଏକାତ୍ମବୋଧର ମହିମାରେ ଉଜ୍ଜ୍ୱଳ ଦେଖାଗଲେ ଅର୍ଦ୍ଧଦଗ୍ଧ ସୁକନ୍ୟା ।

ସତେ ଯେପରି ଅଦିନ ଝଡ଼ରେ ବିପର୍ଯ୍ୟସ୍ତ ହୋଇଯାଇଥିବା ପୃଥିବୀ ପୁଣି ସୂର୍ଯ୍ୟାଲୋକର ସୁନେଲି କିରଣରେ ଉଦ୍‌ଭାସିତ ହୋଇ ଉଠିଲା ।

କହିବା ବାହୁଲ୍ୟ – ଗୋଟିଏ ଧନଞ୍ଜୟର ମୃତ୍ୟୁ ଦଣ୍ଡ ପରେ ମଧ୍ୟ କୋଟିଏ ଧନଞ୍ଜୟ ସୃଷ୍ଟି ହୋଇ ପାରନ୍ତି, କିନ୍ତୁ ଗୋଟିଏ ଧନଞ୍ଜୟର ଦୃଷ୍ଟଭଙ୍ଗୀରେ ପରିବର୍ତ୍ତନ ଆଣି ତା ହୃଦୟରେ ଆଧ୍ୟାତ୍ମିକ ବିଚାର ଧାରା ସୃଷ୍ଟିକରି ପାରିଲେ ସମାଜ କଳଙ୍କମୁକ୍ତ ହୋଇ ପାରିବ, ଏହି ଭାବନାରେ ସୁକନ୍ୟା ସ୍ୱାମୀଙ୍କ ଅତୀତରସମସ୍ତ ଅପରାଧକୁ କ୍ଷମା କରି ଦେଉଥିଲେ ମନ ମଧ୍ୟରେ; ଯଦିଓ ସେ ବୁଝିଥିଲେ ଆଉଥରେ ତାଙ୍କ ଜୀବନପାଇଁ ସ୍ୱଚ୍ଛସୁନ୍ଦର, କୋମଳ ଦାମ୍ପତ୍ୟ ଆଉ ଫେରିବ ନାହିଁ । ସେତେବେଳେ ନିକଟସ୍ଥ ମନ୍ଦିରରୁ ସଂଧ୍ୟା ଆଳତିର ଘଣ୍ଟ ଧ୍ୱନି ବାରଂବାର ବାଜି ଉଠିଥିଲା । ନତ ମସ୍ତକ ହୋଇ ଭଗବାନଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ଦେଲେ ସୁକନ୍ୟା ।

ମାର୍ଫତ୍ – ଶ୍ରୀ କିଶୋର ଚନ୍ଦ୍ର ନନ୍ଦ
ଡି/୩୦୬, କୋଏଲ ନଗର, ରାଉରକେଲା – ୧୪
ମୋ:୭୯୭୮୮୦୪୦୨୩



କଥା ସମ୍ରାଟ ଫକିରମୋହନ ସେନାପତି

"ଭଲ ଗୋଟେ ମାତୃଭାଷା କିସ ହେବ ଭାଇ
ଚଳି ଯାଉଅଛି କାମ ଗୁଣ୍ଡାଇ ପୁଣ୍ଡାଇ
କୁକୁର କିପାଇଁ ଗୋଟେ ବନାଇବ ଘର
ଚାଟି ବୁଲେ ବାରମିଶା ଅଇଁଠା ପତର"

# ସାବାସ୍ ମଦନ

ଅଭିରାମ ରାଉତରାୟ



ଇସ୍ପାତ କାରଖାନାରେ ସୁଧଖୋର ମାନେ ଶ୍ରମିକ ମାନଙ୍କୁ ସ୍ୱଳ୍ପ ମିଆଦୀ ଋଣ ଦେଇ ଅନେକ ବର୍ଷ ଧରି ବହୁମାତ୍ରାରେ ସୁଧ ଆଦାୟ କରି ଲୁଟୁଥିଲେ। ଦରମା ବାରି ଦିନ ସେମାନଙ୍କ ଗୁଣ୍ଡାମାନେ କର୍ମସ୍ଥଳୀ କିମ୍ବା କାରଖାନା ଫାଟକ ନିକଟକୁ ଯାଇ ଋଣୀ ଶ୍ରମିକଙ୍କ ଠାରୁ ହୋଇ ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଥିଲେ, ସେମାନଙ୍କ ଦରମା ପ୍ୟାକେଟ ଛଡ଼ାଇ ନେଉଥିଲେ। ଋଣଗ୍ରସ୍ତ ଶ୍ରମିକମାନେ ତଳିତଳାନ୍ତ ହୋଇ ଦୁଃଖରେ ଜୀବନ ବିତାଉଥିଲେ।

ଜଣେ ଶ୍ରମିକ ଦରଦୀ ବ୍ୟକ୍ତି ଧରଣୀଧର ପଟ୍ଟନାୟକ ବହୁତ ଦିନ ଧରି ଏ ଘଟଣାକୁ ଅବଲୋକନ କରୁଥିଲେ। ତାଙ୍କ ମନକୁ ଗୋଟିଏ ଉପାୟ ଆସିଲା। ଦିନେ କର୍ମ ବିରତି ସମୟରେ ପଟ୍ଟନାୟକ ବାବୁ କେତେ ଜଣ ଶ୍ରମିକଙ୍କୁ ନେଇ ନିକଟସ୍ଥ ସ୍ଥାନରେ ଗୋଟିଏ ବୈଠକ ଡକାଇଲେ। ସେ ସୁଧ ଖୋରୀରୁ ବ ଁବା ପାଇଁ ସୁଚିନ୍ତିତ ପ୍ରସ୍ତାବଟିଏ ଦେଲେ। ପ୍ରସ୍ତାବଟି ଏହିପରି ସଂଗଠନଟିଏ ହେବ, ଜଣେ ନାମକରା ବ୍ୟକ୍ତି ତାହାର ସଭାପତି ହେବେ। ତାଙ୍କର ପରିସ୍ଥିତିକୁ ସାମନା କରିବାର ସାହସ ଓ ଇଚ୍ଛା ଶକ୍ତି ଥିବ। ସଂଗଠନଟିର ନାମ 'ଶ୍ରମିକ ସେନା' ରଖାଯିବ। ଧରଣୀ ବାବୁଙ୍କ ପ୍ରସ୍ତାବକୁ ସମସ୍ତେ କରତାଳି ଦେଇ ସମର୍ଥନ କଲେ। ଉକ୍ତ ବୈଠକରେ ସ୍ଥିର ହେଲା 'ଠିକାଦାର ଗୋପାଳ ସାମଲ ବାବୁଙ୍କୁ ସଂଗଠନରେ ସଭାପତି ଆସନଗ୍ରହଣ କରିବା ପାଇଁ ତାଙ୍କୁ ସମୁହ ନିବେଦନ କରିବେ।

ବୈଠକ ପରେ ଧରଣୀ ବାବୁ ଶ୍ରମିକ ମାନଙ୍କ ସହିତ ଗୋପାଳ ବାବୁଙ୍କ ଗୃହକୁ ଆସି ତାଙ୍କୁ ସମସ୍ତ କଥା ଅବଗତ କରାଇ ନେତୃତ୍ୱ ନେବା କଥା କହିଲେ। ଗୋପାଳ ବାବୁ ଉତ୍ସାହିତ ହୋଇ ପ୍ରସ୍ତାବ ଗ୍ରହଣ କଲେ। ଶ୍ରମିକ ମାନେ ସ୍ଲୋଗାନ ଦେଇ ସାମଲଙ୍କର ଜୟଗାନ କଲେ।

କାରଖାନା ନିର୍ମାଣ ଆରମ୍ଭରୁ ଗୋପାଳ ବାବୁ - ପ୍ରଥମେ ମାଟି ଖୋଦେଇ ପରେ ରାସ୍ତା ଓ କୋଠା ବାଡି କ ୍ରାକ୍ଟର ହୋଇ ନିଜର ବିଷୟବସ୍ତୁ ବଢ଼ାଇ ପାରିଛନ୍ତି। ତାଙ୍କର ପତ୍ନୀ, ରଜନୀ ଜଣେ ବଡ଼ ଧର୍ମପରାୟଣ ମହିଳା। ତାଙ୍କର ଏକମାତ୍ର ପୁତ୍ର 'ବିବେକ' ଜଣେ ବିଦ୍ୟାଳୟର ଛାତ୍ର।

ଗୋପାଳ ବାବୁ ଜଣେ ମନୁଆ ଲୋକ। କିଏ ଯଦି ତାଙ୍କୁ ଉଠାଇ ଚଢ଼ାଇ କହିଦେଲା ସେ ତା ଉପରେ ଖୁସିରେ ବର୍ଷିଯାନ୍ତି – ସଭାସମିତି ନିମି  ଯୁବକମାନେ ଚାନ୍ଦା ମାଗିବା ପାଇଁ ଆସିଲେ ସେ ସେମାନଙ୍କୁ ତୁଷ୍ଟ ନ କରି ଛାଡ଼ନ୍ତି ନାହିଁ। ଥରେ ସାମଲବାବୁ କୌଣସି ସାମାଜିକ କାର୍ଯ୍ୟରେ ନିଜ ପୈତୃକ ଗ୍ରାମକୁ ଯାଇଥିଲେ; ସେଠାରେ କିଛିଦିନ ଅବସ୍ଥାନ କରିଥିଲେ। ତାଙ୍କ ସାହିର ଜଣେ ବିଧବା ଭାଉଜ, ତାଙ୍କର ଏକମାତ୍ର ୧୩/୧୪ ବର୍ଷର ପୁତ୍ର, ଗୁରୁଚରଣକୁ ଗୋପାଳଙ୍କ ସାଙ୍ଗରେ ପଠାଇବାକୁ ଚାହିଁଲେ। ଗାଁର ଦୁଷ୍ଟ ପିଲାଙ୍କ ସହିତ ମିଶି, ସେମାନଙ୍କ ସାଙ୍ଗ ହୋଇ ଗୁରୁଚରଣ ବେରାସ୍ତାରେ ଯାଉଥାଏ।

ଗୋପାଳବାବୁ ଭାଉଜଙ୍କ ଅନୁରୋଧ ରକ୍ଷାକରି ଗୁରୁଚରଣକୁ ସାଙ୍ଗରେ ଧରି କର୍ମସ୍ଥଳୀକୁ ଆସିଲେ। ଗୁରୁଚରଣର ଡ଼ାକ ନାମ ଗୁରିଆ। ଗୁରିଆ ରଜନୀ ଦେବୀଙ୍କୁ ଗୃହକାର୍ଯ୍ୟରେ ସାହାଯ୍ୟ କଲା। 'ବିବେକର' ଜଣେ ସାଙ୍ଗ ମିଳିଗଲା। ଠିକାଦାର ବାବୁ ଗୁରିଆକୁ କିଛି ପାରିଶ୍ରମିକ ଦେଲେ। ଲବ୍‌ଧ ଅର୍ଥକୁ ସେ ତା ମା'ଙ୍କ ନିକଟକୁ ଡାକଯୋଗେ ମା'କୁ ପଠେଇଦିଏ।

ଦିନ ଗଡ଼ିଚାଲିଲା, ଗୁରୁଚରଣ ଜଣେ ସୁନ୍ଦର ଯୁବକରେ ପରିଣତ ହେଲା, ଗୁରିଆକୁ ସାଙ୍ଗରେ ନେଇ କର୍ମସ୍ଥଳରେ ସାମଲବାବୁ ତାକୁ ଠିକାଦାରର ଦାଉପେ ଶିଖାଇଲେ। ଗୁରିଆକୁ ସେ କର୍ମ ପରିବେଶ ଅନୁକୂଳ ମନେହେଲା।

ସାମଲବାବୁ ଘର ସାମନାରେ 'ଶ୍ରମିକ ସେନା'ର ଗୋଟିଏ ବଡ଼ ଫଳକ ଟଙ୍ଗା ଗଲା। ଏତେବଡ଼ ଫଳକ ଦେଖି ଗୁରିଆ ମନ ପ୍ରଫୁଲ୍ଲିତ ହେଲା। ସେ ଧରାକୁ ସରା ମନେକଲା । ସାମଲବାବୁଙ୍କ ନିର୍ଦ୍ଦେଶରେ ସଂଗଠନ ପରିଚାଳିତ ହେଲା। ପ୍ରଥମେ ସୁଧଖୋରଙ୍କୁ ଅମାନ୍ୟ କରାଗଲା। କେହି ଋଣ ଗ୍ରହୀତା ସୁଧ ମୂଳ ଫେରାଇଲେ ନାହିଁ। ସୁଧଖୋରଙ୍କ ସହିତ ମାଡ଼ ପିଟ୍ ହେଲା। କଥା ଆଗକୁ ବଢ଼ିଲା। ଗୁରିଆ ଭୟରେ ସୁଧିଆମାନେ ଶାନ୍ତ ପଡ଼ିଗଲେ।

ଗୁରୁଚରଣର ମାତବରି ବଢ଼ିବାକୁ ଲାଗିଲା ଗୋପାଳବାବୁ ତାର ମାତବରିକୁ ନିଜ କାମରେ ଲଗାଇଲେ। କାରଖାନରୁ ସୁଧଖୋରୀ ଲୋପ ପାଇଲା। ସାଧାରଣ ଲୋକେ ଗୁରିଆ ସହିତ ସଙ୍କୋଚରେ କଥାବା ା କଲେ। ତାର ନାମ ଗୁରିଆ ଗୁଣ୍ଡା ବୋଲି ସାଧାରଣରେ ପ୍ରଚାରିତ ହେଲା।

ସମୟ କ୍ରମେ ମହାବିଦ୍ୟାଳୟ ଶିକ୍ଷା ସମାପ୍ତ କରି ବିବେକ ଗୋଟିଏ ସର୍ବଭାରତୀୟ ଚାକିରି ପ୍ରତିଯୋଗତାରେ କୃତକାର୍ଯ୍ୟ ହୋଇ, ନିଯୁକ୍ତ ପାଇ ଦୂର ସ୍ଥାନକୁ ଚାଲିଗଲା। ସାମଲ ବାବୁ ଓ ରଜନୀ ଦେବୀଙ୍କୁ ସ୍ଥାନ ଖାଲି ଖାଲି ଲାଗିଲା। ବାର୍ଦ୍ଧକ୍ୟ ଯୋଗୁ ଗୋପାଳବାବୁ ଠିକାଦାରି ଛାଡ଼ି ଦେଲେ। ସେ ନିଜ ଆଜବେଷ୍ଟ ଛପର ଘରକୁ ଭାଙ୍ଗି ଦେଲେ ଉକ୍ତ ସ୍ଥାନରେ ଗୋଟିଏ ବହୁ ତଳ ପ୍ରାସାଦ ବହୁମୁଖୀ ବଜାର ନିର୍ମାଣ ପାଇଁ ନିର୍ମାଣକାରୀ ସଂସ୍ଥାକୁ ଠିକା ଦେଇ ଦେଲେ।, ବଜାର ଓ ଗୃହ ନିର୍ମାଣ କରି ଗୁରିଆକୁ ଭଡ଼ା ଅସୁଲ ଦାୟିତ୍ୱ ଦେଲେ। ଗୋପାଳବାବୁ ଓ ରଜନୀ ଦେବୀ

ଦୀର୍ଘଦିନ ପର୍ଯ୍ୟଟନରେ ଯିବା ପାଇଁ ମନବଳାଇ ସମୟ ସାରଣୀ ପ୍ରସ୍ତୁତ କଲେ ।

ସାମଲ ବାବୁଙ୍କ ବଜାର ସାମନାରେ ଖଣ୍ଡେ ସରକାରୀ ଖାଲି ଯାଗା ଥିଲା । ତାଙ୍କ ବଜାର ସାଙ୍ଗରେ ତାଳ ଦେଇ ସେଠାରେ ଉଠା ଦୋକାନୀଙ୍କର ଗୋଟିଏ ସଂଧ୍ୟାବଜାର ଗଢ଼ିଉଠିଲା । ଉକ୍ତ ବଜାରରୁ ଗୁରିଆ ବଟି ଆଦାୟ କଲା । ଯିଏ ବଟି ଦିଏନା ଗୁରିଆ ତାକୁ ବଜାରରୁ ହଟାଇ ତା ସ୍ଥାନରେ ଅନ୍ୟଜଣକୁ ବସାଏ ।

ଦିନକର ଘଟଣା ଜଣେ ସ୍ଥାନୀୟ ସ୍ତ୍ରୀ ଲୋକ ତାର ଦୁଇଜଣ ସାନପିଲାଙ୍କୁ ପାଖରେ ବସାଇ ପରିବା ବିକ୍ରି କରୁଥାଏ । ସେ ବଟି ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଗୁରିଆ ଉକ୍ତ ମହିଳା ଜଣକୁ ପଟିରୁ ଉଠାଇଦେଲା । ଅସହାୟ ମହିଳା ଜଣଙ୍କ ପିଲା ଦୁଇଟିଙ୍କୁ ଧରି କନ୍ଦାକଟା କଲେ । ଦେଖଣାହାରିମାନେ ଏ ଦୃଶ୍ୟ ଦେଖି ତଟସ୍ଥ ହୋଇ ଗୁରିଆ ଭୟରେ ପାଟି ଖୋଲୁ ନଥାନ୍ତି ।

ଉକ୍ତ ବଜାର ପାଖ ଦେଇ ଜଣେ କାରଖାନା ଫେରନ୍ତା ଶ୍ରମିକ – ମଦନମୋହନ ମହାନ୍ତିଙ୍କ ନଜରରେ ଏ ଅମାନବୀୟ ଘଟଣାଟି ପଡ଼ିଲା । ସେ ସାଇକେଲଟି ରାସ୍ତାକଡରେ ରଖିଦେଇ ଉକ୍ତ ମହିଳାଙ୍କୁ ବଜାର ପଟିରେ ପୁଣି ବସାଇ ଦେଲେ । ମଦନଙ୍କ ଏପରି କାର୍ଯ୍ୟରେ କ୍ଷୁବ୍ଧ ହୋଇ ଗୁରିଆ 'ବାଘର ଘରେ ମିରିଗର ନାଟ' କହି ଠେଙ୍ଗାଟାଏ ଆଣି ମଦନଙ୍କ ମୁଣ୍ଡରେ ଗୋଟାଏ ପ୍ରହାର ଦିଅନ୍ତେ ସେ ହାତ ଦେଖାଇ ପ୍ରତିରୋଧ କଲେ । ଗୁରିଆ ସହିତ ମଦନଙ୍କର ଖଣ୍ଡ ଯୁଦ୍ଧ ହେଲା । ମଦନଙ୍କ ମୁଣ୍ଡରୁ ରକ୍ତ ଝରିଲା । ସେଠାରୁ ସେ ହଟିଯାଇ ମୁଣ୍ଡରେ ରୁମାଲ ଗୁଡ଼ାଇ କିଛି ଦୂରରେ ଥିବା ଶ୍ରମିକ ନେତା ହେବ । ଜେନା ବାବୁଙ୍କୁ ଭେଟି ସମସ୍ତ ଗଣ୍ଡଗୋଳ ବିଷୟରେ କହିଲେ । ଜେନା ବାବୁ ମଦନକୁ ସାଙ୍ଗରେ ନେଇ ଆଶୁ ଚିକିତ୍ସା କରାଇ ଥାନାରେ ଏତଲା ଦେଲେ ।

କେତେଦିନ ବିତିଗଲା ପରେ ଜେନା ବାବୁଙ୍କ ଯୋଜନା ମୁତାବକ ଦିନେ ଗୁରିଆ ଉପରେ ସଂଙ୍ଘୁଆସି ଆକ୍ରମଣ କରାଗଲା । ସେହିଦିନରୁ ଗୁରିଆର ଗୁଣ୍ଡାଗିରି ପ୍ରଶମିତ ହେଲା । ବଜାରରେ ଶାନ୍ତି ଫେରି ଆସିଲା । ଲୋକେ ଜେନା ବାବୁଙ୍କ ଜୟଗାନ କଲେ । ମଦନ ମହାନ୍ତିଙ୍କ ଲଢୁଆ ପଣକୁ ସମସ୍ତେ ତାରିଫ୍ କଲେ ।

ସି-୨୩୬, କୋଏଲ ନଗର
ରାଉରକେଲା -୧୪,
ମୋ : ୯୪୩୭୩୯୭୬୬୭

COURIERS

With Best Compliments from :

AJ-DEEP SERVICES
DOMESTIC & INTERNATIONAL COURIER & CARGO
SARASWATI INTERNATIONAL
( INTERNATIONAL COURIER & CARGO )

• FIRST FLIGHT • DTDC - BLAZE FLASH • BLUE DART • PROFESSIONAL •

JAGANNATH HOTEL
(BREAKFAST - LUNCH - DINNER - VEG.- NON VEG. & OUTDOOR CATERING)

**Head Office :** A-33, D.D.A. Flat, New Ranjit Nagar, Opp. Satyam Cinema, New Delhi-110008 Phones : +91-11-25895237, 25891151

**Head Office :** 303, Durga Tower, Plot No. 10, Sector-4, Dwarka, New Delhi-75 Phone : +91-11-28084253

**E-mail : ajdeep2000@gmail.com**

# 28th Ganesh Mahotsav 2018














OFFICE














Oriya Cultural & Welfare Association
WELCOMES















# BLOOD DONATION CAMP 2018



















# GET TOGETHER 2018
















# 14th AGM of OCWA

